
ମହାପାତ୍ର ଯତୀନ୍ଦ୍ର କୁମାର

# ଅଭିନୟ ନୁହେଁ

(ଉପନ୍ୟାସ)

ମହାପାତ୍ର ଯତୀନ୍ଦ୍ର କୁମାର

ପ୍ରକାଶକ
କେ: ମହାପାତ୍ର ଏଣ୍ଡ କୋ:
ଛାତ୍ରସାଥୀ ଅଫିସ୍
କଟକ-୨

ଲେଖକ :
ମହାପାତ୍ର ଯତୀନ୍ଦ୍ର କୁମାର
ଏଚ୍/୧୨୪, ସେକ୍ଟର ୧୫
ରାଉରକେଲା ୩

ପ୍ରକାଶକ :
କେ. ମହାପାତ୍ର ଏଣ୍ଡ କୋ:
ଗ୍ରନ୍ଥସାଥୀ ଅଫିସ
କଟକ-୨

ପ୍ରଥମ ପ୍ରକାଶ :
ଅକ୍ଟୋବର ୧୯୭୨

ପ୍ରଚ୍ଛଦ ଶିଳ୍ପୀ :
ଶ୍ରୀ ଶ୍ରୀନାଥ ଚଟାର୍ଜୀ

ମୁଦ୍ରଣ :
ଶ୍ରୀ ରାଧାନାଥ କୋ-ଅପରେଟିଭ ପ୍ରେସ
ବାଲୁବଜାର, କଟକ-୨

ଉତ୍ସର୍ଗୀକୃତ :

ସୁହୃଦ୍
ଭଗବାନ ନାୟକବର୍ମାଙ୍କୁ............

ଲେଖକ

## ।। ପ୍ରଥମ ଅଙ୍କ ।।

ମଞ୍ଜୁ.........

ସକାଳର ଚା'ପିଆ ଶେଷ ହୋଇନ । କଲିଂବେଲ୍ ବାଜଉଠିଲା ବାହାରେ ।

ନର୍ବିକାର ଭାବେ ଚା' ଖାଇ ଚାଲିଲି ।

ଜାଣେ, ମାଆ ରାନ୍ଧ ଘରେ ଅଛି; ଅତଏବ ମୋତେ ନିଶ୍ଚୟ ଦରଜା ଖୋଲିବ ।

କିଏ ହୋଇ ପାରେ ?

ଦୁଧବାଲା ହୋଇପାରେ, ଘରବାଲା ହୋଇପାରେ, କିମ୍ବା ହୋଇପାରେ ମିଟର ରିଡ଼ିଂ ନେବାର ଲୋକଟା ବି । ବର୍ତ୍ତମାନ ଉ ମାସର ପ୍ରଥମ ସପ୍ତାହ; ତେଣୁ ଏଇମାନଙ୍କର ଆସିବାର ସମ୍ଭାବନା ବେଶୀ—ବିଶେଷତଃ, ଏତେ ସକାଳୁ ।

ମୋ ସକାଳର ଚା'ମାନେ, ବେଡ୍ ଟି ।

ଠିକ୍ ନିଦରୁ ଉଠିବା ପରେ ମୋର ପ୍ରଥମ ପାନୀୟ ।

ବାହାରୁ ଶୁଭିଲା ପୁରୁଷ ଗଳାର ସ୍ୱର । ଆଜ୍ଞା ନମସ୍କାର, ମଞ୍ଜୁଲା ଦେବୀ ଅଛନ୍ତି ?

ମାଆ କହୁଚି—ଆସନ୍ତୁ, ବସନ୍ତୁ ଭିତରେ । କୋଉଠୁ ଆସିଛନ୍ତି ଆପଣମାନେ ?

(ଜଣେ ନୁହେଁ । ନିଶ୍ଚୟ ତେବେ ଏକାଧିକ ।)

: ରାଉରକେଲାରୁ । ପ୍ରଗତି ନାଟ୍ୟ ସଂଘ.........

ତା' ମାନେ, ସେମାନେ ମୋତେ ଡାକିବାକୁ ଆସିଚନ୍ତି । ମନଟା ଖୁସିହୋଇ ଉଠିଲା । ସୌଖୀନ ନାଟ୍ୟ ସଂସ୍ଥାରେ ମୁଁ ଅଭିନୟ କରେ । କରେ ଅର୍ଥବିନିମୟରେ । କରି ଚାଲିଚି ସତର ବର୍ଷ ବୟସରୁ, ଆଜିକି ଦଶବର୍ଷ ହେଲା । କରିଚି ବିଭିନ୍ନ ସ୍ଥାନରେ, ଇମିତିକି ଓଡ଼ିଶା ବାହାରେ ବି । ଓଡ଼ିଆ ନାଟକରେ ଅବଶ୍ୟ । ତେବେ ରାଉରକେଲାରୁ କେହି ମୋ ପାଖକୁ ଆସିବା ଆଜି ଏଇ ପ୍ରଥମ ।

ମାଆ ସାଙ୍ଗରେ ସେମାନଙ୍କର କଥାବାର୍ତ୍ତା ଚାଲିଚି । ସବୁ ଶୁଣି ପାରୁଚି ମୁଁ । ତଥାପି ହଠାତ୍ ବାହାରକୁ ଉଠିଯିବାର ନୁହେଁ । ମୁଁ ଅଭିନେତ୍ରୀ । ବିଛଣାରୁ ଉଠିବା ପରେ.........ଏଇ ଭଲା ଦେହ, ମୁହଁ ଆଉ ବେଶ ବାସ ନେଇ ନିଶ୍ଚୟ ମୁଁ ବସିବା ଘରକୁ ଯିବିନି । ଯିବିନି ସେଇମାନଙ୍କ ଆଗକୁ··· ଅନ୍ତତଃ ଯୋଉମାନେ......ଏତେ ଦୂରରୁ ମୋତେ ଡାକିବାକୁ ଆସନ୍ତି ।

ସେ କଥା ଜାଣେ ମାଆ ବି ।

ତେଣୁ ସେ ଗପ ଯୋଡ଼ି ଦେଇଚି । ଚା' ଦେଉଚି ସେମାନଙ୍କୁ । ଅର୍ଥାତ୍ ସମୟ ଦେଉଚି ମୋତେ ନିତ୍ୟକର୍ମ ସାରିବା ପାଇଁ......ପ୍ରସ୍ତୁତ ହେବା ପାଇଁ ।

ବସିବା ଘରୁ ଶୁଭୁ ଥିଲା ସେମାନଙ୍କ କଥାବାର୍ତ୍ତା ।

···ତମେ ପୁଅ, କୋଉ ଡ୍ରାମା କରୁଚ ?

ଆଗନ୍ତୁକମାନଙ୍କୁ ମାଆ ଚା' ଭିତରେ 'ତମେ' କରି ସାରିଲାଣି । ହୁଏତ ବୟସ ସେମାନଙ୍କର ମାଆ ଠାରୁ ଯଥେଷ୍ଟ କମ୍—ନତୁବା ସେଇମାନେଇ ନିଜ ଆଡ଼ୁ ପ୍ରଥମେ କହିଥିବେ, 'ଆପଣ' 'ଆପଣ' କରୁଚନ୍ତି କାହିଁକି ? ଘନିଷ୍ଠ ହେବା ପାଇଁ ନ ହେଲେ 'ମାଉସୀ' ଡାକିଥିବେ ଆଗେ ।

ମନେ ମନେ ହସିଲି ।

କେତେ ଇମିଢ ଦେଖିଚ !

ପଶିଗଲି ବାଥ୍‌ରୁମ୍ ଭିତରକୁ ଟୁଥ୍ ପେଷ୍ଟ ଆଉ ବ୍ରାସ ନେଇ ।

ସିଙ୍କ୍, କମୋଡ଼୍, ର୍‍ୟାକ, ବଡ଼ ସାଇଜର ଦର୍ପଣରେ ପ୍ରତିଫଳିତ ଲୋସନ ଆଉ ସୁଗନ୍ଧ ତେଲର ରଙ୍ଗୀନ ଶିଶି ।

ନାଁ, ମୁଁ ଗରବ ନୁହେଁ କହୁଛି । ମୋତେ ଅନ୍ତତଃ ଉଚ୍ଚ ମଧ୍ୟବିତ୍ତ କୁହାଯାଇ ପାରେ । ମାନେ, ଦଶବର୍ଷ ତଳେ ଯାହା ଆମେ ଥିଲୁ········· ଅର୍ଥାତ୍ ବାପା ବିଗତ ହେବା ଆଗରୁ······ତା' ଅପେକ୍ଷା ଅନେକ ଅ-ନେ-କ ଭଲରେ ଅଛୁ ଆମେ ବର୍ତ୍ତମାନ ।

ଅବଶ୍ୟ ବାପା ବଞ୍ଚିଥିବା ବେଳେ ବି କହୁଛି ମନ୍ଦ ନ ଥିଲା ଆମର ଅବସ୍ଥା । ସେ ଶିକ୍ଷକତା କରୁଥିଲେ—ଟିଉସନ ପାଉ ଥିଲେ ପ୍ରଚୁର—ତାହା ପ୍ରାୟ ସମାନ ଥିଲା ଦରମାର ଅଙ୍କ ସାଙ୍ଗରେ ।

ସେତେବେଳର ଶସ୍ତା-ଯୁଗରେ ଏଇ କଟକ ସହରରେ ମନ୍ଦ ଚଳୁ ନ ଥିଲୁ ଆମେ, ଅର୍ଥାତ୍ ବାପା, ମାଆ, ମୁଁ ଆଉ ମୋର ତିନୋଟି ସାନ ସାନ ଭାଇ··· ··।

ତେବେ, ମାଆର ବଦଖର୍ଚ୍ଚୀ ହାତ ଯୋଗୁ ସଞ୍ଚୟ ହେଇ ପାରୁ ନଥିଲା କିଛି ।

କରୋନାରି ଥ୍ରମ୍ବୋସିସ୍‌ରେ ବାପାଙ୍କର ହଠାତ୍ ମୃତ୍ୟୁ ହେଇ ନଥିଲେ ଆମର କିଛି ସଞ୍ଚୟ ନ ଥିବା କଥା ମୁଁ ହୁଏତ ଜାଣି ପାରି ବି ନଥାନ୍ତି । କିନ୍ତୁ ସବୁ ବିଷୟ ଜାଣିବାକୁ ହେଲା । ଜାଣିବାକୁ ହେଲା ଯେ ବାପାଙ୍କର ଇନ୍‌ସୁରେନ୍‌ସ ପଲିସି ଦୂରେ ଥାଉ ପାଶ ବୁକ୍‌ଟିଏ ବି ନାହିଁ ।

ଅର୍ଥାତ୍ ଆୟ ସାଙ୍ଗରେ ବ୍ୟୟ ବି ଥିଲା ଆମର ସମାନ ।

ତିନୋଟି ଭାଇଙ୍କ ଭିତରେ ସବୁଠାରୁ ବଡ଼ ମୁଁ । ତେଣୁ ମୁହିଁ ନେବା କଥା ଘରର ଦାୟିତ୍ୱ । କିନ୍ତୁ ଦାୟିତ୍ୱ-ଜ୍ଞାନ ବୋଲି କିଛି ହେଲେ ସେତେବେଳେ ନ ଥିଲା ମୋର ।

ଯୋଉ ଗାର୍ଲ୍‌ସ୍କୁଲ୍‌ରେ ପଢ଼ୁଥିଲି ସେଠି ମୁଁ ସେତେବେଳେ ନାମ୍‌ଜାଦା 'ହିରୋଇନ୍' । ସ୍କୁଲ୍‌ରେ ମଞ୍ଚସ୍ଥ ହେଉଥିବା ଥିଏଟର୍‌ରେ

ଅଭିନୟ କରିବା, ନାଚିବା, ଗାଇବା, ପାଠପଢ଼ା ପ୍ରତି ଅବହେଳା, କପିକରି ପାଶ୍‌କରି ପାରିବାର ସୁଦୃଢ଼ ଆତ୍ମବିଶ୍ୱାସ···ଏଇ ସବୁ ନେଇ ବିଭୋର ହୋଇ ରହିଥିଲି ଏତେଦିନ ଯାଏ। ଦାୟିତ୍ୱ-ଜ୍ଞାନ ଦୂରେ ଥାଉ 'ଦାୟିତ୍ୱ'ର ଅର୍ଥ କଣ ତାହା ମଧ୍ୟ ଅଜଣା ଥିଲି ମୋତେ ।

ଷୋହଳ ପୂରି ସତର ବର୍ଷ ବୟସରେ ପାଦ ଦେଇଚି—ଏକାଦଶ ଶ୍ରେଣୀର ଛାତ୍ରୀ—ହଠାତ୍ ଏଇ ପାରିବାରିକ ବିପର୍ଯ୍ୟୟ···ଯାହା ଫଳରେ ପଢ଼ା ଛାଡ଼ିବାକୁ ହେଲା ମୋତେ ସେଇଠୁ।

ସୌଖୀନ ମଞ୍ଚ ସଂସ୍ଥାର ସୁବିଖ୍ୟାତ ଅଭିନେତ୍ରୀ ଝରଣା ଦେବୀ······ ଝରଣା ଗୁରୁତରାୟ···ଆମ ପଡ଼ିଶା। ପିଲାଦିନୁ 'ଦିଦି' ବୋଲି ଡାକେ ତାଙ୍କୁ। ମାଆ ବି ତାଙ୍କୁ ଝିଅପରି ଦେଖେ। ବାପା ମରିବାର ପନ୍ଦରଦିନ ପରେ··· ଯୋଉଦିନ ପ୍ରଥମଥର ପାଇଁ···ଘର ଭଡ଼ାର ଟଙ୍କାଟା ତାଙ୍କଠାରୁ ଧାର୍ ମାଗିବାକୁ ହେଲା ଆମକୁ···ଆଉ ଶୁଣାଇବାକୁ ହେଲା ତାଙ୍କୁ ପ୍ରଥମଥର ପାଇଁ ଆମ ଅଭାବ-ଦୁଃଖର କାହାଣୀ···ସେଇ ଦିନ ଦି' ପହରି ବେଳେ ସେ ନିଜେ ଆମ ଘରକୁ ଆସି ଉପଦେଶ ଦେଇଥିଲେ ମୋତେ ଆଉ ମୋ ମାଆଙ୍କୁ ବି ।

ସେଇ ଉପଦେଶ ଘୁରାଇ ଦେଇଥିଲା ମୋ ଜୀବନର ଗତିପଥ। ମିଥ୍ୟା ଆଭିଜାତ୍ୟର ବଢ଼ାଇ ଛାଡ଼ି ମୁଁ ହେଲି ଅଭିନେତ୍ରୀ ।

ଏବେ ମଧ୍ୟ ମନେ ପଡ଼େ, ମୋତେ ଏକାନ୍ତରେ ସେ କହିଥିଲେ ଯାହା ସବୁ ! ! !

ହଁ, ଠିକ୍ କହିଥିଲେ ଝରଣାଦି — "ଜୀବିକା ଉପାର୍ଜ୍ଜନ କରିବା ପାଇଁ ପୁରୁଷକୁ ଯୋଗ୍ୟ ହେବାକୁ ପଡ଼େ; କିନ୍ତୁ ନାରୀ ତ ସେଥିପାଇଁ ଏକ ନ୍ୟୁନତମ ଯୋଗ୍ୟତା ନେଇ ଜନ୍ମ ହେଇଚି । କ୍ୱାଲିଫିକେସନ ଥିଲେ ବି ତୁ ଯଦି ଅଫିସରେ କାମ କରନ୍ତୁ ମଞ୍ଜୁଲା···ତୋ କନ୍‌ଫିଡ଼େନ୍‌ସିଆଲ୍ କାରେକ୍ଟର୍ ରୋଲ୍ ଯିଏ ଲେଖେ ତା'ର ଶିକାର ହେବାକୁ ପଡ଼ନ୍ତା ତୋତେ। ନଚେତ୍ ପ୍ରତିବର୍ଷ ଏଡ୍‌ଭର୍ସ ରିମାର୍କ ! ! ଆଉ ବିବାହ, ସେଇଟା ବି ତ ଏକ ପ୍ରକାର ଦେହ ବିକିବା···। ଖାଲି କଣ ଦେହ; ଶ୍ରମ···

ପରିଚର୍ଯ୍ୟା…ଆଉ ସନ୍ତାନ ଲାଳନ-ପାଳନର ପ୍ରତି-ବଦଳରେ ଶାଢ଼ୀ… ଗହଣା…ଅନ୍ନ ଏବଂ ସୋହାଗ…ମୂଲ୍ୟ ରୂପେ ପାଇବାର ପରାଧୀନ-ଜୀବନ ସେ, ଯୋଉଥିରେ ବିଳାସ-ବ୍ୟସନର ଗ୍ୟାରେଣ୍ଟି ବି ନାହିଁ । ବାସ୍ତବ—ଜୀବନରେ ସୁଖହିଁ ଏକମାତ୍ର କାମ୍ୟ ହେବା ଉଚିତ୍,…ଏଇ ମୁଁ ଯେପରି ସୁଖୀ ହେଉଚି । ନୈତିକତା ବାସ୍ତୁବାସ୍ତୁ…; ଅର୍ଥହୀନ । ତୋର ରୂପ, ମେଧା, ଅଭିନୟ-ପ୍ରତିଭାକୁ ତୁ ଇନ୍‌ଭେଷ୍ଟ କର ମଞ୍ଜୁ, ମୋଭଳି ସୁଖୀ ହୋଇପାରିବୁ ।”

ପରିବାରର ଦାୟିତ୍ୱ ନେବା ସେତେବେଳେ ଥିଲା ମୋ ଆଗରେ ସବୁଠାରୁ ବଡ଼ ସମସ୍ୟା । ମାଆ ମଧ୍ୟ ତାହା ବୁଝିଥିଲା—ତେଣୁ ରାଜିହୋଇ ଯାଇଥିଲା ଝରଣାଦିଙ୍କ ପ୍ରସ୍ତାବରେ । କାରଣ, ଘର ଚଳାଇବା ପାଇଁ ତା’ ଛଡ଼ା ଅନ୍ୟକିଛି ଉପାୟ ନ ଥିଲା ।

ମାଆକୁ ଝରଣାଦି କହିଲେ, ମୋ ସାଙ୍ଗରେ କେତେ ଦିନ ମଞ୍ଜୁ ବର୍ତ୍ତମାନ ବୁଲୁ… । ସୌଖୀନ ମଞ୍ଚ-ସଂସ୍ଥାର ଥିଏଟର ସମ୍ବନ୍ଧରେ ତା’ର ଟିକିଏ ନଲେଜ୍ ହଉ ଆଗେ… ।

ତାଙ୍କ ସାଙ୍ଗରେ ଯିବାର ପ୍ରଥମ ଅଭିଜ୍ଞତା ମନେ ଅଛି ଏବେ ବି… ଯଦିଓ ଦଶବର୍ଷ ତଳର କଥା ।

ଭଦ୍ରକର ‘ସୃଜନୀ’ ନାଟ୍ୟ-ସଂସ୍ଥା । ନାଟକର ନାମ ‘ବିଷ-କନ୍ୟା’ । ନାମ ଭୂମିକାରେ ଝରଣାଦି । ମୋତେ ଯିବାକୁ ହେବ ତାଙ୍କ ସାଙ୍ଗରେ ତାଙ୍କ ପିଉସୀ-ଝିଅ-ଭଉଣୀ ଭାବରେ (ସବୁ କିଛି ଦେଖି ଶୁଣି ଶିଖିବା ପାଇଁ) ।

ଟ୍ରେନରେ ଯାଉ ଥିଲୁ । ସେ ଫାଷ୍ଟକ୍ଲାସରେ ବସିଲେ । ଗାର୍ଡ଼ଙ୍କୁ କହି ମୋତେ କିନ୍ତୁ ଉଠେଇ ଦେଇ ଥିଲେ ଗୋଟିଏ ଥାର୍ଡ଼କ୍ଲାସ କମ୍ପାର୍ଟ୍‌-ମେଣ୍ଟରେ । ଖୋର୍ଦ୍ଧାରୋଡ଼ଠାରୁ କଲିକତା ପର୍ଯ୍ୟନ୍ତ ସେଇଟା ରିଜର୍ଭ ଥିଲା ଗୋଟିଏ ପରିବାର ପାଇଁ ଯେଉଁମାନେ ବାଲେଶ୍ୱରରୁ ଉଠିବେ । ସେଇ ଫାଙ୍କା କମ୍ପାର୍ଟମେଣ୍ଟରେ ମାନ୍ଦ୍ରାଜୀ ଗାର୍ଡ଼ ସାହେବଙ୍କ ପରିବାର ବସି ଯାଉ ଥିଲେ ଭଦ୍ରକ ପର୍ଯ୍ୟନ୍ତ—ମୁଁ ବି ଥିଲି ସେଇମାନଙ୍କ ପରି ସେଥିରେ ବିନା

ଟିକେଟରେ ଯାତ୍ରୀ । ଝଁରଣାଦ୍ଧ କହି ଥିଲେ କିଛି ଭୟନାହିଁ । ଗାର୍ଡ୍‌ଙ୍କ ଫ୍ୟାମିଲି ତ ଅଛନ୍ତି;—ତା' ଛଡ଼ା ଏ ଲାଇନ୍‌ରେ ରେଲଓଏ୍ୱେବାଲା ସମସ୍ତେ ମୋର ପରିଚିତ । ସେମାନଙ୍କ ଡ୍ରାମାରେ ମୁଁ ରୋଲ କରିବାକୁ ତ ଯାଏ ।

ଇଚ୍ଛା ହଉଥିଲା ଅବଶ୍ୟ, ଝଁରଣାଦ୍ଧଙ୍କ ସହିତ ଏକାଠି ବସି ଯିବା ପାଇଁ; କିନ୍ତୁ ସେ କହିଥିଲେ, କେବଳ ମୋର ଫାଷ୍ଟକ୍ଲାସ ଭଡ଼ାଟା ସେମାନେ ଦେବେ ।

ହଠାତ୍ ବୋକାଙ୍କ ପରି ପଚାରି ଦେଇଥିଲି । ମୁଁ ରୋଲ୍ କଲେ ମୋତେ କ'ଣ ଫାଷ୍ଟକ୍ଲାସ ଭଡ଼ା ମିଳିବ ?

ନିଶ୍ଚୟ !—ସେ କହିଥିଲେ—ମିଳିବ, କିନ୍ତୁ ପ୍ରଥମେ ନୁହେଁ । ପ୍ରଥମେ ବସଭଡ଼ା କିମ୍ବା ଥାର୍ଡକ୍ଲାସ ଫେଆର; ତା' ପରେ ନାମ ହୋଇ ଗଲେ ଟ୍ୟାକସି କରିନେଇ ଯିବେ ବା ଟ୍ରେନ୍‌ରେ ଫାଷ୍ଟକ୍ଲାସ ।

ମାନ୍ଦ୍ରାଜୀ-ଗାର୍ଡଙ୍କ ପରିବାରର ମୋ ସମ୍ବନ୍ଧରେ କୌତୁହଳ ନ ଥାଏ । ସେମାନେ କିଚିରି ମିଚିରି କରୁ ଥାଆନ୍ତି ନିଜ ନିଜ ଭିତରେ । ଭଦ୍ରକ ପର୍ଯ୍ୟନ୍ତ ବାଟଟିରେ କଟିଲା ସେଇ ଅବୋଧ-ସଂଳାପ ଭିତରେ ଚୁପ୍‌ଚାପ୍ ବସି ବସି । ଯାହା ହେଉ, ଏକସ୍‌ପ୍ରେସ୍‌ଟା ଷ୍ଟେସନରେ ଲାଗିବା କ୍ଷଣି ଓହ୍ଲାଇ ପଡ଼ିଲି ମୋ ଚମଡ଼ା ସୁଟକେଶଟି ଧରି । ଦେଖିଲି, ଓହ୍ଲାଉଚନ୍ତି ଝଁରଣାଦ୍ଧ । ତାଙ୍କର ବ୍ରିଫ୍‌ଟ ଟ୍ରଙ୍କ୍, ବେଡ଼୍‌ଂ···ସବୁ ବୁହା ଚାଲିଚି । ଠିଆ ହୋଇଛନ୍ତି ତାଙ୍କୁ ଘେରି ଚାରି ପାଞ୍ଚ ଜଣ ଯୁବକ ।

ଝଁରଣାଦ୍ଧଙ୍କ ପାଖକୁ ଗଲି । ସୁଟକେଶଟି ଥୋଇ ଦେଲି ତଳେ । ମନେହେଲା ସେଇ ଚାରି ପାଞ୍ଚ ଜଣ···ତାଙ୍କର ପୂର୍ବ ପରିଚିତ । "ବାଟରେ କିଛି ଅସୁବିଧା ହୋଇନି ତ···" "ସାଙ୍ଗରେ କେହି ଆସିଚନ୍ତି···" ଇମିତି ସବୁ ପ୍ରଶ୍ନ । ଝଁରଣାଦ୍ଧଙ୍କ ଆଖି ପଡ଼ି ଗଲା ମୋ ଉପରେ । ଏଇ ତ ମଞ୍ଜୁ ! ଏମାନେ ହେଲେ 'ସୃଜନୀ' କ୍ଲବର, ଆଉ ଇଏ ମୋ ପିଇସୀ ଝିଅ-ଭଉଣୀ··· ପଢୁଚି କଟକରେ···ମୋ ସାଙ୍ଗରେ ଆସିଚି···ଏସ୍‌କର୍ଟ କହି ପାରନ୍ତି ।

: "ଏସ୍‌କର୍ଟ୍ !"···ହସି ଉଠିଲେ ସେମାନେ । ନିଶ୍ଚୟ ! ଖାଲି କ'ଣ ବଡ଼ ମଣିଷ ହେଲେ ଏସ୍‌କର୍ଟ୍ ହୁଅନ୍ତି ?—ରସିକତା କଲେ ଝଁରଣାଦ୍ଧ—

ସେଇ ତ ମୋ ଗାଡ଼ିଆନ । ଭୟ ନାହିଁ, ଆପଣମାନଙ୍କୁ ତା' ପାଇଁ ଖର୍ଚ୍ଚ-ପତ୍ର ଦବାକୁ ପଡ଼ିବନି ।

ସେମାନେ କହିଲେ : ଖର୍ଚ୍ଚପତ୍ର କଥା ପ୍ଲାଟଫର୍ମରେ କାହିଁକି ? ଅତିଥି-ମାନଙ୍କୁ କପର ଚର୍ଚ୍ଚା କରିବାକୁ ହୁଏ 'ସୁଜନ' ତାହା ଜାଣେ ।

ଟ୍ୟାକ୍‌ସି ଅପେକ୍ଷା କରି ଥିଲା ଆମ ପାଇଁ ପ୍ଲାଟଫର୍ମ ବାହାରେ ।

ପଛ ସିଟରେ ମୁଁ, ଝଁରଣାଦା, ଆଉ ଝଁରଣାଦାଙ୍କ ପାଖକୁ ଲଗି ରବୀନ୍ଦ୍ର ବାବୁ ସିଏ ନେଇଚନ୍ତି ହିରୋ ରୋଲ । ଆଗ ସିଟରେ ଡ୍ରାଇଭର ପାଖରେ ଅନ୍ୟ ତିନିଜଣ ଠେସା ଠେସି ହେଇ ବସି ଗଲେ, ଯୋଉମାନଙ୍କ ନାମ ମୋର ଜାଣିବାକୁ ବାକିଥାଏ । ବାକି ଜଣେ ବୋଧହୁଏ କୌଣସି କାମରେ ଷ୍ଟେସନ ବଜାରରେ ରହିଗଲେ ।

ଟ୍ୟାକ୍‌ସି ଚାଲିଲା ।

ଷ୍ଟେସନ୍-ବଜାର୍ ଶେଷରେ ଡାହାଣ ହାତ ରାସ୍ତା ଧରି ଗାଡ଼ି ସହର ଆଡ଼କୁ ମୋଡ଼ । ସେଇକ୍ଷଣି ଆଗ ସିଟ୍‌ରେ ବସିଥିବା ଜଣକୁ ଲକ୍ଷ୍ୟ କରି ରବୀନ୍ଦ୍ରବାବୁ କହିଲେ ପରିମଳ, ଗାଈ ଛେନା ନେଇଚ ତ ?

ପରିମଳ ବାବୁଙ୍କ ଆର୍ତ୍ତ ଚିତ୍କାର । ରଖ ରଖ, ଗାଡ଼ି ରଖ···।

ବ୍ରେକ୍···

: ଭୁଲି ଯାଇଛୁ ରବୀବାବୁ···! ଫେରାଅ···ଫେରାଅ···ଗାଡ଼ି ଫେରାଅ···କାଙ୍ଗାଲୀ ସାହୁ ଦୋକାନ···ବଇନା ଦିଆହେଇଚ···ହାଣ୍ଡିକ ଛେନା ପାଇଁ ପୁଣି ଏଇନେ ଟ୍ୟାକ୍‌ସି ଦଉଡ଼େଇବାକୁ ପଡ଼ିଥାନ୍ତା ବାଉଦପୁରରୁ ।

ଝଁରଣାଦା କହିଲେ : ସାରିଥିଲେ ମୋ କଥା···।

: ଫେରାଅ···ଫେରାଅ···ଏଇ ତାଁ ଆଡ଼େ ଦୋକାନଟା !!—ରବୀବାବୁ ଅସନ୍ତୁଷ୍ଟ ହେଲେ ।—ମୁଁ ମନେ ପକେଇ ନ ଥିଲେ···?

: ଛେନା ଛଡ଼ା ତ ଅନ୍ୟ କିଛି ଜଳଖିଆ ମୋ ପେଟରେ ଯାଏନା,—ଅବଶୋଷ କଲା ପରି କହୁଥିଲେ ଝଁରଣାଦା,—ଗେଷ୍ଟ୍ରିକ୍ ଟ୍ରବ୍‌ଲ୍···!

ଗେଷ୍ଟ୍ରିକ୍ ଟ୍ରବ୍ଲ ମୋ ଜାଣିବାରେ ତାଙ୍କର ଥିଲା ଟିକିଏ ଅବଶ୍ୟ; କିନ୍ତୁ ତାଙ୍କ ଘରକୁ ମୋର ଏତେ ଦିନର ଅବାଧ ଯାତାୟତ ଭିତରେ କେବେ ତ କାହିଁ ତାଙ୍କୁ ଛେନା-ଜଳଖିଆ ଖାଇବାର ଦେଖିନି । ଟିକିଏ ଆଶ୍ଚର୍ଯ୍ୟ ହେଲି !

ପରେ ଅବଶ୍ୟ ସେ ମୋତେ କହିଥିଲେ : ଏଇପରି କରିବାକୁ ହୁଏ । ଯୋଉଠିକି ଯିବ, ଭଲ ଭଲ ଖାଦ୍ୟର ମେନୁ ସେମାନଙ୍କୁ ଜଣାଇଦବ ଆଗରୁ । କହିବ, ଅନ୍ୟ କିଛି ମୋ ପକ୍ଷରେ ଅସ୍ୱାସ୍ଥ୍ୟକର ।···ଯେତେ ପାରିବ, ଖାଇଯିବ ମହାର୍ଘ ଖାଦ୍ୟ । ସୌଖୀନ୍ ନାଟ୍ୟ-ସଂସ୍ଥାମାନେ ନାଟକ ପାଇଁ ଜୀବନ ବି ଦେଇ ଦବାକୁ ପ୍ରସ୍ତୁତ । କୌଶଳକ୍ରମେ ଏମାନଙ୍କଠାରୁ ଆଦାୟ କରିନବା କଥା । ଯେତେ ଯାହା ପାରିବ···।

ଆଉ ସେଥର ସେଠି ଦେଖିଲି ବି ସେଇଆ । ଖାଣ୍ଟି ଗାଈ ଘିଅରେ ଛଙ୍କା ଲୁଚି···କଲିଜା ଭଜା ଆଉ କାନକା···ହାଫ୍ ବଏଲ୍ ଅଣ୍ଡା···ଏଇ ପରି ସବୁ ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ଥିଲା ଝିରଣୋଦଙ୍କ ପୂର୍ବ-ପ୍ରଦତ୍ତ ମେନୁର ଅନ୍ତର୍ଭୁକ୍ତ ।

ଖାଦ୍ୟ ସମ୍ବନ୍ଧରେ ମୋର ମଧ୍ୟ କୌଣସି ସ୍ୱତନ୍ତ୍ର ରୁଚି ଅଛି କି ବୋଲି ପଚାରି ପଠାଇଥିଲେ ସେମାନେ । ହୁଏତ ସେଇଟା ଭଦ୍ରତା କରି । କାରଣ···ମୁଁ ତ ଅଭିନୟ କରିବାକୁ ଯାଇନି, ଯାଇଚି କେବଳ ଅଭିନେତ୍ରୀଙ୍କ ସମ୍ପର୍କୀୟ ଭାଉଣୀ ଭାବରେ । ତେବେ ମୁଁ ମଧ୍ୟ ଜଣାଇ ଦେଇଥିଲି ମନା କରି ଯେ ମୋର କୌଣସି ସ୍ୱତନ୍ତ୍ର ରୁଚି ନାହିଁ ।

ଝିରଣୋଦ, ଦେଖିଲି ମିଶି ଯାଉଚନ୍ତି ସେଠି ସମସ୍ତଙ୍କ ସାଙ୍ଗରେ ଖୁବ୍ ଅନ୍ତରଙ୍ଗ ହୋଇ । ଯେପରିକି ସମସ୍ତେ ତାଙ୍କର ଅତି ଆପଣାର ଆଉ ସେ ବି ସମସ୍ତଙ୍କର ବେଶ ଘନିଷ୍ଠ । କ୍ଲବର ପ୍ରେସିଡେଣ୍ଟ୍, ସେକ୍ରେଟେରୀ, କର୍ମକର୍ତ୍ତା···ସମସ୍ତଙ୍କର । ଏତେ ଜାଗାକୁ ଯାଇ ଏତେ ଏତେ ଲୋକଙ୍କ ସମ୍ପର୍କରେ ଆସୁଥିଲେ ମଧ୍ୟ ସମସ୍ତଙ୍କ ନାମ ମନେ ରଖିବାରେ ସେ ଥିଲେ ଧୁରନ୍ଧର ।

ମୋତେ କହୁଥିଲେ ମଞ୍ଜୁ, ମଣିଷ ସବୁଠାରୁ ବେଶୀ ଭଲପାଏ ନିଜର ନାମଟାକୁ । ଯୁଆଡ଼େ ଯାଉଥିବୁ, ଚେଷ୍ଟା କରିବୁ, ଲୋକଙ୍କ ନାମଗୁଡ଼ିକ ମନେ ରଖିବା ପାଇଁ । "ନିରଞ୍ଜନ ବାବୁ ଭଲ ଅଛନ୍ତି ?" "ପରିମଳ ବାବୁଙ୍କୁ କାହିଁ ଦେଖୁନି ଯେ...!"—ଏତିକିରେ କିଣିହୋଇ ଯାଆନ୍ତି "ନିରଞ୍ଜନ" ଆଉ "ପରିମଳ"ମାନେ !

ରିହାର୍ସେଲ୍ ଚାଲିଥିବାବେଳେ ହୁଏତ ଯୋଡ଼ି ସୋଫାରେ ଅମୁକବାବୁ ବସିଚନ୍ତି, ସେଇ ସୋଫାରେ ବସିପଡ଼ିବୁ ଟିକିଏ...ଯଦି ସେଇ ବାବୁଙ୍କ ହାତରେ ପୁଣି ତୋତେ କଲ୍ କରିବା ଭଲ ଅଭ୍ୟାସଟି ଥାଏ । ଦେଖିବୁ, 'କୌଶଳ' ବେଶ୍ କାମ ଦବ । ତେବେ ହଁ, ଅଧିକ, କିଛି ପାଇବା ପାଇଁ 'ଆହୁରି କିଛି ବେଶୀ ଦବାକୁ ମାନେ ଇନଭେଷ୍ଟ କରିବାକୁ ବି ପଡ଼ିଥାଏ ବେଳେବେଳେ । ଅବଶ୍ୟ ସେଇଟା ପରିସ୍ଥିତି ଦେଖି...ଲୋକ ଦେଖି...। ଦୁନିଆଁର ନିୟମଇ ଏଇଆ...। କାହାରିକି ପଚାରିବୁ ନାହିଁ ସେମାନଙ୍କ ସ୍ତ୍ରୀ କଥା ବା ଘର କଥା । ଜଣେ ଅଭିନେତ୍ରୀର ସାନ୍ନିଧ୍ୟ ପାଉଥିବା-ବେଳେ ସମସ୍ତେ ନିଜକୁ ଜଣେ ଜଣେ ଚିରକୁମାର ବୋଲି କଳ୍ପନା କରି-ନେଇଥାଆନ୍ତି । ସେଇ କଳ୍ପନା ବ୍ୟାହତ ହେଲେ କ୍ଷତି ସେମାନଙ୍କ ଅପେକ୍ଷା ତୋର ହେବ ବେଶୀ ।

ଦେଖିଲି, ମନଃସ୍ତତ୍ତ୍ୱ ନ ପଢ଼ି ବି ଝରଣାଦି ସେଇ ଶାସ୍ତ୍ରରେ ଜଣେ ପଣ୍ଡିତା, ବିଦୁଷୀ ! ! ବିଶେଷତଃ ପୁରୁଷମାନଙ୍କ ମନସ୍ତତ୍ତ୍ୱ କଳିବାରେ ବାସ୍ତବିକ୍ ମୁଁ ତାଙ୍କ ପରି ଅଧିକ ନିପୁଣା କାହାକୁ ଦେଖିନି କି ନିଜେ ମଧ୍ୟ ହୋଇ ପାରିନି । ସେଇଥି ପାଇଁ ତ ଦେଖିଚି—ଯେତିକି ଟଙ୍କା କଣ୍ଟ୍ରାକ୍ଟରେ ସେ ଯାଆନ୍ତି ତା'ଠାରୁ ଅଧିକ ମୂଲ୍ୟର ଶାଢ଼ୀ, ବ୍ଲାଉଜପିସ୍, ବ୍ରେସିଅର୍, ବେଡ୍ କଭର୍, ଚମଡ଼ା ସୁଟକେଶ, ହୋଲ୍‌ଡର୍ ପ୍ରଭୃତି ନେଇ ଫେରନ୍ତି ସେ ପ୍ରତିଥର । କିପରି ଯେ ସେ-ସବୁ ସେ ଆଦାୟ କରିନେଇ ପାରନ୍ତି ବ୍ୟକ୍ତି-ବିଶେଷଙ୍କଠାରୁ...ତାହାର କୌଶଳ ଭଦ୍ରକରେ ପ୍ରଥମ ଥର ପ୍ରତ୍ୟକ୍ଷ କରି ମୁଁ ତ ତଟସ୍ଥ ହୋଇ ଯାଇଥିଲି ।

ସେ ମୋତେ ଆହୁରି ବି କହିଥିଲେ, ହୃଦୟର କାରବାର କାହା ସାଙ୍ଗରେ ନ କରିବା ଭଲ । ଆମେ ଅଭିନେତ୍ରୀ, ଆମର ସବୁ କିଛିରେ ରହିବ କେବଳ ଅଭିନୟ । ତୋ ଭଲ ପାଇବାର ଅଭିନୟକୁ ସେମାନେ ଯଦି ପ୍ରକୃତ ଭଲପାଇବା ଭାବି ନେଲେ, ତା’ ହେଲେଇ ତୁ ସଫଳ ଅଭିନେତ୍ରୀ ।

ଝିରଣାଦିଙ୍କ ହୃଦୟ ଥିଲା ଗୋଟାଏ ଅଟୋଗ୍ରାଫ୍‌ର ଖାତା । ସେଥିରେ ରହେ ସ୍ୱାକ୍ଷର ପରେ ସ୍ୱାକ୍ଷର, ଆଉ ଓଲଟି ଯାଏ ପୃଷ୍ଠାପରେ ପୃଷ୍ଠା । ସେ ନାମ ମନେ ରଖନ୍ତି ସମସ୍ତଙ୍କର, କିନ୍ତୁ ମନ ଦିଅନ୍ତି ନାହିଁ କାହାରିକୁ । ବିଚିତ୍ର ତାଙ୍କ ମନସ୍ତତ୍ତ୍ୱ ।

ଭଦ୍ରକରେ ଦେଖିଲି ତାଙ୍କର ରିହାର୍ସେଲ୍ ତିନି ଦିନ ଧରି ।

କାହାକୁ ଟିକିଏ ହସ, କାହାକୁ ଟିକିଏ ସ୍ପର୍ଶ, କାହାକୁ ଟିକିଏ ଗୁହାରି ।

ହିରୋ ରବୀନ୍ଦ୍ର ବାବୁ କ୍ଲବର ସେକ୍ରେଟେରୀ; ଗୋଲାପୀ ରଙ୍ଗ ଶାର୍ଟ ଉପରେ ଡ଼ଟେଡ୍ ଟାଇ୍ ପିନ୍ଧି ସେ ଆସିଥିଲେ ପ୍ରଥମ ଦିନ ।

ସମସ୍ତଙ୍କ ଆଗରେ ତାଙ୍କୁ କହି ଦେଲେ ଝିରଣାଦି—ଆପଣ ଆଜି ‘କଲର୍’ ‘କଲର୍’ ଦିଶୁଚନ୍ତି ।

ଏତିକରେ ରବୀନ୍ଦ୍ର ବାବୁଙ୍କ ପ୍ରତିକ୍ରିୟା ଦେଖି ମନେ ହେଲା— ସ୍ୱର୍ଗ ତାଙ୍କୁ ଆଉ ଗୋଟିଏ ଆଙ୍ଗୁଳି ! !

ଥିଏଟର ଯୋଉ ଦିନ ହେଲା, ଭାବିଥିଲି ଅଡିଟୋରିଅମ୍‌ରେ ବସି ଅଭିନୟ ଦେଖିବି । କିନ୍ତୁ ନାଁ, ଝିରଣାଦିଙ୍କ ଆଦେଶ—ମୋତେ ଗ୍ରୀନ୍ ରୁମ୍‌ରେ ରହିବାକୁ ପଡ଼ିବ । ଜଗିବାକୁ ହେବ, ତାଙ୍କର ଅଲଙ୍କାର ଇତ୍ୟାଦି ।

ସେ ନିଜେ ହୁଅନ୍ତି ମେକ୍‌ଅପ୍; କାହାରି ସାହାଯ୍ୟ ଦରକାର ହୁଏନା ତାଙ୍କର ବେଶ-ପୋଷାକ ବଦଳାଇବାରେ ମଧ୍ୟ । କିନ୍ତୁ ମେକ୍-ଅପ୍-ମ୍ୟାନର ବିନା ସାହାଯ୍ୟରେ ବି ଏତେ ସୁନ୍ଦର କରି ସଜାଇ ପାରନ୍ତି ନିଜକୁ...... ଆଶ୍ଚର୍ଯ୍ୟ ଲାଗିଲା ଦେଖି ।

ଷ୍ଟେଜ୍ ଭିତରେ କାହାପ୍ରତି, କେତେବେଳେ କାହିଁକି ସେ ଯେ, ସଦୟ ବା ନିର୍ଦ୍ଦୟ ହୁଅନ୍ତି ତାହା ତ ବୁଝି ପାରିବା ମଧ୍ୟ ଦୁଃସାଧ୍ୟ । ଯେତେ ଲକ୍ଷ୍ୟ କରୁଥାଏ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ପ୍ରତି ବିଭିନ୍ନ ପ୍ରକାର ତାଙ୍କର ବ୍ୟବହାର, ବିସ୍ମିତ ହେଉଥାଏ ଅଧିକରୁ ଅଧିକ ।

ବାଦଶାର ରାଜା ସୁକଣ୍ଠି ଭୂମିକାରେ ଅଭିନୟ କରୁଥିବା ଅମରେଶ ବାବୁ, ଯାହାଙ୍କ ସହିତ ବେଶ୍ ଲୀଳା-ଖେଳା କରୁଥିଲେ ସେ ରିହାର୍ସେଲ୍ ଅବସରରେ ଗତକାଲି, ଅଥଚ ବର୍ତ୍ତମାନ ଉଇଙ୍ଗ୍‌ସ୍ ଉହାଡ଼ରୁ ଠିକ୍ ଦେଖିପାରିଲି ନାହିଁ ... ଗୋଟିଏ ଦୃଶ୍ୟର ଶେଷ ଆଲୋକ ନିଷ୍ପ୍ରଭ ହୋଇ ଯିବା ସାଙ୍ଗେ ସାଙ୍ଗେ ... ଝରଣାଦିଙ୍କୁ ଅଭିନୟ-ଆଲିଙ୍ଗନରୁ ମୁକ୍ତ କରିବା ତାଙ୍କର ଉଚିତ୍ ଥିଲି ଯଦିଓ ... କିନ୍ତୁ ସେ ତା' କରି ନ ଥିଲେ ଅନ୍ଧାର ହୋଇ ସିନ୍ ପଡ଼ି ଯିବାର କେତୋଟି ମୁହୂର୍ତ୍ତ ପରେ ବି ... (ଭାବିଲି, ହୁଏତ ଇମୋସନାଲ୍ ହୋଇ ପଡ଼ିଛନ୍ତି ... କଠିନ ଅଭିନୟର ଆମେଜ୍‌ଟା ... ଏ ପର୍ଯ୍ୟନ୍ତ ସେଇ 'ବାଦଶା'ରେଇ ଅଛନ୍ତି ... ରହିଛନ୍ତି ସେହି ତ୍ରୟୋଦଶ ଶତାବ୍ଦୀରେ ... ଟିକିଏ ସମୟ ଲାଗିବ ବାସ୍ତବ-ବର୍ତ୍ତମାନକୁ ଫେରି ଆସିବା ପାଇଁ ... । ଆହୁରି କିଛି ଭାବିବାକୁ ଯାଉ ଥିଲି ହୁଏତ; କିନ୍ତୁ ସେଇ ମୁହୂର୍ତ୍ତରେ ମୁଁ ନିଜେ ଫେରି ଆସିଲି ବାସ୍ତବତା ଭିତରକୁ ... ପରେ ପରେ ସେଇଠୁ ଗମ୍ଭୀର ଅର୍ଥ-ପୂର୍ଣ୍ଣ ଦୁଇଟି ଶବ୍ଦ ଶୁଣିବାକୁ ପାଇ । ଗୋଟିଏ ଚୁମ୍ବନର ଏବଂ ଆର ଗୋଟିକ ଚାପୁଡ଼ାର । ଖାଲି ଆକ୍‌ସନ୍ । ସଂଳାପ ନାହିଁ । ଆଧୁନିକତମ ସିନେମା ବା ନାଟକର ଷ୍ଟାଇଲ୍ ପରି । ତା'ପରେ ଉଭୟେ ବାହାରି ଆସିଲେ ସେଇ ଅନ୍ଧାର ଭିତରୁ । ଦୁହିଙ୍କ ମୁହଁକୁ କିନ୍ତୁ ଖୁବ୍ ନିରେଖି ଚାହିଁଲେ ବି ଜଣା ପଡ଼ିଲାନି କୌଣସି ଚାଞ୍ଚଲ୍ୟର ଚିହ୍ନ । ବେଶ୍ ସହଜ ଆଉ ସ୍ୱାଭାବିକ । ଖାଲି ସ୍ୱଳ୍ପାସ୍ୱ ଉଦ୍‌ଭାସିତରେ ଉଭୟ ପୋଛି ପୋଛି ଆସୁଥିଲେ ନିଜ ନିଜର ଗାଲ ... ସୁକଣ୍ଠି ଆଉ ବିପକନ୍ୟା ... ରାଜା ଏବଂ ନଟୀ !

ଆହୁରି ବି ଦେଖିଲି !!! ଅନ୍ୟ ଗୋଟିଏ ସିନ୍‌ର ଅଭିନୟ ଯେତେବେଳେ ଚାଲିଥିଲା, ... ଯେତେବେଳକୁ ଶେଷ ହୋଇ ଆସିଚି ଡ୍ରାମା ... ମୁଖ୍ୟ ହୋଇ ସାରିଚି ବିପକନ୍ୟାର ... ଶେଷ ଅଙ୍କର ଶେଷ ଦୃଶ୍ୟ ସେଇଟା ..., ଗ୍ରୀନ୍

ରୁମ୍‌ର ଦରଜା ପାଖରେ ମୁଁ ଠିଆ ହୋଇ ରହୁଥାଏ ଆଉ ଝରଣାଦି ଭିତରେ ଦର୍ପଣ ଆଗରେ ବସି ଚେଞ୍ଜ୍ କରୁ ଥାଆନ୍ତି—ଚେଞ୍ଜ୍ କରୁ କରୁ ଗୁଣୁ ଗୁଣୁ ଗାଇ ଚାଲି ଥାଆନ୍ତି ଗୀତ ଅଭ୍ୟାସ ଅନୁଯାୟୀ (ସବୁବେଳେ ସେ ପ୍ରାୟ ଗୁଞ୍ଜନରତା ଘରେ ହଉ କି ବାହାରେ ; ବିଶେଷତଃ ଯେତେବେଳେ ଏକୁଟିଆ ଥାଆନ୍ତି···)—ଏହା ଭିତରେ ସରି ଯାଇଥିଲା ରବିବାବୁଙ୍କ ଅଭିନୟ—କମରରୁ ଫେଣ୍ଟା ଖୋଲଟା ଖୋଲୁ ଖୋଲୁ ଆସି ପହଞ୍ଚି ଗଲେ ମୋ ପାଖରେ—କହିଲେ : ଏଠି ଠିଆ ହୋଇଚନ୍ତି ଯେ···ଯାଆନ୍ତୁନା ଦୃଶ୍ୟଟା ଦେଖିବେ··· 'ରାଜମହଲ୍' ଗିରିଦୁର୍ଗ ଆଉ ଟିକିଏ ପରେ ଜଳିବ ହୁତୁ ହୁତୁ ହୋଇ··· ଦେଖିବେ କି ରକମ ଟେକ୍‌ନିକାଲ୍ କାଏଦା !! ବୁଝି ପାରିଲି, ମୋତେ ସେ ଆଡେଇବାକୁ ଚାହୁଁଚନ୍ତି । ଆଗେଇ ଗଲି ପେଣ୍ଡାଲ ପାଖକୁ । କିନ୍ତୁ କାନ ଥାଏ ଏଇ ଆଡେ । କିଶୋରୀ ବୟସର କୌତୁହଳୀ ମନ··· । ହୁଏତ ସେଇଟା ଅସ୍ୱାସ୍ଥ୍ୟକର ; କିନ୍ତୁ ସତ୍ୟ ଆଉ ସ୍ୱାଭାବିକ । ଟିକିଏ ପରେ—ଖାଲି ମନ ନୁହେଁ, ଆଖିବି ଗଲା ସେ ଆଡ଼କୁ । ···ରବିବାବୁ ଦରଜାଟା ଆଉଜେଇ ନେଇଚନ୍ତି ଆସ୍ତେ ଆସ୍ତେ କରି । କିନ୍ତୁ କାହିଁକି ସେ ଭିତରକୁ ଗଲେ ? ଝରଣାଦି ଯେ ଚେଞ୍ଜ୍ କରୁଚନ୍ତି !! ମୋ ଉପରେ ରାଗ କରିବେ ନାହିଁ ତ ? ଦୁଆର ଜଗିବା ଉଚିତ୍ ଥିଲା ମୋ'ର । (ବାସ୍ତବିକ, ଗ୍ରୀନ୍ ରୁମର ଦ୍ୱାରପାଳ ହେବା ଛଡ଼ା ମୋର ଆଉ ଭୂମିକା ବା କ'ଣ ଏଠି ? ) କୌତୂହଳ ପୁଣି ମୋତେ ଟାଣି ନେଲା ଦରଜା ପାଖକୁ । ଖାଲି କୌତୁହଳ ନୁହେଁ, ହୁଏତ ଟିକିଏ ଭୟ ବି । କାଳେ ଯଦି ରାଗ କରନ୍ତି ଝରଣାଦି—ସେ ଚେଞ୍ଜ୍ କରୁଥିଲା ବେଳେ ମୁଁ ଦରଜା ପାଖରେ ରହିଲିନି—ଜଣେ ପୁରୁଷ ପଶି ଆସିଲେ ଭିତରକୁ ! ଭୟଟା ଅବଶ୍ୟ କମି ଗଲା ପର ମୁହୂର୍ତ୍ତରେ—ନାଁ ରବିବାବୁଙ୍କ କେସ୍‌ରେ ସେ ରାଗିବେନି ବୋଧହୁଏ – ହୁଏତ ସେ ବରଂ ମୋ ଠାରୁ ଝରଣାଦିଙ୍କର ଅଧିକ ଆପଣାର ବି ହୋଇ ଥାଇ ପାରନ୍ତି—ତେଣୁ ତାଙ୍କର ଭିତରକୁ ପଶି ଯିବାରେ ସେ ମାଇଣ୍ଡ କରିବେନି କିଛି । ତାଙ୍କର ଏଇ ପଶି ଯିବାରେତ ଜଣା ପଡ଼ି ଯାଉଚି, ଉଭୟଙ୍କ ଭିତରେ ଅଛି ସେପରି କୌଣସି ଅଣ୍ଡରଷ୍ଟାଣ୍ଡିଂ ।

କୌତୂହଳର ତୀବ୍ରତାଇ ଶେଷ ପର୍ଯ୍ୟନ୍ତ ମୋତେ ଟାଣି ନେଇଥିଲା ଆଉଜା ହୋଇଥିବା ଦରଜା ପାଖକୁ । ଏଇ ଧରଣର ଅବୋଧ କୌତୂହଳର ସୃଷ୍ଟି ଅବଶ୍ୟ ମୋ ମନ ଭିତରେ ଆଜି ନୁହେଁ......ହଠାତ୍ ଏଇ ମୁହୂର୍ତ୍ତରେ ବି ନୁହେଁ......ଏହା ଏକ ସହଜାତ ଜ୍ୱାଳା ଯାହା ମୁଁ ଅନୁଭବ କରିଛି କୈଶୋରରେ ପାଦ ଦେବା ଆଗରୁ । ପିଲାଦିନୁ ବୋଉ ପାଖରେ ଶୋଇବା ଯେପରି ମୋର ଅଭ୍ୟାସ, ସେଇ ପରି ରାତି ଅଧରେ ବାପା ତାଙ୍କ ଖଟରୁ ଉଠି ଆସି ବୋଉକୁ "ଏତେ ବେଗି ଶୋଇ ପଡ଼ିଲଣି" ବୋଲି କାନ ପାଖରେ ଫିସ୍ ଫିସ୍ କରି କହୁ ଥିବାର ଶୁଣିବା ମଧ୍ୟ ଥିଲା ଅନ୍ୟତମ ରୁଟିନ । ବୋଉ ବାପାଙ୍କ ଖଟକୁ ଉଠିଯିବା ପରେ ମୋର ସେଇ ସହଜାତ କୌତୂହଳୀ ମନ ଆଉ କୌତୂହଳୀ ଆଖି ସୂଚୀଭେଦ୍ୟ ଅନ୍ଧକାରର ହ୍ରଦ ଭିତରେ ଦୁଇଟି ନର ନାରୀ ସନ୍ତରଣ-ଲୀଳାକୁ ଆବିଷ୍କାର କରିବାର ବ୍ୟର୍ଥ ପ୍ରଚେଷ୍ଟା ଭିତରେ ହୋଇଛି ସେହି ଜ୍ୱାଳାର ବାରମ୍ବାର ଅବଦମିତ ପରି ସମାପ୍ତି । ଅବଶ୍ୟ ଯନ୍ତ୍ରଣା ସେଥିରେ ବଢ଼ିଛି ସିନା କମିନି ।

ଦରଜା ପାଖରେ ଯାଇ ଠିଆ ହେଲି । କାହିଁ କିଛି ସ୍ୱର ଶବ୍ଦ ଶୁଭୁନି ତ ! ଦିଶୁନି ବି କିଛି......। ଭଲ ଭାବରେ ବନ୍ଦ ଥିବାରୁ ଫାଙ୍କ ନ ଥିଲା ଦରଜାରେ ।

'ରାଜମହଲ' ଗିରି ଦୁର୍ଗ ଜଳି ପୋଡ଼ି ଧ୍ୱଂସ ହୋଇ ଯିବାର କୋଲାହଳ ଭିତରେ ଏଣେ କେତେବେଳେ ଯେ ଡ୍ରପ୍ ସିନ୍ ପଡ଼ି ଯାଇଛି, ଜାଣେନା ।

ଏଠି ଏମିତି ଠିଆ ହୋଇଚନ୍ତି ଯେ......?

ଫେରି ଚାହିଁଲି ।

ପାଟଳୀପୁତ୍ରର ଯୁବରାଜ ମଣିମସ୍ତ ମୋ ପଛରେ, ବ୍ୟକ୍ତିଗତ ଜୀବନରେ ଯିଏ ସୁମନ୍ତ ମହାପାତ୍ର, ବ୍ଲକ୍ ଅଫିସର କନଷ୍ଟ କରାନି ।

: ଆପଣଙ୍କ ସାଙ୍ଗରେ ଟିକିଏ କଥା ଅଛି ।

: ଏଁ...ଟିକିଏ ରହି କହିଲି..., କହନ୍ତୁ ।

କିନ୍ତୁ କଣ କହିବାକୁ ହବ ତାହା ବୋଧହୁଏ ଖାଲି ଠିକ୍‌କରି ନ ଥିଲେ ସେ । ଟିକିଏ ଚୋକ ଚିଳି ପଚାରିଲେ ଆଚ୍ଛା, ଆପଣଙ୍କୁ କିମିତି ଲାଗିଲା ମୋର ଅଭିନୟ ?

ମାତ୍ର ଗୋଟିଏ ସିନ୍‌ରେ ରୋଲ୍‌ଥିଲା ତାଙ୍କର । ସେଇ ଶେଷ ସିନ୍‌ରେ ତା' ପୁଣି ଖୁବ୍ ଶ୍ରେଷ୍ଠ । ସେଇତକ କରିବା ପାଇଁ ତ ସେ ଘଣ୍ଟାଏ ଧରି ସଜାଇଥିଲେ ନିଜକୁ । ଲକ୍ଷ୍ୟ କରିଥିଲି ମୁଁ ସବୁ । ହସି ଦେଇ କହିଲି, ବେଶ୍ କଲେ ଆପଣ । (ଯଦିଓ ଷ୍ଟେଜ୍ ଉପରେ ମୁଁ ତାଙ୍କ ଅଭିନୟ ପ୍ରତି ବିଶେଷ ଲକ୍ଷ୍ୟ ରଖି ପାରି ନ ଥିଲି । ) ନାଇସ୍ ! ! ରିହାର୍ସେଲ୍‌ରେ ଯେପରି ସୁନ୍ଦର ଭାବେ କରୁଥିଲେ···ସେଇ ଭଳି··· । ଭଲ କରିଚନ୍ତି ।

: ସ୍କୋପ୍ ଥିଲା ନାହିଁ ..., ସେ ଦୁଃଖ କରି କହିଲେ, ଏତେ ଶ୍ରେଷ୍ଠ ରୋଲ ଦେଲେ ମୋତେ···! ସେଥିରେ ପୁଣି ଡାଏଲଗ୍ ବିଶେଷ କିଛିନାହିଁ; ଖାଲି ଆକ୍‌ସନ୍ । ଆପଣଙ୍କ ଆକ୍‌ସନ୍ ଗୁଡ଼ିକ ଚମତ୍କାର ।

ଏଇ କଥା ପଦକ ମୋ ପାଇଁ ଇନ୍‌ସ୍ପିରେସନ୍ । ଅନେକ ଧନ୍ୟବାଦ ଆପଣଙ୍କୁ । ଏତିକି ଉଦାରତା ବି ଅନ୍ୟମାନଙ୍କର ନାହିଁ ।

: ନିଜ ଭିତରୁ ନିଜେ ପ୍ରେରଣା ପାଇବାକୁ ଚେଷ୍ଟା କରିବେ ସୁମନ୍ତ ବାବୁ; ସେଇଟା ସବୁଠୁ ଭଲ....

: ଆପଣ ମୋ ନାମ ମନେ ରଖିଚନ୍ତି !

: କି ଆଶ୍ଚର୍ଯ୍ୟ ! ରିହାର୍ସେଲ୍‌ରେ ପ୍ରତିଦିନ ଦେଖିଚି ଆପଣଙ୍କୁ । ନାମ ମନେ ରଖିବିନି ?

: ଏମାନେ କିନ୍ତୁ ମୋର ପୁରା ନାମଟାକୁ ବି ଦେଇ ନାହାନ୍ତି ସ୍ଲାଇଡ଼ରେ । କାରଣ ମୋର ଶ୍ରେଷ୍ଠ ରୋଲ୍ । ମୁଁ କିନ୍ତୁ ବଡ଼ ରୋଲ୍ କରି ପାରିବି ମଞ୍ଜୁଳା ଦେବୀ, ଏମାନେ ସିନା ଦେଉ ନାହାନ୍ତି ମୋତେ ।

: ହୁଏତ ଏଇଥି ପାଇଁ ଯେ ଆପଣଙ୍କର ବୟସ କମ୍ । (ମନେ ମନେ କହିଲି, କାରଣ ଦେଖିବାକୁ ଆପଣ ଅସୁନ୍ଦର । ) କେତେ ହବ, ଊଣେଇଶ୍ କି କୋଡ଼ିଏ···, ଏଇ ତ ? ସୁଦୀର୍ଘ ଭବିଷ୍ୟତ ରହିଚି—ଆହୁରି କେତେ କେତେ ସୁଯୋଗ ଆସିବ ଜୀବନରେ—ବଡ଼ ରୋଲ୍ ପାଇବେ ।

: କିନ୍ତୁ ମୁଁ ଠିକ୍ କରିଚି, ଏମାନଙ୍କଠାରୁ ଅଲଗା ହୋଇଯାଇ··· ଏସ୍. ଡ଼ି. ଓ. ଅଫିସ୍‌ର କେତେଜଣଙ୍କୁ ନେଇ ଆଉ ଏକ ଡ୍ରାମାଟିକ୍ ଏସୋସିଏସନ ଗଢ଼ିବି । ସେଠି ମୁଁ........

ଦରଜାଟା ଖୋଲି ଗଲା ଏତିକି ବେଳେ । ଭିତରୁ ବାହାରି ଆସିଲେ ରମାବାବୁ; ତାଙ୍କ ପଛେ ପଛେ ଝଁରଣାଦ ।

ଅନ୍ୟମାନେ ବି ଆସି ପହଞ୍ଚିଗଲେ ସେଇଠି ଡ୍ରାମା ଶେଷହୋଇ ସାରିଥିବାରୁ । ଥିଏଟର ଭାଙ୍ଗିବା ବେଳର ସେଇ ଗହଳି ଭିତରେ ଭୁଲି ଗଲି ସୁମନ୍ତ ବାବୁଙ୍କ ପ୍ରତି ଆଟେନ୍‌ସନ ଦେବାକୁ । ସେ ଚାଲିଯିବା ପରେ ପାଶୋରିଦେଲି ତାଙ୍କର ଦରଦଭରା କଥା ଆଉ ଅବହେଳିତ ହେବାର ବେଦନା । ମନ ଭିତରୁ ହଠାତ୍ ଯେପରି ସେ କୁଆଡ଼େ ଅପସରିଗଲେ ।

ଷ୍ଟେଜ ପାଖରେ ଅଫିସର କଲୋନୀକୁ ଲାଗି ଡ଼ାକ ବଙ୍ଗଳା । (ଏଇ ଅଞ୍ଚଳଟାକୁ ବାଉଦପୁର କୁହାଯାଏ ।) ଏଠାକୁ ଆସିବା ଦିନ ଠାରୁ ତାହାରି ଗୋଟିଏ ସୁଟ୍‌ରେ ରହୁଥିଲୁ ମୁଁ ଆଉ ଝଁରଣାଦ । ଡ୍ରାମା ଓଭର ହେବା ପରେ ସେଇଠିକି ଫେରି ଆସିଲୁ ଆମେ ଦୁହେଁ, ଆଉ ଆମ ସାଙ୍ଗରେ କର୍ମକର୍ତ୍ତାମାନେ ବି·······ବାଟେଇ ଦେଇ ଯିବା ପାଇଁ ।

ନାଟକଟି ଦୁଇ ରାତି ହେବା କଥା ।

ଆଜି ଥିଲା ପ୍ରଥମ ରାତି ।

ପ୍ରଥମ ରାତିର ଆଶାତୀତ ସାଫଲ୍ୟରେ ଖୁବ୍ ଖୁସି ହୋଇଚନ୍ତି କର୍ମକର୍ତ୍ତାଏ । ସରକାରଙ୍କ ନ୍ୟାସ୍‌ନାଲ୍ ଡ଼ିଫେନ୍‌ସ ଫଣ୍ଡକୁ ପ୍ରଥମ ରାତିର ଆୟ ଦାନ କରିବା ସର୍ତ୍ତରେ ଏଣ୍ଟର୍‌ଟେନ୍‌ମେଣ୍ଟ ଟ୍ୟାକ୍‌ସ ଉଭୟ ରାତି ପାଇଁ ଛୁଡ଼ ପାଇଚନ୍ତି ସେମାନେ । ଆସନ୍ତା କାଲିର ଆସ୍ଥା ପୁରାପୁରି ଅନୁଷ୍ଠାନର ଝଁରଣାଦଙ୍କ ଅଭିନୟ ଆଜି ଯାହା ହୋଇଚି···ଆହୁରି ଅଧିକ ଦର୍ଶକ ନିଶ୍ଚୟ ଆସିବେ କାଲି । ତା'ମାନେ, ବେଶୀ ଟିକେଟ···, ପ୍ରଚୁର ଟଙ୍କା ! ତେଣୁ ଆମେ ରାତ୍ରୀ-ଭୋଜନ ସାରି ଶୋଇବାକୁ ଯିବା ପର୍ଯ୍ୟନ୍ତ ଖାଲି ଧନ୍ୟବାଦ ପରେ ଧନ୍ୟବାଦ ଆଉ ପ୍ରଶଂସା ସେମାନେ ଢୁଡ଼େଇ

ପକେଇବାକୁ ଲାଗିଲେ ହରଣାଦଙ୍କ ଉପରେ ଯାହାଙ୍କ ପାଇଁ ନାଟକର ସାଫଲ୍ୟ ।

ସେମାନଙ୍କ ଭିତରେ ସୁମନ୍ତ ବି ଥିଲେ; କିନ୍ତୁ ବିଶେଷ କିଛି କହୁ ନଥାନ୍ତି । ଶେଷରେ ପଚାରି ଦେଲେ, "ମୋର ଅଭିନୟ ଆପଣଙ୍କୁ କିପରି ଲାଗିଛି ହରଣାଦ ?"

ହୋ ହୋ ହେଇ ହସି ଉଠିଲେ ଅନ୍ୟ ସମସ୍ତେ ଯୋଦ୍ଧମାନେ ହରଣାଦଙ୍କୁ ପ୍ରଶଂସା କରି ଲାଗିଥିଲେ ଏ ପର୍ଯ୍ୟନ୍ତ । "ଇଆର ପୁଣି ଗୋଟାଏ ପାର୍ଟ···"···"ମୃତ ସୈନିକ କି ନେପଥ୍ୟ କୋଲାହଳରେ ଦେଇଥିଲେ ଆହୁରି ଭଲ ହୋଇ ଆଆନ୍ତା । ଅଭିନୟ "···"ହସିଲେ କାନ୍ଦିଲା ପରି ଦେଖାଯାଏ, ଆଉ କାନ୍ଦିଲେ—ବୁଝିଲେନା ହରଣାଦ, **his most pathetic action creats highest humour···"** "ଆଉ ଡ୍ରାମାରେ ଯା'ଙ୍କୁ ବିଦୂଷକର ରୋଲ୍ ଦବା···ବିଦୂଷକର ରୋଲ୍···" "ନ ହେଲେ ଚୌଆର୍ ବେଞ୍ଚ୍ ବୋହିବାର ରୋଲ୍···" "···ଯାହା ତ ଚେହେରା, ଏକ୍‌ଟିଂ ତତୋଧିକ···"

ସପ୍ତରଥୀ ପରିବୃତ ଶରାହତ ଅଭିମନ୍ୟୁ ପରି ସୁମନ୍ତଙ୍କର ଅବସ୍ଥା । ସେଇ ଅପମାନ ଜର୍ଜରିତ ମୁହଁ ପ୍ରତି ମୋର ଦୟା ଆସିଥିଲା; ଆସିଥିଲା ସହାନୁଭୂତି ଓ ଅନୁକମ୍ପା ।

ହରଣାଦ ଅଳ୍ପ ଅଳ୍ପ ହସୁଥିଲେ; କିନ୍ତୁ ମୁଁ କରି ବସିଲି ଯାହା ନ କରିବା କଥା···ମୋ ନିଜର ସ୍ଥିତିକୁ ଭୁଲିଯାଇ । ଟିକିଏ ଗମ୍ଭୀର ହୋଇ କହିଲି : କେବଳ ପ୍ରତିଭାଧର ଶିଳ୍ପୀମାନେହିଁ ବିଦୂଷକର ରୋଲ୍ ନେଇ ପାରନ୍ତି···। ସୁମନ୍ତ ବାବୁଙ୍କର ପ୍ରତିଭା ରହିଛି···ଏଠି କେବଳ ତାଙ୍କ ପାଇଁ ସ୍କୋପ୍‌ର ଅଭାବ ··· ।

କହିଦେଇ ଅବଶ୍ୟ ଅନୁତପ୍ତ ହେଲି ମନେ ମନେ ପର ମୁହୂର୍ତ୍ତରେ । ମୋର ମନେ ରଖିବା ଉଚିତ୍ ଥିଲା ଯେ ମୁଁ ଏଠି କେହି ନୁହେଁ । ନିଜେଇ ମୁଁ ଏଠି ଏକ ଅପାଂକ୍ତେୟ ।

ମୋ କଥାରେ କନ୍ଟୁ ଚୁପ୍ ହୋଇ ଗଲେ ସମସ୍ତେ । ଦେଖିଲେ କୃତଜ୍ଞତା-ଭରା ଆଖିରେ ମୋତେ ଅନେଇ ରହିଚନ୍ତି ସୁମନ୍ତ । ବୁଦ୍ଧିମତ୍ତା ଝରଣାଦ୍ଧ ପରିସ୍ଥିତିଟାକୁ ସମ୍ଭାଳି ନେବା ପାଇଁ କହିଲେ, ଅନେକ କମ୍ପ୍ଲିମେଣ୍ଟ୍ ଦେଲେଣି ଆପଣମାନେ । ବର୍ତ୍ତମାନ କନ୍ଟୁ ଭରି ଟାୟାର୍ଡ଼ ହୋଇ ପଡ଼ିଛି ମୁଁ ।

"ବେଶ୍ ତେବେ, ବିଶ୍ରାମ ନିଅନ୍ତୁ..." କହି ଗୋଟି ଗୋଟି କରି ଅପସରି ଗଲେ ସେମାନେ । ସୁମନ୍ତ କୋବେଲେ ପୁଣି ଥରେ ମୋ ମୁହଁକୁ ଚାହିଁଦେଇ ଚାଲିଗଲେ ।

: ଇମିତ ଭାବେ..., ଝରଣାଦ୍ଧ କହିଲେ, ସୁମନ୍ତକୁ ସପୋର୍ଟ କରି ତୁ ଠିକ୍ କରିନାହୁଁ ମନ୍ତ୍ରୁ । ତା'ର ଏଠି କୌଣସି ପ୍ରଭାବ ନାହିଁ । ତା' ଛଡ଼ା ବାସ୍ତବିକ ତା'ର ଯାହା ଫିଗର୍...ସେ ବିଦୂଷକ ରୋଲ୍ ନେବାକୁହିଁ ଉପଯୁକ୍ତ ।

କହିଲି ... ମୁଁ ଭୁଲ୍ କରିଚି ଝରଣାଦ୍ଧ ।

: ଲିଭ୍ ଇଟ୍ ।...

ସେ ଚାଲିଗଲେ ବାଥ୍‌ରୁମ୍ ଭିତରକୁ । ଶୋଇବା ପୂର୍ବରୁ ଗାଧୋଇବା ତାଙ୍କର ଅଭ୍ୟାସ । ଶାଓ୍ୱାର୍‌ର ଝିରି ଝିରି ଶବ୍ଦ ସହିତ ସଂଗୀତର ମୃଦୁ-ଗୁଞ୍ଜନ ଧ୍ୱନି ଦରଜା ଭେଦି ଶୁଭୁଥିଲା ଆଉ ମୁଁ ବାହାରକୁ ଯାଇ ଲାଇଟ୍‌ଟା ଲିଭାଇ ଦେଇ ବାରଣ୍ଡା ଉପର ବେତ ଚେୟାର୍‌ରେ ବସି ଚାହିଁ ରହିଲି ଜ୍ୟୋତ୍ସ୍ନାପ୍ଲୁତ ଆକାଶକୁ । ଅଫିସର୍ସ କଲୋନୀର ଶେଷରେ ଏଇ ଡାକବଙ୍ଗଲାଟା । ଅଳ୍ପ ଦୂରରେ ହେମନ୍ତର କୃଶକଟୀ ଶାଳନ୍ଦୀ । କଳ କଳ ଜଳଧାରରେ ତା'ର ପ୍ରତିବିମ୍ବିତ ଆକାଶର ମାୟା । ସେଇଠି ବସି ମୁଁ ସୁମନ୍ତଙ୍କୁ ଭାବିବାକୁ ଲାଗିଲି । ରିହାର୍ସେଲ୍ ଦିନଗୁଡ଼ିକ କଥା ଭାସିଉଠିଲା ମନଃଶ୍ଚକ୍ଷୁରେ ମୋର । ହଁ, ସମସ୍ତେ ତାଙ୍କୁ ଡାକୁଥିଲେ "ସୁମନ୍ତ" ନୁହେଁ, "ବିଦୂଷକ" ବୋଲି । କହୁଥିଲେ, ବିଦୂଷକର ରୋଲ୍ ଏଇ ନାଟକରେ ନାହିଁ; ସୁମନ୍ତ ପାଇଁ କ'ଣ ତା' ହେଲେ କରିବା ? ବିଦ୍ରୂପ କରି ସେମାନେ

ଏପରି କହୁଥିଲେ । ତାଙ୍କୁ ଘୃଣି ହସୁଥିଲେ ବି ସମସ୍ତେ । ସେ କୌଣସି ସଜେସନ ଦେଲେ···ସେ କୌଣସି କଥା କହିଲେ···ଉପହାସରେ ଉଡ଼ାଇ ଦେଉଥିଲେ ସଭିଏଁ ।

ରୂପ ଦୃଷ୍ଟିରୁ ପ୍ରିୟଦର୍ଶୀ ନିଶ୍ଚୟ ସେ ନ ଥିଲେ ; ସେ ନଥିଲେ ସୁପୁରୁଷ ମଧ୍ୟ; କିନ୍ତୁ ବଳିଷ୍ଠ ଏକ ପୌରୁଷ ଥିଲା ତାଙ୍କର ସେହି ଖର୍ବକାୟ ବ୍ୟକ୍ତିତ୍ୱ ଭିତରେ । ମନେ ହେଲା ମୋର,— ସୁପୁରୁଷ ନ ହେଲେ ବି ସେ ଜଣେ ସୁମନୁଷ୍ୟ; ଆଉ ମଧ୍ୟ ଏଠି ଅନେକ 'କୁ' ଭିତରେ ସେଇ ଏକମାତ୍ର 'ସୁ' । ମୁଁ ଭୁଲି ଗଲି, ତାଙ୍କ ନାସିକାର ବକ୍ରତାକୁ, ମୁହଁର ବସନ୍ତ ଦାଗକୁ, ତାଙ୍କ ଡାହାଣ ହାତର ଷଷ୍ଠାଙ୍ଗୁଳିଟିକୁ;—ଆଉ···ଆଉ···ଆବିଷ୍କାର କଲି ମଧ୍ୟ ତାଙ୍କପାଇଁ ମୋ ମନରେ 'ନରମ' ଭାବ ଆସି ଯାଇଚି କେତେବେଳେ ମୋ ନିଜର ଅଜାଣତରେ । କିନ୍ତୁ, କେବଳ ସେତିକି; ତା'ଠାରୁ ଅଧିକ କିଛି ନୁହେଁ···ବେଶୀ କିଛି ନୁହେଁ···ଏବଂ ଆଉ କିଛି···ଅନ୍ୟ କିଛି···ବା ସେପରି କିଛି ବି ନୁହେଁ, ଯାହାକୁ ବ୍ୟକ୍ତ କରିବା ପାଇଁ ଅଥବା ବ୍ୟାଖ୍ୟା କରିବା ପାଇଁ ଭାଷାର ଅଭିଧାନ କିମ୍ବା ଭଲ ପାଇବାର ସଂବିଧାନରେ ଥିବା ସୁନିର୍ଦ୍ଦିଷ୍ଟ ସୁପରିଚିତ କୌଣସି ଶବ୍ଦ ବ୍ୟବହାର କରି ହେବ । ହଁ, ବେଶ୍ ସେତିକି ।

ମୁଁ ତାଙ୍କ କଥା ଭାବିବାକୁ ଲାଗିଲି ······

ଭାବୁ ଭାବୁ ମନେ ହେଲା, ଆଖି ଆଗରେ ମୋର ସୁମନ୍ତ । ମନେ ହେଲା, ଅନୁକମ୍ପା ଓ କରୁଣାର ଦୃଷ୍ଟିରେ ସୁମନ୍ତଙ୍କୁ ନୁହେଁ···ଘୃଣି ରହିଚି ମୁଁ ଏକ ଅପମାନାହତ ପୌରୁଷକୁ । କିନ୍ତୁ ନାଃ···ଛିଃ, ଏ ସବୁ ଆବେଗ—ଝରଣାଦି କହନ୍ତି—ଅନାବଶ୍ୟକ ଓ ଅବାଂଛିତ ଅଭିନେତ୍ରୀ ଜୀବନରେ । ମୋ ପାଇଁ 'ମଟୋ' ହେବା ଉଚିତ "ଅଭିନୟହିଁ ଜୀବନ ଆଉ ଜୀବନହିଁ ଅଭିନୟ" ଯେହେତୁ ମୁଁ ଅଭିନେତ୍ରୀ ହେବାକୁ ଯାଉଚି । ସୁମନ୍ତ ଏଠି ଉହ୍ୟ ; ଉହ୍ୟ ଶତ ସହସ୍ର ଅପମାନାହତ ପୌରୁଷ ଓ ମନୁଷ୍ୟତା । ଅର୍ଥଇ ପରମାର୍ଥ ଅଭିନେତ୍ରୀ ଜୀବନରେ । ମୋତେ ଝରଣାଦିଙ୍କ ପରି ହେବା ପାଇଁ ପଡ଼ିବ ।

ଦେଖିଚି, କେତେ ତାଙ୍କର ପ୍ରେମିକ, ରସିକ ଆଉ ଚିହ୍ନରା ଗ୍ରାହକ । ଯେତେବେଳେ ତାଙ୍କ ଘରକୁ ଯାଇଚି କେହି ନା କେହି ପୁରୁଷ-ବନ୍ଧୁ ଡ୍ରଇଂ ରୁମ୍‌ରେ ଥିବେ । ( ଫ୍ରକ୍ ପିନ୍ଧିବା ବୟସରୁ ମୁଁ ବୁଝି ଥିଲି 'ପୁରୁଷ-ବନ୍ଧୁ'ର ଅର୍ଥ କଣ । ) ସେମାନଙ୍କ ସହିତ ଝରଣାଦିଙ୍କର ଯୋଉ ଛଳ-କଳା···ସେ ସବୁ ବି ଲକ୍ଷ୍ୟ କରିଥିଲି ଅନ୍ୟମନସ୍କ ହୋଇ ରହିବା ଭଳି ଛଳନା କରି,···ସବୁ ବୁଝି ମଧ୍ୟ କିଛି ନ ବୁଝିବା ଭଳି ଭାବ ଦେଖାଇ··· । ତାଙ୍କ ଘରେ ତିନିଜଣ ମାତ୍ର ମେମ୍ବର । ସେ ନିଜେ, ତାଙ୍କ ମାଆ ଆଉ ବାପା । ବାପା ପକ୍ଷାଘାତଗ୍ରସ୍ତ । ଉପର ମହଲରେ ପ୍ରାୟ ଶୋଇ ରହି ଥାଆନ୍ତି ସେ । ମାଆ ପ୍ରକୃତ ଅର୍ଥରେ ପାଚିକା । ଯୋଉ ପାର୍ଟ ଟାଇମ୍ ଚାକରାଣୀ ଜଣକ ସକାଳ ଓଳି ବାସନ-ମଜା, ଘର-ଝାଡ଼ୁ ଇତ୍ୟାଦି କରିବା ପାଇଁ ଆସେ···ତା' ସହିତ ତାଙ୍କର ବିଶେଷ କିଛି ପାର୍ଥକ୍ୟ ଥିଲା ପରି ମନେ ହେଉ ନ ଥିଲା ମୋତେ । ଝରଣାଦି ଥିଲେ ଘରର ପ୍ରକୃତ ମାଲିକାଣୀ ବା କର୍ତ୍ତ୍ରୀ । ବାପା ମାଆ ଯଥାକ୍ରମେ ଷ୍ଟାଚ୍ୟୁ ଆଉ ମେସିନ୍ । ନୀରବ-ନିଶ୍ଚଳ ହୋଇ ଉପରେ ଜଣେ ମୁମୂର୍ଷୁ, ଆଉ ତଳେ ନିଃଶବ୍ଦରେ ଜଣେ କର୍ମରତା । ବିଚିତ୍ର ଏକ ପରିବାର ।

ହଁ, ହୃଦୟାବେଗବହ୍ନିନା ଝରଣାଦି···ଅଭିନେତ୍ରୀ ଝରଣାଦିଙ୍କ ଘରେ ଯାହା ସବୁ ଦେଖିଚି···ଫେରି ଆସେଁ ସେଇ ସବୁ ସ୍ମୃତିକୁ ।

ଦେଖିଚି, ଆଲିବାବାର୍ ପିମ୍ପା ଭଳି···ବୟସ୍କ, ପୃଥୁଳ, କୃଷ୍ଣକାୟ ବ୍ୟକ୍ତି ଜଣେ ଆସନ୍ତି ଯାହାଙ୍କ ମୁହଁ ଦେଖିଲେ ମୋତେ ବାନ୍ତି ମାଡ଼େ । ଅଥଚ ତାଙ୍କରି ପାଖରେ ଘନିଷ୍ଠ ହୋଇ ବସି ଝରଣାଦି ଆଖି ନଚେଇ ମୁହଁ ହଲେଇ ମିଠା ମିଠା ଗଳାରେ ଯାହା ସବୁ କହନ୍ତି ଶୁଣିଲେ ହସ ମାଡ଼ିବ । "ଆପଣ ରିଏଲି ଜଣେ ଲେଡି-କିଲର୍···" ···"ଆପଣଙ୍କ ବାଳ କୁଣ୍ଡାଇବା ଷ୍ଟାଇଲ୍‌ଟା ମୋତେ କିନ୍ତୁ ଭାରି ଭଲ ଲାଗେ ମିଷ୍ଟାର୍ କାପାଡ଼ିଆ ! ଚମତ୍କାର ସତେ ଆପଣଙ୍କ ହେୟାର୍ ଗୁଡ଼ିକ !!"···କିମ୍ବା···"ଆପଣଙ୍କ ଫିଗର୍‌ର

ଇମିତ ଗୋଟାଏ ବିଶେଷତ୍ୱ ଅଛି—ସୁଟ୍ ପିନ୍ଧିଲେ ଯେମିତି ମାନେ, ଧୋତି-ପଞ୍ଜାବିରେ ବି······"

ଆଶ୍ଚର୍ଯ୍ୟ ! ଲୋକଟା କେମିତି ବୁଝି ପାରୁନି ଯେ ଝରଣାଦି ତାକୁ କେବଳ ଗୁଡ଼ାଏ ମିଛକଥା କହି ଚାଲିଛନ୍ତି !! ସେ ବିଶ୍ୱାସ କରୁଚି କେମିତି ? ···ନିତାନ୍ତ ଗୋଟାଏ ନିର୍ବୋଧ; ସେଥିରେ ପୁଣି ଯୋଉ ଅହଙ୍କାର··· ଯୋଉ ଫୁଟାଣି··· ! ଜୋର ଗଳାରେ କହେ ଲକ୍ଷେ ଟଙ୍କିଆ କଥା······। ସବୁବେଳେ 'ମୁଁ' ଆଉ 'ମୋର' ।

ତା ଅହଙ୍କାର ମୋ ପକ୍ଷରେ ଥିଲା ଅସହ୍ୟ । ଦିନେ ମୁହଁ ଖୋଲି କହି ବି ଦେଇଥିଲି ଝରଣାଦିଙ୍କି ସେଇକଥା ।

ସେ କିନ୍ତୁ ଟିକିଏ ଗମ୍ଭୀର ହୋଇ ଉତ୍ତର ଦେଇଥିଲେ—କାହାକୁ ମାନେ ମିଲିଟାରି ଡ୍ରେସ୍, କାହାକୁ ମାନେ ଧୋତି ଚାଦର । ସେହିପରି କାହାକୁ ମାନେ ବିନମ୍ରତା, କାହାକୁ ମାନେ ଅହଙ୍କାର । ମିଷ୍ଟର କାପାଡ଼ିଆଙ୍କୁ ଅହଙ୍କାରଟା ଭଲ ମାନେ ମଞ୍ଜୁ ! ଆଉ ମୁଁ, ମୁଁ ବି କଣ କମ୍ ଅହଙ୍କାରୀ ? ମୋର ତ ମନେହୁଏ ଅହଙ୍କାର ମୋର ଭୂଷଣ ! !—ଝରଣାଦି ଗଳାରେ ପିନ୍ଧିଥିବା ଦାମୀ ନେକ୍‌ଲେସଟାକୁ ଧରି କହିଲେ—ଏଇଟାକୁ ବାହାର କରି ଦେଲେ ମୋ ବେକ ଯେମିତି ଦେଖାଯିବ······ଅହଙ୍କାରକୁ ବାଦ୍ ଦେଲେ ମୁଁ ଠିକ୍ ସେହିପରି ଦିଶିବି । ମଞ୍ଜୁ, ଧର୍ମଶାସ୍ତ୍ର ପଢ଼ି ମୁଁ ବି କେତେଦିନ ଚେଷ୍ଟା କରିଥିଲି ବିନମ୍ରୀ ହେବା ପାଇଁ । କିନ୍ତୁ ମୋର ବନ୍ଧୁମାନେ କହିଲେ, ମୋତେ ମାନୁନି । ବିନମ୍ରୀ ହେଲେ ସେମାନଙ୍କୁ ଲାଗୁଚି—ଯେପରିକି ଚାର୍ଜି ପଡ଼ିଚି ମୁଁ—କୌଣସି କାରଣରୁ ଅବା ଫ୍ରସ୍‌ଟ୍ରେଟେଡ୍ ହୋଇ ଯାଇଚି ···

ନୀରବ ରହିଥିଲି ।

ମୋର ଜଣେ ବନ୍ଧୁ ଏହା ମଧ୍ୟ କହିଲେ,—ଝରଣା କହିଥିଲେ ଆହୁରି,— ଯେ ଯୋଉମାନଙ୍କୁ ମୋର ଅହଙ୍କାର ଉତ୍ତ୍ୟକ୍ତ କରୁଥିଲା·······

ସେଇମାନେଇ କୁଆଡ଼େ ମୋର ବନସ୍ଥ ଭାବ ଦେଖି ଦୁଃଖିତ । ଅର୍ଥାତ୍—ମନସ୍ତାତ୍ତ୍ୱିକ ଦିଗରୁ ସେମାନେ ମୋତେ ଅହଙ୍କାରୁଣୀ ଭାବେ ଦେଖିବା ପାଇଁ ଗ୍ରହାନ୍ତି । ସେଇଆ ସେମାନଙ୍କ ଅବଚେତନ ମନର ଇଚ୍ଛା । ଆହୁରି ବ ମୋର କଣ ମନେ ହେଉଥିଲା ଜାଣ,—ଯୋଉ ଜଣକ ଉପରୋକ୍ତ କଥା ମୋତେ କହିଲେ, ମୁଁ ବିନୀତ ହେବାରେ ସବୁଠାରୁ ବେଶୀ ଆପତ୍ତି ତାଙ୍କର ଏବଂ ସେ ମଧ୍ୟ ସେଇମାନଙ୍କ ଭିତରୁ ଜଣେ ।

ଆଉ ଜଣକୁ ତାଙ୍କ ପାଖକୁ ଆସିବାର ଦେଖିଚ, ସେ ହେଲେ ବିପତ୍ନୀକ ବାରଷ୍ଟର ମଣିମୟ ପଟ୍ଟନାୟକ । ଦିଲ୍ଲୀରେ ଥିଲେ ବହୁଦିନ । ପ୍ରାକ୍ଟିସ୍ କରୁଥିଲେ ସୁପ୍ରିମ କୋର୍ଟରେ । ପତ୍ନୀ ବିୟୋଗ ପରେ ଚାଲି ଆସିଚନ୍ତି କଟକ । ହାଇକୋର୍ଟରେ ପ୍ରାକ୍ଟିସ କରନ୍ତି ବର୍ତ୍ତମାନ । ବୟସ ହେବ ପଞ୍ଚାବନରୁ ବେଶୀ । ବାଳ ପ୍ରାୟ ଧଳା ହୋଇ ଯାଇଚି । ତେବେ, ରଙ୍ଗଟା ଦେହର ଗୋରା ତକ୍ ତକ୍; ବ୍ୟକ୍ତିତ୍ୱ ଅଛି ମୁହଁରେ । ଶୁଣିଚ, ତାଙ୍କର ଚାରୋଟି ପିଲା । ପୁଅ ଝିଅ ଠିକ୍ ସମାନ ସଂଖ୍ୟାରେ । ସମସ୍ତେ ପଢୁଚନ୍ତି । ଜଣେ ଲଣ୍ଡନ, ଜଣେ ଦିଲ୍ଲୀ, ଆଉ ଦୁଇଜଣ······ଦାର୍ଜିଲିଂରେ । ଭାରି ଆଭିଜାତ୍ୟ ମଣିମୟଙ୍କର; ଆସ୍ତେ ହସନ୍ତି, ଧୀରେ ଧୀରେ କଥା କହନ୍ତି ଇଂରାଜୀ ଢଙ୍ଗରେ; ସିଗାରେଟ୍ ଟାଣିବା ଭଙ୍ଗୀଟି ପର୍ଯ୍ୟନ୍ତ ତାଙ୍କର ପରିଚ୍ଛନ୍ନ ।

ଝରଣାଦି ତାଙ୍କ ଆଗରେ ଗପନ୍ତି ନିଜର ଅତୀତ ବଂଶ ଗୌରବ । ତାଙ୍କ ବଡ଼ବାପା କେବେ କୁଆଡ଼େ କୋଉ ଷ୍ଟେଟର ଦେଓ୍ୱାନ୍ ଥିଲେ, ରାଜାଙ୍କ ପ୍ୟାଲେସ ଗାର୍ଡମାନେ କୁଆଡ଼େ ସାଲ୍ୟୁଟ୍ ଦେଉଥିଲେ ଝରଣାଦିଙ୍କୁ । ରାଣୀ······ରାଜକନ୍ୟା······ଆଉ ରାଜ ଭଗିନୀମାନଙ୍କ ସହିତ ତାଙ୍କର ଘନିଷ୍ଠତା, ସ୍ୱୟଂ ଯୁବରାଜଙ୍କ ସହିତ ବଲ୍ ନାଚିବାର ଗୌରବ······ଏଇ ସବୁ ଜଣେ ଉତ୍ତର-ତିରିଶି (ଯଦିଓ ଦେଖିବାକୁ ବାଇଶି) ସୁନ୍ଦରୀ ମଞ୍ଚ-ନାୟିକା ମୁହଁରୁ ଶୁଣି ଶୁଣି ବାରଷ୍ଟର ପଟ୍ଟନାୟକଙ୍କ ଆଖି ଆଉ ମୁହଁରେ ଯୋଉ ଭାବ ଫୁଟି ଉଠେ, ତାହାର ଅର୍ଥ ବୁଝିବା କଠିନ ଥିଲା ମୋ ପକ୍ଷରେ । ଝରଣାଦିଙ୍କ

କଥା ସେ ବିଶ୍ୱାସ କରୁଥିଲେ କି ନା ଜାଣେନା, କିନ୍ତୁ ତାଙ୍କ ଅନୁପସ୍ଥିତିରେ ଝିରଣାଭ ଯେତେବେଳେ ମୋତେ କହୁଥିଲେ, ବାରିଷ୍ଟର ପଟ୍ଟନାୟକ ତାଙ୍କୁ ଇ ବାହା ହବା ପାଇଁ ଜିଦ୍ ଧରି ବସିଚନ୍ତି······ମୁଁ ସେ କଥା ଆଦୌ ବିଶ୍ୱାସ କରି ପାରୁ ନ ଥିଲି ।

ଶାଓ୍ୱାରର ଶବ୍ଦ ବନ୍ଦ ହୋଇଗଲା ବାଥ୍ ରୁମ୍ ଭିତରୁ । କିନ୍ତୁ ଶୁଭୁଥାଏ ଝିରଣାଭଙ୍କ ମିଠା ଗଳାର ଗୁଣୁ ଗୁଣୁ ଗୀତ । ପାଣି ଶବ୍ଦଟା ବନ୍ଦ ହୋଇ ଯିବାରୁ ସ୍ପଷ୍ଟ ଶୁଭୁ ଥାଏ ଏଥର—"ଦିଲ୍ ମେରା ଦିଓ୍ୱାନା······ ରୂପ ମେରା ମସ୍ତାନା······"

ବାରଣ୍ଡାରୁ ଉଠି ଆସିଲି ରୁମ ଭିତରକୁ । ସୁନ୍ଦର ଶୁଭୁଥାଏ ଗୀତଟା । ବାସ୍ତବିକ, ସେ ଗାଇ ପାରନ୍ତି ଚମତ୍କାର ।

ଗୀତ ବନ୍ଦ କରି ଭିତରୁ ମୋତେ ଡାକି ଦେଲେ ଝିରଣାଭ । ମଞ୍ଜୁ, ଶୁଖିଲା ଟାଓ୍ୱେଲ ଅଛି କିରେ ?

'ଦେଉଚି' କହି ଖୋଜିବାକୁ ଲାଗିଲି ।

କିନ୍ତୁ ଆମ ଦୁହିଁଙ୍କ ଜିନଷ ପତ୍ର ସବୁ ଇମିତି ଭାବେ ପଡ଼ିଚି ଯେ ପାଇଲି ନାହିଁ ଖୋଜି ଖୋଜି । ଗାଧୁଆ ଘରକୁ ସେ ଗଲାବେଳେ ଲକ୍ଷ୍ୟ କରିଥିଲି ତାଙ୍କ ହାତରେ ମୋର ଟାଓ୍ୱେଲ । ତେଣୁ ବର୍ତ୍ତମାନ ତାଙ୍କରଟା ଖୋଜିବାରେ ଲାଗିଲି ।

ଅଳ୍ପପରେ ଗଳାର ସ୍ୱର ଶୁଭିଲା ପୁଣି ବାଥ୍‌ରୁମ ଭିତରୁ । ପାଇଲୁକି ?

ସେ ଶୀତରେ ଥରୁ ନ ଥିଲେ । ଥରିଲପରି ସ୍ୱରଟାଇ ତାଙ୍କର ସବୁବେଳେ ଯାହା ପୁରୁଷମାନଙ୍କୁ ଆକର୍ଷଣ କରେ ବୋଲି ସେ ଭାବୁଥିଲେ ।

ଖୋଜୁ ଖୋଜୁ କହିଲି, ପାଉନି ଝିରଣାଭ ।

: ତୋ ଟାଓ୍ୱେଲ୍ ଦେଇ ଦେ' ନା··· !

: ମୋ'ର ତ ତମେ ନେଇଚ······

: ଓ'···ସୁଟ୍‌କେଶ୍ ଭିତରେ ରହି ଯାଇଚି ତା' ହେଲେ ମୋ'ରଟା······

: ତମ ସୁଟ୍‌କେଶ୍‌ତ ବନ୍ଦ ଅଛି । ଶୁଣ···

: ଶୁଣ ମୋ ପାଖରେ । ···ହଉ, ଆଉ, ଆଉ ।

ତା' ପରେ ଦରଜା ଖୋଲିବାର ଶବ୍ଦ ।

ବାହାରି ଆସିଲେ ଝରଣାଦି ।

ସବୁଜ ରଙ୍ଗର ଭିଜା—ଟର୍କିସ୍—ଟାଓ୍ୱେଲରେ ଗୁଡ଼ି ପାଖରୁ ଜାନୁ ଯାଏ ତାଙ୍କର ଆବୃତ । ଆଖିର ଚାହାଣୀରେ ବାରଣ୍ଡା ପାଖ ଖୋଲା ଦରଜାକୁ ଦେଖେଇ ହସି ପକାଇ କହିଲେ : ଏସ୍‌.... ! ବନ୍ଦକର ବନ୍ଦକର୍ । ଆଉ, ଏଇ ସବୁ ଝରକା ବି··· ।

ସେଇପରି ଟାଓ୍ୱେଲ ଦେହରେ ବସି ପଡ଼ି ସୁଟକେଶ୍ ଖୋଲିଲେ ସେ । ପ୍ରଥମେ ଦରଜାଟା ବନ୍ଦ କରିଦେଇ ମୁଁ ତା'ପରେ ଗୋଟିକ ପରେ ଗୋଟିଏ ଛଅନୋଟିଯାକ ଝରକା ବନ୍ଦ କରିବାରେ ଲାଗିଲି । ଡାକ-ବଙ୍ଗଳା ଘର ପାଖର ପରିବେଶ ଅବଶ୍ୟ ଜନ୍ମ୍ନ-ପ୍ରାପ୍ତ । ତଥାପି·· କାଳେ କେହି କୌତୁହଳୀ ଯଦି ଇଆଡ଼େ ଆସି ପଡ଼େ !

ବନ୍ଦବାନ୍ଦ କରି ଫେରି ଚାହିଁ ଦେଖେ ତ, ମନ୍ଥର-ଗତି ଫ୍ୟାନ୍ ତଳେ ଡ୍ରେସିଂ ଟେବୁଲ୍‌ର ପ୍ରକାଣ୍ଡ ମିରର୍ ଆଗରେ ଠିଆ ହୋଇ ରୁମାଲ୍‌ପରି ସ୍ଲେଟ ଗୋଟିଏ ତଉଲିଆରେ ଦେହ ପୋଛୁ ହଉଚନ୍ତି ଝରଣାଦି । ଅଣ୍ଟା ତଳକୁ ସେଇ ଓଦା ଟାଓ୍ୱେଲ ଘେରା । ଗୁଣୁ ଗୁଣୁ ଗୀତର ଅସଂଲଗ୍ନ ଭଗ୍ନାଂଶ ପୁଣି ରହି ରହି ବାହାରୁଚି ଗଳାରୁ—"ଦିଲ୍ ମେରା ଦିଓ୍ୱାନା···" ତା' ପରେ....ଟିକଏ ରହି, "ଗାଧୋଇଲେ ମୋତେ ଭାରି ଭଲ ଲାଗେରେ

ମଞ୍ଜୁ...” ପୁଣି ସ୍ୱର...“ରୂପ୍ ମେଖ ମସ୍ତାନା...” ତା’ ପରେ ସିଧା ମୋ ଆଡ଼କୁ ଫେର ଚାହିଁ, “ଆସିଲୁ, ଆସିଲୁ ଏଇଠିକ ଟିକଏ...”

ପାଖକୁ ଗଲି । ଗ୍ରୁତ ପୋଛୁବା ଶେଷକର ତଉଲିଆ ସେତେବେଳେ ସେ ବବ୍ ବାଲରେ ଘଷୁଚନ୍ତି । ଗର୍ବୋନ୍ନତ ପୀବର ସ୍ତନ ଦୁଇଟି ନାଚ ଉଠୁଚ ଦେହର ଦୋଳନରେ ଯାହାର ପ୍ରତିବିମ୍ବ ମୁଁ ଦର୍ପଣରେ ଦେଖିବାକୁ ପାଉଥିଲି ପଛ ଆଡ଼ୁ ।

ମିରର୍ ଆଗରେ ଥିବା ଗ୍ଲେଟ ଷ୍ଟୁଲରେ ବସି ପଡ଼ି ସେ ଉଇଲଆଟି ମୋ ହାତକୁ ବଢ଼ାଇ ଦେଲେ । ନିର୍ବିକାର ଭାବରେ କହିଲେ, ପିଠିରେ ଟିକଏ ପାଉଡର ମାଖି ଦେଲୁ ମଞ୍ଜୁ ।

ମୁଁ ଡ୍ରେସିଂ ଟେବୁଲ୍ ଉପରୁ ପାଉଡର ଡବା ଆଉ ପଫ୍‌ଟା ଉଠାଇଚ, ସେ ଧର ପକାଇଲେ ମୋ ହାତ ଆଉ କାଢ଼ି ନେଲେ ପଫ୍‌ଟି ।

: ନାଁ, ଏଥିରେ ନୁହେଁ, ଖର ଶିର ଶିର ଲଗେ ମୋତେ । ଡବାରୁ ଝାଡ଼ି ଝାଡି ଏହିପର ହାତ ପାପୁଲିରେ ଆଉଁସି ଦେ’... ।

କପର ଆଉଁସିବ ବତାଇ ଦେବା ପାଇଁ ପାଉଡ଼ର ଟିକଏ ମୋ ବାହୁ ଉପରେ ଢ଼ାଳି ଦେଇ ନଜେ ଘଷି ଦେଲେ ସେ ନରମ କର ।

ତା’ ପରେ ମୁଁ ମୋ କାମ କର ଚାଲିଲି । ତେମ୍ପ ଧର ଗୋଲାପଫୁଲ ଘୂରେଇଲା ପର ଝରଣାବ ପଫ୍‌ଟାକୁ ନଜ ନାକ ଆଗରେ ଘୁରେଇ ଘୁରେଇ ଆଘ୍ରାଣ କରୁ ଥାଆନ୍ତି ଆଉ ଗୁଣୁ ଗୁଣୁ ହଉଥାଆନ୍ତି; ସେଇ ଗୀତ ।

ଧୀରେ ଧୀରେ ପିଠି ଉପରେ ପାଉଡ଼ର ମାର ଦେଉଥାଏ ମୁଁ । ପିଠି ପାଖ ଶେଷ ହେବା ପରେ ପାଉଡର ଡ଼ବାଟା ଉଠେଇ ସେ ନଜେ ଲଗେଇଲେ ତାଙ୍କ କାଖ ତଳେ । ତା’ ପରେ ପୁଣି ସେଟା ମୋ ହାତରେ ଦେଇ ଦର୍ପଣକୁ ଚାହିଁ କହିଲେ ; ସାମ୍‌ନା ପାଖଟା ମାଖି ଦେ ।

ପ୍ରଥମେ ମୁଁ ଠିକ୍ ବୁଝି ପାରିଲି ନାହିଁ । ଠିଆ ହୋଇ ରହିଥିଲି ତାଙ୍କ ପଛରେ । କଣ କରିବି ଠିକ୍ କରି ପାରୁ ନ ଥାଏ । ସେ କହିଲେ, ଦେ ଗ୍ରୀବ, ପେଟ, ଚାରିଆଡ଼େ ଦେଇ ଦେ ।

ଜଣେ ଝିଅ ହୋଇ ମଧ୍ୟ ଅନ୍ୟ ଜଣେ ଝିଅର ଗ୍ରୀବରେ ପାଉଡର ମାଖିବାକୁ ଯିବା ଯେ ଅଶାଳୀନତା ତାହା ମୁଁ ଜାଣିଥିଲି ମହିଳା । କଲେଜ ହଷ୍ଟେଲ୍‌ରେ ପରୀକ୍ଷା ସମୟରେ ପଢ଼ାପଢ଼ିର ସୁବିଧା ପାଇଁ ଦୁଇମାସ ରହିବାର ଅବସରରେ ।

ଚାରି ଜଣିଆ ରୁମ୍‌ରେ ମୋ ସହିତ ଅନ୍ୟ ଯୋଉ ତିନି ଜଣ ଥିଲେ— ଶୁକ୍ଲା ରାଉତରାୟ, ସ୍ମୃତିଲେଖା ପାଣି ଆଉ ପ୍ରତିମା ଜେନା…ସେମାନଙ୍କ ଭିତରେ ଥିଲା ଅତ୍ୟଧିକ ଘନିଷ୍ଠତା । ତିନିହେଁ ଗାଧୋଇସାରି ଦିନେ ପରସ୍ପରକୁ ପାଉଡ଼ର ମାଖି ଦଉ ଥାଆନ୍ତି । ପଡ଼ିଗଲା ହଷ୍ଟେଲ୍ ସୁପରିଣ୍ଟେଣ୍ଡେଣ୍ଟ କୁମାରୀ ଶୋଭା ଦେଙ୍କ ଆଖି । ସିଏ ଯୋଉ ଗାଳି ! ! !

ମିସ୍ ଦେ ଚାଲି ଗଲା ପରେ ନିଜ ନିଜ ଭିତରେ ଅବଶ୍ୟ କୁହାକୁହି ହେଲେ ସେମାନେ—"ନମ୍ବର ୱାନ୍ ବଦ୍‌ମାସ ଶୋଭାଦେଈ……" "ଜଘନ୍ୟ ମହିଳା…" "…କୁମାରୀ ବୋଲାଏ; ଅଥଚ ଅଛି ନିଜର ଗୋଟିଏ କୋଡ଼ିଏ ବର୍ଷ ବୟସର ପୁଅ । କଲିକତାରେ ପଢ଼ାଉଛି ତାକୁ । ମଝିରେ ମଝିରେ ଯାଇ ଦେଖାକରି ଆସେ । ସତୀ ପଣିଆ ଦେଖାଉଛି ବୁଢ଼ୀ !"… "ବୃଦ୍ଧା—ବେଶ୍ୟା ତପସ୍ୱିନୀ…" "ଶାନ୍ତ ଆଉ ଉପମା ବାଥରୁମ୍‌ରେ କବାଟ ବନ୍ଦକରି ସାଙ୍ଗ ହୋଇ ଗାଧୋଉଛନ୍ତି, ସେଟା ଆଖିରେ ପଡ଼ୁନି…' "ଜ୍ୟୋତ୍ସ୍ନା-ଅର୍ଚ୍ଚନା ଗୋଟିଏ ବେଡ଼ରେ ସାଙ୍ଗ ହୋଇ ଶୋଉଛନ୍ତି… ସେଟା ତା' ସତର୍କ ଦୃଷ୍ଟିରୁ ଏଡ଼େଇ ଯାଉଛି…; ଆଉ ଖାଲି ଆମେ ପାଉଡର ମଖାମଖି ହେଲୁ ବୋଲି……' "ଆଖିରେ ପଡୁନି କାହିଁକି, ଆଖି ବୁଜି ରହିଚି କହ । ଶାନ୍ତ-ଉପମା ଜ୍ୟୋତ୍ସ୍ନା-ଅର୍ଚ୍ଚନାଙ୍କ ସାଙ୍ଗରେ ବୁଢ଼ୀର କିଛି ଥିବ ନା !"

ସେତେବେଳକୁ ରୁମ୍ ନମ୍ବର ଫାଇବ୍‌ରେ ବାଣୀ ଦଉ ଆସି ପହଞ୍ଚି ଯାଇ ଥିଲେ ଷ୍ଟଟ୍ ଉପରେ । ଉପର ଶ୍ରେଣୀ ଛାତ୍ରୀ ହୋଇଥିବାରୁ ଏମାନେ ତାଙ୍କୁ ମାନନ୍ତି । ଜାଣନ୍ତି ଆହୁରି ବି ଯେ ଇଏ ପ୍ରତିଦ୍ୱନ୍ଦିତା କରିବେ ଆସନ୍ତା ନିର୍ବାଚନରେ କଲେଜର କଲ୍‌ଚରାଲ୍ ସେକ୍ରେଟେରୀ ପଦ ପାଇଁ ଏବଂ ଧାରଣା, ନିଶ୍ଚୟ ନିର୍ବାଚିତ ହେବେ ମଧ୍ୟ । କୁମାରୀ ଦେଙ୍କ ବିରୁଦ୍ଧରେ ବାଣୀ ଦଉଙ୍କ ପାଖରେ ଅନୁଯୋଗ ଆରମ୍ଭ କରି ଦେଲେ ଶୁକ୍ଲା, ସ୍ମୃତି ଆଉ ପ୍ରତିମା ।

ମିସ୍ ଦଉ ହସ ଗ୍ରସି କହିଥିଲେ, ବାସ୍ତବିକ୍, ବଡ଼ ଦୁଃଖର ବିଷୟ । ସହସ୍ନାନ, ସହଶୟନ···ଏ ସବୁ ହେଲା ତାମସିକ ; ମାତ୍ର ଭସ୍ମ-ବିଲେପନ ଭଳି ଗୋଟାଏ ନିତାନ୍ତ ଆଧ୍ୟାତ୍ମିକ ବ୍ୟାପାର ଭିତରେ କିପରି ଯେ 'ଗ୍ରିଇସ୍' ଦେଖିବାକୁ ପାଉଛନ୍ତି ଶୋଭା ଦେ , ଆଶ୍ଚର୍ଯ୍ୟ ! ! !

ପାଉଡ଼ର୍ ମଖାମଖି ସମ୍ବନ୍ଧରେ ମୋ ଜ୍ଞାନଚକ୍ଷୁର ପ୍ରଥମ ଉନ୍ମୀଳନ ସେଇ ଦିନଠୁ ।

ଟେଲ୍‌କମ୍ ପାଉଡ଼ରର ଲମ୍ବା ଡ଼ବାଟା ହାତରେ ଧରି ଝରଣାଦିଙ୍କ ପିଠି ପଟେ କିଂକର୍ତ୍ତବ୍ୟବିମୂଢ଼ ଭାବେ ଠିଆ ହୋଇ ଦର୍ପଣରେ ପ୍ରତିବିମ୍ବିତ ତାଙ୍କ ବାଦାମୀ ବର୍ଣ୍ଣର ବକ୍ଷ-ବୃନ୍ତ ଆଡ଼କୁ ଚାହିଁ ରହିଥିଲି ଆଉ ଭାବୁଥିଲି ଏତେ ବୟସ୍କା ହେବା ସତ୍ତ୍ୱେ ବି କିପରି ତାହା ଅନମନୀୟ ରଖି ପାରିଚନ୍ତି ସିଏ !

ତାଙ୍କ ପ୍ରତିବିମ୍ବର ଆଖି ମୋ ଆଡ଼କୁ ଚାହିଁଲା । ଦେ' ନା ; ଭାବୁଚୁ କଣ ?

ଅଗତ୍ୟା, ସମସ୍ତ ଲଜ୍ଜା···ବ୍ରୀଡ଼ା···ସଙ୍କୋଚ···କଟାଇ ଉଠି ଧୀରେ ଧୀରେ ସେଠି ପାଉଡ଼ର୍ ଛିଞ୍ଚିଲି ମୁଁ । ଶୃଙ୍ଗ ଆଚ୍ଛାଦିତ ହୋଇ ଗଲା ଚୂର୍ଣ୍ଣ ତୁଷାରର ରେଣୁରେ !!

: ବେଶ୍ ବେଶ୍, ସେତିକି !···ଢାଳିବାକୁ ବାରଣ କଲେ ଝରଣାଦି; —ଏଥର ମାଖିଦେ ।

ଗୋଟିଏ ହାତରେ ତ୍ୱାଲଟା ଧରି ଆର ହାତରେ—ପ୍ରଥମେ ତାଙ୍କ ବେକ-ତଳ, ତା'ପରେ ସ୍ତନର ମଝାମଝି···ପାଉଡ଼ର୍ ସବୁ ଆଉଁସି ଆଉଁସି ମିଳାଇବାକୁ ଲାଗିଲି ।

ହାତରେ ମୋର ତ୍ୱାଲଟା କାଢ଼ି ନେଲେ ସେ ! ହଁ' ପାଖଡ଼ରେ ଦୁଇ ପାପୁଲି ଦେଇ ଘଷି ଦେ । ବହୁତ୍ ପାଉଡ଼ର୍ ଦେଇ ଦେଇଚୁ !!

ସେ ଯାହା ଗ୍ରହିଁଥିଲେ ସେଇଆ ମୋତେ କରିବାକୁ ହେଲା । ଅନନ୍ତଚମତ୍କାର ଅଭୂତପୂର୍ବ ସେଇ ଅନୁଭୂତି । ନୂତନ ଏକ ସ୍ୱାଦ, ନୂତନ ଏକ ଉଦ୍ଘାଟନ । ମୁଁ ପ୍ରତିବିମ୍ବକୁ ଗ୍ରହୁଁଥିଲି ବାରମ୍ବାର । ମୋ ଲମ୍ବା ଗୋରା ସରୁ ସରୁ ଆଙ୍ଗୁଳିର ନେଲ୍-ପଲିସ୍-କରା ଅଗ୍ନି-ବର୍ଣ୍ଣ ନଖ ସବୁ ଯେପରିକି ଏକ ପାଶବିକ ଆହ୍ୱାନର ପ୍ରତ୍ୟୁତ୍ତର ଦେବା ପାଇଁ ଚଞ୍ଚଳ ହୋଇ ଉଠିଥିଲେ । ଭାବୁଥିଲି, କ'ଣ ସହିତ ତୁଳନା କରିବି ସେଇ ନିଷ୍ପେଷିତ ନ'ଧର ଅଙ୍ଗର ଲାବଣ୍ୟକୁ । ଭାରତୀୟ ରମଣୀର ଊର୍ଦ୍ଧ୍ୱାଙ୍ଗ ସନ୍ଦର୍ଶନରେ ତ ଦିଶାହରା ହୋଇ କହି ପକାଇ ଯାଇଚନ୍ତି ଇ. ଏମ୍. ଫଷ୍ଟର୍ "ବ୍ରେଷ୍ଟ୍ସ୍ ଲାଇକ ମ୍ୟାଙ୍ଗୋଜ୍ !!"

: ରହ ।···ଝୁଙ୍କି ପଡ଼ି ଡ୍ରେସିଂ ଟେବୁଲର ତଳ ଦରଜାଟା ଖୋଲି ଦେଲେ ଝରଣାଦି । ବାହାର କଲେ ହ୍ୱିସ୍କି ବୋତଲ । ଗ୍ରେଟ ଦୁଇଟି ଗ୍ଲାସ୍ ବ କାଢ଼ିଲେ । ତା'ପରେ ସୋଡା ବୋତଲ ଦୁଇଟି । ଆଜିକାର ଅଭିନୟରେ ମୋ ସାଫଲ୍ୟକୁ ଆମେ ସେଲିବ୍ରେଟ୍ କରିବା···

: କିନ୍ତୁ ମୁଁ ତ······

ମୋତେ ଇତସ୍ତତଃ ହେବାର ଦେଖି ସେ ହସିଲା । : ବସ୍ ଏଠି ।

ମୁଁ ଠିଆ ହୋଇ ରହିଥାଏ ।

ପାଖରେ ପଡ଼ିଥିବା ଚେଆର୍ ଆଡ଼କୁ ନିର୍ଦ୍ଦେଶ କରି କହିଲେ, ବସ ନା ।··· ଭାରି 'ସାଏ' ! ତୋ'ରି ଭଳି ଝିଅମାନେ ପ୍ରେମରେ ପଡ଼ନ୍ତି ଖୁବ୍

ସହଜରେ ଆଉ ଠକନ୍ତି ଖୁବ୍ ବେଶୀ । ଏ ଲାଇନ୍‌ରେ ଏତେ 'ସାଧୁ' ହେଲେ ଚଳିବ ?

ଅଗତ୍ୟା ମୁଁ ବସିଲି ।

ସମ ପରିମାଣ ସୋଡ଼ା ଆଉ ହୁଇସ୍କି ସେ ମିଶାଇଲେ ଦୁଇଟି ଯାକ ଗ୍ଲାସ୍‌ରେ । ଈଷତ୍ ରକ୍ତିମ ଫେନ-ଚୂଡ଼ ପାନୀୟର ଦୃଶ୍ୟଟାଇ ମୋ ମନରେ ସେତେବେଳକୁ ଯଥେଷ୍ଟ ଖୁସି ସଞ୍ଚାର କରି ସାରିଚି । ନିଜକୁ କାହିଁକି କେଜାଣି ସେଇ ମୁହୂର୍ତ୍ତିରେ ମନେ ହେଲା ଭାରି ଅସହାୟ; ମନେ ହେଲା ବର୍ତ୍ତିମାନ ମୁଁ ଝିଅରଣାଢ଼ଙ୍କ କବଳରେ ।

ସେ ବଢ଼ାଇ ଦେଲେ ଗୋଟିଏ ଗ୍ଲାସ । ଯନ୍ତ୍ର ଚାଳିତ ପରି ନେଇ ନେଲି, ଯେପରିକି ହିପ୍‌ନୋଟାଇଜଡ୍ ହୋଇ ଯାଇଚି !

ମୋ ଗ୍ଲାସରେ ଗ୍ଲାସ ଛୁଆଇଁ ସେ କହିଲେ, ତୋର ଭବିଷ୍ୟ ସାଫଲ୍ୟ ପାଇଁ ।

ମୋତେ ଚୁପ୍ ରହିବାର ଦେଖି ପୁଣି କହିଲେ, କହ । ତୁ ବି କିଛି କହ ।

କହି ପକେଇଲି ଫର ଇଓ୍ୱୋର ସାକ୍‌ସେସ୍ ଟୁ ନାଇଟ୍ !

: ଏଇତ ଖୁବ୍ ସ୍ମାର୍ଟ ହେଇ ଉଠିଚୁ ! ବାଃ !! ନେ ସିପ୍ କର । ଅଳ୍ପ ଅଳ୍ପ ପିଇବୁ ଗରମ ଚ଼ା' ଖାଇବା ଭଳି...

: ନିଶା ଆସି ଯିବନି ତ ?

: ଫୁଲ୍ ! ଆରେ ନିଶା ଆଣିବା ପାଇଁ ତ ଏ ଜିନିଷଟା ।

: କିନ୍ତୁ ଯଦି...

: କିଛି ହେଲେ ମୁଁ ଅଛି । ପି' ନା !

ଓଠ ଲଗେଇଲି ଗ୍ଲାସରେ ।

ଟିକିଏ ଜଳାଲା ଜଳାଲା ଲାଗୁଚି । ତା'ଛଡ଼ା ଆଉ ବିଶେଷ କିଛି ନୁହେଁ ତ !

ଦେଖିଲି, ଝରଣାଦି କିନ୍ତୁ ତାଙ୍କ ଗ୍ଲାସରୁ ଏକା ଢୋକକେ ଏକ ଚତୁର୍ଥାଂଶ ପାନୀୟ ଗଳାଧଃକରଣ କରି ସାରିଚନ୍ତି ! ! !

ଭୟ ଲାଗିଁ ଯାଇଛି ମୋର ।

ସିପ୍ କରିବାକୁ ଲାଗିଲି···।

ମଦିର-ମୋହି ଆଖିରେ ମୋ ଆଖିକି ଚାହିଁ ସେ ପଚାରିଲେ, ତୋ ଦେହରେ···ତୁ କେବେ ପୁରୁଷର ସ୍ପର୍ଶ ପାଇଚୁ ମଂଜୁ··· ?

ଚୁପ୍ ରହି ପୁଣି ଗ୍ଲାସ ଲଗେଇଲି ଓଠରେ । ବେଶୀ ସମୟ ଲଗେଇ ରଖିଲି ଅବଶ୍ୟ···। କାରଣ ଗ୍ଲାସରୁ ଓଠ କାଢ଼ିଲେଇ ତ କିଛି ଗୋଟାଏ ଉତ୍ତର ଦେବାକୁ ପଡ଼ିବ ।

ମାତ୍ର ଗ୍ଲାସ କାଢ଼ିଲେ ଯେପରି ଉତ୍ତର ଦେବାକୁ ପଡ଼ିବ, ଲଗେଇ ରଖିଲେ ବି ଯେ ସେଇପରି ପିଇବାକୁ ହେବ ।

ତେଣୁ ଗ୍ଲାସ୍‌ଟା ଓଠରୁ କାଢିଲି ।

କିନ୍ତୁ ଏଇ ଅବସରରେ ତ ଭାବି ପାରିନି କଣ ଉତ୍ତର ଦେବି ତାଙ୍କ ପ୍ରଶ୍ନର ।

( ଉତ୍ତର ଦେବା ପାଇଁ ସମୟ ନେବାକୁ କୂଟନୀତିଜ୍ଞମାନେ ଆଲୋଚନା ସମୟରେ ପାନୀୟ-ଗ୍ଲାସ୍ ବା ଚୁରୁଟକୁ ଅଧିକ କ୍ଷଣ ଓଠରେ ଚାପି ଧରନ୍ତି ବୋଲି ଶୁଣିଚି ! )

: 'ପୁରୁଷର ସ୍ପର୍ଶ' ମାନେ···କ'ଣ, ଠିକ୍ ବୁଝି ପାରୁଚୁ ତ ? ମାନେ···ତୁ ଆଜି ମୋତେ ଯୋଉଭଳି ପାଉଡ଼ର ମାଖୁଥିଲୁ···କେହି ପୁରୁଷ ତୋତେ ସେପରି···

: ମୁଁ···ପୁରୁଷମାନଙ୍କ ସଂସ୍ପର୍ଶରେ କେବେ ଆସି ନାହିଁ ଝରଣାଦ୍ଦ··· । ନାଚଚ, ଗାଇଚ ଆଉ ଅଭିନୟ ବି କରିଚ ମୁଁ । କିନ୍ତୁ ସବୁ କିଛି ଝିଅମାନଙ୍କ ସାଙ୍ଗରେ ।

: ଖୁବ୍ ବଞ୍ଚି ଯାଇଚୁ ; ରକ୍ଷା ପାଇଚୁ ମଂଜୁ । ପୁରୁଷମାନଙ୍କ ସଂସ୍ପର୍ଶ ଭାରି ଭୟାବହ ।

: ମାନେ ?

: ମାନେ, ସେମାନେ ଭଲ ପାଇ ଜାଣନ୍ତିନି । ସେମାନଙ୍କ ବସ୍ତୁରେ ଭଲ ପାଇବାର ଅର୍ଥ, କେବଳ ଭଲ ଭାବେ ପାଇବା । ଆହୁରି ମଧ୍ୟ, ଥରେ ଜଣକୁ ଭଲ ଭାବରେ ପାଇ ସାରିବା ପରେ ସେମାନେ ତାକୁ ନିଃଶେଷିତ ମଦ ବୋତଲପରି ପରିତ୍ୟାଗ କରି ଥାଆନ୍ତି ।

କିନ୍ତୁ ଶେଷ ପର୍ଯ୍ୟନ୍ତ ନାରୀ ପକ୍ଷରେ ପୁରୁଷହିଁ ତ କାମ୍ୟ ଝରଣାଦ୍ଦ ।

: ଭୁଲ୍ । ଏଇ ଧାରଣା ଖାଲି ଗୋଟାଏ ପୁରାତନ ସଂସ୍କାର । ଏଥିରେ ଯୁକ୍ତି ନାହିଁ; ପରମ୍ପରା ରହିଚ । ଯେଉଁମାନେ ଗୃହାନ୍ତ 'କୁଳବଧୂ' ହେବା ପାଇଁ, ଯୌବନରେ 'ସ୍ୱାମୀ' ନାମକ ଜଣେ ପୁରୁଷର ଆଉ ବାର୍ଦ୍ଧକ୍ୟରେ 'ସନ୍ତାନ' ନାମଧେୟ ଆଉ ଏକ ପୁରୁଷ୍କାରର ଅଧିନସ୍ଥ ଭୃତ୍ୟା ଭାବେ ଖୋଜି ବସନ୍ତି ଜୀବନର ସାର୍ଥକତା···ସେଇ ମୂର୍ଖମାନଙ୍କ ପାଇଁ କେବଳ ଶେଷ ପର୍ଯ୍ୟନ୍ତ ପୁରୁଷହିଁ କାମ୍ୟ ।

: ତଥାପି ଝରଣାଦ୍ଦ···

: ତଥାପି···"ଜଣେ ଚିର-କୁମାରୀ ରହିବାକୁ ଚାହିଁଲେ ବି, ତା'ର ଦେହ ଅଛି ଆଉ ରହିଚ ଦେହର ଦାବୀ···" ଏଇଆ କହିବୁ ତ ? କିନ୍ତୁ ମଂଜୁ, ନାରୀ ଦେହର ସେଇ ଦାବୀ ଜଣେ ନାରୀ ମଧ୍ୟ ପୂରଣକରି ପାରେ ।

: ପୁରୁଷମାନଙ୍କ ସାଙ୍ଗରେ ଆମର ଆଉ ସମ୍ପର୍କ କ'ଣ ତା' ହେଲେ ?

: ସମ୍ପର୍କ ଖାଲି ଖେଳିବାର ଆଉ ପାଇବାର ।

: ଖେଳିବାର ଆଉ ପାଇବାର ?

: ବେଶ୍ ସେତିକି । ଅନ୍ୟ କିଛି ନୁହେଁ । ଆମପରି ଝିଅ, ଯୋଉମାନେ ସ୍ୱାଧୀନ ରହିବାକୁ ଚାହାନ୍ତି....ସେମାନଙ୍କର ପୁରୁଷ ସହିତ ସମ୍ପର୍କ କେବଳ ବସ୍ତୁଗତ ହେବାଇ ଉଚିତ । ଦେହଗତ ଯଦି କୌଣସି କ୍ଷେତ୍ରରେ ହୁଏ, ସେଇଟା ଗୌଣ । ଉଦ୍ଦେଶ୍ୟ ସେଠି ଦେହର ପିପାସା, ମୁଖ୍ୟ କେବଳ ପ୍ରାପ୍ୟର ପରିମାଣଟାଇ ।

ସରି ଯାଇଥିଲା ତାଙ୍କ ଗ୍ଲାସ୍ । ବୋତଲ ଖୋଲି ଢାଳିଲେ ସେ । ମୋତେ କହିଲେ ନେବା ପାଇଁ । ମୋର କିନ୍ତୁ ଅଧା ବି ଶେଷ ହୋଇ ନ ଥାଏ । ମନା କରୁ କରୁ ତଥାପି ସେ ଜୋର କରି ଭରି ଦେଲେ ମୋ ଗ୍ଲାସ୍‌ଟା । ବାଧା ଦେବାକୁ ଚାହୁଁ ଥିଲେ ବି ବାଧା ଦେଇ ପାରିଲିନି, କାରଣ କଣାରେ ଆକ୍ରାନ୍ତ ହୋଇ ଆସିଥିଲା ମୋ ମସ୍ତିଷ୍କ, ଦେହ ନଗରୀର ଶିରାର ଗଳି-ପଥରେ ଅନୁଭବ କରୁଥିଲି ଅଶାନ୍ତ ଶୋଭାଯାତ୍ରାର ବିକ୍ଷୁବ୍ଧ ଆଲୋଡ଼ନ, ପ୍ରଶିରାର ଅନ୍ଧ ଉପ-ଗଳି ପଥରେ ଶୁଣିବାକୁ ପାଉଥିଲି ବିସ୍ଫୋରଣର ପ୍ରତିଧ୍ୱନି ! ! ଗୋଟିଏ ବାକ୍ୟରେ ମୁଁ ଆଉ ମୋ ଭିତରେ ନ ଥିଲି ! ! !

ସେ ପିଇ ଚାଲିଲେ, ଆଉ ମୁଁ ବି ।

: ମଂଜୁ, ହୁଇସ୍‌କି କହିଚନ୍ତି—ମାଦକ ବି ଈଶ୍ୱରଙ୍କ ସୃଷ୍ଟି । ଡେଭିଲ୍ ଡିଡ୍ ନଟ୍ କ୍ରିଏଟ୍ ଇଟ୍, ଗ'ଡ୍ କ୍ରିଏଟେଡ୍ ଇଟ୍..... !

: ଏଭ୍ରିଥିଙ୍ଗ୍ କ୍ରିଏଟେଡ୍ ବାଇ ଗ'ଡ୍ !

: ସୋ, ନଥିଙ୍ଗ୍ ଇଜ୍ ୱାଇସ୍ ; ମଣିଷର କାମନା...ବାସନା... କୌଣସି କିଛି । କିନ୍ତୁ ତୋ ଗ୍ଲାସ୍ ଯେ ଖାଲି ହୋଇ ଆସିଲାଣି । ନେ',... ଆହୁରି ନେ'... ।

: ତଥ । କିନ୍ତୁ ତମେ କଣ ପ୍ରତିଦିନ ହୁଇସ୍କି ପିଅ ଫରଣାଦ ?

: ସିଓର ! ଅରେ ତା' ନ ହେଲେ କଟକ ସହର ପେଟିନ୍ ସାହିର ମୁଁ ଫରଣା ରାସ୍ତ କିମିତ ମନେ କରିବ ଯେ ଆଜ ମୁଁ ଅବନ୍ତୀର ରାଜକୁମାରୀ କି କାଲି କେଉଁ କୋଟିପତିର ସହ-ଧର୍ମିଣୀ ? କିମିତ ଭାବ ନେବି ଏକାଉଣ୍ଟେଣ୍ଟ୍ ରବୀ ପଟ୍ଟନାୟକଙ୍କୁ ବାଦଶାର ରାଜକୁମାର ବୋଲି ବା କିରାନୀ ଶଙ୍କର୍ଷଣ ମହାପାତ୍ରଙ୍କୁ ବିଦେଶ ଫେରନ୍ତା ଇଂଜିନିଅର—ଯେଉଁମାନଙ୍କ ସାଙ୍ଗରେ ମୋତେ 'କଳାବତୀ' ବା 'ଲୁସି' ସାଜି ପ୍ରେମ କରିବାକୁ ହେବ 'ନାଭୃତ'ରେ······ଅର୍ଥାତ୍ ହଜାରେ ଦର୍ଶକଙ୍କ ହଜାରେ ଯୋଡ଼ା ଆଖି ଆଗରେ ?

: କିନ୍ତୁ ପ୍ରତିଦିନ ତ ତମକୁ ଅଭିନୟ କରିବାକୁ ହୁଏନା ଯେ ଏଇ ଏକ୍ସପେନ୍ସିଭ ଜିନିଷ ପ୍ରତିଦିନ ପିଇବାକୁ ହେବ !

: ହୁଏ···ହୁଏ··· । ଷ୍ଟେଜ୍‌ରେ ନ ହେଲେ ବୈଠକ୍ ଖାନାରେ । ପ୍ରାୟ ପ୍ରତି ସଂଧ୍ୟାରେଇ । ହୁଏତ ଥିଏଟର୍ ଅଛି, ନଚେତ୍ ରିହାର୍ସେଲ୍ ଅଛି । କିଛି ନ ଥିଲେ ତ ଅଛି ଅନ୍ତତଃ ନିଜର ବୈଠକ୍‌ଖାନାରେ ବସି ପ୍ରେମିକ ବା ଆତ୍ମାୟୁାସ୍ୱରମାନଙ୍କ ଗପ୍ଟି ଶୁଣିବାର ଅଭିନୟ କରିବା ଦାୟିତ୍ୱ ! ତା' ଛଡ଼ା ଆହୁରି ବି ଯେ ଅଛି କ୍ଲବ୍, ବା'ର, ନନ୍ଦନ-କାନନ, କୋଣାର୍କ ବା ଗୋପାଳପୁର···। ଯୋଉମାନଙ୍କ ସାଙ୍ଗରେ ଯୋଉମାନଙ୍କ ଟଙ୍କାରେ ସେଠିକି ଯାଏ, ସେମାନଙ୍କୁ କମ୍ପେନି ଦେବାର ଅଭିନୟଟା ତ ଅନ୍ତତଃ କରିବାକୁ ପଡ଼େ··· । କରିବାକୁ ପଡେ ପ୍ଲିଜ୍ କରିବାର ଅଭିନୟ, ସେମାନଙ୍କ ବ୍ୟବହାରରେ ପ୍ଲିଜ୍‌ଡ୍ ହେଇଚି ବୋଲି-ସୋ-ଅପ୍ କରିବାର ଅଭିନୟ । ଅଭିନୟର ମୁଁ ଯେ ଏକ ଅବତାରରେ ମଂଜୁ !

ହସି ଉଠିଲେ ଫରଣାଦ । ଡ୍ରୟାର୍ ଖୋଲି ବାହାର କଲେ ସୁନ୍ଦର ପ୍ୟାକେଟ୍‌ଟିଏ । ମେ' ପୋଲ୍ । ଗ୍ରେଟ ଗ୍ରେଟ ଲେଡ଼ିଜ୍ ସିଗାରେଟ୍ । ଲାଲ୍ ରଙ୍ଗର ଫିଲ୍‌ଟର । : ଟାଣିବୁ ?

ମୋ କାନ ପାଖରେ ତାଙ୍କ ମୁହଁ ରଖି ଝିରଣାଦ କହିଲେ, କୋଉ ପୁରୁଷ ମୋ ଅପେକ୍ଷା ତୋତେ ଅଧିକ ସୁଖ ଦେଇ ପାରିବନି ମଂଜୁ ! ମୁଁ ତୋତେ ଭଲ ପାଏ···ଭଲ ପାଏ···ଭଲପାଏ । ବ-ହୁ-ତ୍ ଭଲ ପାଏ । ତୁ କଣ ଟିକିଏ ହେଲେ ଭଲ ପାଉନା ମୋତେ ?

: ପାଏ ଝିରଣାଦ । କିନ୍ତୁ ଏ ସବୁ କଣ ?

: ଏଇ···ତୋତେ ବୁଝାଇ ଦେଉଛି···

ତକିଆ ତଳୁ ପ୍ଲାଷ୍ଟିକ୍ ପୋର୍ଟ ଫୋଲିଓଟା ଟାଣି ବାହାର କରି ଆଣିଲେ ସେ । 'ଜିପ୍' ଖୋଲି କାଢ଼ିଲେ ଭିତରୁ ଫୋଟୋ-ଆଲ୍‌ବମ୍‌ଟିଏ ।

: ଦେଖ୍, ଏ ସବୁ ଆମେରିକାର ଲେଟେଷ୍ଟ ପର୍ଣ୍ଣୋଗ୍ରାଫିକ୍ ଆର୍ଟ୍ !

ଦେଖିଲି ବିଭିନ୍ନ ପ୍ରକାର ମିଳନ-ଭଙ୍ଗୀରେ ଯୁଗଳ ନାରୀ-ମୂର୍ତ୍ତି । ଏଇ ଧରଣର ଛବି ଅବଶ୍ୟ ଆଗେ ବି ମୁଁ ଦେଖିଥିଲି ହଷ୍ଟେଲ୍‌ରେ ଥିଲା ବେଳେ—ମୋର ଦୁଇ ବିବାହିତା ବାନ୍ଧବୀ ରାଣୀ ଆଉ ବନଜାଙ୍କ ଟ୍ରଙ୍କ୍‌ରେ । ଦୈବାତ୍ ଦେଖି ପକାଇଥିଲି; କିନ୍ତୁ ସେ ସବୁରେ ଜଣେ ନାରୀ ସହିତ ଅନ୍ୟ ଜଣେ ପୁରୁଷ······ ।

: ପୁରୁଷର ସାହଚର୍ଯ୍ୟ ଦରକାର ନାରୀର କେବଳ ଉତ୍ତର-ପୁରୁଷ ସୃଷ୍ଟି କରିବା ପାଇଁ । ଛବି ଗୁଡ଼ିକ ଦେଖାଉ ଦେଖାଉ କହି ଚାଲିଲେ ଝିରଣାଦ, —କିନ୍ତୁ ପ୍ରେମ କରିବା ପାଇଁ···ଭଲ ପାଇବା ପାଇଁ···ଏପରିକି ଦେହର ଆନନ୍ଦ ପାଇଁ ମଧ୍ୟ ନାରୀ ଆଉ ପାଶ୍ଚାତ୍ୟ ଦେଶରେ ଆଜିକାଲି ପୁରୁଷର ସାନ୍ନିଧ୍ୟକୁ ଅତ୍ୟାବଶ୍ୟକ ମନେ କରେନା । ମଂଜୁ, ପୁରୁଷମାନଙ୍କ ଅପେକ୍ଷା ଆମର ଆବେଗ ଅଧିକ ନିବିଡ଼ ଓ ଗମ୍ଭୀରତର । ପୁରୁଷର ଅଛି ଖାଲି ଉଦ୍ଦାମତା । ସେମାନେ ଭଲ ପାଇ ଜାଣନ୍ତିନି, ଖାଲି ଉପଭୋଗ କରି ଜାଣନ୍ତି । ସେମାନେ ଆମଠାରୁ ପାଇବାଟା ଜାଣନ୍ତି, କିନ୍ତୁ ଆମକୁ ଦେଇ ପାରିବା କ୍ଷେତ୍ରରେ ସେମାନଙ୍କର ରହିଛି କାର୍ପଣ୍ୟ । ପୁରୁଷମାନଙ୍କ ସମ୍ବନ୍ଧରେ

ତୋର ଅଭିଜ୍ଞତା ନାହିଁ, କିନ୍ତୁ ମୁଁ ଜାଣେ ସେମାନେ କଣ; ଜାଣେ ସେମାନଙ୍କ 'ଭଲ ପାଇବା'ର ଉଦ୍ଦେଶ୍ୟ ! ! ଆମ ଭିତରେ ସେମାନଙ୍କ ଅବତାର ରୂପ ନେଇ, ଏତିକି ଖାଲି ସେମାନେ ଗ୍ରହାନ୍ତି । ମସ୍ତବଡ଼ ଗୋଟାଏ ଆତ୍ମସନ୍ତୁଷ୍ଟି ସେଇଟା ସେମାନଙ୍କର; ସେଇ ସେମାନଙ୍କ ଅହଙ୍କାର ସେଇଥିରେ ସେମାନଙ୍କ ପୌରୁଷର ସାର୍ଥକତା । ଆମର ଆବେଗ, ଆମର ନିବିଡ଼ ଭଲପାଇ ବାର ପ୍ରତିବଦଳରେ ସେମାନେ ଆମକୁ ଉପହାର ଦେବାକୁ ଗ୍ରହାନ୍ତି ଗୋଟାଏ ଦାୟିତ୍ୱ । ସମ୍ପର୍କ ବୈଧ ହେଉ କିମ୍ବା ଅବୈଧ ହେଉ, ଏତିକି ସେମାନେ ଗ୍ରହାନ୍ତି । ଏସବୁ ମୁଁ ବହିରୁ ପଢ଼ି କହୁନି; ମୋର ଅଭିଜ୍ଞତା-ପ୍ରସୂତ ଅଭିଜ୍ଞାନ ଏଇ । ଏଇ ଜ୍ଞାନ ମୁଁ ଆହରଣ କରିନି ପୁରୁଷମାନଙ୍କ ସମ୍ବନ୍ଧରେ ବହି ପଢି—ମୁଁ ସେଇମାନଙ୍କୁ ବହି ପରି ପଢ଼ିଚି—ପଢ଼ିଚି ସେମାନଙ୍କ ଦେହ···, ମନ···ପଢ଼ିଚି, ସେମାନଙ୍କ ଚେତନ-ଅବଚେତନ-ଅଚୈତନ୍ୟ ମନଃସ୍ତତ୍ତ୍ୱର ରହସ୍ୟ ।

:ତମର ଏଇ ସିଦ୍ଧାନ୍ତ ପଛରେ କଣ ନିର୍ଦ୍ଦିଷ୍ଟ କୌଣସି ଅନୁଶୀଳନ ରହିଛି ଝରଣାଦି ?

:ପ୍ରତିଟି ସିଦ୍ଧାନ୍ତର ପରପେକ୍ଷୀ ଥାଏ । ଆଜି ମନେ ପଡ଼େ ମଞ୍ଜୁ, ସେଇ ସୁଦୂର ଅତୀତର ଦିନଗୁଡ଼ିକ ମୋର । ମୋର ସେଇ ପ୍ରଥମ କୈଶୋର ଥିଲା ସବୁଜ ଉପତ୍ୟକା ପରି ସୁନ୍ଦର । ତୋ'ର ବୟସ ମୋର ସେତେବେଳେ···କିମ୍ବା, ହୁଏତ ଆହୁରି ଟିକିଏ ବେଶୀ ହେବ । ପକ୍ଷାଘାତ ରୋଗଗ୍ରସ୍ତ ହୋଇ ଅକ୍ଷମହେଲେ ବାପା । କଲେଜ ଯିବା ବନ୍ଦ ହେଲା ମୋର । ଶିକ୍ଷାଳୟରୁ ପ୍ରେକ୍ଷାଳୟ । ଦ୍ରେଟକ ଥିଲେ ସହରର ଜଣେ ବୟୋବୃଦ୍ଧ ବିଶିଷ୍ଟ ନାଟ୍ୟାଚାର୍ଯ୍ୟ । ସେତେବେଳକୁ ଭାଙ୍ଗି ଯାଇଚି ଏକଦା-ବିଖ୍ୟାତ ଏଇ ନାଟ୍ୟକାରଙ୍କ ନିଜସ୍ୱ ଥିଏଟର ଦଳ । ତେବେ ବିଭିନ୍ନ ନାଟ୍ୟାନୁଷ୍ଠାନକୁ ଯାଆନ୍ତି ସେ ନିର୍ଦ୍ଦେଶନା ଦେବା ପାଇଁ । ସହରରେ ସେତେବେଳକୁ ଗଢ଼ି ଉଠିଚି ବହୁ ସୌଖିନ୍ ନାଟ୍ୟଦଳ । ତେଣୁ ଡାଇରେକ୍ସନ୍ ଦେଇ ପ୍ରଚୁର ଉପାର୍ଜ୍ଜନ ହୁଏ ତାଙ୍କର । ଚତୁର୍ମାସ୍ୟା ବାଦ ଦେଇ ବର୍ଷର ଆଉ ଆଠମାସ

ପ୍ରାପ୍ୟ ଲାଗି ରହିଥାଏ ଡାକରା । ତା' ଛଡ଼ା ସେ ନୃତ୍ୟ ଆଉ ଗୀତରେ ମଧ୍ୟ ପ୍ରବୀଣ ଥିବାରୁ ପ୍ରାକ୍-ବିବାହ ବୟସୀ କେତେ ଗ୍ରୁନୀ ମଧ୍ୟ ପାଉଥିଲେ ମୋଟା ଅଙ୍କର ଟିଉସନ୍ ଫି' ସହ ।

ନାଟ୍ୟାଚାର୍ଯ୍ୟ ମହାଶୟ ଥିଲେ ବାପାଙ୍କର ଜଣାଶୁଣା । ଦିନେ ଆସି କହିଲେ, ଅବିନାଶ ବାବୁ ଝିଅକୁ ମୋତେ ଦିଅନ୍ତୁ । ମୁଁ ତା' ଭିତରେ ବିରାଟ ଏକ 'ସମ୍ଭାବନା' ଦେଖିବାକୁ ପାଉଛି । ଯୋଉମାନଙ୍କର ଖାଲି ରୂପ ଅଛି, ସେଇମାନେ ସିନା ଶୀଘ୍ର ବାହା ହେଇ ପଡ଼ି ବୋହୂ ସାଜି ଜଣକର ହେଇ ରହିବା କଥା । କିନ୍ତୁ ରୂପ ସହିତ ପ୍ରତିଭା ଅଛି ଯାହାର, ସେ ଜଣର ନୁହେଁ, ଗଣର । ମୋର ତୃତୀୟ ଚକ୍ଷୁ ଦେଖି ପାରିଚି ଝରଣା ଭିତରେ ଲୁଚି ରହିଥିବା ଅସାମାନ୍ୟ ପ୍ରତିଭାକୁ । ଆପଣ ତାକୁ ଛାଡ଼ି ଦିଅନ୍ତୁ ମୋ ହାତରେ, ଦେଖିବେ ଚିରଦିନ ପାଇଁ ନାଟ୍ୟ-ବିପ୍ଳବର ଇତିହାସରେ ଲିପିବଦ୍ଧ ହୋଇ ରହିବ ଓଡ଼ିଶାର ରଙ୍ଗମଞ୍ଚରେ ନବ-ନାଟ୍ୟ ଆନ୍ଦୋଳନ ପ୍ରତି ତାହାର ଅବଦାନ ।

କଟକ ସହରର କୁଳ-ବୃଦ୍ଧ ଭାବେ ଅଭିହିତ ଏହି ନାଟ୍ୟାଚାର୍ଯ୍ୟ ସେତେବେଳେ ସେଠାକାର ପ୍ରାୟ ସବୁ ଅଭିଜାତ ପରିବାରର ନେଚୁରାଲ୍ ଗାର୍ଜେନ୍ ବା ମୁରବି ରୂପେ ପରିଚିତ ଥିଲେ କହିଲେ ଚଳେ । ସମସ୍ତେ ମାନୁଥିଲେ ତାଙ୍କୁ—କରୁଥିଲେ ବିଶ୍ୱାସ ଆଉ ସମ୍ମାନ ବି । ସବୁ ଝିଅଙ୍କର ତ ସେ ଥିଲେ କମନ୍ ଅଜା ।

"ଗଣ-ନାଟ୍ୟ ସଂଘ"ର ନୂତନତମ ଅବଦାନ "ଶତାବ୍ଦୀର ଜୟଯାତ୍ରା" । ସେଇଥିରେ ମୋତେ ନାୟିକା ହେବାକୁ ପଡ଼ିବ ।

ନାଟ୍ୟାଚାର୍ଯ୍ୟଙ୍କ ସହିତ ତାଙ୍କର ଘୋଡ଼ାଗାଡ଼ିରେ ଘରୁ ପ୍ରତିଦିନ ରିହାର୍ସେଲ୍‌କୁ ଯାଏ, ଫେରି ଆସେ ତାଙ୍କରି ସାଙ୍ଗରେ । ସଂଘର ସଦସ୍ୟମାନେ ଯେପରି ମୋ ସହ ଘନିଷ୍ଠ ହୋଇ ନ ପାରନ୍ତି ସେଥିପ୍ରତି ସତର୍କ ଦୃଷ୍ଟି ତାଙ୍କର ସଦାବେଳେ । ବାପାଙ୍କଠାରୁ ପରା ସେ ମୋର ଦାୟିତ୍ୱ ନେଇଛନ୍ତି .....

ସମାଜବାଦରେ ବିଶ୍ୱାସୀ ବୋଲି ଦାବୀ କରୁଥିବା କେତେଜଣ ଯୁବକଙ୍କର ପ୍ରତିଷ୍ଠାନ ଥିଲା ସେଇ ନାଟ୍ୟସଂଘ । ସେମାନେ ରାଜନୀତି କରୁଥିଲେ । ଅନୁଷ୍ଠାନଟି ଥିଲା କେବଳ ସେମାନଙ୍କ ସାଂସ୍କୃତିକ ପ୍ରବୃତ୍ତିର ଶାଖା ମାତ୍ର । ସେମାନଙ୍କ ଭିତରେ ନେତୃତ୍ୱ ନେଉ-ଥିଲେ ଯୋଉ କେତେଜଣ, ସେମାନେ ସମସ୍ତେ ଅବଶ୍ୟ 'ବୁର୍ଜୋୟା' ପରିବାରର । ଯୌବନ ଚାହେଁ ଉତ୍ତେଜନା । କଟକ ଭଳି ସହରରେ, ଯୁବକ ଯୋଉ ଧରଣର ଉତ୍ତେଜନା ସବୁ ଚାହେଁ···ତାହାର ବିଶେଷ ଅଭାବ ଥିବାରୁ ବୋଧହୁଏ ଏଇ ବୁର୍ଜୋୟା ସନ୍ତାନଗଣ ସମାଜବାଦୀ ଆନ୍ଦୋଳନକୁ ଉତ୍ତେଜନାର ମାଧ୍ୟମ ହିସାବ ଧରି ନେଉଥିଲେ । କାରଣ, କେବଳ ମୁହଁର କଥା ଛଡ଼ା ଅନ୍ୟ କୌଣସି କାର୍ଯ୍ୟ କଳାପରେ ସେମାନଙ୍କର ସମାଜବାଦ ପରିଲକ୍ଷିତ ହେଉ ନ ଥିଲା; ଅବଶ୍ୟ ଯେତିକି ମୁଁ ଲକ୍ଷ୍ୟ କରିଚି ସେଇ କେତେଦିନ ସେମାନଙ୍କ ସାଙ୍ଗରେ ମିଶି···। ରିକ୍‌ସାବାଲାଙ୍କୁ ଯଥାସମ୍ଭବ କମ୍ ପ୍ରାପ୍ୟ ଦେବାର ଚେଷ୍ଟା, ମୂଲ୍ୟବାନ ପୋଷାକପତ୍ର ପରିଧାନ, ସେମାନଙ୍କ ଭିତରୁ କାହା ବାପା କୋଉ କାର କିଣୁଚନ୍ତି, ଏ ବର୍ଷ କୋଉ ମଡେଲର ଗାଡ଼ିଟା ସବୁଠାରୁ ଭଲ ପଡ଼ିବ, ଦାମ୍ ବେଶୀ ହେଉ ପଛେ··· ଏଇ ଆଲୋଚନା ନିଜ ନିଜ ଭିତରେ, ଚା'ଆଣିବାର ଡେରି ହେଲେ ସେ ଯୋଉ ଅକଥ୍ୟ ଗାଲି ଗୁଲଜ ସଂଘର ପିଅନ ବିଚାରିକୁ । ଯୋଉମାନଙ୍କ ସହିତ ବ୍ୟକ୍ତିଗତ ବା ନୀତିଗତ କଳହ ସେମାନଙ୍କ ବିରୁଦ୍ଧରେ ମନ୍ତବ୍ୟ ଦେବାକୁ ଯାଇ କାହାର କ୍ୱାଲିଫିକେସନ୍ କମ୍···, କିଏ ଜାତିରେ ବା ଚାକିରିରେ ଛୋଟ, କିଏ ଖାଇବାକୁ ପାଏ ନାହିଁ ବା କାହାର ଚେହେରା ଅସୁନ୍ଦର ବୋଲି ଆକ୍ଷେପ କରିବା—ଏଇ ସବୁରୁ ମୋର ଧାରଣା ହୋଇ ଥିଲା ଯେ ସେମାନେ ତଥା କଥିତ ସମାଜବାଦୀ ! ଥାଉ ସେ କଥା ।

ଦିନେ ରିହାର୍ସେଲରେ ମୋ ଉପରେ ଭାରି ରାଗିଗଲେ ନାଟ୍ୟାଚାର୍ଯ୍ୟ ମୁଁ କୁଆଡେ ଠିକ୍ ଭାବେ ତାଙ୍କ ଡ଼ାଇରେକ୍‌ସନ୍ ଫଲୋ କରି ପାରୁନି । ଆଖିରୁ ମୋର ଝରି ପଡ଼ିଲା ଦି'ଟୋପା ଲୁହ । ଭାଙ୍ଗି ପଡ଼ିଲି ଦୁଃଖରେ । ଭାବିଲି, ଏତିକିରେ ମୋ ଅଭିନେତ୍ରୀ ଜୀବନର ଇତିଶ୍ରୀ ହୋଇ ଯିବାଇ ଭଲ ।

ମୋତେ କାନ୍ଦିବାର ଦେଖି ସେ ବନ୍ଦ କରି ଦେଲେ ସେ ଦିନର ରିହର୍ସେଲ ।

ଘୋଡ଼ା ଗାଡ଼ିରେ ତାଙ୍କ ସାଙ୍ଗରେ ଫେରିଲି । ସେ ବାଟ ମଝିରେ କହିଲେ ବହୁ କ୍ଷଣର ଦୀର୍ଘ ନୀରବତା ପରେ ।

: ମୋଟେ ତ ଏଇ ଆଠଟା ବାଜିଛି । ବର୍ତ୍ତମାନ ଘରକୁ ଯିବୁ କଣ, ଚାଲ ବରଂ ମୋ ବସାକୁ । ତୋତେ କେତେକ ବିଷୟ କହିବି ।

ତାଙ୍କ ଘରେ ପହଞ୍ଚି ସେ ମୋତେ ନେଇ ଗଲେ ଶୋଇବା ରୁମ୍ ଭିତରକୁ । ପୂଜାରିକି ଡ଼ାକି କହିଲେ କେହି ଖୋଜିଲେ କହିଦେବୁ ଘରେ ନାହିଁ । ତା'ପରେ ମୋତେ ପାଖରେ ବସାଇ ବୁଝାଇବାକୁ ଲାଗିଲେ । କହିଲେ ଝରଣା, ତୁ ଖୁବ୍ ଭଲ କରୁଚୁ ଅନ୍ୟ ସବୁ ସିନ୍‌ରେ । କିନ୍ତୁ ଏ ସିନ୍‌ଟାରେ କାହିଁକି ଯେ ତୋର ଏପରି ହେଲା······।

: ଏଇ ପ୍ରକାର ସିନ୍‌ରେ·······—ଦ୍ୱିଧା-ଜଡ଼ିତ ଗଳାରେ କହିଲି, ମୁଁ ଫ୍ରି ହୋଇ ପାରୁନି ।

:ଇମିତି ସବୁ······ମାନେ ଏ ଧରଣର ଲଭ୍ ସିନ୍ ତ ସବୁ ନାଟକରେ ରହିଚି ଆଉ ରହିବ ଏବଂ ନାୟିକା ଭାବରେ ଏହାକୁ ପ୍ରାଣବନ୍ତ କରିବାର ଦାୟିତ୍ୱ ମଧ୍ୟ ମୁଖ୍ୟତଃ ନିର୍ଭର କରିବ ତୋ ଉପରେ । ଆଚ୍ଛା, ତୁ କଣ କେବେ ପ୍ରେମ କରିନୁ ଝରଣା ? ମାନେ କୌଣସି ପୁରୁଷ ସହିତ ତୋର କିଛି······

(ଅଭିନେତ୍ରୀ-ଜୀବନର ପ୍ରଥମ ପାହାଚରେ ବୋଧହୁଏ ଏ ପ୍ରକାର ପ୍ରଶ୍ନର ସମ୍ମୁଖୀନ ହେବାପାଇଁ ପଡ଼େ । ଝରଣାଦିଙ୍କୁ ପଚାରିଥିଲେ ନାଟ୍ୟାଚାର୍ଯ୍ୟ ଆଉ ଆଜି ପଚାରିଲି ସାରଚନ୍ଦ୍ର ମୋତେ ଝରଣାଦି ନିଜେ ଏଇ କିଛି କ୍ଷଣ ଆଗରୁ ! !)

ମୁହଁ ତଳକୁ ପୋତି କହିଲି: ନାଁ ।

: ବୁଝିଲି; କିନ୍ତୁ ଝରଣା, ତାହେଲେ ତ ଆଗେ ତୋତେ ଭଲ ପାଇବାକୁ ପଡ଼ିବ......ପ୍ରେମ କରିବାକୁ ପଡିବ ।

ନିଜକୁ ବିପଦାପନ୍ନ ମନେ କଲି । ମୋର ଇତଃସ୍ତତ ଭାବ ଦେଖି ସେ କହିଲେ, ଅନ୍ତଃତ ମନେ ମନେ । ତା' ନ ହେଲେ ତୁ ସଫଳ ଅଭିନେତ୍ରୀ ହୋଇ ପାରିବୁନି ।

କଣ ଆଉ କହିବି ତାଙ୍କୁ ?

ସେ ମୋତେ ପ୍ରବୋଧ ଦେଲେ, ତୋ ଭିତରେ ମୁଁ ଦେଖିଚି ଅନ୍ତଃନିହିତ ଏକ ଅସାଧାରଣ ପ୍ରତିଭା । ଦିନେ ତୁ ନିଶ୍ଚୟ ହେବୁ ଓଡ଼ିଶାର ସର୍ବଶ୍ରେଷ୍ଠ କଳାକାର । ମନେ ମନେ ନିଜକୁ ପ୍ରେମିକା ବୋଲି ଭାବ୍...... ମନେ ମନେ ଭଲ ପାଅ......ତୁ ହେଇ ପାରିବୁ ସଫଳ ଅଭିନେତ୍ରୀ ।

: କହିଲି ଲଭ୍ ସିନ୍ ବୋଧହୁଏ ମୋ ଦ୍ୱାରା ହେବନି ।

: କାହିଁକି ହେବନି ? ଅଲବତ୍ ହେବ । ନିଶ୍ଚୟ ହେବ ସେ ଜୋର୍ ଦେଇ କହିଲେ । ଠିକ୍ ଅଛି; ବର୍ତ୍ତମାନ ତୁ ରିହାର୍ସେଲ୍ କର ତ......ମୋ ସାଙ୍ଗରେ......ଏଇଠି ।

ଦରଜା ଆଉଜାଇ ଦେଇ ସେ ନିଜେ ବହି ଧରି ବସିଲେ । ଜାଳି ଦେଲେ ଫ୍ଲୋରେସେଣ୍ଟ ଲାଇଟ୍‌ଟି......।

: ସିନ୍‌ଟା ତ ବୁଝିଚୁ । ପୁଣି ଥରେ ଶୁଣ—ବର୍ତ୍ତମାନ ପରିସ୍ଥିତି ଏଇ ପ୍ରକାର—ଶୁଭ୍ରା ସାଙ୍ଗରେ ଅଭୟର ବାହାଘର ହେଇ ଯାଇଚି । ଅଭୟ ଶୁଭ୍ରାକୁ ଭଲ ପାଏ.. ...ଏକାନ୍ତ ଭାବେ ନିଜର କରିନେବାକୁ ଚାହେଁ । ମାତ୍ର ଶୁଭ୍ରାର ମନେ ପଡୁଚି ଏଇ ବାସର ଘରେ......ତା' କୁମାରୀ ଜୀବନର ପ୍ରେମିକ ସୌମିତ୍ରକୁ । ନକ୍ସଲାଇଟ୍ ନେତା ସୌମିତ୍ର ମହାପାତ୍ର......। ଶ୍ରୀ କାକୁଲମ୍ ଜେଲ ଡେଇଁ ପଳାଇବା ପରେ ଯିଏ ବର୍ଷେ ହେଲା ନିଖୋଜ ! ...ମୋ ମୁହଁକୁ କିଛିକ୍ଷଣ ଚାହିଁରହିଲେ ନାଟ୍ୟାଚାର୍ଯ୍ୟ । ଟିକିଏ ରହି କହିଲେ —ବର୍ତ୍ତମାନ ତୁ 'ଶୁଭ୍ରା' ଆଉ ମୁଁ ଏଇନେ ଏଠି 'ଅଭୟ' । ଡ଼ାଇରେକ୍ସନ

ଦେଇ ଦେଇ ମୋର ତ ଡ଼ାୟଲଗ୍ ମୁଖସ୍ଥ ହୋଇ ଯାଇଚି······ବନ୍ଧି ନ ଧରି କହି ଦେଇ ପାରିବି । ତୋର ମନେ ଅଛି ତ ?

: ଅଛି ।

: ଆରମ୍ଭ କରାଯାଉ ତା' ହେଲେ । ବାସର ଘରର ପରିବେଶ ଆଣିବା ପାଇଁ ଫ୍ଲୋରେସେଣ୍ଟ ପରିବର୍ତ୍ତେ (ଆଉଜା ଘର ଭିତରେ ଏ ପର୍ଯ୍ୟନ୍ତ ଜଳୁଥିଲା ସେଟା) ଅଳ୍ପ ପାୱାରର ବ୍ଲୁ ବଲ୍ଟା ଜାଳି ଦଉଚି ମୁଁ ବରଂ । ହୁଁ ବେଶ୍ ହେଲା ଏତିକି ଆଲୁଅ । ଆଚ୍ଛା ପ୍ରଥମେ ତ ମୋର । ଅଳ୍ପ ଓଢ଼ଣା ଦେଇ ତୁ ବସିରହି ପଲଙ୍କ ଉପରେ ଏମିତି ମୁହଁ ତଳକୁ କରି । ମୁଁ ଦରଜା ପାଖରୁ ଆସିବି······

ସେ ଯାହା କହିଲେ ସେଇଆ କରିବାକୁ ହେଲା ମୋତେ । ନାଟ୍ୟାଭ୍ୟାସ ଆରମ୍ଭ କଲେ ତାଙ୍କ ରୋଲ୍ ।

ଧୀରେ ଧୀରେ ଆସି ପ୍ରଥମେ ଟେକି ଧରିଲେ ମୋ ଚିବୁକ ।

: ଶୁଭ୍ରା······

ରୋଲ୍ ଅନୁଯାୟୀ ତାଙ୍କ ମୁହଁକୁ ମୁଁ ଚାହିଁ ରହିଲି ଖାଲି ।

ସେ ମୋ ଗାଲ ଆଉଁସିଲେ । ତା'ପରେ ଦୁଇ ହାତର ଅଞ୍ଜଳିରେ ଟେକି ନେଲେ ତାଙ୍କ ମୁହଁ ପାଖକୁ ମୋ ମୁହଁଟା । ମୋ ରାଣ, କଥା କୁହ ।

(ଶୁଭ୍ରା ତଥାପି ନୀରବ ରହିବ !)

:କହିବନି ? ତମେ କଣ ସୁଖୀ ହୋଇନ ମୋତେ ବିବାହ କରି ?

:ସୁଖୀ ମୁଁ ହେଇଚି ।

:କିନ୍ତୁ ମୁଁ ଜାଣେ······

:କଣ······?

:ଜାଣେ, ତମେ କଣ ବର୍ତ୍ତମାନ ଭାବୁଚ ।

:କିଛି ଭାବୁ ନାହିଁ ।

:ଖବୁଚ ସୌମିତ୍ରକୁ ।

:ମୁଁ ତାକୁ ବହୁତ ବନୁ ଭୁଲିଚ ।

:ନାଁ, ଭୁଲି ନାହିଁ । ଭୁଲି ଯିବା ଉଚିତ ମଧ୍ୟ ନୁହେଁ । କାରଣ ନାରୀର ଜୀବନରେ ସ୍ୱାମୀ ସବୁବେଳେ ଶ୍ରେଷ୍ଠ ପୁରୁଷ ହୋଇ ନପାରେ । ସେ କେବଳ ସ୍ୱାମୀ । ଖାଲି ଶ୍ରେଷ୍ଠ କାହିଁକି, ଏକମାତ୍ର ପୁରୁଷ ମଧ୍ୟ ସେ ନ ହୋଇ ବି ପାରେ ।

:ମୁଁ ଅପରାଧୀ, ମୋତେ କ୍ଷମା କର ତମେ······କ୍ଷମା କର······

:ତମର ଏଇ ଦେହ ଯାହା ଦିନେ ଥିଲା ଏକାନ୍ତ ଭାବେ ସୌମିତ୍ରର ······ତାହାକୁ ମୁଁ ଜୋର କରି କବଳିତ କରିବାକୁ ଚାହିଁବି ନାହିଁ ଶୁଭ୍ରା, ଖାଲି ସ୍ୱାମୀତ୍ୱର ଅଧିକାରରେ । ଆଜି ସାରା ରାତି ଉନ୍ନିଦ୍ର ହୋଇ ଅପେକ୍ଷା କରି ରହିବି (ସେ ଯାଉଁ ଗଲେ ମୋ ପାଖରୁ)······ଆଉ ଯଦି ଆବଶ୍ୟକ ହୁଏ ରାତି ପରେ ରାତି······ଦୂରେଇ ରହି ଖାଲି ଆଖି ପୂରାଇ ଦେଖୁଥିବି ତୁମକୁ······ଯେ ପର୍ଯ୍ୟନ୍ତ ସ୍ୱଇଚ୍ଛାରେ ନିଜକୁ ମୋତେ ସମର୍ପଣ ନ କରିଚ······!

ଉଠିଯାଇ ହାତ ଧରିଲି ତାଙ୍କର । କହିଲି ଛି···,ଏଇ ରାତି ତମ ପାଇଁ; ଆଉ ମୁଁ ବି ତମର । ମୋତେ ଅପରାଧୀ କରନାହିଁ । ଆସ, ଶୋଇବାକୁ ଆସ······।

ସେ ମୋ ପିଠି ଉପରେ ହାତ ରଖିଲେ । ଆସ୍ତେ ଆସ୍ତେ ନେଇଗଲେ ବିଛଣା ପାଖକୁ । ଶୁଆଇ ଦେଲେ । ପାଖରେ ବସି ରହିଲେ ମୋର ଦୁଇ ହାତକୁ ନରମ ଭାବେ ଧରି । ମୁହଁ ପାଖକୁ ତାପରେ ମୁହଁ ନୁଆଁଇ ଆଣିଲେ ଧୀରେ ଧୀରେ । ଶୁଭ୍ରା, ଏଇ ଆଲୋକ ମୁଁ ଚାହେଁନା । ଚାହେଁ, ତମକୁ ଅନ୍ଧକାର ଭିତରେ ଦେଖିବା ପାଇଁ······।

ତା'ପରେ ବେଡ୍ ସୁଇଚ୍ ଟିପି ନାଲି ଆଲୁଅଟା ସେ ନିଭାଇ ଦେବାର କଥା । ପର ମୁହୂର୍ତ୍ତରେ ଅବଶ୍ୟ ମସ୍ତବଡ଼ ଟର୍ଚ୍ଚ ଲାଇଟ୍ ପଡ଼ିବ ଝରକା କାଚ ଦେଇ ମୁହଁ ଉପରେ ମୋର । ସେଠି ଅନ୍ୟ କେହି ନୁହେଁ, ସୌମିତ୍ର···!

ତେବେ ସେ ସବୁ ପ୍ରଶ୍ନ ବର୍ତ୍ତମାନ ଉଠୁନାହିଁ । "ଚାହେଁ ତମକୁ ଅନ୍ଧକାର ଭିତରେ ଦେଖିବା ପାଇଁ…"ଏହିଠାରେ ରିହାର୍‌ସେଲ ବନ୍ଦ ହେବା କଥା ।

ସୁଇଚ୍ ଅବଶ୍ୟ ସେ ଅଫ୍ କଲେ ନାହିଁ । ଏବଂ ବେଡ୍ ସୁଇଚ୍ ତାଙ୍କର ନ ଥିଲା ବି । କିନ୍ତୁ ଡାୟଲଗ୍ ଶେଷ କରି ସେଇ ପରି ମୁହଁ ପାଖରେ ମୁହଁ ରଖି ଆଖିରେ ଆଖି ମିଳେଇ ଚାହିଁ ରହିଥାଆନ୍ତି ସେ । କିଛି ସମୟ ପରେ କହିଲେ……

:ଧୀରେ ଧୀରେ ଆଖି ବୁଜିଦେ'……।

:କାହିଁକି ?—ମୁଁ ପଚାରିଲି । ଇମିତିତ ଲେଖା ନାହିଁ ବହିରେ !

: ମୋ ଇଚ୍ଛା ଅନୁସାରେ ବହିର ଡାଇରେକ୍‌ସନ୍ ଦିଆଯିବ । କଣ ଜାଣେ ସେ ଲେଖକ ? ଏଇ ପ୍ରକାର ସିନ୍‌ରେ ଡାୟଲଗ୍ କିଛି ନୁହେଁ, ଏକ୍‌ସନ୍‌ଇ ପ୍ରଧାନ । ନିଜକୁ ଶୁଭ୍ରାର ଚରିତ୍ର ସାଙ୍ଗରେ ମିଶେଇ ଦେଇ… ନିଜକୁ ଶୁଭ୍ରା ବୋଲି ମନେ କରି ଚାଲ୍… । ମୁଁ ତୋର ସ୍ୱାମୀ ଅଭୟ । ବାସର ରାତିର ମୁହୂର୍ତ୍ତ ଏ । ଯାହା କହୁଛି କରି ଯା । ଆସ୍ତେ ଆସ୍ତେ ଆଖି ବନ୍ଦ କର୍ ତ । ହଁ, ବେଶ୍ ସେଇ ପରି ଆଖି ବୁଜି ଶୋଇ ରହ । ହୁଁ,…ହେଲା…; ବେଶ୍…, ଚମତ୍କାର…… !

ଗାଲ ଉପରେ ପାଇଲି ତାଙ୍କ ଓଠର ଧୀର ସ୍ପର୍ଶ । ବାଧା ଦେଇ ପାରିଲିନି ଯଦିଓ ଏ ସବୁ ନାଟକରେ ନାହିଁ । କେତେ ସେକେଣ୍ଡ ପରେ ହଠାତ୍ ଘର ଭିତରେ ଝଲସି ଉଠିଲା ଉଜ୍ଜଳ ଆଲୁଅ ଝଲକାଏ । ଚାହିଁ ଦେଲି ଆଖି ମେଲି । ନାଟ୍ୟାଚାର୍ଯ୍ୟ କହିଲେ, ଫଟୋ ଉଠେଇ ନେଲି ଅଟୋମ୍ୟାଟିକ୍ ଫ୍ଲାସ୍ କ୍ୟାମେରାରେ ।

: କାହିଁକି ? ଆଶ୍ଚର୍ଯ୍ୟ ହେଇ ପଚାରିଲି ।

: ବୁଝ୍‌ନୁ ? ଏଇ ସିନ୍‌ଟା ଯଦି ଅଭୟ ଠିକ୍ ଭାବେ କରି ନପାରିବ ମାନେ ଯୋଉ ଭଳି ପୋଜ୍‌ରେ ମୁଁ ବସିଛି…ଯୋଉଠି ହାତ ରଖିଛି

ଇତ୍ୟାଦି···ତା' ହେଲେ ସେ ଫଟୋ ଦେଖି ଠିକ୍ ଫଲୋ କରି ପାରିବ । ସତ୍ୟଜିତ୍ତ ରାୟ ହାତରେ ଛବି ଆଙ୍କି ଶିଳ୍ପୀମାନଙ୍କୁ ବୁଝାଇ ଦିଏ କପଡ଼ କରିବାକୁ ହବ···ମାନେ ତା'ର ଆଇଡ଼ିଆଟା ଠିକ୍ କଣ···କପଡ଼ ହେବା ସେ ଚାହୁଁଛି··· । ତେବେ ସେ ହେଲା ଏକାଧାରରେ ଡାଇରେକ୍ଟର ଆଉ ଚିତ୍ରକର । ମାତ୍ର ମୁଁ ତ ଛବି ଆଙ୍କି ଜାଣେ ନାଇ; ତେଣୁ ଶିଳ୍ପୀମାନଙ୍କୁ ଏଜୁକେଟ୍ କରିବା ପାଇଁ······ ।

କାନ୍ଥରେ ଫିକ୍ସ କରା ହୋଇଥିବା କ୍ୟାମେରାକୁ ଚାହିଁଲେ ସେ । ଦେଖିଲି ସେଇଠ ତାରଟିଏ ଆସିଛି ପଲଙ୍କ ପାଖରେ ଥିବା ଟେବୁଲ ଉପରକୁ ଏ ପର୍ଯ୍ୟନ୍ତ ମୋ ଆଖିରେ ଏସବୁ ପଡ଼ି ନଥିଲା ।

: ଏବେ ଉଠିବି ?—ପଚାରିଲି ।

: ଶୋଇ ରହ । ଆଉ ଟିକିଏ ତୋତେ ଦେଖେ·····

: କାହିଁକି ?

: ମୁଁ ତୋତେ ଭଲ ପାଏ ଝରଣା !

: ଆପଣ ମୋର ପିତୃତୁଲ୍ୟ, ଭଲ ପାଇବା କଥା ତ !

: ତୁ ବି ସେଇଆ କହିଲୁ ? ଅସୁନ୍ଦର ଆଉ ବୃଦ୍ଧମାନଙ୍କୁ ଏଇପରି କିଛି କହି ସମ୍ମାନଜନକ ଭାବେ ଏଡ଼ାଇବାର କୌଶଳ ସବୁ ଝିଅଙ୍କ ପରି ତୁ ବି ତେବେ, ଶିଖିଚୁ ! ଯଦି ଯୁବକ ହୋଇ ଥାଆନ୍ତି ···ସୁନ୍ଦର ହୋଇ ଥାଆନ୍ତି···

: ମୁଁ ତ ଆପଣଙ୍କୁ ଏଡ଼ାଇ ଦେବାକୁ ଚାହିଁନି । ଆପଣ ଭୁଲ୍ ବୁଝିଲେ ମୋତେ ।

: ତା' ହେଲେ···ମୋତେ ଅନୁମତି ଦେବୁ !

: ଅନୁମତି···!! ମାନେ ?

: ଝରଣା, ଜୀବନରେ ମୋର ଅ-ନେ-କ ଝିଅ ଆସିଲେ । ଅଭିନୟ ଶିଖି, ନୃତ୍ୟ-ଗୀତ ଶିଖି ନାମ୍ କଲେ ଦେଶ ଆଉ ବିଦେଶରେ । ସେଇମାନଙ୍କ

ପାଇଁ ମୋ ସ୍ତ୍ରୀ ମୋତେ ପରିତ୍ୟାଗ କରି ଚାଲି ଗଲା । କିନ୍ତୁ ମୋର ସେଇ ଗୁଣୀମାନଙ୍କ ଭିତରୁ କେହି ହେଲେ ସ୍ତ୍ରୀଠାରୁ ଯାହା ମିଳେ ତାହା ଦେବା ପାଇଁ ରାଜି ହେଲେ ନାହିଁ । କାରଣ ମୁଁ ଅସୁନ୍ଦର, କାରଣ ମୁଁ ବିଭତ୍ସ, କାରଣ ମୁଁ ଖର୍ବକାୟ; ଆହୁରି ମଧ୍ୟ ମୋର ଗୋଟିଏ ପାଦ ଆରଟିଠାରୁ ଟିକିଏ ଖ୍ରେଟ ହୋଇ ଥିବାରୁ ମୁଁ କୁଆଡ଼େ ଚାଲିବା ବେଳେ ଖଞ୍ଜି ପରି ଦିଶେ । ଏ ସବୁ କେହି ମୋ ମୁହଁ ଉପରେ ନ କହିଲେ ବି ପଛରେ କଥାବାର୍ତ୍ତା ହୁଅନ୍ତି ତାହା ମୋତେ ଅଜଣା ନାହିଁ ।

: କିନ୍ତୁ ମୁଁ ତ ଏଭଳି କେବେ ଶୁଣି ନାହିଁ କି କହି ନାହିଁ ।

: ନାଁ ନାଁ, ଟିକେ କଥା କହନ୍ତୁ; ମାନି ଜାଣେ, ଏପରି କହୁଥିଲେ ସେମାନେ ସବୁ—ମୀରା, ଆରତି, ସଂଧ୍ୟା, ଛବି, ଶ୍ୟାମଳୀ···ଆହୁରି ଅନେକ । ପଛରେ କହୁଥିଲେ ଅବଶ୍ୟ । ଏପରିକି ବେଶ୍ୟାର ଝିଅ ଶୈବାଳିନୀ ମଧ୍ୟ ।

: ଶୈବାଳିନୀ !

: ରେଡ଼ିଓରେ ଗୀତ ଦଉଚି ଆଜିକାଲି ।

: ସେ ବି······

: ଆର୍ଟିଷ୍ଟ୍‌ର ପ୍ରେରଣା ଆବଶ୍ୟକ । ଆବଶ୍ୟକ ଏକ ପ୍ରେରଣାଦାୟୀ ନାୟିକା । ପୃଥିବୀର କୌଣସି କଳାକାର, ସେ ଲେଖକ ହେଉ···ଗାୟକ ହେଉ···ଚିତ୍ରକର ହେଉ କି ଅଭିନେତା ହେଉ···,ତା' ପକ୍ଷରେ ମନୋମତ ଏକ ନାୟିକାର ଘନିଷ୍ଠ ସାହଚର୍ଯ୍ୟ ବିନା ସଫଳ ସୃଷ୍ଟି ଅସମ୍ଭବ । କାଳିଦାସ, ଉପେନ୍ଦ୍ର, କବିସୂର୍ଯ୍ୟ-ବଳଦେବ···,ମାନସିଂ, ଗଡ଼ନାୟକ, ବି. ବର୍ମା···, ସତ୍ୟଜିତ୍, କେ. ଏ. ଆବାସ୍ ଓସ୍ତାଦ୍ ଆଲ୍ଲାଉଦ୍ଦିନ୍······ କେହି ହେଲେ ଏଇ ନିୟମର ବହିର୍ଭୂତ ନୁହନ୍ତି ବୋଲି ମୋର ବିଶ୍ୱାସ । ମୁଁ ବି ଚାହିଁଥିଲି । ଚାହିଁଥିଲି ଶେଷ ପର୍ଯ୍ୟନ୍ତ ଶୈବାଳିନୀକୁ ଅନ୍ତତ ମୋର ନାୟିକା କରିବା ପାଇଁ । ଚାହିଁଥିଲି ସେ ରହିବ ମୋ ପାଖେ ପାଖେ ପ୍ରେରଣାର

ଭସ୍ମ ହୋଇ । ତା'ର ସମସ୍ତ ବ୍ୟୟ ବହନ କରି ଆଆନ୍ତି ମୁଁ । ପ୍ରତି ବଦଳରେ ଯେତେବେଳେ ତାକୁ ଯେଉଁ ଭାବରେ ଚାହିଁବି···ପାଇ ପାରିବି······

: କେଉଁ ଭାବରେ ?

: ମୋର ଖିଆଲ୍ ଖୁସି ଅନୁଯାୟୀ । ମାତ୍ର ଶୈବଳିନୀ ରାଜି ହୋଇ ନଥିଲି । ଝରଣା, ଆଜି କିନ୍ତୁ ତୋଠାରୁ ମୁଁ ଅନ୍ୟ କିଛି ଚାହେଁ······ ।

: ମୋଠାରୁ କଣ ଚାହାନ୍ତି ଆପଣ ?

ମୋ କାନ ପାଖକୁ ମୁହଁ ଆଣି ସେ ଯାହା କହିଲେ ମଂଜୁ, ତାହାର ଅର୍ଥ ଅତି ସୁସ୍ପଷ୍ଟ । କହିଲେ, ଓଡ଼ିଶାର ଜଣେ ବିଖ୍ୟାତ ଚଳଚିତ୍ର ଶିଳ୍ପୀ ସହିତ ସେ ମୋର ବିବାହ କରାଇ ଦେଇ ପାରିବେ ଯେ କି ତାଙ୍କର ହାତରେ ଗଢ଼ା । କିନ୍ତୁ ଗୋଟିଏ ସର୍ତ୍ତରେ··· । ପ୍ରଥମେ ମୋତେ ହେବାକୁ ପଡ଼ିବ ନାଟ୍ୟାଚାର୍ଯ୍ୟଙ୍କ ସନ୍ତାନର ଗର୍ଭଧାରିଣୀ । ତାଙ୍କର ଇଚ୍ଛା ହୋଇଚି ନିଜ ଅବତାର ଦେଖିବା ପାଇଁ । ସେ ମୋତେ ଉପଭୋଗ କରି ଚାଲିବେ ମୁଁ ସନ୍ତାନ-ସମ୍ଭବା ହେବା ପର୍ଯ୍ୟନ୍ତ । ଆଉ ଠିକ୍ ତା' ପରେ ମୋତେ ବାହା କରେଇ ଦେବେ ସେଇ ଚଳଚିତ୍ର-ଶିଳ୍ପୀଙ୍କ ସାଙ୍ଗରେ । ଏ ସମ୍ବନ୍ଧରେ ସବୁ ଦାୟିତ୍ୱ ସେ ନେବେ । ସେଇ ଶିଳ୍ପୀ କୁଆଡେ ସତ୍ୟସନ୍ଧ ତାଙ୍କ ପାଖରେ···ଏଇ ପ୍ରକାର 'ଗୁରୁ-ଦକ୍ଷିଣା' ଦେବା ପାଇଁ । ଆହୁରି ମଧ୍ଯ ଆଶ୍ୱାସନା ଦେଲେ, ଅନ୍ୟ କେହି ଏ କଥା ଜାଣିବେନି କେବଳ ଆମ ତିନି ଜଣଙ୍କଛଡ଼ା ! ସମସ୍ତେ ଜାଣିବେ ସେଇ ଶିଳ୍ପୀ ଉକ୍ତ ସନ୍ତାନର ପିତା ! ! ଘୃଣାରେ ମୋର ଅନ୍ତର ଜଳି ଉଠିଲା ମଂଜୁ ! ମୁଁ ତାଙ୍କୁ ଆଘାତ ଦେବା ପାଇଁ ଚାହିଁଲି । ରୁଢ଼ ସ୍ୱରରେ କହିଲି, କିନ୍ତୁ ଆପଣଙ୍କର ସନ୍ତାନ ହେବ ବିଭତ୍ସ, ଅସୁନ୍ଦର ! ଆପଣଙ୍କ ପରି ବୁଦ୍ଧିମାନ ସେ ହୁଏତ ହୋଇ ପାରେ ବଡ଼ ହେଲେ···ମାତ୍ର କିଏ ବିଶ୍ୱାସ କରିବ ତା'ର ରୂପ ଦେଖି ଯେ ସେ ଓଡ଼ିଶାର ସୁନ୍ଦରତମ ଶିଳ୍ପୀ ଶୁଭେନ୍ଦ୍ର କୁମାରଙ୍କ ସନ୍ତାନ ବୋଲି ?

କିନ୍ତୁ ସେତିକି ଅପମାନ ବୋଧହୁଏ ତାଙ୍କୁ ଯଥେଷ୍ଟ ହେଲା ନାହିଁ । କହିଲେ; ଲୋକେ କଣ କହିବେ, ଲୋକେ କଣ ଭାବିବେ···ଶିଳ୍ପୀର ଏ ସବୁ ଗ୍ରାହ୍ୟ କଲେ ଚଳେ ? ତିଳ ଚିହ୍ନ ନ ଥିଲେ ସୁନ୍ଦର ମୁହଁରେ ବି ମେକ୍-ଅପ୍ ସରିବା ପରେ ଓଠ ତଳେ କାହିଁକି କଳା ବିନ୍ଦୁଟିଏ ବସାଇ ଦିଏ ମେକ୍-ଅପ୍-ମ୍ୟାନ୍ ? ସେଇଟା ବିଉଟି ସ୍ପଟ୍, ଗ୍ଲାମୋର୍ । ଶିଳ୍ପୀ ପକ୍ଷରେ ଅପବାଦ ଠିକ୍ ସେହିପରି । ତାହା ତା'ର ଜନପ୍ରିୟତା ବଢ଼ାଏ !!

କଣ କହିବି ମଂଜୁ, ଇଚ୍ଛା ହେଉଥିଲା ତାଙ୍କୁ ଚାପୁଡ଼ାଏ ମାରିବା ପାଇଁ । ମୋତେ ସେ ବୋଧହୁଏ ଭାବିଥିଲେ ଅବୋଧ ଗୋଟିଏ ଶିଶୁ, କିଛି ଜାଣେ ନାହିଁ ତାଙ୍କ ସମ୍ବନ୍ଧରେ । ଏକଥା ତ ଜଣା ଶୁଣା ଯେ କିଛିଦିନ ପାଇଁ ଶୈବଳିନୀ ତାଙ୍କ ପାଖରେ ରହିଥିଲା । କିନ୍ତୁ ଏଇ ନପୁଂସକ ବୃଦ୍ଧ ନାଁ ପାରିବେ ତା'ର ଉଦ୍ଦାମତାକୁ ଶାନ୍ତ କରି···ନାଁ ତାକୁ ଅନୁମତି ଦେବେ ଅନ୍ୟ କାହାର ସାହଚର୍ଯ୍ୟ ପାଇବା ପାଇଁ !

ଶେଷରେ ଯାହା ହେବା ସ୍ୱାଭାବିକ ତାହାହିଁ ଘଟିଥିଲା ।

ଓଡ଼ିଶୀ ଶିଖିବା ପାଇଁ ମହାରାଷ୍ଟ୍ରରୁ କଟକ ଆସିଥିଲେ କେନ୍ଦ୍ର ଲଳିତ କଳା ଏକାଡେମୀରୁ ବୃତ୍ତି ନେଇ ଜଣେ ବିଖ୍ୟାତ ନୃତ୍ୟ-ଶିଳ୍ପୀ ଶଙ୍କର ନାଥ । ନାଟ୍ୟାଚାର୍ଯ୍ୟ ତାଙ୍କୁ ଶିଖାଉ ଥିଲେ । ସେ ତାଙ୍କର ଗୃହରେ ହିଁ ଅବସ୍ଥାନ କରୁଥିଲେ ଛାତ୍ର ଭାବରେ । ଦିନେ ଏକ ସୁନ୍ଦର ସକାଳରେ ଦେଖାଗଲା, ଗୁରୁଙ୍କୁ ସମାନନ୍ଦୀ କାଟି ଶିଷ୍ୟ ଫେରାର ହୋଇଛନ୍ତି ଶୈବାଳିନୀଙ୍କ ସହିତ !····ନାଟ୍ୟାଚାର୍ଯ୍ୟ କୁଆଡେ ତା'ପରେ ଚିଠି ଲେଖିଥିଲେ ଶୈବକୁ ମହାରାଷ୍ଟ୍ର ଠିକଣାରେ—"ଯୁବତୀ ପକ୍ଷରେ ଜଣେ ବୃଦ୍ଧ ବରଂ ନିର୍ଭରଯୋଗ୍ୟ ଯେହେତୁ ବୃଦ୍ଧର ମନ ଅଚଞ୍ଚଳ ରହିଥାଏ । ତୁ ଯାହା ସହିତ ଯାଇଛୁ···ସେ ଜଣେ ଯୁବକ । ଯେଉଁ ଦିନ ତା'ର ମନ ଚହଲି ଯିବ, ତୋତେ ସେ ଅବଲୀଳାକ୍ରମେ ପରିତ୍ୟାଗ କରିବ । ସେତେବେଳେ ବୁଝିବୁ ଶୈବାଳିନୀ, କେତେ ବଡ଼ ଭୁଲ୍ କରିଛୁ !"

ବିଗ୍ରସ୍ତି ଉପରେ ଅବଶ୍ୟ ନାଟ୍ୟାଚାର୍ଯ୍ୟଙ୍କ ଅଭିଶାପ ପଡ଼ିଲା କି ନାହିଁ ଜାଣେନା,···କିନ୍ତୁ କିଛି ଦିନ ପରେ ସତକୁ ସତ କଟକ ଫେରି ଆସିଥିଲା ସିଏ । ପିଠିରେ ମାଡର ଦାଗ, ବେକ-ହାତରୁ ଉଭେଇ ଯାଇଚି ଅଳଙ୍କାର ସବୁ । ଯାହା ହେଉ, ସେ ଅଭିନୟ-ପରିତ୍ୟାଗ କରିଚି—ଖାଲି ରେଡ଼ିଓରେ ଗୀତ ଗାଏ ବର୍ତ୍ତମାନ—ନାଟ୍ୟାଚାର୍ଯ୍ୟଙ୍କ ସାଙ୍ଗରେ ତାହାର ଆଉ ଦେଖା ସାକ୍ଷାତ ବି ହୁଏନା ।

ଖାଲି ଏତିକି ନୁହେଁ ମଂକୁ, ଆଉରି ଜଣକ ସମ୍ବନ୍ଧରେ ବି ଶୁଣାଯାଏ ନାଟ୍ୟାଚାର୍ଯ୍ୟଙ୍କୁ କେନ୍ଦ୍ର କରି । ସେ ଆରତି । କଲେଜରେ ତୃତୀୟ ବାର୍ଷିକ ଛାତ୍ରୀ । ନୃତ୍ୟ-ଗୀତ ଅଭିନୟରେ ପ୍ରବୀଣା । ଆଇ. ଏ. ଏସ୍. ଅଫିସରଙ୍କ ଝିଅ । ବେଶ୍ କିଛିଦିନ ପାଇଁ ପ୍ରିୟତମା ଶିଷ୍ୟା ଥିଲା ନାଟ୍ୟାଚାର୍ଯ୍ୟଙ୍କର । ···ମନଃସ୍ତାତ୍ତ୍ୱିକ ବିକାରଗ୍ରସ୍ତ ନାଟ୍ୟାଚାର୍ଯ୍ୟ ଦିନେ ନିଭୃତରେ (ହୁଏତ ଏଇ ପରି ଅଭିନୟ ଶିଖାଇବା ଆଳରେ) ତାକୁ ଛାତି ଉପରକୁ ଆଉଜାଇ ନେଇ, କୋଳ ଉପରେ ଶୁଆଇ···ତାଙ୍କ ଅଟୋମେଟିକ୍ କ୍ୟାମେରାରେ ଉଠାଇ ନେଲେ ଦୁଇ ତିନଟି ଫଟୋ । ଉଦ୍ଦେଶ୍ୟ, ମୋର ଅନୁମାନ, ନିଜେ ଦେଖି ଆନନ୍ଦ ପାଇବା । ଯୋଉମାନେ ନପୁଂସକ, ସେହିମାନେଇ ଯେପରି ପିତୃତ୍ୱ ଲାଭ କରିବା ପାଇଁ ପାଗଳ ହୋଇ ଉଠନ୍ତି ବେଶୀ—ସେହିପରି ବିଭତ୍ସ ଆଉ ଅସୁନ୍ଦରମାନେ ହିଁ ସୁନ୍ଦରୀ ଝିଅମାନଙ୍କ ସହିତ ଘନିଷ୍ଠ ଭାବେ ଫଟୋ ଉଠାଇବା ପାଇଁ ଇଚ୍ଛା କରନ୍ତି ଅଧିକ । ଏ କଥା ମୋତେ ଆଗରୁ କହିଥିଲେ ମନଃସ୍ତତ୍ତ୍ୱ ଅଧ୍ୟାପିକା ଶ୍ରୀମତୀ ରଥ, ଯାହା ତାଙ୍କ ମତରେ ସେକ୍ସ ସାଇକୋଲଜିର ଅକାଟ୍ୟତମ ତଥ୍ୟ ।

( ଆରତି ଖାଲି ନିର୍ବୋଧ ନ ଥିଲା, ନିର୍ବୋଧ ମଧ୍ୟ । ନାଟ୍ୟାଚାର୍ଯ୍ୟଙ୍କ 'ମନଃସ୍ତତ୍ତ୍ୱ' ପାଇଁ ଅକାରଣେ ବିଚାରୀ ବଦ୍‌ନାମ୍ ହେଲା ସିନା ! )

କଲିକତାରେ ସେ କରୁଥିଲେ ଏଇ ପ୍ରକାର ସବୁ ଫଟୋର ଡେଭେଲପ୍‌ମେଣ୍ଟ ଆଉ ପ୍ରିଣ୍ଟିଂ । ଛବି ଗୁଡ଼ିକ ଆଲ୍‌ମାରୀରେ ରଖୁଥିଲେ ତାଲା-ଚାବି ପକାଇ । କିନ୍ତୁ ତାଙ୍କ ପାଖକୁ ଅନେକ ଝିଅ ଯେପରି ଯାଉଥିଲେ,

ସେହିପରି ଯାଉଥିଲେ ବହୁ ତରୁଣ ଅଭିନେତା-ଯଶପ୍ରାର୍ଥୀ ମଧ୍ୟ । ସେଇମାନଙ୍କ ଭିତରୁ କେହି ଜଣେ 'ଦୁଷ୍ଟ-ପିଲ୍' କୌଣସି ପ୍ରକାରେ ଖଣ୍ଡିଏ ପ୍ରିଣ୍ଟ୍ ସ୍କେଚ୍ କରି ଆଣି ତାହାର ଏକ ବ୍ଲକ୍ ତିଆରିକରି ପାମ୍ପଲେଟ୍ ଆକାରରେ ଛପି ବାଣ୍ଟି ଦେଲା କଟକ ସହରରେ । ତଳେ ଲେଖା ଥିଲା "ଏମାନଙ୍କୁ ଚିହ୍ନନ୍ତୁ ।" ପ୍ରେସ୍‌ର ନାମ ନ ଥିଲା ସେଥିରେ, ଦସ୍ତଖତ ନ ଥିଲା କାହାରି ବି ।

ନାଟ୍ୟାଚାର୍ଯ୍ୟ ରାଗରେ ହତଜ୍ଞାନ ହୋଇ ପରଦିନଠାରୁ ତାଙ୍କ ଘରକୁ ଯୁବକମାନଙ୍କ ପ୍ରବେଶ ନିଷେଧ କରିଦେଇ ଥିଲେ । ତା' ପରେ କିନ୍ତୁ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ଯେପରି ଭାବେ ମସ୍ତିଷ୍କ-ଚାଳନା କଲେ ସେ, ସେଥିପାଇଁ ଅବଶ୍ୟ ତାଙ୍କ ବିଚକ୍ଷଣ ବୁଦ୍ଧିକୁ ଆଡ୍‌ମାୟାର୍ କରିବା କଥା ! !......ପରଦିନ ସବୁ ସମ୍ବାଦ-ପତ୍ରରେ ବାହାରି ଗଲା ବିରାଟ ଅର୍ଦ୍ଧ-ପୃଷ୍ଠା ବ୍ୟାପୀ ବିଜ୍ଞାପନ । ସହରର ଜନତା ଅବାକ୍ ହୋଇ ପଢ଼ିଲେ—

"ପ୍ରତ୍ୟୁତ୍ତର"

ନାଟ୍ୟାଚାର୍ଯ୍ୟ ସୁବୋଧ ଚନ୍ଦ୍ରଙ୍କ ନୂତନତମ ଅବଦାନ ! ! !

କେବେ ? ସ୍ୱାଧୀନତା ଦିବସରେ !

କେଉଁଠି ? ସହିଦ୍ ଭବନରେ !

କେତେବେଳେ ? ସନ୍ଧ୍ୟା ଛଅଟାରେ !

ମାତ୍ର ଗୋଟିଏ ରାତି ପାଇଁ । ଆଗରୁ ଟିକେଟ୍ ବୁକ୍ କରନ୍ତୁ—ନଚେତ୍ ହତାଶ ହେବେ ।

ଏଇ ନାଟକର ବିଶେଷତ୍ୱ ହେଉଛି—ଯେଉଁ ନାଟ୍ୟାଚାର୍ଯ୍ୟ ସୁବୋଧ ଚନ୍ଦ୍ରଙ୍କୁ ଏ ପର୍ଯ୍ୟନ୍ତ ଆପଣମାନେ କେବଳ ନିର୍ଦ୍ଦେଶକ ଭାବେ ଅନ୍ତରାଳରେ ରହିଥିବାର ଜାଣନ୍ତି, ସେ ଜୀବନରେ ପ୍ରଥମ ଥର ପାଇଁ ଏହି ନାଟକରେ ମଞ୍ଚ ଉପରେ ଦେଖା ଦେବେ ଅଭିନେତା ଭାବରେ ।

ନାଟକର କେତୋଟି ଦୃଶ୍ୟର ଛବି ତଳେ ଦିଆଗଲା ।

ପିତା ଓ କନ୍ୟା ଭୂମିକାରେ ଯଥାକ୍ରମେ ନାଟ୍ୟାଗ୍ନିର୍ଯ୍ୟ ଓ ଆରତୀ ଦେଖା ।

ନାଟ୍ୟାଗ୍ନିର୍ଯ୍ୟ ଏବଂ ଆରତୀର ତିନୋଟି ଘନିଷ୍ଠ ଭଙ୍ଗୀର ଫଟୋଗ୍ରାଫ୍ ଛପା ଥିଲା ସେଥିରେ ।

କେବଳ ସେତିକି ନୁହେଁ ମଞ୍ଜୁ, ତା'ପର ଦିନ ସଂବାଦ-ପତ୍ରରେ ବିଜ୍ଞାପନ ଆକାରରେ ଏହା ମଧ୍ୟ ବାହାରିଲା—

"ହଜିଛି......"

'ପ୍ରତିଭିର' ନାଟକର ପାଣ୍ଡୁଲିପି ଏବଂ ତାହାର ବିଜ୍ଞାପନ ପାଇଁ ନିର୍ମିତ କେତୋଟି ବ୍ଲକ୍ ପ୍ରେସରୁ ଫେରିବା ବାଟରେ ରିକ୍ସାରୁ କେଉଁଠି ଖସି ପଡ଼ିଛି । ଯଦି କେହି ପାଇ ଥାଆନ୍ତି, ଫେରାଇ ଦେଲେ ପଚାଶ ଟଙ୍କା ପୁରସ୍କାର ପାଇବେ ।

ନିବେଦକ
ନାଟ୍ୟାଗ୍ନିର୍ଯ୍ୟ......"

ଅର୍ଥାତ୍ ଦୁଷ୍ଟ ଟୋକାଙ୍କ ଖପ୍ପରରେ ପଡ଼ି ବୁଢ଼ା ବୟସରେ ରଙ୍ଗ ବୋଳି ହୋଇ ମଞ୍ଚ ଉପରକୁ ଉଠିବାର ବଡ଼ମ୍ବନାରୁ ରକ୍ଷା ମିଳିଲା, ବଦ୍‌ନାମ୍‌ଟା ବି ବାଏଁ ବାଏଁ କୁଆଡ଼େ ଉଡିଗଲା । ଦୁଇଟି ବିଜ୍ଞାପନରେ କାମ ଫତେ ! ଲୋକ ମୁହଁରେ ଲୁଣ ! !

ତାଙ୍କୁ ଅତି ନିଷ୍ଠୁର ଭାବରେ ଅପମାନ ଦେବା ପାଇଁ ସେଇ ମାଲାଭି ସ୍ୱଲ୍ପାଲୋକିତ କକ୍ଷ ଭିତରେ ତାଙ୍କର ବିଛଣାରେ ଶୋଇ ମୁଁ ଚିନ୍ତା କରୁଥିଲି ଆଉ ଉପାୟ ଖୋଜୁଥିଲି ସେଇ ମୁହୂର୍ତ୍ତରେ । ମନରେ ଘୃଣା ଆସିଯାଇଥିଲା ତାଙ୍କ ପ୍ରତି । ସାସ୍କୃତିକ ପୁଷ୍କରିଣୀ କୂଳରେ କଳାର କଙ୍କଣ ଧରି ବସି ରହିଥିବା ଏହି ଗଳିତ-ନଖ-ଦନ୍ତ ବୃଦ୍ଧ-ବ୍ୟାଘ୍ରର ସାତ୍ତ୍ୱିକ-ମୁଖାକୁ ମୋର ଯତ୍ନ-ବର୍ଦ୍ଧିତ ନିପୁଣ ଭାବେ ସୁତୀକ୍ଷ୍ଣିତ ରକ୍ତ-ରଙ୍ଗ ନେଲ୍‌ପଲିସ୍ ରଞ୍ଜିତ ନଖରେ ବିଦୀର୍ଣ୍ଣ ଓ ଛିନ୍ନଭିନ୍ନ କରି ପକାଇବାକୁ ଇଚ୍ଛା ହେଉଥିଲା । ଅଲିହସି

କହିଲି, ଆପଣ ନପୁଂସକ; ପୁରୁଷକାରର ଅଭିନବ ଚମତ୍କାର କରି ପାରୁଚନ୍ତି କିନ୍ତୁ ! ଆପଣଙ୍କର ପୁଣି ସନ୍ତାନ !! ହୁଁଃ···ୟୁ ହେବ୍ ନୋ ପାଓ୍ୱାର୍; ଅଛ ଖାଲି ପାର୍‌ଭର୍‌ସନ୍ । ମୋର ଦୟା ଆଉ ସହାନୁଭୂତି ଆସୁଚି ସାର୍, ଆପଣଙ୍କ ପ୍ରତି !!!

ଚାବୁକ୍ ଖାଇଲା ପରି ମୁହଁ କଳାପଡ଼ି ଗଲା ତାଙ୍କର ।

ସେତିକିରୁ ତାଙ୍କ ସାଙ୍ଗରେ ଶେଷ ।

ଅତଏବ୍, ପୁରୁଷମାନେ ଏଇ ଭଳିଆ । ନାଟ୍ୟାଚାର୍ଯ୍ୟ ପୁରୁଷ—ଜାତିରଇ ଏକ ପ୍ରତିବନ୍ଧମୂଳକ ଚରିତ୍ର ମଞ୍ଜୁ! ବୟୋବୃଦ୍ଧ ହେଲେ ବି ସେମାନେ କେବଳ ପିତୃତ୍ୱଟାକୁଇ ନାରୀ-ପୁରୁଷ ସମ୍ପର୍କର ଏକମାତ୍ର ସୂତ୍ର ବୋଲି ବୁଝନ୍ତି, ଏପରିକି ସେଇ ସମ୍ପର୍କ ଅବୈଧ ହେଲେ ମଧ୍ୟ ।

ସେଦିନ ଏହିପରି ମୋତେ ଅନେକ ବୁଝାଇ ଥିଲେ ଝରଣାଦି । ଚେଷ୍ଟା କରି ଥିଲେ ପୁରୁଷମାନଙ୍କ ସ୍ୱାର୍ଥପରତା ସମ୍ବନ୍ଧରେ ମୋ ମନରେ ବଦ୍ଧମୂଳ କରି ଦେବା ପାଇଁ ନିର୍ଦ୍ଦିଷ୍ଟ ଏକ ଧାରଣା ।

ସେଇ ରାତିଟି ମୋର ଯେପରି ଭାବେ କଟିଥିଲା ଝରଣାଦିଙ୍କ କାମନା ଓ ବାସନାର ବହ୍ନିରେ ନିଜକୁ ଇନ୍ଧନ ରୂପେ ସମର୍ପଣ କରି···ଠିକ୍ ବୁଝିପାରୁ ନ ଥିଲି ହୁଇସ୍କିର ପ୍ରଭାବରେ ।

ଭୋର ହବା ଆଗରୁ ଭାଙ୍ଗି ଥିଲା ନିଦ ।

ବିଛଣାରେ ପାଇଲି ଏକୁଟିଆ ନିଜକୁ ଆଉ ବାଥ୍‌ରୁମ୍ ଆଡୁ ଶୁଣିଲି ଶାଓ୍ୱାର୍‌ର ଝିପି ଝିପି ସହିତ ତାଳ ଦେଲା ପରି ସେଇ "ଦିଲ୍ ମେରା ଦିଓ୍ୱାନା"······ ।

ଉପରକୁ ଚାହିଁଲି ।

ବଲ୍‌ବଟା ଜଳୁଚି ।

ତା' ମାନେ ସାରା ରାତ ଜଳୁଥିଲି । ଆଖି ମେଲି ଚାହିଁ ଦେଖୁଥିଲି ନିର୍ବାକ ଏକ ସାକ୍ଷୀପରି ବିଛଣା ଉପରେ ଘଟିଯାଇଥିବା ସମସ୍ତ କିଛି ଘଟଣା ।

ଉଠିପଡ଼ି ଫେରି ଚାହିଁଲି ଦର୍ପଣକୁ । ସେ ବି ଚାହିଁରହିଥିଲା ସାରା ରାତି । ଦେଖୁଥିଲା । କିନ୍ତୁ ବର୍ତ୍ତମାନ ତା' ଭିତରେ, ଇସ୍, କଣ ଦିଶୁଚି ମୁଁ ? ଅବିନ୍ୟସ୍ତ କେଶ, ଗାଲ ଉପରେ ଦାଗ, ଦର୍ପଣଟା ବେଡ୍‌ର ଖୁବ୍ ନିକଟରେ ଥିବାରୁ ବେକ ଉପରର ସାମାନ୍ୟତମ ନଖ-କ୍ଷତଟା ବି ।

ଏଥର ମୁଁ ନିଜେ ନିଜକୁ ଚାହିଁଲି । ବୋତାମ—ଛିଣ୍ଡା ବ୍ଲାଉଜ୍ ତଳେ ଖୋଲି ଯାଇଥିବା ବ୍ରାସିଅର୍ ମୋ ମନରେ ଆଣି ଦେଲା ସେଇସବୁ ସ୍ମୃତି···ଗତ ରାତିରେ ଯାହା ଯାହା ହୋଇ ଯାଇଚି ଝିରଣାଧଙ୍କ ସହିତ ।

ଚାଦର କାଢ଼ି ଉଠି ପଡ଼ିଲି ବିଛଣାରୁ । ଠିଆ ହୋଇ ପଡ଼ିଲି ତଳେ ଫିଟି ଯାଇଥିବା ଶାଢ଼ୀଟାକୁ ପିନ୍ଧୁ ପିନ୍ଧୁ । ଖସିପଡ଼ିଲା ସାୟା । ଫିତାଟି ଖୋଲି ଯାଇଚି ପରା ! ! କିନ୍ତୁ ନାଁ, ଖୋଲି ଯାଇନି ଠିକ୍, ଟାଣି ଛିଣ୍ଡେଇ ଦିଆ ହୋଇଚି । ଛିଣ୍ଡି ପୁଣି ଗଣ୍ଠି ସହିତ ଏତେ ଭିତରକୁ ପଶି ଯାଇଚି ଯେ ଆଙ୍ଗୁଳି ପୂରାଇଲେ ମଧ୍ୟ ପାଉନି······ । କିନ୍ତୁ ଫିତା ନ ବାନ୍ଧିଲେ ଏଇନେ ପିନ୍ଧି ପାରିବିନି ଯେ ସାୟାଟା ! ମୁଁ ବ୍ୟସ୍ତ ହୋଇ ହେୟାରପିନ୍ କିମ୍ବା ସେଫ୍‌ଟି ପିନ୍···କିଛି ଗୋଟାଏ ଖୋଜିବାରେ ଲାଗିଲି ଆଉ ଭାବୁଥିଲି ଲଜରେ···କଣ ନ କରିଚନ୍ତି ମୋତେ ଝିରଣାଧ ? ଛି······ ।

ଠକ୍ ଠକ୍ ଶବ୍ଦ ହେଲା ଦରଜାରେ ।

ସେଇ ପରିସ୍ଥିତିରେ ମୁଁ ଏବେ କରେ କଣ ? ଏଇ ରୂପ, ଏଇ ବେଶ ନେଇ ଦରଜା ଖୋଲିବି ବା କିପରି ? ପଚାରିଲି, କିଏ ?

ମୁଁ ସୁମନ୍ତ ।

ଟିକିଏ ରହନ୍ତୁ ।

ଆଲୁଅ ଲିଭାଇ ଦେଲି—ସ୍ଲୋକର ଦେଲି ଫ୍ୟାନ୍‌ଟା । ତା' ପରେ ର୍‍ୟାକ୍‌ରେ ଝୁଲୁଥିବା ଝରଣାଦିଙ୍କ ସାମ୍ନାଟି ପିନ୍ଧି ପକାଇଲି ତର ତର ହୋଇ । ବଦଳାଇ ନେଲି ଶାଢ଼ୀ । ବ୍ଲାଉଜ ଚେଞ୍ଜ କରିବାକୁ ସମୟ ନାହିଁ । କାନ୍ଦ ଝାଣି ତାଙ୍କି ନେଲି ଯଥା ସମ୍ଭବ । ଚିରୁଣୀ ଚଳେଇ ନେଲି ବାଳ ଉପରେ ଟିକିଏ । ମୁହଁରେ ପାଉଡର ପଫ୍ ବୁଲେଇ ଆଣି ସ୍ଲିପର୍‌ଟା ପାଦରେ ଗଳେଇ ନେଇଚି ପୁଣି ଥରେ ନକ୍ କଲେ ସୁମନ୍ତ । ଆଉ ମୁଁ ଯାଇ ଦରଜା ଖୋଲି ଦେଲି ସାଙ୍ଗେ ସାଙ୍ଗେ ।

ନମସ୍କାର !

ପ୍ରତି ନମସ୍କାର କରି ଦେଖିଲି ତାଙ୍କ ପଛରେ ହୋଟେଲ ବୟ ଠିଆ ହୋଇଚି ପ୍ଲାଷ୍ଟିକ୍ ଝୁଡ଼ି ଆଉ ଟି'ପଟ୍ ହାତରେ । ବ୍ରେକ୍‌ଫାଷ୍ଟ ଆମ ପାଇଁ···।

ସୁମନ୍ତ ବାବୁଙ୍କ ମୁହଁରେ କିନ୍ତୁ କାଲିକାର ସ୍ୱଭାବ ସୁଲଭ ପ୍ରଗଲ୍‌ଭତା ପରିବର୍ତ୍ତେ ଲକ୍ଷ୍ୟ କଲି ଗାମ୍ଭୀର୍ଯ୍ୟ । ଗୋଟିଏ ରାତି ଭିତରେ ଯେପରିକି ପରିବର୍ତ୍ତନ ହୋଇଯାଇଚି ତାଙ୍କର । ଆଣିଥିବା ଜିନିଷତକ ସଲଗ୍ନ ଡ଼ାଇନିଂ ରୁମ୍‌ର ଟେବୁଲ ଉପରେ ରଖାଇ ସେ ପଚାରିଲେ, କାଲି ରାତିଟି କିପରି କଟିଚି ଆପଣଙ୍କର ?

ଚମକି ପଡ଼ିଲି । ମନେ ହେଲା ଏଇ ଡାକବଙ୍ଗଳାର ପକ୍‌କା କାନ୍ଥ ଗୁଡ଼ିକ ସତେ ଅବା କାଲି ରାତିରେ କାଚ କାନ୍ଥରେ ପରିଣତ ହୋଇ ଯାଇ ଥିଲା ମୁଁ ଝରଣାଦିଙ୍କ କୋଳରେ ନିଦ୍ରା ନିଦରେ ଶୋଇଥିବା ବେଳେ । ସମସ୍ତେ, ସାରା ଦୁନିଆ, ଏପରି ସୁମନ୍ତ ବାବୁ ମଧ୍ୟ ନୀରବ ନିର୍ଲିପ୍ତ ଅନ୍ୟତମ ଏକ ବିଶିଷ୍ଟ ଦର୍ଶକ ଭାବେ ଦେଖିଚନ୍ତି ଆମର ସବୁ କ୍ରିୟାକଳାପ ।

ଟିକିଏ ଶଙ୍କି ଯାଇ ପଚାରିଲି

: କାହିଁକି ?

: କାହିଁକି ମାନେ ? ଆପଣ ଅତିଥି; ଆପଣଙ୍କ ସୁବିଧା ଅସୁବିଧା ପଚ୍ଚାରି ବୁଝିବା କଥା ତ !

: ନାଁ କିଛି ଅସୁବିଧା ହେଉନି; କିନ୍ତୁ ଆପଣ ଯେ ଠିଆହୋଇ ରହିଲେ; ବସନ୍ତୁ ।

ଚେୟାର ଆଗେଇ ଦେଲି ତାଙ୍କୁ ।

ଆଣିଥିବା ଜିନିଷତକ ପ୍ଲେଟ ଆଉ ଟ୍ରେ'ରେ ସଜାଇ ଦେଇ ବୟ୍ ଚାଲିଯାଇଥିଲା । ବାଥ୍ ରୁମ୍‌ରୁ ସେଇପରି ଶୁଭୁଥାଏ ଶାଓ୍ୱାର୍‌ର ଝିପି ଝିପି ସହିତ "ଦିଲ୍ ମେରା ଦିଓ୍ୱାନା···"

: ଆପଣ ଚା' କପେ ଖାଆନ୍ତୁ ।

: ନାଁ

ବସିପଡ଼ି ସିଗାରେଟ୍ ଧରେଇଲେ ସୁମନ୍ତ । 'ନାଁ' ଟା ଯେପରି ଭାବେ କହିଲେ ମୋତେ ଭଲ ଲାଗି ନଥିଲା । ମୁଁ ଖାଲି ନୀରବରେ ଚାହିଁ ରହିଲି ତାଙ୍କ ଆଡ଼କୁ ପାଖ ଚେଆର୍‌ରେ ବସି । ସକାଳର ପରିବେଶ ସହିତ ଦେଖି ମାନ ଯାଉଥିଲା ତାଙ୍କର ଅବିନ୍ୟସ୍ତ ବାଳ ଆଉ ଗୋଟିଏ ରାତିର ଅବକାଶରେ ବଢ଼ି ଉଠିଥିବା ଈଷତ୍-ନୀଳ ଦାଢ଼ୀର ଫସଲ । ଦିଶୁଥିଲେ, କାଲି ରାତିରେ ଭଲ ଭାବେ ଶୋଇ ନ ଥିବା ଯୋଗୁ ହୁଏତ, ବୟସ ତୁଳନାରେ ଟିକିଏ ଅଧିକ ପରିପକ୍ୱ । ଅନ୍ୟ ମନସ୍କ ପରି ସେ ସିଗାରେଟ୍ ଟାଣୁଥିଲେ, ମୋ ଆଡ଼କୁ ନ ଅନାଇ, ବିଶେଷ ଏକ ଭଙ୍ଗୀରେ ।

କଥା ଆରମ୍ଭ କରନ୍ତି କିପରି ଏଇ ଭଳି ପରିସ୍ଥିତିରେ ? ନୀରବ, ଗମ୍ଭୀର ଆଉ ଅନ୍ୟ ମନସ୍କ ହୋଇ ଜଣେ ପୁରୁଷ ଯଦି ଏପରି ବସି ରହେ !

ଉଃ···! କେତେ ଡେରି ଯାଏ ଆଉ ଗାଧୋଇବେ ଝିରଣାଦି ? ସେ ବାହାରି ଆସିଲେଇ ରକ୍ଷା । ଭାରି ଅସ୍ୱସ୍ତିକର ଲାଗୁଥାଏ ମୋତେ । ଇମିତି ଭାବେ ଗୋଟାଏ ରୁମ୍ ଭିତରେ ଜଣେ ଯୁବକ ଏବଂ ଜଣେ ଯୁବତୀ ନୀରବରେ ବସି ରହିବା ଅପେକ୍ଷା ବରଂ କଳି କରିବା ଅଧିକ ଶ୍ରେୟସ୍କର ! !

ନିରୀକ୍ଷଣ କରୁଥିଲି ତାଙ୍କ ପାଦଠାରୁ ମୁହଁ ଯାଏ । ଅଧା ମଇଳା ଚେକ୍ ଶାର୍ଟ କାଠ କୋଇଲା ରଙ୍ଗ ଫୁଲ୍‌ପ୍ୟାଣ୍ଟ ବାଦାମୀ ଷ୍ଟ୍ରାପ୍ ସ୍ଲିପର ପାଦରେ ବର୍ତ୍ତିମାନ ଏଠାରେ ବସିଥିବା ଏହି ସୁମନ୍ତ୍ର । ମୁଁ କଳ୍ପନା କରିବାକୁ ଲାଗିଲି, କିପରି କାଲି ରାତିରେ ଝଲ୍ ମଲ୍ ଶିରସ୍ତ୍ରାଣ…କୋଷବଦ୍ଧ ତରବାରୀ… ରାଜ ପୋଷାକରେ ସୁସଜ୍ଜିତ ହୋଇ ମୋ ପାଖକୁ ଆସି ଠିଆ ହୋଇଥିଲେ ଉଇଙ୍ଗ୍‌ସ୍ ଉହାଡରେ ।

କାଲି ରାତିର ସେହି ମଣିମସ୍ତ, ସେଇ ପାଟଳୀପୁତ୍ର ଯୁବରାଜ, ମାସର ଏହି ଶେଷ ସପ୍ତାହରେ ରେସନ୍ କିଣିବାକୁ ଯଦି ଟଙ୍କା ନ ଥିବ—କନିଷ୍ଠ କିରାଣୀ ପକ୍ଷରେ ଯାହା ସାଧାରଣତଃ ସ୍ୱାଭାବିକ—କୋଉ ପଡ଼ୋଶିନୀ ଯୋଡ଼ାଯୋଡ଼ି ଭାଉଜ ପାଖକୁ ପାଞ୍ଚ ଟଙ୍କା ଧାର ମାଗିବାକୁ ଯାଇ ଶୁଣିବେ ହୁଏତ, ହାୟ, ପାଟଳୀପୁତ୍ର ଯୁବରାଜ ପୁଣି ଆସିଚନ୍ତି ମୋ ପାଖକୁ ପାଞ୍ଚ ଟଙ୍କା ଧାର ମାଗିବା ପାଇଁ ?" ଅଫିସ ଯାଇ ହୁଏତ ଚାର୍ଜସିଟ୍ ପାଇବେ ଆଜି, ଜରୁରୀ କାମ ପେଣ୍ଡିଂ ରଖି ଥିବାରୁ ! !

ହଠାତ୍ ଏଇ ପରି…ମନକୁ ଆସିବା ଯୋଗୁ ଫିକ୍ କରି ହସି ଦେଲି ନିଜର ଅଜାଣତରେ । ।

:ହସିଲେ ଯେ ।

ବୁଝି ପାରିଲି ସେ ମୋତେ ଅଲକ୍ଷ୍ୟରେ ଲକ୍ଷ୍ୟ କରୁଥିଲେ ନିଶ୍ଚୟ ।

:କିଛି ନୁହେଁ । ଇମିତି ।

:ଖାଲି ଖାଲି ତ କେହି ହସେନା !

ଦେଖିଲି ସେ ଅପମାନିତ ବୋଧ କରିଚନ୍ତି ।

:ସୁମନ୍ତ୍ର ବାବୁ, ନରମ ସ୍ୱରରେ କହିଲି, କାଲି ରାତିରେ ଆପଣ, ଆଉ ବର୍ତ୍ତିମାନର ଆପଣ…, କେତେ ପାର୍ଥକ୍ୟ…, ଏଇଆ ଭାବି ହସିଚି । ଅନ୍ୟ କିଛି ନୁହେଁ ।

:ବେଶଭୂଷାର ପାର୍ଥକ୍ୟ ?

:ନାଁ ନାଁ । ମାନେ···କାଲି କେତେ ଭଲ ବଥାବାର୍ତ୍ତା କରୁଥିଲେ, ଆଉ ଆଜି···ଇମିତ ଗମ୍ଭୀର ! କଣ ଦେହ ଭଲ ନାହିଁ ନାଁ ଭଲ ଭାବେ ଶୋଇ ପାରି ନାହାନ୍ତି କାଲି ରାତରେ···

:ଆପଣ ନିଜେ ଶାନ୍ତିରେ ଶୋଇ ପାରିଥିଲେ ତ ?

ଡରିଗଲି···!

: ଆପଣ କଣ କହିବାକୁ ଚାହାନ୍ତି ?

: ଆପଣ ଆଉ ଝରଣା ଦେବୀ କେବେ ଭାବି ଦେଖିଚନ୍ତି କି ଏଇ ବିରାଟ ପୃଥିବୀରେ ଅନ୍ତତଃ କୌଣସି ଦୁଇଜଣ ଯୁବକ···ଦୁହିଙ୍କ ପାଇଁ ଗଢ଼ା ହୋଇ ରହି ଥାଇ ପାରନ୍ତି ।

ସିଗାରେଟ୍‌ଟା ପକାଇ ଦେଇ ଉଠି ଚାଲିଗଲେ ସୁମନ୍ତ ବାବୁ । ସେତେବେଳେ ମନେ ହେଲା ମୋର—ଅ-ନେ-କ···ଅ-ନେ-କ ବେଶୀ ବଢ଼ି ଯାଇଚ ତାଙ୍କ ବୟସ ଏଇ ରାତିକ ଭିତରେ । ଖୁବ୍ ବେଶୀ···, ଅ-ନେ-କ ଅଧିକ···ମୋ ଅପେକ୍ଷା ଅନ୍ତତଃ ! ! ! ମନେ ହେଲା, ଛୋଟ ହୋଇ ଯାଇଚ ତାଙ୍କ ପାଖରେ ମୁଁ, ଆଉ ବଡ଼ ହୋଇ ଯାଇଚନ୍ତି ମୋ ପାଖରେ ସେ ।

ମୁଁ ତାଙ୍କୁ ଫେରାଇବାକୁ ଯାଇ ଦରଜା ପାଖରେ ରହି ଗଲି । ସେ ଓହ୍ଲାଇ ଗଲେ ବାରଣ୍ଡା ତଳଯାଏ ପଛକୁ ଫେରି ନ ଚାହିଁ ।

କହିଲି, ଶୁଣନ୍ତୁ ।

ଶେଷ ପାହାଚ ପାଖରେ ରହିଗଲେ ସୁମନ୍ତ ବାବୁ ।

ପାଖକୁ ଯାଇ ଅନୁରୋଧ କଲି, ଆପଣଙ୍କ ସାଙ୍ଗରେ ମୋର କଥାଅଛି ।

:ନାଁ ।

:ଯାହା ଜାଣନ୍ତି, ଆଉ କାହାକୁ କହିବେ ନାହିଁ ଦୟା କରି ।

:ସେ ଭୟ ଆପଣଙ୍କର ନାହିଁ । କିନ୍ତୁ ମନେ ରଖିବେ, **What is unnatural, that is obscene** !

:ଯେ ପର୍ଯ୍ୟନ୍ତ ହିରଣାକ୍ଷଙ୍କ କବଳରେ ଅଛୁ···

:କବଳରେ !

:ଘରର ଅବସ୍ଥା ଖରାପ । ସେ ମୋତେ କଣ୍ଟ୍ରାକ୍ଟ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଚନ୍ତି । ତାଙ୍କର ଅଧୀନସ୍ଥ ହୋଇ ରହିବା ଛଡ଼ା ଉପାୟ ନାହିଁ । ମୋତେ ଭୁଲ ବୁଝିଚନ୍ତି ଆପଣ । ଇଚ୍ଛା ବିରୁଦ୍ଧରେ···

ବାଥ୍‌ରୁମ୍ ଦରଜା ଖୋଲା ହେବା ଶବ୍ଦରେ ଚମକି ଉଠିଲୁ ଦୁହେଁ ।

:ସୁମନ୍ତ ବାବୁ, ଭିତରକୁ ଆସନ୍ତୁ । ବାହାରେ ଠିଆ ହେଇ କଥାବାର୍ତ୍ତା କଲେ ସେ ସନ୍ଦେହ କରିବେ ।

:କହିଦେବେ, ମୁଁ ବ୍ରେକ୍‌ଫାଷ୍ଟ ଦେଇ ଚାଲି ଗଲି ।

ସେ ଆଉ ରହିଲେନି ।

ହିରଣାକ୍ଷଙ୍କ ଡ଼ାକ ଶୁଭିଲା, ମଞ୍ଜୁ···!

## ।। ଦ୍ୱିତୀୟ ଅଙ୍କ ।।

ସୁମନ୍ତ...

ମୋର ରୂପ ଯେପରି କର୍କଶ ସ୍ୱଭାବ ମଧ୍ୟ ସେଇପରି ବୋଲି ଶୁଣି ଆସିଛି ମୋ ସମାଲୋଚକମାନଙ୍କ ଠାରୁ ପିଲାଦିନୁ ।

ରୂପ ପାଇଁ ଦାୟୀ ନିଶ୍ଚୟ ବାପା-ମାଆ; ଆଉ ସ୍ୱଭାବ ପାଇଁ...ହଁ, ଦାୟୀ ବି ସେଇମାନେ ଯେହେତୁ ମୋର ପାଞ୍ଚବର୍ଷ ବୟସରେ ମୋତେ ଅନାଥ କରି ଚାଲି ଯାଇଚନ୍ତି ସେମାନେ ।

ଭଦ୍ରକ ରେଲ୍‌ଓ୍ୱେ କଲୋନି । ଲୋକୋ ସେଡ୍‌ ଆଡକୁ ଷ୍ଟ୍ରେଟ ଦୁଇ ବଖୁରିଆ କ୍ୱାଟର । ତା'ରି ଭିତରେ ମୁଁ ବଡ଼ ହେଲି ।

ରେଲ୍‌ଓ୍ୱେରେ ଫାୟାରମ୍ୟାନ୍ ଥିଲେ ମାମୁଁ; ମୋ ମାଆର ନିଜ ବଡ ଭାଇ ।

ଆଠଗୋଟି ସନ୍ତାନ ସେମାନଙ୍କର । ତେଣୁ ମୁଁ ନିଶ୍ଚୟ ହୋଇଥିଲି ବୋଝପରି । ତଥାପି ଅଧିକା ବୋଝଟାକୁ ଯେ ସେମାନେ ବହନ କରିଥିଲେ, ସ୍ୱ ଇଚ୍ଛାରେ କି ଅନିଚ୍ଛାରେ ହେଉ, ସେତିକି ସେମାନଙ୍କ ଦୟା ।

ଦାରିଦ୍ର୍ୟ ପ୍ରପୀଡ଼ିତ ଏଇ ପରିବାର ଭିତରେ ମୁଁ ଥିଲି ରୂପରେ ସବୁଠାରୁ ଅସୁନ୍ଦର । କ୍ଲାସରେ ଫାଷ୍ଟ ସେକେଣ୍ଡ ହେଉଥିବା ମାମୁଁ-ପୁଅ ଭାଇମାନେ ହୁଏତ ମୋତେ ସେମାନଙ୍କଠାରୁ ଏଇଥି ପାଇଁ ନିକୃଷ୍ଟତର ଭାବୁଥିଲେ ବୋଲି ସବୁବେଳେ ମନେ ହେଉଥିଲା ମୋର ।

ପଢ଼ା ପଢ଼ିରେ ମୁଁ ଭଲ ନ ଥିଲି ଆଦୌ । ରେଲ୍‌ଓ୍ୱେ କଲୋନୀର ଏକମାତ୍ର ବିଦ୍ୟାଳୟ ଆଙ୍ଗ୍ଲୋ ଓଡ଼ିଆ ସ୍କୁଲରେ କୌଣସି ପ୍ରକାରେ କ୍ଲାସ ଉଠି ଯାଉଥିଲେ ମଧ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ମତରେ ମୁଁ ସୁମନ୍ତ ମହାପାତ୍ର ସବୁ ବର୍ଷ ଫେଲ ହେବା କଥା…

ପାଶ୍ ଯେ କରିଯାଉଚି, ତାହା କପି କରିବାର ଫଳ ଯାହା ଧରି ନ ପାରିବାଟା ସେଇମାନଙ୍କ ଅଯୋଗ୍ୟତା ବୋଲି ଜାଣିଥିଲେ ସେମାନେ ।

ମୁଁ ବି ଜାଣିଥିଲି, ମୋ କପି ଧରି ପାରିବା ଯେ କାହାର ସାଧ୍ୟର ଅତୀତ । କପି କରିବା ଏବଂ ତାହା ଲୁଚେଇ ରଖି ପାରିବାର କୌଶଳରେ ମୁଁ ଯେତିକି ବିଚକ୍ଷଣତା ପ୍ରମାଣ କରିଚି, ସେତିକି ବିଚକ୍ଷଣତା…ବୁଦ୍ଧି ଆଉ ମନଯୋଗ ପଢ଼ିବା ପ୍ରତି ଥିଲେ ଫାଷ୍ଟ ହଉ ଥାଆନ୍ତି କ୍ଲାସରେ ।

ମନେ ପଡୁଚି ଗୋଟିଏ ପରୀକ୍ଷା-ପୂର୍ବବର୍ତ୍ତୀ ଦିନର ଘଟଣା ।

ମାମୁଁ ପୁଅ ଭାଇମାନେ କାଳେ ଦେଖି ନେବେ ବୋଲି କଲୋନୀ ବାହାରେ ଅବସ୍ଥିତ ବିରାଟ ଜଳାଧାର କୂଳକୁ ଚାଲି ଯାଇ କଙ୍କ୍ରିଟିଆ ପଥର ବନ୍ଧ ଉପରେ ବସି ଛୋଟ ଛୋଟ ଅକ୍ଷରରେ ନୋଟ୍ କରି ଚାଲି ଥିଲି ପଏଣ୍ଟ ଗୁଡ଼ିକୁ ଟୁକୁରା କାଗଜମାନଙ୍କରେ ଯାହା ନେଇ ପରୀକ୍ଷା ହଲକୁ ଯିବି ।

ଏକ ମନରେ ନୋଟ୍ କରି ଚାଲିଥାଏ । ସମ୍ଭାବ୍ୟ ପ୍ରଶ୍ନ ଗୁଡ଼ିକ ଟେଷ୍ଟ୍ ପେପରରୁ ଅନୁମାନ କରିଥିଲି । ବର୍ତ୍ତମାନ ଖାଲି ନୋଟ୍ ବହି ଦେଖି ଉତ୍ତର ଲେଖି ନେବା କଥା ।

ଲେଖୁ ଲେଖୁ ହଠାତ୍ ସନ୍ଦେହ ଆସିଲା ମନରେ—ରବି ଠାକୁରଙ୍କ **"To the heaven of freedom my father let my country awake…"** ଏଇଟା ହୁଏତ ପଡ଼ିଯାଇ ପାରେ ଏଥର, ଯଦିଓ ଟେଷ୍ଟ୍ ପେପରରେ ନାହିଁ । ଠିକ୍ ଯେପରି ପ୍ରି-ଟେଷ୍ଟ ବେଳେ ପଡ଼ିଗଲା ଅପ୍ରତ୍ୟାଶିତଭାବେ **M. I. L.** ଓଡ଼ିଆ ପେପରରେ କାନ୍ତକବିଙ୍କର

"ହେ ମୋହନ, କି ମୋହନ ମନ୍ତ୍ର ଦେଇ ଗଲ; ଭାରତର ବକ୍ଷେ ଦେଲ ଅଗ୍ନି ଶିଖା ଜାଳି···" ଟେଷ୍ଟ୍ ପେପରରେ ନ ଥିଲେବି ।

ସେଇପରି ଗନ୍ଧ ପାଉଥିଲି ମୋ ସିକ୍ସ୍ଥ୍—ସେନ୍ସ୍ !

ଖୁବ୍ ଶୀଘ୍ର ସ୍ୱାଧୀନ ହେବାକୁ ଯାଉଚି ଭାରତ ବର୍ଷ । ତାରିଖ ବି ଘୋଷଣା ହୋଇ ସରିଲାଣି । ଅଗଷ୍ଟ ପନ୍ଦର । ଆଉ ମାସ ଦୁଇଟା ବାକି । ସାହସୀ ଶିକ୍ଷକମାନେ ନିଶ୍ଚୟ ପକାଇ ଦେବେ ଏଇ ପ୍ରକାର ପ୍ରଶ୍ନ ଟେଷ୍ଟ-ପେପର ବାହାରୁ ।

ବିନା ପରିଶ୍ରମରେ ପ୍ରଶ୍ନପତ୍ର ତିଆରି କରିବାର ଏକମାତ୍ର 'ଶୋର୍ସ' ସେମାନଙ୍କର ଟେଷ୍ଟ ପେପର । ଏଥର କିନ୍ତୁ ତାହାର ଟିକିଏ ବ୍ୟତିକ୍ରମ ହେବ ଏଇ କେସରେ ! !

ଭାବୁଥାଏ···

ହଠାତ୍ ପଛ ଆଡୁ ଶୁଭିଲା, ହ୍ୟାଲୋ !

ଚମକି ଉଠି ଚାହିଁ ଦିଏତ, ମିସେସ୍ ମାର୍ଗାରେଟ୍ !

ମିସେସ୍ ମାର୍ଗାରେଟ୍ ଆମର ଇଂଲିଶ୍ ଶିକ୍ଷୟିତ୍ରୀ ।

କପି କାଗଜ ଗୁଡ଼ିକ ଧରି ପକାଇ କହିଲେ ସୁମନ୍ତ, ୟୁ ଆର୍ କ'ଟ୍ ରେଡ଼୍ ହେଣ୍ଡେଡ଼୍ ଟୁଡେ !

ମୁଁ ନିର୍ବାକ୍ ! ! !

ଟିକିଏ ହସିଲେ; ତାପରେ ଗମ୍ଭୀର ହୋଇଗଲେ । ଆଚ୍ଛା, କାହିଁକି ତୋର ପଢ଼ାରେ ମନ ଲାଗୁନି କହିଲୁ ?

ମ୍ରିୟମାଣ ହୋଇ କହିଲି, ଜାଣେ ନା । ମୁଁ ବି ବୁଝି ପାରୁନି ଠିକ୍ । ପଢ଼ାରେ················

: କିନ୍ତୁ ମୁଁ ଜାଣେ । ପାଠପଢ଼ାରେ ତୋର ମନ ଲାଗୁନି, ତାହାର କାରଣ ତୋର ଅଭିନିବେଶ ବା କନ୍‌ସେଣ୍ଟ୍ରେସନ୍‌ର ଅଭାବ । କୌଣସି

ନିର୍ଦ୍ଦିଷ୍ଟ ଜିନିଷରେ ବେଶୀ ସମୟ ତୁ ମନ ସ୍ଥିର ରଖି ପାରୁନା । ତୋତେ ଠିକ୍ ଷ୍ଟଡ଼ି କରିଛି ମୁଁ । ତେବେ, ଯାହା କହୁଛି ପ୍ରାକ୍ଟିସ୍ କରି ଦେଖ୍— କନ୍‌ସେଣ୍ଟ୍ରେସନ୍ ଆସିଯିବ । ଇଂଲଣ୍ଡ୍‌ରେ ଏପରି କହନ୍ତୁଏ । ଉପାୟଟା ହେଉଛି, ବନ୍‌ଶୀ ଖଡ଼ାରେ ଚାର ଗୁଣ୍ଡି ପୋଖରୀ କୂଳେ ବସି ଚେଷ୍ଟା କର୍ ମାଛ ଧରିବାକୁ । ଗପବହି ନେଇଥିବୁ ସାଙ୍ଗରେ, ଇଚ୍ଛାହେଲେ ପଢ଼ିବୁ । ପ୍ରତିଦିନ ଦୁଇ ଘଣ୍ଟାରୁ ତିନି ଘଣ୍ଟାଯାଏ ଏହିପରି ମାଛ ଧରିବାର ଚେଷ୍ଟାକଲେ କନ୍‌ସେଣ୍ଟ୍ରେସନ୍ ଆସିଯିବ ଆପେ ଆପେ । ତୁ ଭଲ ପିଲା, ମୋ ଉପଦେଶଟା ମାନି ଦେଖ୍ ତ କଣ ହେଉଛି ।

ଏତିକି କହି କପି କାଗଜତକ ଅବଶ୍ୟ ସେ ଫେରାଇ ଦେଇଥିଲେ ।

ପରୀକ୍ଷାଟା ଗଲା ।.............

ତା'ପରେ ତାଙ୍କ ଉପଦେଶ ଅନୁଯାୟୀ ଚାର ଗୁଣ୍ଡି ବସିବାକୁ ଲାଗିଲି ଉପର ବେଳା ସ୍କୁଲ୍ ଛୁଟି ପରେ ଚାରିଟାରୁ ଛଅଟା ଯାଏ । ଖରାଦିନ ହୋଇ ଥାଏ; ବେଶ୍ ଲାଗେ ସଂଧ୍ୟାଯାଏ ପାଣି ଧାରରେ ବସିବାକୁ । ହେଲେ ବସେ ସିନା, କନ୍‌ସେଣ୍ଟ୍ରେସନ୍ କିନ୍ତୁ ଚାର ପାଖରେ ବା ମାଛ ଆଡ଼କୁ ରହେ ନାହିଁ ସବୁବେଳେ । ସେଇ ବିଶାଳ ସୁବିସ୍ତୀର୍ଣ୍ଣ ଜଳାଧାର ଆର ପାଖେ ଚାଉଳକଲର ଚିମ୍‌ନୀରୁ ଉଠୁଥିବା ଧୂଆଁ ଆଡ଼କୁ ଚାହିଁ ମୁଁ ଭାବେ ସେହି କଳର ଯାନ୍ତ୍ରିକ ପ୍ରକ୍ରିୟା କଥା; ଫେରି ଚାହେଁ ଅଦୂରସ୍ଥ ଲେଭେଲ୍ କ୍ରସିଂ ଆଡ଼କୁ—ମନେ ପଡ଼େ ସେଇଠି ହୋଇଯାଇଥିବା ଏକ୍ସିଡେଣ୍ଟ୍; ଯୋଉଥିରେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଇଥିଲା ଗୋଟିଏ ପୋଲିସ୍ ଜିପ୍ । ଦୂର ଚାହେଁ ରାଜ୍‌ଘାଟ୍ ପୋଲ ଆଡ଼କୁ—ମନେ ପଡ଼େ ଶାଳନ୍ଦୀର ଗତ ବର୍ଷ ବନ୍ୟା କଥା—ପୋଲ ଉପରୁ ଠିଆ ହୋଇ ଆମେ ସବୁ କିପରି ବନ୍ୟା ଦେଖୁଥିଲୁ ତଳକୁ ଚାହିଁ........ ଇତ୍ୟାଦି ।

ମାଛ ଆଉ ଚାର ଉଭୟ ହେଇଯାଏ କୁଆଡ଼େ ଏଇ ସବୁ ବିଭିନ୍ନ-ମୁଖୀ ଚିନ୍ତା ଭିତରେ । ଫେଲ୍ କରେ କନ୍‌ସେଣ୍ଟ୍ରେସନ୍ ପ୍ରକ୍ରିୟା !!

ତଥାପି ମୁଁ ପ୍ରାକ୍ଟିସ୍ କରି ଚାଲିଥିଲି । ଯାଉଥିଲି ପ୍ରତିଦିନ । କାରଣ ମୋତେ ଭଲ ଲାଗୁଥିଲା । ଭଲ ଲାଗୁଥିଲା ପାଣି କୂଳରେ ସେଇ ବରଗଛ ତଳେ ନିରୋଳାରେ ବସିବାକୁ । ଘାସବଣ ଘେରା ଇମିତି ସ୍ନିଗ୍ଧ ନିଭୃତ ସ୍ଥାନଟିଏ ସାରା ସହରରେ ନାହିଁ । ମାଛ ହୁଏତ ଦୁଇ ତିନୋଟି କେବେ କମିତି ଧରା ପଡ଼ୁ ଥିଲେ, କିନ୍ତୁ ଆନନ୍ଦ ଯାହା ପାଉଥିଲି ବସି ବସି ତାହାହିଁ ଥିଲା ମୋର ଲାଭ ।

ଏହି ପରି କନ୍‌ସେଣ୍ଟ୍ରେସନ୍ ପ୍ରାକ୍ଟିସ୍ କରୁ କରୁ ଏକ ସାୟାହ୍ନରେ ଘଟିଗଲା ସେଇ ଅଘଟଣ ।

ବରଗଛ ତଳେ ବସିପଡ଼ି ମୁଁ ସେଦିନ ବନ୍‌ଶୀଟି ପକାଇବା ମାତ୍ରେ ବିରାଟ ମାଛଟାଏ ଲାଖିଗଲା କଣ୍ଟାରେ । ଖୁବ୍ ବଡ଼ ନିଶ୍ଚୟ ! ମୁଁ ତାକୁ ଟାଣି ଉଠାଇ ପାରୁ ନ ଥିଲି । ଦେଖି ପାରୁ ନ ଥିଲି ଅବଶ୍ୟ ପାଣି ଭିତରେ ଥିବାରୁ—କିନ୍ତୁ ଇମିତି ହଲ୍‌ଚଲ୍ ହେଉଥିଲା ଯେ ଢେଉ ଉଠୁଥିଲା ଉପରକୁ । କିଂକର୍ତ୍ତବ୍ୟ ବିମୂଢ଼ ମୋତେ ଅବାକ୍ କରି ପର ମୁହୂର୍ତ୍ତରେ ଦେଖା ଗଲା କଣ୍ଟା ସହିତ ଗୁଡ଼ାଇ ହୋଇ ରକ୍ତାଭ କେଶ-ଗୁଚ୍ଛ ଆଉ ମିସେସ୍ ମାର୍ଗାରେଟ୍‌ଙ୍କ ମୁହଁ ।

(କହିବାକୁ ଭୁଲି ଯାଇଚି, ଏଠାକାର ଅନ୍ୟାନ୍ୟ ଆଙ୍ଗ୍ଲୋ ଇଣ୍ଡିଆନ୍‌ମାନଙ୍କ ପରି ସ୍ୱର୍ଣ୍ଣାଭ ନୁହେଁ, ରକ୍ତାଭ ଥିଲା ତାଙ୍କ କେଶ, ଯୋଉଥି ପାଇଁ 'ଜବା-କେଶୀ' ବୋଲି ଡାକୁଥିଲେ ତାଙ୍କୁ କେତେକ, ଅବଶ୍ୟ, ତାଙ୍କ ପଛରେ । )

ସଂଧ୍ୟାବେଳେ ଏକୁଟିଆ ଗାଧୋଇବାକୁ ଆସି ଇମିତି ଗୋଟାଏ ଖିଆଲରେ ସେ କୁଆଡ଼େ ପରୀକ୍ଷା କରି ଦେଖୁଥିଲେ କେତେ ସମୟ ପାଣି ଭିତରେ ନିଶ୍ୱାସ ବନ୍ଦ୍ କରି ବୁଡ଼ି ରହି ପାରିବେ । ଏଇ ଥର ମନେ ମନେ ଷାଠିଏ ଯାଏ ଗଣି ( ଏଇଟା ସବୁଠାରୁ ବେଶୀ ସମୟ) ଅର୍ଦ୍ଧନିଶ୍ୱାସୀ ହୋଇ ଉପରକୁ ମୁଣ୍ଡ ଟେକୁ ଟେକୁ ମୋ ବନ୍‌ଶୀର କଣ୍ଟାଟା କୁଆଡ଼େ··· (ଏ ସବୁ ଅବଶ୍ୟ ସେ ମୋତେ କହିଥିଲେ ପରେ) !

ଉପରକୁ ମୁଣ୍ଡ ଟେକିବା କ୍ଷଣି ମୋତେ ଦେଖି ପାଟି କରି ଉଠିଥିଲେ : ନଟି ବୟ୍, ଉହୁଃ······କାଢ଼ି ନେ······କାଢ଼ି ନେ କଣ୍ଟାଟାକୁ !

: ପାଣି ଭିତରକୁ ଯିବି କିପରି, ଆପଣ ବରଂ କାଢ଼ି ଦିଅନ୍ତୁ । ବିପନ୍ନ ହୋଇ କହିଲି ।

: ବନ୍‌ଶୀଟା ଗୁଡ଼ି ଦେ ରୁ । ସୂତାଟାକୁ ଟାଣୁ ଟାଣୁ କହିଲେ,—ମୁଁ ଆଉ ଫିସିଙ୍ଗ୍ ମି ଟୁ ଡ଼େ !

:ଆଇ ଆମ୍ ସରି······କହି ବନ୍‌ଶୀ ଗୁଡ଼ି ଦେଲି । ପାଣି ଉପରେ ସେଇଟା ଭାସିବାକୁ ଲାଗିଲା । ଦେଖୁଥାଏ, ଟାଣି ଝିଙ୍କି ସୂତା ଛଡ଼େଇବାକୁ, ଚେଷ୍ଟା କରୁ ଥାଆନ୍ତି ସେ, ପାରୁ ନଥିଲେ ମଧ୍ୟ ।

କହିଲି : ଆପଣ ଉଠି ଆସନ୍ତୁ ଉପରକୁ; ମୁଁ ବାହାର କରି ଦେବି ।

: ଲାଇକ୍ ଦିସ୍ !—ସେ ହସି ଉଠିଲେ, କଣ୍ଟାଟା ବାହାରି ଗଲା ବାଲରୁ, ବନ୍‌ଶୀଟା ହାତରେ ଧରି ବେତ ଉଞ୍ଚାଇବା ଭଙ୍ଗୀରେ କହିଲେ ଆଖି ବୁଜ୍, ମୁଁ ପାଣିରୁ ଉଠିବି ଏଇନେ, ଭିତରେ କିଛି ପିନ୍ଧିନ !········· ଖାଲି ବୁଜିଲେ ହବନି, ହାତ ଡାଙ୍କ୍ ଆଖିରେ········ । ହୁଁ, ସେଇ ରକମ୍; ବେଶ୍ । ପଛ ବୁଲି ଠିଆ ହ'ତ ବର୍ତ୍ତମାନ । ଠିକ୍ ଅଛୁ ।

ପାଣିରୁ ସେ ଉଠୁଚନ୍ତି । ଜଳର ଛଳ-ଛଳ ସହିତ ତାଙ୍କ ହସର କଳ କଳ ଶୁଭୁଚି ଘନ ଘୋର ଅନ୍ଧକାର ଭିତରେ ।

କିନ୍ତୁ କୌତୂହଳୀମନ ବାଧା ମାନେନାହିଁ । ·········ବାରଣ ମାନେ ନାହିଁ । କିଛି ପିନ୍ଧି ନାହାନ୍ତି ମାର୍ଗାରେଟ୍ !······

ମୁଁ ଟିକିଏ ଦେଖନ୍ତି !············

କବୁଜ ଭାବେ ଆଖି ଉପରେ ଢାଙ୍କିଥିବା ଆଙ୍ଗୁଳି ଅଳ୍ପ ଟିକିଏ ମେଲା କଲି—ପତା ଖୋଲି ଆସ୍ତେ ଫେରି ଗୁହିଁଲି ପଛକୁ······।

କୂଳରୁ ଭିତରକୁ ଝୁଙ୍କି ପଡ଼ି ପ୍ରାୟ ପାଣି ଛୁଉଁଥିବା ଗୋଟିଏ ବରଗଛ ଛିଅରୁ ସେ ତାଙ୍କର ଅନ୍ତଃବାସ ନେଇ ପିନ୍ଧୁଚନ୍ତି । ପାଦ ଦୁଇଟି କେବଳ ବୁଡ଼ି ରହିଚି । ପାଣି ସେଠି ଅଳ୍ପ !!·········

ନିର୍ଜନ ଜଳାଶୟ ତୀରରେ ତନ୍ୱୀ ଯୁବତୀର ଉନ୍ମୁକ୍ତ ଦେହ !!!······ ଯାହାର ଦର୍ଶକ କେବଳ ଜଣେ । ହଠାତ୍ ମୋର ମନେ ହେଲା, ମୁଁ କିଶୋର ନୁହେଁ······ପୁରୁଷ; ଆଉ ସେ ଶିକ୍ଷୟିତ୍ରୀ ନୁହେଁ ନାରୀ !!!

ଦେଖିବାକୁ ଲାଗିଲି ନିର୍ନିମେଷ ଦୃଷ୍ଟିରେ ।

ସେଇ ସିଅରେ ସେ ଝୁଲାଇ ରଖିଥିଲେ ଅନ୍ତର୍ବାସ ସହିତ ବହିର୍ବାସ ମଧ୍ୟ । ଗୋଟିକି ପରେ ଗୋଟିଏ ସବୁ କିଛି ପିନ୍ଧି ବୋତାମ ଲଗାଇବା ଶେଷ କରିବା ଆଗରୁ କହିଲେ, ଆଖି ଖୋଲି ପାରୁ ଏବେ······ ଆରେ··· ନଟି ବଦ୍ମା···ଏ କଣ··· ତୁ ଯେ ଚେଇଁ ରହିଛୁ ମୁଁ ଅନୁମତି ଦେବା ଆଗରୁ······! ସବୁ କିଛି ଦେଖିଦେଲୁ ନାଁ କଣ ?

ପୁରପୁର ହାତ କାଢ଼ି ଦେଇ ମୁଁ ହସି ଉଠିଥିଲି ଆଉ ସେ ବି !....

ମିସେସ୍ ମାର୍ଗାରେଟ୍ ।

ସ୍ୱାମୀ ତାଙ୍କର ଇଞ୍ଜିନ୍ ଡ୍ରାଇଭର । ଯାତାୟତ ଖଡ଼ଗପୁର—ଓ୍ୱାଲଟିୟର ରୁଟ୍‌ରେ । ସପ୍ତାହର ନିର୍ଦ୍ଦିଷ୍ଟ ଦୁଇଦିନ ମାତ୍ର ରହନ୍ତି ସେ ଏଠି । ବାକି ପାଞ୍ଚଦିନ ବାହାରେ । ସ୍ୱାମୀ-ବଞ୍ଚିତ ରାତିରେ ସୁନିଦ୍ରା ପାଇବା ପାଇଁ ଆଜିପରି ସପ୍ତାହର ଏହି ପାଞ୍ଚଦିନ ସେ ଇମିତି ପାଣିରେ ବୁଡ଼ି ସଂଧ୍ୟା ବେଳୁ ଦେହ ଅଣ୍ଡାକରି ନିଅନ୍ତି ବୋଧହୁଏ ନିୟମିତ ।

ତାଙ୍କ ସାଙ୍ଗରେ ବଂଧୁତା (?) ହୋଇଯିବା ପରେ ପଚାରି ଦେଇଥିଲି ଅବଶ୍ୟ ।

କହିଥିଲେ, ମାତୃ-ଗର୍ଭରୁ ଯେଉଁପରି ସେ ଜନ୍ମ ହୋଇଚନ୍ତି··· ସେଇପରି ହେବାକୁ ଇଚ୍ଛା ହୁଏ ତାଙ୍କର ଜଳାଶୟ ଭିତରେ ପଶିଲେଇ । ନିଜେ ମଧ୍ୟ ସେ କହି ପାରିବେନି ଏହାର କାରଣ—କହି ପାରିବେ ତାଙ୍କୁ ପୁଙ୍ଖାନୁପୁଙ୍ଖ ପରୀକ୍ଷା କରି କୌଣସି ମନଃସ୍ତାତ୍ତ୍ୱିକ ହୁଏତ ।

ନାରୀ ଦେହ ସମ୍ବନ୍ଧରେ ମୋତେ ପ୍ରଥମ ଅଭିଜ୍ଞତା ଦେଇଥିବା ସେଇ ମିସେସ୍ ମାର୍ଗାରେଟ୍ ପ୍ରସଙ୍ଗ କମେ ଥରେ କହିଥିଲେ ଗୋଟିଏ ନୂଆ କଥା— ଜଣେ ଝିଅ କୁଆଡେ ଆଉ ଜଣେ ଝିଅ ପ୍ରେମରେ ବି ପଡ଼ି ପାରେ ।

ପରେ ଏହା ଆବିଷ୍କାର କରିଥିଲି ସାହିତ୍ୟର ପୃଷ୍ଠାରୁ ।

ମାଟ୍ରିକ୍ ପରୀକ୍ଷା ସମୟରେ ମୋର ଓଡ଼ିଆ ପୋଏଟ୍ରି ସିଲେକ୍ସନ ହଜି ଯାଇଥିବାରୁ ରାଧାନାଥ ଗ୍ରନ୍ଥାବଳୀର ଯେଉଁ ଅଂଶଟି ସେଥିରେ ଅଛି ସେଇତକ ଅନ୍ତତଃ ଫୁଟ୍‌ନୋଟ୍ ସହ କପି କରି ନେବା ପାଇଁ ସ୍କୁଲ ଲାଇବ୍ରେରୀରୁ ନେଇ ଆସିଥିଲି ଗ୍ରନ୍ଥାବଳୀଟିକୁ ।

"ଚିଲିକା" ତ ଥିଲା କେବଳ କୋର୍ସରେ । ସବୁ ବର୍ଷ ପଢ଼ିବା କଥା ସେଇ ବହୁ-ଘଷା ପ୍ରକୃତି ବର୍ଣ୍ଣନା ପଦକ—

"ଯହିଁ ମେଘାଳୟେ ପ୍ରଫୁଲ୍ଲ ଅନ୍ତର,<br>
ମୈଥିଳୀ-ପାଳିତ କେକୀ ବଂଶଧର<br>
ନାଚେ ନୃତ୍ୟକାରୀ ନୀଳକଣ୍ଠ କେକା<br>
ଅଦ୍ୟାପି ସୂଚଇ ରାମାଶ୍ରମ ରେଖା ।"

ତଳେ ଲେଖାଥିବ—କୁହ ଏଇଟା ରାଧାନାଥଙ୍କ କୋଉ କାବ୍ୟରେ ଅଛି; ବୁଝାଅ—କୋଉ ସ୍ଥାନରେ ବର୍ଣ୍ଣନା ସେ କରିଚନ୍ତି ।

'ଚିଲିକା' କୁ ଯାହା ନୋଟ୍ କରିବା କଥା କରିନେଇ (ସେଇ ପରୀକ୍ଷା ସମୟରେ !) ମୁଁ କୋର୍ସ ବହିଃଭୂତ ତାଙ୍କର ପ୍ରେମଧର୍ମୀ କାବ୍ୟ ଗୁଡ଼ିକ ପଢ଼ି ବସିଲି କୌତୁହଳୀ ହୋଇ ।

'ଚିଲିକା' ପରେ ପ୍ରଥମେ ଆରମ୍ଭ କଲି "ଯଯାତି କେଶରୀ" । କାହିଁକି ସେଇଟା ପଢ଼ି ବସିଲି ପ୍ରଥମେ, କାରଣ ନାହିଁ କିଛି । ଗୋଟାଏ ଖିଆଲରେ ।

‘କେଦାର ଗୌରୀ’, ‘ଊଷା’ ଓ ‘ନନ୍ଦକେଶ୍ୱରୀ’ ବି ପଢ଼ି ପାରି-ଥାଆନ୍ତି ପ୍ରଥମେ । କିନ୍ତୁ ପୃଷ୍ଠା ଲେଉଟାଉ ଲେଉଟାଉ ସେଇଠାଇ ବାହାରି ପଡ଼ିଲା ଆଗେ । ତେଣୁ ପଢ଼ି ବସିଲି । ଆଉ…ପଢ଼ୁ ପଢ଼ୁ ରହି ଗଲି ସେଇଠି, ଯୋଉଠି ରାଜଜେମା ଲଳିତା । ଯଯାତି-ଭଗ୍ନି ବିମଳାକୁ ଭିଡ଼ିଧରି—“ବିମଳାକୁ ଜେମା ସଙ୍କଳେ ପୁରୁଷ ଗଢ଼ି ନେଇ ସେହିପରି…, ଲଳିତ-ସମ୍ଭୋଗ ରୀତିମାନ ମନେ ଆଚରିଲା ଅଲୋଦରୀ…”

ମନଃଚକ୍ଷୁରେ ମୋର ନାଚିବାକୁ ଲାଗିଲା ଅହେତୁକ ଭାବେ ସେଇ କାଳଜୟୀ ଦୃଶ୍ୟଟି କାବ୍ୟ ଶେଷ କରିବା ପରେ ବି । ତାହିଁକି ଅବଶ୍ୟ ଜାଣେନା । ହୁଏତ ସେଥିରେ Peculiarity ସ୍ୱାଦ ଥିଲା ବୋଲି ।

ପରୀକ୍ଷା ଆଗରେ ଥିଲାବେଳେ ସମୟ କଟାଇବା ପାଇଁ ଯିଏ ‘ଯଯାତି କେଶରୀ’ ପଢ଼ି ବସେ ସେ ଫେଲ୍ ହେବା ଉଚିତ ।

ମୁଁ କିନ୍ତୁ ପାସ୍ କରି ପାରିଥିଲି ।

(କିପରି…!)

କଲେଜରେ ଏଡ଼୍‌ମିଶନ୍ ନେଲି ତା’ପରେ ।

କିନ୍ତୁ ଘରର ଅବସ୍ଥା ଖରାପ ଆଡ଼କୁ ଗତି କରୁଥାଏ ସେତେବେଳକୁ ।

କିଛି ଦିନ ଧରି ମାଈଁଙ୍କର ଯୋଉ ଖୁଁ ଖୁଁ କାଶଟା ଲାଗିଥିଲା, ସେଇଟା ଯେ ସୁବିଖ୍ୟାତ ରାଜଯକ୍ଷ୍ମା ବ୍ୟାଧି ତାହା ଜଣା ପଡ଼ିଗଲା ଶେଷରେ । ସେ ଗଲେ ଇଟ୍‌କି । ସ୍ୟାନାଟୋରିଅମ୍ ଖର୍ଚ୍ଚ ଚଳାଇବା ପାଇଁ ମୋର ଆଡ଼ୁ ହେଲା ଖର୍ଚ୍ଚ-କାଟ୍ ବ୍ୟବସ୍ଥା । ମୋ ପଢ଼ା ପାଇଁ ଆଉ ସେମାନେ ଦେଇ ପାରିବେନି । ସ୍ୱାଭାବିକ । ସରକାରୀ ନୀତି ମଧ୍ୟ ଏଇଆ । ସ୍ୱାସ୍ଥ୍ୟ ବିଭାଗ ବଜେଟ୍ ଭାରୀ ହୋଇଗଲେ ଶିକ୍ଷା ବିଭାଗରୁ ଛଟେଇ କରାଯାଏ ।

ମାମୁଁ ଅବଶ୍ୟ ବୁଝାଇ ମୋତେ କହୁଥିଲେ ଏବଂ ଚେଷ୍ଟା କରି ଯୋଗାଡ଼ କରି ଦେଇଥିଲେ ଷ୍ଟାମ୍ପସ୍ ବ୍ଲକ ଅଫିସରେ କନଷ୍ଟ କରାମୀର ଚାକିରିଟିଏ ।

ବ୍ଲକ ଚାକିରି—କ୍ୱାର୍ଟର ପାଇବା ପାଇଁ ମୁଁ ହକ୍‌ଦାର—ତଥାପି ରହିବାକୁ ଲାଗିଲି ମାମୁଁଙ୍କ ବସାରେ ଯେହେତୁ ସେ ଇଚ୍ଛା କରୁଥିଲେ ମୁଁ ନ ଯାଏ । ଏଇ ଇଚ୍ଛାଟା ଅବଶ୍ୟ କୃତ୍ରିମ ନୁହେଁ ପ୍ରାକୃତିକ । କାରଣ ଘରେ ରହିଲେ ଅନ୍ତତଃ ଖାଇବା ଖର୍ଚ୍ଚ ଦେବି ତ ! (ସେଇଥିରୁ ସେ କିଛି ରୋଜଗାର କରି ପାରିବେ ! !)

ଦୁନିଆରେ କେହି କାହାକୁ ବିନା ସ୍ୱାର୍ଥରେ ଭଲ ପାଏ ନାହିଁ ଦେଖିଚ ।

ମାମୁଁଙ୍କୁ ତାହେଲେ ଆଉ ଦୋଷ ଦେବି କାହିଁକି ?

ହୃଦୟର ବନ୍ଧନ କଟିଗଲେ ବି ଚକ୍ଷୁଲଜ୍ଜାର ବନ୍ଧନ କାଟି ଦେଇ ହୁଏନା । ତେଣୁ ମାମୁଁଙ୍କ ପରିବାର ପ୍ରତି ମୋର ହାର୍ଦ୍ଦିକ ସମ୍ପର୍କ ନ ଥିଲେ ବି ଏକ ପ୍ରକାର ବାଧ୍ୟ ହୋଇ ରହି ଥିଲି ସେଠି···ଚାକିରି କରିବା ପରେ ମଧ୍ୟ । ମୋର ପୈତୃକ ସମ୍ପତ୍ତି ଏମାନେ ଆତ୍ମସାତ କରିଚନ୍ତି; ତଥାପି ମୋ ଦାୟିତ୍ୱ ନ ନେଇ ବି ପାରିଥାଆନ୍ତେ । କୌଣସି ସାକ୍ଷ୍ୟ-ପ୍ରମାଣ ତ ନାହିଁ ସେଇ ଆତ୍ମସାତ୍‌ର ଯଦିଓ ତାହା ସତ୍ୟ । ଏତେ ଦିନ ମୋ ଦାୟିତ୍ୱ ନେଲେ, 'ଦୟା' କରି ପଢ଼େଇଲେ···, ଏତିକି ନିଶ୍ଚୟ ମାନବିକତା ସେମାନଙ୍କର । କାରଣ ମୋ ପ୍ରତି ନୈତିକ ଦାୟିତ୍ୱ ଥିଲେ ମଧ୍ୟ ଆଇନଗତ ଦାୟିତ୍ୱ ସେମାନଙ୍କର ନ ଥିଲା ।

ଅବଶ୍ୟ ଛଅମାସ ପରେ ତାଙ୍କର ଟ୍ରାନ୍‌ସଫର୍ ହେଇଗଲା ଖଡ଼ଗପୁର ଆଉ ମୁଁ ଉଠି ଆସିଲି ମୋତେ ଦିଆ ହୋଇଥିବା କ୍ୱାର୍ଟରକୁ । ବ୍ଲକ କଲୋନୀର ଶେଷ, ଶାଳବଣୀ ଦେଖାଯାଏ, ସହରର ଉପାନ୍ତରେ ନିରୋଳା ଆଉ ସୁନ୍ଦର ସେଇ ପରିବେଶ ।

(ତେବେ ଖଡ଼ଗପୁର ଯିବା ପରେ ବି ନିସ୍ତାର ଦେଇନାହାନ୍ତି ମୋତେ ସେମାନେ । ନାନା ଆଳରେ ଟଙ୍କା ପାଇଁ ଲେଖିଚନ୍ତି—ଆଉ ମୁଁ ମଧ୍ୟ ପଠାଇଚି ପାରୁ ପର୍ଯ୍ୟନ୍ତ ! ଚକ୍ଷୁ-ଲଜ୍ଜ୍ୟାର ବନ୍ଧନ ତ ! !)

ମାମୁଁ ଯିବା ପରେ ମୁଁ ଏକ ମନସ୍ତାତ୍ତ୍ୱିକ ମୁକ୍ତି ପାଇଥିଲି । ତାଙ୍କ ଘରେ ମୋର ସ୍ଥିତି ଆଉ ସହରରେ ତାଙ୍କର ଉପସ୍ଥିତି ଅନେକ ପରିମାଣରେ ଖର୍ବ କରୁଥିଲା ମୋର ସ୍ୱାଧୀନତା । ତାଙ୍କର ଟ୍ରାନ୍ସଫର ପରେ ମନେ ହେଲା ମୁଁ ନିଷ୍କୃତି ପାଇ ଯାଇଚି ଯେହେତୁ ସେ ଜଗୁ ନ ଥିଲେ ମଧ୍ୟ ମନେ ହେଉଥିଲା ଜଗି ରହିଥିବା ପରି । ସେଇ ଶ୍ୱାସ-ରୁଦ୍ଧତାରୁ ମୁକ୍ତି ମିଳିଲା ବର୍ତ୍ତମାନ । ଏଇ ଥର ଜୀବନକୁ ଉପଭୋଗ କରି ପାରିବି ।

କିନ୍ତୁ ଉପଭୋଗ କରିବାକୁ ଚାହିଁଲେଇ ଉପଭୋଗ କରି ହୁଏନା । ଉପଭୋଗ ପାଇଁ କୌଣସି କିଛି ଭଦ୍ରକ ଭଳି ଛୋଟ ସହରରେ (ମୋର ବଗ୍ରଟ ମନ ପାଇଁ !) ନଥିବା ଭଳି ମଧ୍ୟ କ୍ରମେ କ୍ରମେ ମନେ ହେବାକୁ ଲାଗିଲା । ଜୀବନକୁ କିପରି ଇଣ୍ଟେରେଷ୍ଟିଂ କରାଯାଇ ପାରେ ସେଥିପାଇଁ ମୁଁ ଉପାୟ ଖୋଜିବାକୁ ଲାଗିଲି ।

ନିଷ୍କ୍ରିୟ ଭାବେ ରହିବା ମୋ ପକ୍ଷରେ ଥିଲା ପ୍ରାୟ ଆତ୍ମହତ୍ୟାର ସାମିଲ । ଏହି ମାନସିକ-ଆତ୍ମହତ୍ୟାରୁ ରକ୍ଷା ପାଇବା ପାଇଁ ଶେଷରେ ମୋତେ 'ଡ୍ରିଙ୍କ' ଧରିବାକୁ ପଡ଼ିଲା । ସହରର ଏକମାତ୍ର ବାର୍‌ରେ ଚାଲିଲା ମୋର ନୈଶ୍ୟ-ଲୀଳା କଣ୍ଟ୍ରାକ୍ଟରମାନଙ୍କ ଆତିଥେୟତାରେ । ବ୍ଲକର ବିଲ୍ କ୍ଲର୍କ ଥିଲି ମୁଁ । 'ପେମେଣ୍ଟ'ଟା ମୋ ହାତରେ ଥିବାରୁ ବିଲ୍ ପାଶ୍ ହେବାରେ ଟିକିଏ ଡେରି କରି ଦେଲେ ଯଥା ସମୟରେ ସେମାନେ ଆସି ଆମନ୍ତ୍ରଣ କରି ନେଉଥିଲେ ବାର୍‌କୁ ।

ପ୍ରଥମେ ପ୍ରଥମେ ଡ୍ରିଙ୍କ୍ ।

ତା'ପରେ ନେଲି ସିଧା ସଳଖ ନଗଦ ଟଙ୍କା । ଡ୍ରାଇଭିଂ ମଧ୍ୟ ଶିଖିଲି ସେଇମାନଙ୍କ ଗାଡ଼ି ନେଇ । ଶିଖୁ ଶିଖୁ ଜଣକର ଜୀପ୍‌ଟିଏ ଭାଙ୍ଗି ଦେଲି

କ୍ରମେ କ୍ରମେ ନିଜକୁ ଖୁବ ବଡ଼ ମନେ ହେବାକୁ ଲାଗିଲା । ମନେ ହେଲା, ମୋର ଗାଡ଼ି ଅଛି, ଟଙ୍କା ଅଛି, ମୁଁ ଡ୍ରିଙ୍କ୍ କରି ପାରୁଛି, ଡ୍ରାଇଭ୍ କରି ପାରୁଛି; ଗୋଟାଏ ବାକ୍ୟରେ—ଜୀବନକୁ ଉପଭୋଗ କରି ପାରୁଛି ।

ନିଜକୁ ବଡ଼ ବୋଲି ମନେ କରିବା ପଛରେ କାମ କରୁଥିଲା ଅବଦମିତ ହୀନମନ୍ୟତା । ହଁ, ହୀନମନ୍ୟତାରେଇ ମୁଁ ପୀଡ଼ିତ ହେଉଥିଲି ଅବଚେତନ ମନ ଭିତରେ । କାରଣ, ଜାଣିଥିଲି ମୁଁ ଅସୁନ୍ଦର । (ଖୁବ ସଚେତନ ଥିଲି ମୋର ରୂପହୀନତା ସମ୍ପର୍କରେ ଖୁବ୍ ପିଲାଦିନୁ । ସହପାଠୀମାନେ ମୋତେ ଚିଡ଼ାଉ ଥିଲେ ଅସୁନ୍ଦର ବୋଲି । ବୟସ ବଢ଼ିବା ସଙ୍ଗେ ସଙ୍ଗେ ମୋର ବିଶ୍ୱାସ ହୋଇ ଯାଇଥିଲା, କେବଳ ଏଇଥି ପାଇଁ କୌଣସି ଝିଅ ମୋତେ ଭଲ ପାଇ ପାରିବନି ।)

ସେଇଥି ପାଇଁ ତ ମିସେସ୍ ମାର୍ଗାରେଟ୍‌ଙ୍କ ସହିତ ଦୈହିକ ସମ୍ପର୍କ ସ୍ଥାପିତ ହେବା ପରେ ଦିନେ ପଚାରି ଦେଇଥିଲି, ଆପଣଙ୍କ ସ୍ୱାମୀ ଏତେ ସୁନ୍ଦର, ସୁପୁରୁଷ; ଆପଣ ମୋତେ ଭଲ ପାଇ ପାରୁଛନ୍ତି କିପରି ?

: ଦୂର୍ ବୋକା । ସେ ଉତ୍ତର ଦେଇ ଥିଲେ—ତୋତେ ପୁଣି ଭଲ ପାଇଲି କେବେ ? ଖାଲି ବ୍ୟବହାର କରୁଛି ମାତ୍ର ; ଜଷ୍ଟ ଇଉଜିଂ ୟୁ ! ସ୍ୱାମୀଙ୍କ ଅବର୍ତ୍ତମାନରେ ମୋର ସେଇଟା ଦରକାର !! ବେଶ୍ ସେତିକି !!!

ବୁଝିଥିଲି କୌଣସି ନାରୀ ମୋତେ ଭଲ ପାଇବନି, କେବଳ ବ୍ୟବହାର କରିବ । ବ୍ୟବହୃତ ସାମଗ୍ରୀ ପରି ବ୍ୟବହାର କରି ପରିତ୍ୟାଗ କରିବ 'ନିରୋଧ' ବା ସେଇ ଭଳି ଅନ୍ୟ ପ୍ରକାର ଉପକରଣ ପରି । ତେଣୁ ଭାବି ନେଲି, ମୁଁ ମଧ୍ୟ ମନେ କରିବି ସେମାନଙ୍କୁ ବ୍ୟବହାର୍ଯ୍ୟ ସାମଗ୍ରୀ ।

ମିସେସ୍ ମାର୍ଗାରେଟ୍‌ଙ୍କୁ ଭଲ ଭାବରେ ବ୍ୟବହାର କରିଛି ସେଇଆ ଭାବି ନେଇ ।

ମନେ ଅଛି ଶାରୀରିକ କ୍ରିୟା ବେଳେ ମୋ ନିଷ୍ଠୁରତାରେ ବ୍ୟଥିତା ହୋଇ ସେ ଦିନେ କାନ୍ଦି ପକାଇ ଥିଲେ ପ୍ରାୟ । କହିଥିଲେ, ନିଜ ସ୍ତ୍ରୀ ଭଳି ବ୍ୟବହାର କର୍...

(ଆହା ହା ! ନିଜ ସ୍ତ୍ରୀ ଭଳି ! ! ଶୁଣିବାକୁ କି ସୁଇଟ୍ ! ! !)

ଉତ୍ତର ଦେଇ ଥିଲି, ସେଇଆ ତ କରୁଚି !

: ନାଁ ! ସେ ଅସ୍ପଷ୍ଟ ସ୍ୱରରେ ପ୍ରାୟ ଆର୍ତ୍ତନାଦ କରିଥିଲେ— ଜାନୁଆର ସାଙ୍ଗରେ ଏଇ ଭଳିଆ ବ୍ୟବହାର କରାଯାଏ; ଜାନୁଆରମାନେଇ ଏଇ ଭଳି ବିହେଭ୍ କରନ୍ତି... !

(ବେଶ୍ କରିଚି । ଯିଏ ମୋତେ ବ୍ୟବହାର୍ଯ୍ୟ ସାମଗ୍ରୀ ମନେ କରେ ତା' ସହିତ ଏଇ ଯୋଗ୍ୟ ବ୍ୟବହାର । ତା' ପାଇଁ ମୁଁ ମଣିଷ ନୁହେଁ କି ଜାନୁଆର୍ ବି ନୁହେଁ; କାଠ, ପଥର ବା ଲୁହା ପରି ଗୋଟାଏ ସାମଗ୍ରୀ ! !)

କିନ୍ତୁ ମୋ ବ୍ୟବହାରରେ ପ୍ରକାଶ ପାଉଥିବା ନିଷ୍ଠୁରତା ଅପରିବର୍ତ୍ତିତ ରହିଲେ ବି ସେ ମୋତେ ବାରମ୍ବାର ଦରକାର କରୁଥିଲେ । ହୁଏତ ବ୍ୟବହାର୍ଯ୍ୟ ବସ୍ତୁ ହିସାବରେ ବେଶ୍ ଉନ୍ନତ ଧରଣର ଥିଲି ବୋଲି ଅନ୍ତତଃ ତାଙ୍କ ପାଇଁ । ସେଇଆ ସେ ମନେ କରୁଥିଲେ ନିଶ୍ଚୟ । ନଚେତ୍ ମୋ ପରି ଅସୁନ୍ଦର କୁ-ରୂପ ଜଣଙ୍କୁ ବାରମ୍ବାର ଡାକୁଥିଲେ ବା କାହିଁକି ?

କିଛି ଦିନ ପରେ ସେମାନେ ବି ଟ୍ରାନସ୍ଫର ହେଇଯାଇ ଥିଲେ ଖୋର୍ଦ୍ଧାରୋଡ଼ ।

ଚାଲିଯାଇ ଥିଲେ ମିସେସ୍ ମାର୍ଗାରେଟ୍; କିନ୍ତୁ ବଦଳାଇ ଦେଇ ଯାଇଥିଲେ ମୋର ମୂଲ୍ୟବୋଧ ।

ସେଇ ପରିବର୍ତ୍ତିତ ମୂଲ୍ୟବୋଧକୁ ନେଇ ମୁଁ ସୁମନ୍ତ ମହାପାତ୍ର କାୟୋ-ମନୋଃ-ବାକ୍ୟରେ ପରିଣତ ହେବାକୁ ଲାଗିଲି ଏକ ମର୍‌ଭଡ୍ କ୍ୟାରେକ୍ଟରରେ ।

ଯୁଦ୍ଧର ଘନଘଟା…

ଜାତୀୟ ପ୍ରତିରକ୍ଷା ପାଣ୍ଠି ପାଇଁ ଅର୍ଥ ସଂଗ୍ରହ କରିବାକୁ ଷ୍ଟାଫ୍‌ମାନେ ମିଶି ଥିଏଟର କରିବା ସ୍ଥିର ହେଲା । ବି. ଡ଼ି. ଓ. ନିଜେ ମଧ୍ୟ ଉତ୍ସାହୀ ହେଲେ ଏ ବିଷୟରେ । ଯୋଉମାନେ ଅଫିସରେ ଫାଙ୍କି ଦିଅନ୍ତି, ଦେଖାଗଲା ସେଇ-ମାନଙ୍କ ଆଗ୍ରହ ଏଥିରେ ବେଶୀ—ଆଗୁଆ ହୋଇ ଲାଗି ପଡ଼ିଛନ୍ତି ମହାନ୍ ଜାତୀୟ କାର୍ଯ୍ୟରେ !

ଅଫିସ ଭିତରେ ସେତେବେଳେ ମୋର କୌଣସି ପୋଜିସନ୍ ନଥାଏ । ସମସ୍ତଙ୍କଠାରୁ ମୋର କାର୍ଯ୍ୟକାଳ କମ୍ । ସେଥିରେ ପୁଣି ମୋ ଉପରେ ବିଶେଷ ସନ୍ତୁଷ୍ଟ ନ ଥାଆନ୍ତି ବି. ଡ଼ି. ଓ. । (ସବୁବେଳେ ମୋ ବିରୁଦ୍ଧରେ ଚୁଗୁଲି ଶୁଣିଲେ ସନ୍ତୁଷ୍ଟ ଆଉ ରହନ୍ତେ କି ?) କାଳେ ଥିଏଟର୍‌ରେ ଭଲ ଏକ୍‌ଟିଭିଟି ଦେଖେଇ ପାରିଲେ ତାଙ୍କ ଶୁଭ ଦୃଷ୍ଟିରେ ପଡ଼ିଯିବି, ଏଇଆ ଥାଏ ମୋର ଆଶା; ଆଉ ଷ୍ଟାଫ୍ (ସେଇ ସବୁ ଚୁଗୁଲିଆ)-ମାନଙ୍କ ଆଶଙ୍କା ! ଏତେ ଅଳ୍ପ ଦିନ ଭିତରେ ମୁଁ ଟଙ୍କା ମାରିବାର ଏତିକି କାଇଦା ଜାଣିଲିଣି……କଣ୍ଟ୍ରାକ୍‌ଟରମାନଙ୍କ ସାଙ୍ଗରେ ଡ୍ରିଙ୍କ୍ କରୁଛି… ସେମାନଙ୍କ ଜିପ୍ ନେଇ ଘୂରୁଛି—କୁଆଡ଼ୁ ସହି ପାରନ୍ତେ ସେମାନେ ! ! ! ତେଣୁ ମୁଁ ଥିଏଟର ମାଧ୍ୟମରେ ବି. ଡ଼ି. ଓ.ଙ୍କ ଶୁଭଦୃଷ୍ଟିରେ ପଡ଼ିବାକୁ ଚେଷ୍ଟା କଲେ ବି ସେମାନେ ମୋର ସମସ୍ତ ତତ୍ପରତାକୁ ଚାପି ଦେଇ ମୋତେ କୋଣ ଠେସା କରି ରଖିବାରେ ଲାଗିଲେ ।

ନାଟକର ନାମ 'ବିଷକନ୍ୟା' । ଗୁପ୍ତ-ମୌର୍ଯ୍ୟ ଯୁଗୀୟ ଐତିହାସିକ ପ୍ଲଟ ।

ଚାହିଁଥିଲି ବଡ଼ ରୋଲ ନେବା ପାଇଁ । ଷଡ଼ଯନ୍ତ୍ର କରି....ଦେଲେ ମୋତେ ଅତି ଛୋଟିଆ ପାର୍ଟଟିଏ । ପାଟଳୀପୁତ୍ରର ନାବାଳକ ଯୁବରାଜ ମଣିମୟ । କେବଳ ଶେଷ ଦୃଶ୍ୟରେ ଯିଏ ଷ୍ଟେଜ୍ ଉପରକୁ ଆସିବ । ସଂଳାପ ପୁଣି ଅଳ୍ପ କେତୋଟି ଲାଇନ୍ ।

ମନଟା ଖରାପ ହେଇ ଯାଇଥାଏ ।

ମୋତେ ସପୋର୍ଟ କରିବାକୁ କେହି ନାହିଁ । କିଏ ମୋ ପାଇଁ କହିବ ?

ଏହି ପରିସ୍ଥିତି ଭିତରେ ଦିନେ ରବିବାର ସକାଳୁ ମୁଁ ସାଇକେଲ ନେଇ ଯାଉଛି କଚେରୀ ପାଖ ଛକକୁ ସିଗାରେଟ୍ କିଣିବା ପାଇଁ । ଦେଖିଲି ଡକ୍ଟର ଦାସଙ୍କ ସାମନାରେ ବ. ଡ଼ି. ଓ., ତାଙ୍କ ସ୍ତ୍ରୀ ଆଉ ଡ଼କ୍ଟର ଦାସ ନିଜେ । ଠିଆ ହୋଇ କଣ କଥାବାର୍ତ୍ତା ହଉ ଆଆନ୍ତି ସେମାନେ ।

ରାସ୍ତା କଡ଼ଟା । ମୋ ଉପରେ ସେମାନଙ୍କ ଦୃଷ୍ଟି ପଡ଼ିବା କ୍ଷଣି ଓହ୍ଲାଇ ପଡ଼ି ନମସ୍କାର କଲି ।

:କୁଆଡେ ଗ୍ଲିଲ ସୁମନ୍ତ ?—ବ. ଡ଼. ଓ. ପଚ୍ଚରିଲେ ।

:ଆଜ୍ଞା, ଏଇ···ଟିକିଏ—

(ସିଗାରେଟ୍ କଥାଟା ବ. ଡ଼. ଓ. ଙ୍କୁ କୁହା ଯାଇ ନ ପାରେ । ଯଦିଓ ସେ ଆଧୁନିକା ତରୁଣୀଙ୍କ ସ୍ୱାମୀ ନିଜେ ମଧ୍ୟ ଧୂମ୍ରପାୟୀ ଅତ୍ୟାଧୁନିକ ଭଦ୍ରଲୋକ ! !)

:ସେଇ ଛକରୁ ମୋ ପାଇଁ ସିଗାରେଟ୍ ପ୍ୟାକେଟଟିଏ ଆଣି ଦେଇ ପାରିବ ?

(ଅନୁରୋଧ ! "ଛକରୁ ସିଗାରେଟ୍ ନେଇଆ" କହି ଥିଲେ ବି ଆଣି ଆଆନ୍ତି । ଧାଇଁ ଯାଇ ! ! ଅଫିସର କେହି ଏଠି ଥିଲେ ଈର୍ଷା କରନ୍ତେ ମୋ ସୌଭାଗ୍ୟ ଦେଖି ! ମନେ ମନେ ଚିତ୍କାର କରି ଡ଼ାକ ଦେଲି ସେମାନଙ୍କୁ —ଦେଖି ଯାଅବେ ପାଜି—ହାରାମଜାଦା—ବଦମାସ୍ ଗୁଣ୍ଡା—, ବ. ଡ଼. ଓ ସ୍ୱୟଂ ସିଗାରେଟ୍ ପାଇଁ ପଠଉଚନ୍ତି ! ! ଅଫିସ ହୋଇ ଥିଲେ ଆଭୁଡା ପଡ଼ନ୍ତି ନ କହିବା ଆଗରୁ ଆଗେ ଦୌଡ଼ି ଯିବା ପାଇଁ ! ! ! ଏଇନେ ଏଠି ? କେହି ଅଛ ନେ ଯିବ !)

ସାଙ୍ଗେ ସାଙ୍ଗେ ସାଇକେଲ୍ରେ ଉଠିଲି—"ନେଇ ଆସୁଚ ଆଜ୍ଞା" କହି ଦେ ଛୁଟ୍ ।

ପଛରୁ ଡ଼ାକ, ରୁହ ରୁହ, ଟଙ୍କା ନଅ, ମୋର କ ସିଗାରେଟ୍ କାଣ ?

ଘସ୍ସ୍ କରି ବ୍ରେକ୍ । ସାଇକେଲ ଫେରେଇବା । ଟଙ୍କା ପକେଟସ୍ଥ କରି କ୍ୟାପ୍‌ଷ୍ଟେନ୍ ଆଣିବାକୁ ପୁଣି ମାର୍ ଦୌଡ଼—(ସାଇକେଲରେ !)

(ମାର୍ ଦୌଡ଼—ମାର୍ ଦୌଡ଼—! ମାରଲି ମାରଲି, ମାରି ନେଲି ଏଇ ଅର—ବାଜିମାତ୍ତ ! ଶଲେ କଥାବାର୍ତ୍ତା ହଉଥିଲ ପରି ଏ ବର୍ଷ କୁଆଡ଼େ ମୋ ସି· ସି. ଆର୍ ଖରାପ ହେଇ ଯାଇ ପାରେ ବୋଲି ? ଦେଖି ଯାଅବେ ଆସି ଦେଖିଯାଅ—ରାମା, ଦାମା, ଶାମା, କମିଲାର ଦଳ !)

ଜୋର୍‌ରେ ଅଟକ ଗଲ ଟ୍ୟାକ୍‌ସିଟା । "···କୈସା ଆଦମୀ ହେ !" ଦାଢ଼ି ଆଉ ପଗଡ଼ି ଘେରା ମୁହଁ । ଆଉ କଣ କହୁଚ କ କହୁଲା ଶୁଣିବାକୁ ସମୟ ନାହିଁ । ବ୍ୟାଲାନ୍‌ସ ରଖି, ହ୍ୟାଣ୍ଡେଲ୍ ଘୂରେଇ ପୁଣି ମାର ପ୍ୟାଡ଼େଲ୍ ଜୋର୍‌ସେ ।

: ଆଜ୍ଞା ଏଇ ସିଗାରେଟ୍ ! (ଧଇଁ ସଇଁ ନିଶ୍ୱାସ ସହ ! !)

: ହ୍ୱ ଇଜ୍ ଏ ଭେରି ସ୍ମାର୍ଟ ବୟ୍ସ ! (ଏଁ—ଏଁ—କଣ ଶୁଣୁଚ କାନ ? ବିଶ୍ୱାସ କର ହଉନ ! !)

ଡ଼କ୍‌ଟର ଦାସ ହସିଲେ । ଆଧୁନିକା ପତ୍ନୀ ବି ଫିକ୍ କରି ଟିକଏ ହସିଦେଲେ ଲିପ୍‌ଷ୍ଟିକ୍ ଭିତରୁ ।

ସୁମନ୍ତ, ଡ଼ାମାରେ ଲାଗିଚ ତ ? ରହାର୍ସେଲ ଚାଲିଚୁ ?

: ଚାଲିଚ ଆଜ୍ଞା ।

: ଆଜ ଯିବି ତମ ରହାର୍ସେଲ୍ ଦେଖିବା ପାଇଁ । କେତେବେଳେ କରୁଚ ?

: ସବୁଦିନ ସନ୍ଧ୍ୟାବେଳେ ହେଉଛି । ଆଜି କାଲି ଉପରବେଳା ହେବ । ଛୁଟିଦିନ ।

: ଆରେ ଉପର ବେଳାମାନେ କେତେଟାରେ ?

: ତିନଟାରେ ଆଜ୍ଞା

: ଠିକ୍ । ଦେଖିବା ତମେମାନେ କିମିତି କରୁଛ ।

ଆଧୁନିକା ପତ୍ନୀ ପଚାରିଲେ, ତମେ ରୋଲ୍ ନେଇଛ ପରା ।

(ସୁଯୋଗ··· ସୁଯୋଗ···! ସକାଳୁ ଉଠି ଶଙ୍ଖଚିଲ ଦର୍ଶନର ସୁଫଳ ! !)

ଗୃହିଣୀର କଥାପରେ କହିଲି, ଆଜ୍ଞା, ମୋତେ ଗ୍ରେଟ ରୋଲ୍ ଦେଇଚନ୍ତି ।
ହସି ଉଠିଲେ ସମସ୍ତେ ।

: କି ରୋଲ୍ ନେଇଛ ? (···କୋକିଳ କଣ୍ଠୀ ପଚାରିଲେ । କଥା ଗୁଡ଼ା ବୋହି ପଡୁଛି ଯେମିତି—ଇଚ୍ଛା ହେଉଛି ଗୋଟି ପକେଇବାକୁ । ମନ୍ଦ ନୁହେଁ ବ୍ୟବହୃତ ସାମଗ୍ରୀ ଭାବରେ ! !)

: ପାଟଳୀପୁତ୍ର ଯୁବରାଜ

: ବାଃ (ପୁଣି ଲିପ୍‌ଷ୍ଟିକ୍ ହସ !) ଭଲ ତ !

:ଖୁବ୍ ଗ୍ରେଟ ରୋଲ୍‌ଟା !

: ଆରେ ସେଇଟା ଏଥର ଭଲ ଭାବେ କରନା । ସିଗାରେଟ୍ ମୁହଁରେ ଦେଲେ ବି· ଡି· ଓ· । ପୁଣି ଡ୍ରାମା ହେଲେ କହିବା ତମକୁ ବଡ଼ ରୋଲ୍ ଦବାପାଇଁ ।

(ଯାଃ···ସବୁ ଆଶା ଭରସା ବିଲୁପ୍ତ । ଜନ୍ମ ଆସୁଥିବା ଘାପଟା ଦପ୍ କରି ନିଭି ଗଲା ଯିମିତି ! ! ଖାଲି କଣ ସେତିକି ? ପ୍ୟାଡ଼େଲ ମାରୁ ମାରୁ ଯଛରୁ ଶୁଭିଗଲା ବଡ଼ ଫାଙ୍କି ବାଜ୍, ଅଫିସରେ କାମ କରେନା ଆଦୌ !!!)

ଇଚ୍ଛା ହେଲା ରୋଲ୍ ନେବି ନାହିଁ କି ସହଯୋଗ କରିବି ନାହିଁ ଡ୍ରାମାରେ । କିନ୍ତୁ ତାହା ହେଲେ ଆହୁରି ବେଶୀ ବିପଦ । ଜାତୀୟ ପ୍ରତିରକ୍ଷା ପାଣ୍ଠି ପାଇଁ ଟଙ୍କା ଉଠାଇବାକୁ ଡ୍ରାମା କରି ହେଉଚି—ନିଜେ ତଦ୍‌ବିର କରୁଚନ୍ତି ବି. ଡ଼ି. ଓ, ! ! ଅତଏବ..., ନାଁ, ସେ ସବୁ ଚଳିବନି ! ! ମନ ଭିତରୁ ଉଠୁଥିବା ଅନ୍-ପାର୍ଲ୍ୟାମେଣ୍ଟାରି ଭାଷା ସବୁକୁ ଛାଡ଼ି ପାଖରେ ଚାପି ରଖି ମୁହଁଟାକୁ ଯଥା ସମ୍ଭବ ନିରୀହ କରି ରୋଲ୍ କରୁଥାଏ ଆଉ ଥିଏଟର୍ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁଷଙ୍ଗିକ କାମ ବି ।

ସହର ସାରା ଚାରିଆଡ଼େ ପୋଷ୍ଟର୍ ପଡ଼ିଯାଇଚି । ନାଟକର ନାମ "ବିଷକନ୍ୟା", ଉଦ୍ଦେଶ୍ୟ ଜାତୀୟ ପ୍ରତିରକ୍ଷା ପାଣ୍ଠି ସଂଗ୍ରହ, କରିବେ ବ୍ଲକ୍ ଷ୍ଟାଫ୍‌ମାନେ, କଟକରୁ ଆସିବେ ନାୟିକା ହେବା ପାଇଁ ବିଖ୍ୟାତ ଅଭିନେତ୍ରୀ ଝରଣା ରାୟ ! ! !

ସବ୍‌ଡିଭିଜନ୍‌ର ସଦର୍ ମହକୁମା ଶ୍ରେଷ୍ଠ ସହରଟିରେ ଚାଞ୍ଚଲ୍ୟ ଖେଳାଇବା ପାଇଁ ତାହାହିଁ ଥିଲା ଯଥେଷ୍ଟ ।

ଅବଶ୍ୟ ପୂର୍ବତନ ବି. ଡ଼ି. ଓ. ଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ଲକ୍ ଷ୍ଟାଫ୍-ମାନଙ୍କର ନାଟ୍ୟାନୁଷ୍ଠାନ ଏଇ 'ସୃଜନୀ କ୍ଲବ୍' ଗତ କେତେ ବର୍ଷ ଧରି ନାଟକ ଦେଖାଇଛନ୍ତି ଅପୂର୍ବ ସଫଳତାର ସହିତ । ଝରଣାଙ୍କୁ ଏହା ଆଗରୁ ବି ଆଣିଥିଲେ ସେମାନେ । ଛାତ୍ର ଜୀବନରେ ମୁଁ ମଧ୍ୟ ଆସି ଏମାନଙ୍କ ନାଟକ ଦେଖିଥିଲି, ମୁଗ୍ଧ ହୋଇଥିଲି ଝରଣାଙ୍କ ଅଭିନୟ-ପ୍ରତିଭାରେ । ଆଜି ଘଟଣା-ଚକ୍ରରେ ନିଜେ ହୋଇ ପଡ଼ିଚି ସେହି ଅନୁଷ୍ଠାନର ଜଣେ, ଭାବିଲେ ଗର୍ବ ଆସିବା କଥା ମନରେ । କିନ୍ତୁ ଖରାପ ଲାଗୁଥାଏ, ଭଲ ରୋଲ ଏମାନେ ମୋତେ ଦେଲେନି—ଆଉ ତା' ବି ଉଦ୍ଦେଶ୍ୟମୂଳକ ଭାବେ ।

ସେଇ କ୍ଷତି ପୂରଣ କରି ନେବାକୁ ଅର୍ଗାନାଇଜର୍ ପରି ଉପରେ ପଡ଼ି ସବୁ କାମ କରି ପକାଉ ଥାଏ—ଯଦିଓ ପ୍ରାୟ ଅବାଂଛିତ ଭଳି ମୋର

ପୋଜିସନ । ଝିରଣାଙ୍କ ସହିତ ଅଭିନୟ ନ କରି ପାରିଲେ ବି ତତ୍ତ୍ୱାବଧାରକ ଭୂମିକାରେ ରହି ଅନ୍ତତଃ ତାଙ୍କର ନିକଟତର ସାହଚର୍ଯ୍ୟରେ ଆସି ପାରିବି ତ !

(ଖାଲି ମୁଁ କାହିଁକି, ସମସ୍ତଙ୍କ ମନ ଭିତରେ ନିଶ୍ଚୟ ସେଇଆ ଥିବ । କିଏ ନ ଚାହିଁବ ଜଣେ ଅଭିନେତ୍ରୀର ସଂସ୍ପର୍ଶରେ ଆସିବାକୁ, ଷ୍ଟେଜ୍ ଭିତରେ ହେଉ କି ବାହାରେ ହେଉ । ଅବଶ୍ୟ ନାରୀ ମାନେଇ ମୋ ଆଖିରେ କେବଳ ବ୍ୟବହୃତ ସାମଗ୍ରୀ, ସେ ଯିଏ ହେଉନା କାହିଁକି । )

କିନ୍ତୁ କଣ ଏଥର ହେଲା ମୋର ?

ଏହା ପୂର୍ବରୁ କୌଣସି ନାରୀକୁ ତ ମୁଁ ଏଇ ଦୃଷ୍ଟିରେ ଦେଖିନି, କୌଣସି ନାରୀକୁ ନେଇ ଏଇ ପ୍ରକାର ଚିନ୍ତା କରିନି ! କିନ୍ତୁ ପରି ଚେହେରାର ଏଇ ସୁମନ୍ତ ମହାପାତ୍ର ମହାଶୟଙ୍କ ଜାଲ୍ତବ ମନ ଭିତରେ ହଠାତ୍ ଗୋଟାଏ ସେଇ ପ୍ରକାର ଦୁର୍ବଳତା ଆସିଲା କାହିଁକି ଯାହାକୁ "ବସନ୍ତ-ବର୍ଣ୍ଣିନା" ପରି ଅନୁଭବ କେବେ କରି ନାହିଁ । ବାସ୍ତବରେ....ମାତ୍ର ଖାଲି ବହିର ପୃଷ୍ଠାରେ ପଢ଼ିଛି···ଉପନ୍ୟାସ ବା ନାଟକ ବହିର ପୃଷ୍ଠାରେ···ଜଣେ ନାରୀ ପ୍ରତି ଜଣେ ପୁରୁଷର ମନରେ ( 'ମନ' ! ଦେହ ନୁହେଁ···) କିଛିଏ ନରମ୍ ନରମ୍ ଭାବ ଆସିବା....ଯାହାକୁ ସାହିତ୍ୟିକ ଭାଷାରେ 'ପ୍ରେମ', 'ଭଲ ପାଇବା' ବା ସେଇପରି କିଛି ଗୋଟାଏ କହନ୍ତି— ସେଓ ପ୍ରକାର ଭାବ ମନରେ ଆସିଥିଲେ ମିସେସ୍ ମାର୍ଗାରେଟ୍ ସହିତ ମୁଁ 'ସ୍ତ୍ରୀ ସହିତ ଯେପରି ବ୍ୟବହାର କରାଯାଏ' କରି ପାରି ଥାଆନ୍ତି । ('ମନ'ରୁ ଯେ ପୁଣି 'ଦେହ'କୁ ଆସି ଗଲି ହଠାତ୍ । ମନରେ ଯେତେ ନରମ ଭାବ ଆସିଲେ ବି ଦେହଟାକୁ ଉହ୍ୟ କରାଯାଇ ପାରେନା ତେବେ ! ! )

କିନ୍ତୁ ଝିରଣା ନୁହେଁ, ମୁଁ ମଞ୍ଜୁ କଥା କହୁଚି; ଝିରଣା ସହିତ ଉହ୍ୟ ପରି ଆସିଥିବା ସେଇ ଝିଅଟି···ଯାହାକୁ ସେ ତାଙ୍କର ପିଉସୀ ଝିଅ ଭଉଣୀ ବୋଲି ପରିଚୟ ଦେଇ ଥିଲେ ପ୍ରଥମେ ।

ଦେହ-ସର୍ବସ୍ୱ ସୁମନ୍ତ ମହାପାତ୍ରର 'ମନ' ବୋଲି ଯେ କିଛି ଅଛି, କେହି ସେ କଥା ଚିନ୍ତା କରୁ ନ ଥିଲେ କେବଳ ମଞ୍ଜୁ ବୋଧହୁଏ ଅନୁଭବ କରିପାରି ଥିଲା ମୋ ମନର ଖବର । ମୁଁ ଅସୁନ୍ଦର ଅଭିନୟ କରିବା ପାଇଁ ଅନୁପଯୁକ୍ତ, ମୁଁ ରହିବା ଉଚିତ 'ମୃତ ସୈନିକ' କିମ୍ବା 'ନେପଥ୍ୟ କୋଲାହଳ' ତାଲିକାରେ; 'ତାଲିକା'ର ଯଦିବା 'ଭୂମିକା'କୁ ଆସେ 'ରାଜପୁତ୍ର' ନ ସାଜି ବରଂ ମୋର 'ବିଦୂଷକ' ସାଜିବା ଉଚିତ୍ କାହିଁକି ନା ମୋର କରୁଣତମ ସଂଳାପ କୁଆଡେ ସୃଷ୍ଟି କରେ ଦାରୁଣତମ ହାସ୍ୟରସ...... ।

ମଂଜୁ ବୁଝି ଥିଲା, ଏଇ ସବୁ ମନ୍ତବ୍ୟ ମୋ ମନରେ କେତେ ଆଘାତ ଦେଉଚି ।

ସେମାନେ ମୋତେ ଏପରି କହିବା ବେଳେ ମୁଁ ଭାବୁଥିଲି, 'ମୃତ-ସୈନିକ' 'ନେପଥ୍ୟ କୋଲାହଳ' ଆଉ 'ବିଦୂଷକ'ର ଅଭିନେତାଙ୍କୁ ଅଦରକାରି ଅଲିଆ ଗଦା ମନେ କରୁଥିବା ଏଇ ଆତ୍ମଗର୍ବୀମାନେ ବୁଝନ୍ତିନି—କେତେକ ସେଇ ସବୁ ଭୂମିକା ନେଉଚନ୍ତି ବୋଲି ତ 'ମନ୍ତ୍ରୀ' 'ସେନାପତି' ବା 'ସମ୍ରାଟ'ର ଗମ୍ଭୀର ଭୂମିକାରେ ଅବତୀର୍ଣ୍ଣ ହୋଇ ପାରୁଚନ୍ତି ଆଉ ମାନେ ! ଜଣେ କାନ୍ଧ ଦେଖାଇ ତଳେ ଠିଆ ହୋଇ ରହୁଚି ବୋଲି ସିନା ଆଉ ଜଣେ ତା' ଉପରେ ଉଠି ନିଜର ଉଚ୍ଚତା ପ୍ରଦର୍ଶାଇ ପାରୁଚି । ଜଣେ ଯାପରୁଖା ହୋଇଚି ବୋଲି ତ ଆଉ ଜଣେ ତା' ଉପରେ ଜାକୁଲିମାନ ପ୍ରଦୀପ ହୋଇ ଦୃଷ୍ଟି ଆକର୍ଷଣ କରି ପାରୁଚି ସମସ୍ତଙ୍କର ।

ଭାବୁଥିଲି; କିନ୍ତୁ ପାରୁ ନଥିଲି ପ୍ରତିବାଦ କରି । ସେଇ ମୂର୍ତ୍ତିମନ୍ତ ହେଲା ମୋ ପାଇଁ ପ୍ରତିବାଦର ସାକ୍ଷାତ ଅବତାର ପରି । ମୋର ମନକଥା ଫୁଟି ଉଠିଲା ତା' ମୁହଁରେ । ହଁ, ମୋ ପ୍ରତି ସହାନୁଭୂତି ଦେଖାଇଥିଲା ମଂଜୁ ...ଆଉ ତା' ବି ଏକାନ୍ତରେ ବା ଅନ୍ତରାଳରେ ନୁହେଁ—ସମସ୍ତଙ୍କ ଆଗରେ ।

ଝରଣାର ମୁହଁ ଭଙ୍ଗୀରୁ ବୁଝି ପାରିଥିଲି—ମଂଜୁର ଏଇ ସହାନୁଭୂତି ଦେଖାଇବାଟା ସେ ପସନ୍ଦ କରି ପାରିନ । କାହିଁକି ପାରିନ, ତାହାର କାରଣ ଖୁବ୍ ସାଦା । ମୁଁ ସ୍ତ୍ରୀଜନୀର ଜଣେ ନଗଣ୍ୟ କର୍ମୀ ଆଉ ମୋତେ ଅବହେଳା କରୁଥିବା ବ୍ୟକ୍ତି-ବିଶେଷମାନେ ନାଟ୍ୟ-ସଂସ୍ଥାର ଅଗ୍ରଗଣ୍ୟ ନେତା ।

ମୋର ଇଚ୍ଛା ହେଉଥିଲା ମଂଜୁକୁ ଧନ୍ୟବାଦ ଦେବା ପାଇଁ । ତା' ପାଖରେ ମୁଁ କୃତଜ୍ଞ ହେଇଥିଲି । ଚାହୁଁଥିଲି ତାକୁ ବହୁତ କିଛି କହିବା ପାଇଁ । ଚାହୁଁଥିଲି ତାକୁ ଅନେକ କ୍ଷଣ ଧରି ଅନେଇ ରହିବାକୁ । ନାସ୍ତି ସହିତ କେବଳ ଶାସ୍ତ୍ରୀକ-ଚିନ୍ତାରେ ବିଶ୍ୱାସ କରୁଥିବା ମୁଁ ସୁମନ୍ତ ମହାପାତ୍ର ପ୍ରଥମ ଥର ପାଇଁ ଅନୁଭବ କଲି ମୋ ଭିତରେ ମନ ନାମକ ବାଯ୍ବୀୟ ବା ଅଦୃଶ୍ୟ କିଛି ଗୋଟାଏ ରହିଚି ଆଉ ତାହା ମଂଜୁର ସହାନୁଭୂତିର ଉତ୍ତାପରେ ଗରମ୍ ହୋଇ ଖାଲି ନରମ୍ ହୋଇ ଯାଇନ···ତରଳ ହୋଇ ସ୍ରୋତ ପରି ତା' ଆଡ଼କୁ ମୋତେ ଭସାଇ ନେଇ ଗଲାଣି ।

ସେମାନେ ରହୁଥିବା ଡାକବଙ୍ଗଳାର ହତାକୁ ଲାଗି ବ୍ଲକ୍ କଲୋନୀର ଶେଷରେ ଅବସ୍ଥିତ ମୋ କ୍ୱାଟର୍ ।

ବିଛଣାରେ ଶୋଇ ଶୋଇ ମଂଜୁ କଥା ଭାବୁଥାଏ । ସିଗାରେଟ୍ ପରେ ସିଗାରେଟ୍ । ଝରକା ସେ ପାଖେ ଜହ୍ନ ଆଲୁଅରେ ଦିଶୁଥାଏ ଡାକବଙ୍ଗଳାଟା । ଖୁବ୍ ପାଖରେ । ମୋ କ୍ୱାଟର୍ ଆଉ ସେଇ ବଙ୍ଗଳାର ପଛ ପାଖ ହତା ମଝିରେ ଖାଲି ଗୋଟିଏ ଛୋଟିଆ ତାର-ବାଡ଼ର ବ୍ୟବଧାନ ।

ବାଥ୍ ରୁମ୍ ଭିତରୁ ପାଣିର କଳକଳ ଶବ୍ଦ ସହିତ ଭାସି ଆସୁଥିଲା ମୃଦୁ କଣ୍ଠ-ସଂଗୀତର ଲହରୀ ।

ଏ କାହା ଗଳା ?

ମଂଜର ନିଶ୍ଚୟ ।

ସୁଲୁ ସୁଲୁଆ ପବନଟା ବନ୍ଦ ହେଇ ଗଲା ହଠାତ୍ ।

ଝରକା ପାଖ ଇଉକାଲିପଟ୍‌ସ୍ ଗଛଟାର ଛୁଞ୍ଚ ପରି ସରୁ ସରୁ ପତ୍ର ଗୁଡ଼ିକ ବି ଟିକିଏ ହେଲେ ଆଉ ଏଇନେ ହଲ୍‌ଚଲ୍ ହେବାର ଦର୍ଶନ ଆଲୋକ-ଉଜ୍ଜ୍ୱଳ ଆକାଶର ପୃଷ୍ଠ-ଭୂମି ଉପରେ । ଗରମ ବଢ଼ୁଚି, ଦେହ ଭିଜି ଆସିଲାଣି ଝାଳରେ, ଖାଲି ଅସ୍ୱସ୍ତିକର ଲାଗୁଚି ।

ଘର ଭିତରେ ରହି ହେବନାହିଁ ଆଉ । ବାହାରକୁ ଉଠି ଆସି ବାରଣ୍ଡା ଉପରେ ଆସି ଠିଆ ହେଲି ।

ରେଲ୍‌ଓ୍ୱେ କଲୋନୀରେ ଇଲେକ୍‌ଟ୍ରିସିଟ୍ ଅଛି । ପିଲା ଦିନୁ ଫ୍ୟାନ୍‌ରେ ମୁଁ ଅଭ୍ୟସ୍ତ । ସିଲିଂ ଫ୍ୟାନ୍ ନ ଥିଲେ ବି ଦୁଇ ବଖରାକୁ ଦୁଇଟା ଟେବୁଲ୍ ଫ୍ୟାନ୍ ତ ଥିଲା ମାମୁଁଙ୍କର । ଆଉ ଏଠି ଇଲେକ୍‌ଟ୍ରିକ୍ ଲାଇନ୍ ସହରର ଏଇ ଏରିଆକୁ ଆସି ଯାଇଥିଲେ ବ୍ଲକ୍ କଲୋନୀକୁ ଅଣା ହୋଇନ ଏ ଯାଏ ( ଯଦିଓ ପାଖ ଡାକବଙ୍ଗଳାରେ ବି ଲାଗି ଯାଇ ସାରିଲାଣି ) । ଶୁଣା ତ ଯାଉଚି ଏଇ ବର୍ଷ ଆସି ଯିବ ବୋଲି—କେଜାଣି କେତେ ଡେରି ହେବ ଆଉ ?

ତାଳ-ପତ୍ର ପଂଖାରେ ବନ୍ଦି ହେବା ଅପେକ୍ଷା ବରଂ ବାହାରେ ବୁଲିବି ପବନ ଆସିବା ଯାଏ ।

ସିଗାରେଟ୍‌ଟିଏ ଧରାଇ ଓହ୍ଲାଇ ଆସିଲି ବାରଣ୍ଡା ତଳ ଘାସ ଉପରକୁ ।

ପାଣିର କଳକଳ ଆଉ ସଙ୍ଗୀତର ଗୁଞ୍ଜନ ମୋ କାନରେ ବାଜୁଥାଏ । ମୁଁ ମନେ ମନେ ସ୍ୱର ମିଳାଇବାକୁ ଲାଗିଲି ।

ବାଥ୍‌ରୁମ୍ ଭିତରେ ମଂଜୁ ଅଛି ତା' ହେଲେ ।

ଝରଣା ତେବେ ଥିବ କୋଉଠି ବର୍ତ୍ତମାନ ?

ହୁଏତ ଶୋଇ ପଡ଼ିବଣି ।

ହୋଇ ପାରେ ଶୋଇବା ଆଗରୁ ଗାଧୋଇବା ମଂଜୁର ଗୋଟାଏ ଅଭ୍ୟାସ । କିମ୍ବା (ହୋଇ ପାରେ) କେବଳ ଆଜି ଗାଧୋଉଚି ଅସମୟରେ ଗରମଟା ଖୁବ୍ ପଡ଼ିଯାଇ ଥିବାରୁ ।

ମଂଜୁ ବାଥ୍ ରୁମ୍ ଭିତରେ । ମୁଁ ତା' କଥା ଭାବିବାକୁ ଲାଗିଲି । ଚିନ୍ତା ଭାବନାରେ ସବୁବେଳେ କଳ୍ପନା ସହ କିଛିଟା ଉଦ୍ଭଟତା ମିଶି ରହି ଥାଏ; ଆଉ ସେଇ ଉଦ୍ଭଟ ଅଂଶକୁ ଲିଖିତ ବାକ୍ୟରେ ରହିଯାଇଥିବା ଭୁଲ୍ ବା ଅବାନ୍ତର ଶବ୍ଦ ପରି ପରେ ଆମେ କାଟି କାଟି ସଂଶୋଧନ କରୁ... ଯୋଉଟା ହୁଏ ଫାଇନାଲ୍ ପ୍ରୁଫ୍ । କିନ୍ତୁ ଅ-ସଂଶୋଧିତ ଲେଖା ଯେପରି ମୌଳିକ ରଚନା, ଅ-ସଂଶୋଧିତ ଚିନ୍ତା ସେହିପରି ମୌଳିକ ଭାବନା ।

ବାଥ୍ ରୁମ୍ ଭିତରେ ଥିବା ମଞ୍ଜୁ ସମ୍ବନ୍ଧରେ ମୁଁ ସେହିପରି ଅ-ସଂଶୋଧିତ ଭାବେ ଚିନ୍ତା କରିବାକୁ ଲାଗିଲି । ମୋ ଭାବନାର ଗତି ଏତେ ଦ୍ରୁତ ଥିଲା ଯେ ସଂଶୋଧନ କରିବା ପାଇଁ ନ ଥିଲା ସମୟ କିମ୍ବା ଅବକାଶ । ମନଶ୍ଚକ୍ଷୁରେ ଦେଖିବାକୁ ପାଇଲି ସେ ଶାଓ୍ୱାର୍ ତଳେ ଠିଆ ହୋଇ ସାବୁନ ମାଖି ହଉଚି । ସାବୁନ୍ ଫେଣର ମସୃଣତାରେ ଧୀରେ ଧୀରେ ଶାଢ଼ୀ ଖସି ଯାଉଚି ଗୁଢ଼ରୁ...ଫେନ-ଜଳ ସ୍ରୋତ ବହି ଚାଲିଚି ଗିରି-ଶଙ୍କଟ ମଧ ଦେଇ...ସିଗାରେଟ୍ ଖୋଳ ଉପରିସ୍ଥ କାଗଜ ପରି ସ୍ୱଚ୍ଛ ଭିଜା-ପତଳା-ଶାଢ଼ୀ ତଳେ ସବୁ କିଛି ସ୍ପଷ୍ଟ...। ପୁଣି ଆହୁରି ତଳକୁ ଖସି ଯାଉଚି ଆବରଣ । କ୍ରମାନ୍ୱୟରେ.... । ଦୃଶ୍ୟମାନ ହେଇ ଉଠିଲାଣି । ନାଭି-ବିନ୍ଦୁ ଆଉ ରୋମାବଳୀ...

ମୋ ଭାବନା ଫେଣ-ମିଶା ସାବୁନ୍ ପାଣିର ସ୍ରୋତ ସଙ୍ଗେ ହୁଏତ ନିମ୍ନଗାମୀ ହୋଇ ଆଆନ୍ତା ଆହୁରି; କିନ୍ତୁ ହଠାତ୍ ବନ୍ଦ ହୋଇଗଲା ଶାଓ୍ୱାର୍ ର ଝିରି, ଝିରି ଆଉ ଗୀତର ଲହରୀ ବି ।

ମଂଜୁ ବର୍ତ୍ତମାନ ଶାଢ଼ୀ ବଦଳାଇବ ।

ମୋର ଅସଂଶୋଧିତ ଭାବନା ମୋତେ ସେତେବେଳକୁ ପ୍ରାୟ ମୋହାଚ୍ଛନ୍ନ କରି···ନେଇ ସାରିଲାଣି ଆସ୍ତିତ୍ୱର ବାହାରକୁ ।

ଘାସ ଉପରେ ମୁଁ ଧୀରେ ଧୀରେ ଆଗେଇବାକୁ ଲାଗିଲି । ସେଇ ଡାକ-ବଙ୍ଗଳା ଆଡ଼କୁ । ଛିଣ୍ଡା ତାର-ବାଡ଼ ଦେଇ ଚାଲି ଯାଇଛି ସରୁ ଚଲା-ବାଟ । ସେଇବାଟେ ମୁଁ ଆଗେଇଲି । ଆଗେଇ ଚାଲିଲି ଗୋଟାଏ ଅସ୍ୱାସ୍ଥ୍ୟକର କୌତୁହଳ ନେଇ । ମୋତେ ଟାଣି ଟାଣି ନେଇ ଯାଉଥିଲା ସେଇ କୌତୁହଳର ତୀବ୍ରତା ।

ପହଞ୍ଚି ଯାଇଛି ସେମାନେ ଥିବା ସୁଟ୍‌ର ବନ୍ଦ ଝରକା ପାଖରେ । କେହି କୁଆଡ଼େ ନାହିଁ । ଚାରି ଆଡ଼ ଶୂନ୍‌ଶାନ । ମୁଁ କଣ କରିବି କେହି ଦେଖିବେନି ···

ଆଲୁଅ ଜଳୁଛି ଭିତରେ ।

ଝରକା ଫାଙ୍କ ଦେଇ ଭିତରକୁ ଉଙ୍କି ମାରିବାର ଚେଷ୍ଟା କଲି । ଗାଧୁଆ ଘରର କବାଟଟା ଖୋଲି ଯାଉଛି··· ।

କିନ୍ତୁ ନାଁ, ମଞ୍ଜୁ ନୁହେଁ ! ଝରଣା । ଗଳାର ସ୍ୱର ମୁଁ ବାରି ପାରିନି ତା'ହେଲେ ଶାୱାର୍ ଶବ୍ଦ ସାଙ୍ଗରେ । ଝରଣା ବାଥ୍‌ରୁମ୍‌ରେ ଥିଲା ଏତେ ବେଳଯାଏ, ଅଥଚ ମୁଁ ଏଣେ ମଞ୍ଜୁର ମୁହଁ ସାଙ୍ଗରେ ତା'ର ନଦେଖି ଥିବା ଦେହଟାକୁ କଳ୍ପନାରେ ଯୋଡ଼ି ନଉଡ଼୍ ଛବିଟିଏ ଆଙ୍କି ବସିଛି ମୋ ମନର ଇଜେଲ୍ ଉପରେ । ନିଜକୁ ମନେହେଲା ଲଣ୍ଡନ୍‌ର ସେଇ ବିଖ୍ୟାତ ଶିଳ୍ପୀ··· ଯିଏ ରାଜକୁମାରୀ ମାର୍ଗାରେଟ୍‌ଙ୍କ ମୁହଁର ଛବିଟିକୁ ମଡେଲ୍ କରି ଇଜେଲ୍ ଉପରେ ବର୍ଣ୍ଣାଙ୍କିତ କରିବା ପରେ ଗୋଟାଏ ଖିଆଲରେ ଆହୁରି ଆଙ୍କି ଦେଇ ଥିଲା ତାଙ୍କର କାଳ୍ପନିକ ନଗ୍ନ ଦେହାବଶିଷ୍ଟ ମଧ୍ୟ ଯାହାକୁ ଆର୍ଟ ଏକ୍‌ଜିବିସନ୍‌ରେ ଦେଖି ତୀବ୍ର ପ୍ରତିବାଦ କରି ଉଠିଥିଲେ ରାଜକୁମାରୀ—ନୋ ନୋ ନେଭର୍ ! ମୁଁ ଏଇ ଆର୍ଟିଷ୍ଟ ଆଗରେ କେବେହେଲେ ନଗ୍ନ ହୋଇ ପୋଜ୍ ଦେଇନି ।

ଭିତରୁ ଶୁଭୁଥିଲା ମୃଦୁ ମୃଦୁ ଫଳାପ ଆଉ ଦ୍ରୁତ ଘୂର୍ଣ୍ଣାୟମାନ ସିଲିଂ ଫ୍ୟାନ୍‌ର ଶବ୍ଦ ।

ବାହାରକ ଦେଖି ପାରୁନଥିଲି ଆଉ । ସେମାନେ ମୋ ସ୍ୱଳ୍ପ ଦୃଷ୍ଟି ସୀମାର ପରିସର ଭିତରେ ନ ଥିଲେ ବର୍ତ୍ତମାନ ।

ଝରଣା ପରେ ମଞ୍ଜୁ ପୁଣି ବାଥ୍‌ରୁମ୍‌କୁ ଯିବ କି ? ଶାୱାର ତଳେ ଯାଇ ଠିଆ ହେବ; ଆଉ...

ଭାବୁ ଭାବୁ ବାହାରେ ମୋ ଦେହ ଗରମ ହେବାକୁ ଲାଗିଲା ।

ମଞ୍ଜୁ ଗାଧୋଇବ । ପୁଣି ମୁଁ ତା' ଦେହ ଉପରେ ବୋହି ଯାଉଥିବା ଜଳରେ କଳ କଳ ଶୁଣିବି—ଏଇ ଅପେକ୍ଷାରେ ପ୍ରତୀକ୍ଷା କରି ରହିଲି ।

କିନ୍ତୁ ବହୁକ୍ଷଣପରେ ମଧ୍ୟ ସେଇପରି କିଛି ଶୁଣିବାକୁ ନପାଇବାରୁ ଭାବିଲି ମଞ୍ଜୁ ତେବେ କ'ଣ ଯିବ ନାହିଁ ଗାଧୋଇବା ପାଇଁ ?

ବୋଧହୁଏ ନା ।

କିମ୍ବା ହୋଇ ପାରେ, ସେ ଆଗେ ଗାଧୋଇ ନେଇ ସାରିଛି ।

ମୁଁ ଠିଆ ହୋଇ ରହିଲି ।

ଖାଲି ଅସ୍ପଷ୍ଟ ଅସଲଗ୍ନ ଫଳାପ ଶୁଭୁଥିଲା ଭିତରୁ ।

ଭାରି ଇଚ୍ଛା ହେଲା ମଞ୍ଜୁକୁ ଟିକିଏ ଦେଖିବା, ପାଇଁ ।

ସରି ଆସିଥିବା ସିଗାରେଟ୍‌ଟିକୁ ତଳେ ପକାଇ ପାଦରେ ଦଳୁ ଦଳୁ ଆଖିରେ ପଡ଼ିଲା ଆଉ ଝରକାରୁ ଆଲୋକ ରେଖା ଆସି ବାହାରର ଘାସ ଉପରେ ପଡ଼ୁଛି ।

ଆଶାର ସଙ୍କେତ ପରି ମୋତେ ତାହା ଟାଣି ନେଲା ସେଇଠି କି ।

ହଁ, ସେଇ ଝରକା ବନ୍ଦ ହେଲେ ବି ଅଧଖୋଲା । କାଠ ଛାଡ଼ି ଯାଇ ଟିକିଏ ମେଲା ।

ଅଣୁବୀକ୍ଷଣରେ ପରମାଣୁକୁ ଖୋଜିବାର ଉତ୍ସାହ ନେଇ ଗୁହିଁବା ପରି ଆଖି ରଖିଲି ସେଇଠି ।

କେବଳ ଦର୍ପଣଟା ଦିଶୁଚି ।

କିନ୍ତୁ ସେଥିରେ···? ? ?

ମୁଁ କଣ ମଂଜୁ ଆଉ ଝରଣାଙ୍କର ପ୍ରତିବିମ୍ବ ଦେଖୁଚି ନାଁ ଅତୀତ ଇତିହାସର କବର ଭିତରୁ ସଦ୍ୟ ଉଠି ଆସିଥିବା ରାଧାନାଥଙ୍କ "ଯଯାତି କେଶରୀ" କାବ୍ୟର କବିତା ଆଉ ବିମଳାଙ୍କ ପ୍ରେତାତ୍ମାର ଅପଛାୟା ! ! !

ଝରଣା ଉପରେ କ୍ରୋଧ ଆସିଲା ଆଉ ମଂଜୁ ପ୍ରତି ଘୃଣା ! ଦେ ଓ୍ୱାର୍ ଲାଇକ୍ ଏନିମେଲ୍ସ···! ! ଦେ ଓ୍ୱାର୍ ଲାଇକ ଡଗ୍ସ ! ! !

ମୁଁ ଅଧିକ କ୍ଷଣ ସହ୍ୟ କରି ପାରିଲି ନାହିଁ ସେଇ ଦୃଶ୍ୟ । ହୃଦୟ-ଭରା ଘୃଣା ନେଇ ଗୁଲି ଆସିଲି ସେଠାରୁ ।

ପରଦିନ ସକାଳେ···। ମଂଜୁ ସହିତ ମୋର କଥା କହିବା ପାଇଁ ବି ଇଚ୍ଛା ହେଉ ନ ଥିଲା । କଟିଯାଇଥିଲା ତା' ପ୍ରତି ମୋ ମନରେ ସଞ୍ଚରି ଆସିଥିବା ନରମ୍ ନରମ୍ ଭାବ, ଯାହାକୁ ଦୁର୍ବଳତା, ଆସକ୍ତି ବା ଅନ୍ୟକିଛି କୁହାଯାଇ ଥାଏ ।

ଇଚ୍ଛା ହେଲା ତାକୁ ଆଘାତ ଦେବା ପାଇଁ ।

ସେ ଜାଣୁ ମୁଁ ସବୁ ଦେଖିଚି !

ଯାହା ମନକୁ ଆସିଲା କହି ଦେଲି । ସେ ଝାଉଁଲି ପଡ଼ିଲା ଭୟରେ । କହିଲି; ସେ ଝରଣାର କବଳରେ ରହିଚି । ଅଧିକ କିଛି କହି ଆଆନ୍ତା··· ସମସ୍ତ କିନ୍ତୁ ପାଇଲିନ ।

ଫେରି ଆସି ତା' କଥା ଭାବିବାକୁ ଲାଗିଲି ।

ସେଦିନ ରାତିରେ ପୁଣି ଅଭିନୟ ବେଳେ ଦେଖା-ସାକ୍ଷାତ ।

କିନ୍ତୁ କେହୁ କାହାରିକି ଭରସି କିଛୁ କହିପାରୁ ନଥିଲୁ ।

ରାତି ପାହିବା ଆଗରୁ ଶ୍ୱେର୍ ଗାଡ଼ିରେ ଫେରିଗଲେ ସେମାନେ···

ବ୍ଲକ୍ କଲୋନୀ ପାଖ ପୋଲ ଦେଇ ସେଇ ଗାଡିଟା ଚାଲି ଯିବାର ଶବ୍ଦରେ ସବୁ ଦିନ ପରି ମୋର ନିଦ ଭାଙ୍ଗି ଯାଇ ଥିଲା । ମନେ ପଡ଼ୁଥିଲା, ନିତାନ୍ତ ଅହେତୁକ ଭାବେ ହୁଏତ, ସଚି ରାଉତରାୟଙ୍କ କୌଣସି ଏକ କବିତାର ଅସଂଲଗ୍ନ ଦୁଇଟି ଲାଇନ୍···"ଧାନଶିରି ନଇ ଡେଇଁ ସକାଳର ଡ଼ାକଗାଡ଼ି ଧାଏଁ···"

···"ପଢ଼ି ଅଛି କବିତାରେ ଏତେବେଳେ କାନ୍ଦେ ଚକ୍ରବାକୀ···"

ଏଇ ସମୟରେ ଚକ୍ରବାକୀ କାନ୍ଦେ ବୋଲି କବିତାରେ ପଢ଼ିଚି—କିନ୍ତୁ ନିଜେ କେବେ ଶୁଣିନି ।··· ଚମତ୍କାର ! !

ମୁଁ ସେଇପରି କଳ୍ପନା କରିବାକୁ ଲାଗିଲି ମଂଜୁ କାନ୍ଦି କାନ୍ଦି ଯାଉଚି ।

ଏଇ ପରିସ୍ଥିତିରେ ଗଳ୍ପର ନାୟିକାମାନେ ତ ସବୁ କାନ୍ଦିବା କଥା ।

ନାୟକ ପରି ମନେ ହେଲା ନିଜକୁ ।

ଗଳ୍ପର ନାୟକ ।

ମୁଁ ସିଗାରେଟ୍ ଧରେଇଲି ।

ମଂଜୁ ନାହିଁ ଏ କଥା ଭାବିଲା ବେଳକୁ ବଢ଼ି ଉଠିବାକୁ ଲାଗିଲା ମନ ଭିତରର ଶୂନ୍ୟତା ।

ଶୂନ୍ୟତାକୁ ମୋର ଭାରି ଭୟ ।

ତେଣୁ ମୁଁ ତାକୁ ଭୁଲିବା ପାଇଁ ଚେଷ୍ଟା କଲି ।

ନିତ୍ୟକର୍ମ ସାରି ଶୀଘ୍ର ବାହାରି ଗଲି ଅଫିସ୍ ।

ଥିଏଟର୍‌ରେ ମାତ୍ର କାମ ସବୁ ପେଣ୍ଡିଂ ପଡ଼ି ରହିଛି । ତେଣୁ ଅନେକ କିଛି କରିବାକୁ ହେବ ଆଜି, ଏଇଆ ଭାବି ମୁଁ ମଂଜୁକୁ ଭୁଲିବା ପାଇଁ ଚେଷ୍ଟା କଲି ।

ଅନୁଭବ କଲି, ଏଇ ଭୁଲି ନ ପାରିବା ଏକ ଯନ୍ତ୍ରଣା । ଏଥିରୁ ରକ୍ଷା ପାଇଲେଇ ମୁଁ ବଞ୍ଚେ ।

ମୋର କେବଳ ଆନନ୍ଦ ଆବଶ୍ୟକ ।

ବେଦନା ନୁହେଁ ।

ସେମାନଙ୍କୁ ଷ୍ଟେସନରେ ଛାଡ଼ି ଆସିବାକୁ ଯାଇ ଥିବା ଦଳରେ ଥିଲା ଆମ ଅଫିସ୍ ପିଅନ ରଘୁଆ ।

ଫେରି ଆସି ସେ ମୋତେ ମୁଦା ଲଫାପାଟିଏ ଦେଲା ।

ମଂଜୁ ଦେଇଛି ।

ଖାଲି ଗୋଟିଏ ଲାଇନ୍—"ଭୁଲି ଯିବେନି !"

ଏଇ ଦୁଇଟି ଶବ୍ଦରେ ବେଦନା ରହିଛି ।

କିନ୍ତୁ ମୁଁ ତ ଆନନ୍ଦରେ ବିଶ୍ୱାସ କରେ ।

ଆଉ ସେଇଥିପାଇଁ ମୋର ମନଟାକୁ ମୁଁ ଗଢ଼ି ନେଇଛି ଏକନିଷ୍ଠ ନୁହେଁ, ଅନେକ—ନିଷ୍ଠ କରି । ଚେଷ୍ଟା କରି ଗଢ଼ି ନେଇଛି ।

ରକ୍ତ ପରୀକ୍ଷା ପାଇଁ ବ୍ଲଡ୍ ନେବା ବେଳେ ଆଙ୍ଗୁଠି ଟିପରେ ଯେପରି କ୍ଷଣକ ପାଇଁ ଟିକିଏ ଯନ୍ତ୍ରଣା ଆସି ପୁଣି ଉଭେଇଯାଏ—ସେଇ ପରି ମନଟା ଟିକିଏ ଚହଲି ଯାଇ ଫେର୍ ନିସ୍ତରଙ୍ଗ ହୋଇଗଲା । ପୁଣି ଦେଖାଗଲା ପ୍ରତିବିମ୍ବ ସେଥିରେ ଅନେକ ମୁହଁର । ଖାଲି ରେଲ୍‌ଓ୍ୱେ କଲୋନୀର ମିସେସ୍ ମାର୍ଗାରେଟ୍ ନୁହେଁ—ସହରର ଏକମାତ୍ର ବାରରେ ମୋର ପାନ-ସଙ୍ଗିନୀ ହେବାପାଇଁ ଯୋଉମାନଙ୍କୁ ସବୁ ମୁଁ ଯୋଗାଡ଼ କରିଛି ବା ମୋତେ ଯୋଗାଇ ଦେଇଛନ୍ତି ବ୍ଲକ କଣ୍ଟ୍ରାକ୍ଟରମାନେ ରାତି ପରେ ରାତି……।

ମଞ୍ଜୁର ନଗ୍ନ ମୁହଁ ଲୁଆଡ଼େ ହଜଗଲା ସେଇ ସବୁ କେତେ କେତେ ମଦର ମୁହଁ ଭିତରେ ।

ଦିନ ଗଲା, ରାତି ଗଲା ଚାନ୍ଦ୍ର ବି ।

ସ୍ମୃତି ପରିଣତ ହେଲା ବିସ୍ମୃତିରେ । ମୃତ୍ୟୁ ପରି ହିମ-ଶୀତଳ ସ୍ମୃତିକୁ ନେଇ ମୁଁ ରକ୍ତ ମାଂସର ଗରମ ଜୀଅନ୍ତା ମଣିଷ ବଞ୍ଚି ରହି ପାରିବିନି ।

ସ୍ମୃତି କେବେହେଲେ ମନର ଉତ୍ତାପରେ ଇନ୍ଧନ ଯୋଗାଇ ପାରେନା । ତେଣୁ ଭୁଲି ଗଲି ମଞ୍ଜୁର ସ୍ମୃତିକୁ; ବଞ୍ଚି ରହିବା ପାଇଁ ଯେହେତୁ ମୋର ଅଧିକତର ଆବଶ୍ୟକ ରକ୍ତ-ମାଂସ-ବିଶିଷ୍ଟ ଉଷ୍ଣ ଶରୀରରେ ଘନିଷ୍ଠ ସାନ୍ନିଧ୍ୟ !

ସ୍ମୃତିର ରୋମନ୍ଥନ କରୁ କରୁ ମନେ ପଡେ ଆଜି ସେଇ ଦର୍ପଣ ମୁଖର ରାତି ! ଆକାଶର ସେଇ ବଜ୍ର-ବିଜୁଳି ସମାରୋହ ! !

କ୍ୱାଟର ଦରଜାରେ ମୋର ଶୁଭିଥିଲା କରାଘାତ ।

ସେଇ ମୃଦୁ ଶବ୍ଦକୁ ପ୍ରଥମେ ମନେ କରିଥିଲି ପବନର ଆନ୍ଦୋଳନ । କିନ୍ତୁ ତା’ପରେ ସେଟା ସ୍ପଷ୍ଟ ହୋଇ ଉଠିଲା । ରେଡ଼ିୟମ୍ ଡାୟାଲ୍ ଘଡ଼ିରେ ନିଶା-ରାତିରେ ବାଘ-ଆଖି ପରି ଉଜ୍ଜ୍ୱଳ ଭାବେ ଜଳୁଥିବା ସମୟକୁ ଦେଖି ଅଧିକ ବିସ୍ମିତ ହେଇ ଉଠିଲି । ଠିକ୍ ଦୁଇଟା । ଏତେ ରାତିରେ ଏଇ ଦୁର୍ଯୋଗରେ କିଏ ମୋତେ ଡ଼ାକି ପାରେ ? ପଚାରିଲି ।

: ସୁମନ୍ତ, ମୁଁ । ଦରଜା ଖୋଲ ।

ଗଳାର ସ୍ୱରଟା ବାରି ପାରିଲିନି ପ୍ରଥମେ । ତା’ପରେ ମନେ ହେଲା ପରିଚିତ ।

ପୁଣି ପଚାରିଲି, କିଏ ?

: ଆରେ ଖୋଲନା !

ଏ ଯେ ବ· ଡ଼. ଓ· ଙ୍କ ସ୍ତ୍ରୀଙ୍କର କଣ୍ଠ ସ୍ୱର ।

ବର୍ଷାମୁଖର ରାତିରେ ତୃତୀୟ ପ୍ରହରରେ ମୋ ଦରଜାରେ ବ. ଡ଼. ଓଙ୍କ ସ୍ତ୍ରୀ ବିଶ୍ୱାସ କରି ହେଉନି ।

(ପ୍ରଭୁ ପତ୍ନୀ ସ୍ୱୟଂ ଜଣେ ଅଧଃସ୍ତନର ଦ୍ୱାରରେ······ସୁନ୍ଦର ଜ୍ୟୋତ୍ସ୍ନା ରାତିରେ ବି ଏକଥା ବିଶ୍ୱାସ କରି ପାରି ନ ଥାନ୍ତି ଓଡ଼ିଶା ସରକାରଙ୍କର ଜଣେ ବ୍ଲକ କର୍ମଚାରୀ ହେଇ । "ସାହେବ-ବିବି-ଗୋଲାମ ରାଜ୍‌" ର ଗଣ୍ଡି ଭିତରେ ଅଭ୍ୟସ୍ତ ହେଇ ଯାଇ ଥିଲିତ !)

ଉଠିଯାଇ ଖୋଲି ଦେଲି ଅଗତ୍ୟା ।

ହଁ ସେଇ । କିନ୍ତୁ ଦେହରେ କେବଳ ତାଙ୍କର ସାୟା ଆଉ ବଡ଼ିସ୍ ! ଭିଜି ଯାଇଚନ୍ତି ପୁରାପୁରି ! ! ଅନ୍ଧାର ଭିତରେ ଅନୁଭବ କଲି ତାଙ୍କ ନିଶ୍ୱାସରେ ଝଡ଼ର ପ୍ରଖରତା, ଦୂର ଲାଇଟ୍ ପୋଷ୍ଟଟାର ପ୍ରାୟାନ୍ଧକାର ଆଲୋକରେ ଅନୁଭବ କଲି ମୁହଁରେ ତାଙ୍କର ଉତ୍ତେଜନା ।

ଭୁଲି ଗଲି ନମସ୍କାର କରିବାକୁ । କହିଲି ଭିତରକୁ ଆସନ୍ତୁ ।

ସେ ଭିତରକୁ ପଶି ଆସି ନିଜେ କବାଟ ବନ୍ଦ କରିଦେଲେ ।

ତା'ପରେ ରୀତିମତ ଡ୍ରାମାର ଡ଼ାୟଲଗ୍ : ମୁଁ ବିପଦରେ ପଡ଼ିଚି ସୁମନ୍ତ, ମୋତେ ଆଜି ରାତିକ ପାଇଁ ଆଶ୍ରୟ ଦେଇ ପାରିବ ?

ସମଗ୍ର ଘଟଣାଟା ସେ ବର୍ଣ୍ଣନା କରିଥିଲେ······।

ତାଙ୍କ କଥା ଶୁଣିଲା ବେଳେ ମନେ ହେଉ ଥିଲା ଯେପରିକି ଆଖି ଆଗରେ ଏକ ଟେଲିଭିଜନ୍ ପର୍ଦ୍ଦା ଉପରେ ସବୁ କିଛି ମୁଁ ସ୍ପଷ୍ଟ ଦେଖି ପାରୁଚି—ଶୁଣି ପାରୁଛି ବ. ଡ. ଓ. ଙ୍କ ଚିତ୍କାର—ଶ୍ରୀମତୀ ଦାସଙ୍କ କାତରୋକ୍ତି— ପାଖ ରୁମ୍‌ରେ ଅପେକ୍ଷମାଣ ଜିଲ୍ଲାପାଳଙ୍କ ମଦ୍ୟାସକ୍ତ ପ୍ରଳାପ !

ବି· ଡ଼ି· ଓ ଙ୍କ ବିରୁଦ୍ଧରେ ବିପୁଳ ଅଙ୍କ ଅର୍ଥ ଆତ୍ମସାତ୍‌ର ଅଭିଯୋଗ ସମ୍ବନ୍ଧରେ ତଦନ୍ତ କରିବା ପାଇଁ ଆସିଥିବା ଛଅଟି ସନ୍ତାନର ପିତା ପୌଢ଼ ଜିଲ୍ଲାପାଳ ଭେଙ୍କଟ ରାଓ, ଆଇ· ଏ· ଏସ୍· ଙ୍କ ଚରିତ୍ର କାହାକୁ ବା ଅଜଣା !

: ତମେ ବୁଝି ପାରୁନ, ମୋର ସର୍ଭିସ୍ ଚାଲିଯିବ—ଜେଲ ବି ହେଇ ଯିବ !

: କିଛି ଟଙ୍କା ବରଂ ଦେଇଦିଅ ଭେଙ୍କଟ୍ ରାଓଙ୍କୁ ।

: ସେ ଟଙ୍କା ଚାହାନ୍ତି ନାହିଁ ମାଲା, ସେ ଚାହାନ୍ତି ତମକୁ ।

: ଏକଥା ମୁହଁରେ ଧରି ପାରୁଚ ତମେ ?

: ଟକ୍ ସେନ୍‌ସ ! ! ସେଇ ଟଙ୍କା ମୁଁ କାହାପାଇଁ ମାରିଚି ? ତମେଇନା କହୁଥିଲ, କିଛି···ଆତ୍ମସାତ୍ କରି ପାରିଲେ ସେଇଥିରେ କଟକରେ ବଡ ରକମ୍ କୋଠା ଖଣ୍ଡେ ତୋଳି ନେଇ ଭଡ଼ା ଲଗାଇ ଦେଲେ ମାସକୁ ହଜାରେ ଟଙ୍କା ଆସୁ । ତମେଇ ନା ଉଦାହରଣ ଦେଇଥିଲ ସେଇ ସବୁ ବି. ଡ଼ି. ଓ. ମାନଙ୍କର···ଯୋଉମାନେ ଏଇ ଉପାୟରେ କାହିଁରେ କଣ କରି ଗଲେଣି । ତମେଇ ନା 'ଇଉସ୍ ଲେସ୍' ବୋଲି ଗାଳି ଦେଇ ଥିଲ ମୋତେ ମୁଁ ସେମାନଙ୍କ ପରି ହୋଇ ପାରୁ ନ ଥିଲି ପ୍ରଥମେ ପ୍ରଥମେ ଯେତେବେଳେ ।

: ମାରି ଦେଇ ଖସି ଯିବା ପରି ବୁଦ୍ଧି ତମର ଯଦି. ନ ଥିଲା ଅନ୍ୟମାନଙ୍କ ଭଳି, କାହିଁକି ପଙ୍କ ଭିତରେ ପଶିଲ ? ମୁଁ ଯୋଉମାନଙ୍କ ଉଦାହରଣ ଦେଇଚି, ସେମାନେ ଟଙ୍କା ମାରି କୋଠା ବାନ୍ଧେଇଛନ୍ତି, ସ୍ତ୍ରୀକି ଛାଡ଼ି ଦେଇ ନାହାନ୍ତି ଉପରିସ୍ଥ କର୍ମଚାରୀ ପାଖରେ ।

: ଉପରିସ୍ଥ କର୍ମଚାରୀ ଚାହିଁବା ଭଳି ସ୍ତ୍ରୀ ସେମାନଙ୍କର ଥିଲେ ନିଶ୍ଚୟ ଛାଡ଼ି ଦେଇ ପାରନ୍ତେ । ସମସ୍ତେ ଆଜକାଲି ସେ ସବୁ କୁସଂସ୍କାରର ଉର୍ଦ୍ଧ୍ୱରେ ଅଥଚ ତର୍କ-ଶାସ୍ତ୍ରରେ ଏମ୍. ଏ. ତମେ ମାଳବିକା ଦାସ ସେଇ ସୀତା-ସାବିତ୍ରୀ

ଯୁଗରେ ପଡ଼ି ରହିଛ; ଏପରିକି ନିଜ ସ୍ୱାମୀଙ୍କୁ ବିପଦରୁ ଉଦ୍ଧାର କରିବା ପାଇଁ ମଧ୍ୟ ତମେ ସେଇ ଅର୍ଦ୍ଧସ୍ଥାନ···ମୂଳସ୍ଥାନ···ବାତ୍ସ୍ୟାୟ ସଂସ୍କାର ଛାଡ଼ିବା ପାଇଁ ନାରାଜ୍ ! !

ଶେଷ ପର୍ଯ୍ୟନ୍ତ ବଳ-ପ୍ରୟୋଗ । ବେଡ୍‌ରୁମ୍ ଭିତରେ ସ୍ତ୍ରୀଙ୍କ ସହିତ ଭେଙ୍କଟ୍ ରାଓଙ୍କୁ ଛାଡ଼ି ଦେଇ ବାହାରୁ କବାଟ ବନ୍ଦ କରି ଦିଅନ୍ତି ପତି-ଦେବତା !

ଟେଲିଭିଜନ୍ ପର୍ଦ୍ଦା ଉପରେ ଏହା ପରେ ଦୁଇଟି ଦୃଶ୍ୟ ଏକ ସଙ୍ଗେ ଦେଖା ଗଲା । ଡ୍ରଇଂ ରୁମ୍‌ରେ ଜ୍ୱଳନ୍ତ ସିଗାରେଟ୍ ହାତରେ ବସି ଡ୍ରିଙ୍କ୍ କରୁଛନ୍ତି ସର୍ବେଶ୍ୱର ଦାସ୍ ନିର୍ବିକାର ଭାବରେ; ଆଉ ତାଙ୍କର ବେଡ୍‌ରୁମ୍ ଭିତରେ ତାଙ୍କ ଧର୍ମପତ୍ନୀଙ୍କୁ 'ମୋଲେଷ୍ଟ୍' କରୁଛନ୍ତି ଭେଙ୍କଟ୍ ରାଓ !

ଏ ପାଖରେ ଧ୍ୟାନମଗ୍ନ ଜଣେ ଯୋଗୀ !

ସେ ପାଖରେ ପିଞ୍ଜରାବଦ୍ଧ ହରିଣୀଟିଏ ଏକ ମହାବଳର କବଳରେ···!!

ଅଭାବନୀୟ ଦୃଶ୍ୟଟି ଦ୍ରୁତ ଗତିରେ ଚରମ କ୍ଲାଇମେକ୍ସ ଆଡ଼କୁ ଧାବମାନ । ତକିଆ ପାଖରେ ଥିବା ଦାମ୍ପତ୍ୟ-ଜୀବନର ଉପନିଷଦ୍ "ଏନ୍‌ସାଇକ୍ଲୋପିଡ଼ିଆ ଅଫ୍ ସେକ୍ସ" ନାମକ ଓଜନଦାର ( ତା' ଛଡ଼ା ଅନ୍ୟ କିଛି ହାତ ପାଖରେ ସେ ପାଇ ନ ଥିବେ ଅନୁମାନ କରୁଛି । ସର୍ବେଶ୍ୱର ଦାସଙ୍କର ନିର୍ବିକାର ଭାବେ ବସି ରହିବାଟା ଯେପରି ମୋର ଅନୁମାନ··· ବହିର ନାମଟା ବି ସେହିପରି ମୋର ଅନୁମାନ ! ) ଗ୍ରନ୍ଥଟି ଜୋର୍‌ରେ ଫିଙ୍ଗିଚନ୍ତି ମାଲବିକା···ଯାହାର ଆଘାତରେ ( ନିଶ୍ଚୟ ତା' ମୁଣ୍ଡରେ ବାଜି ଥିବ ····· ! ଏଇଟା ମଧ୍ୟ ମୋର ଅନୁମାନ ! ) ଭେଙ୍କଟ୍ ରାଓର ମୂର୍ଚ୍ଛା ଏବଂ ପତନ : ( କଣ, ଅନୁମାନ ମୋର ଖୁବ୍ ନେଚୁରାଲ୍ ମନେ ହେଉଛି ତ ? ତକିଆ ପାଖରେ ଏତେ ବଡ଼ ଆଉ କି ପ୍ରକାର ବହିଟାଏ ରଖା ଯାଇ ପାରି ଆଏ ? ରାତି ଅନିଦ୍ରା ହୋଇ ସ୍ୱାମୀ-ସ୍ତ୍ରୀ କଣ ଡିକ୍‌ସନାରି ପଢ଼ିବେ ? ଅତଏବ ନିଶ୍ଚୟ ସେହି ଜଣାଶୁଣା ବହିଟା । ସେଇଟା ମଥାରେଇ ବାଜିଲେ

କେବଳ ମୂର୍ଚ୍ଛା ଓ ପତନ ସମ୍ଭବ ଭେଙ୍କଟ ରାଓ ପରି ଜଣେ ଲମ୍ବ-ଭାରି ଲୋକ ପକ୍ଷରେ । ବାକି ସବୁ ବି ସେଇପରି ଅନୁମାନ କରି ନେବା କଥା...! !)...ନ କହି ଥିଲେ ଚାଲି ଆଆନ୍ତା—ତଥାପି ସେ ମୋତେ କହି ଦେଇ ଥିଲେ କପରି ମୂର୍ଚ୍ଛିତ ଭେଙ୍କଟ୍ ରାଓର ହାତମୁଠା ଭିତରେ ଜାବ ପଡ଼ି ଅଟକି ଯାଇଥିଲା ତାଙ୍କ ଶାଢ଼ୀ । ଦରଜାରେ ଶୁଭୁଛି ସର୍ବେଶ୍ୱର ଦାସଙ୍କ କରାଘାତ ( ଭେଙ୍କଟ୍ ରାଓ ଦୁମ୍‌କରି ପଡ଼ିଥିବା ଶବ୍ଦ ନିଶ୍ଚୟ ଶୁଣିଚନ୍ତି ବ. ଡ଼. ଓ. । ସେଇଥି ପାଇଁ ବ୍ୟସ୍ତ ହୋଇ କବାଟ ବାଡ଼େଉ ଥିବେ ଅନୁମାନ କରୁଚି...) "ମାଲା, ମାଲା, କଣ ହେଲା...କଣ କଲ...ଦରଜା ଖୋଲ...ବୋଲି ସେ ଚିତ୍କାର କରି ଚାଲିଚନ୍ତି ! ! !

କିଂ କର୍ତ୍ତବ୍ୟ ବିମୂଢ଼ା ମାଲବିକା ଶାଢ଼ୀ ଛାଡ଼ି ପଛ ଦରଜା ଖୋଲି ନିବସନା-ପ୍ରାୟ ଝଡ଼, ଜଳ, ଅନ୍ଧାର ଭିତରେ ଧାଇଁ ଯାଉ ଯାଉ ସମ୍ବିତ୍ତି ଫେରି ପାଇଲେ । ଏଇପରି ସେ ନିଶ୍ଚୟ ଷ୍ଟେସନ୍ ଯାଏ ଚାଲି ଯାଇ ପାରିବେନି !

ଆକାଶରେ ଝଲସି ଉଠିଲା ବିଜୁଳି ।

ନିଜକୁ ସେ ଆବିଷ୍କାର କଲେ ।

ବଜ୍ରର ପ୍ରଚଣ୍ଡ ଶବ୍ଦରେ ଅଟକି ରହି ଗଲେ ଏଇଠି, ମୋ'ର କ୍ୱାଟର୍ ପାଖରେ ।

ଗ୍ରେଟ କ୍ୱାଟର୍, ଦୁଇଟି ମାତ୍ର ରୁମ୍ ।

ତାଙ୍କୁ ଶୋଇବା ଘରେ ଛାଡ଼ି ଦେଇ କହିଲି, ଆପଣ ଚେଞ୍ଜ୍ କରି ନିଅନ୍ତୁ । ଟାଓେଲ୍ ଅଛି ।

( ଭାବିଲି, ମୋର ଧୋତି ଥିଲେ ସେ ପିନ୍ଧି ପାରି ଥାଆନ୍ତେ । କିନ୍ତୁ ହାଓ୍ୟାଇନ୍ ଆଉ ଫୁଲ୍-ପ୍ୟାଣ୍ଟ୍ ଛଡ଼ା ମୁଁ ତ ଅନ୍ୟ କିଛି ପିନ୍ଧେନା । )

ବାହାର ଘରେ ବସି ସିଗାରେଟ୍ ଟାଣୁଥିଲି ଆଉ ମନଃଶ୍ଚକ୍ଷୁରେ ଦେଖୁଥିଲି ଭିଜି ଯାଇ ଦେହରେ ଅଠା ମାରିଲାପରି ଲାଖିଥିବା ବଡ଼ିସ୍, ବ୍ରା',

ସାୟା······ସବୁ କିଛି ଟାଣି ଭିଡ଼ି ଖୋଲିବାକୁ ଚେଷ୍ଟା କରୁଚନ୍ତି ମାଳବିକା······(ମନ ଭିତରର ପଶୁଟା କହୁଚି ମୋତେ ସାହାଯ୍ୟ କରିବାକୁ ଡ଼ାକନ୍ତେକି !) ଏଇ ତ ଦେଖି ପାରୁଚି, ବଡ଼ିସ ଆଉ ବ୍ରା' ଖୋଲି ସେ ଫିଙ୍ଗିଦେଲେ ଖଟ ଉପରକୁ······(ଆହା, ସେଇ ଭଳି ପରଧେଯ୍ୟତିକ ର୍ୟାକ୍‌ରେ ଅନ୍ତତଃ ରଖନ୍ତା···! ମୋ ବିଛଣାଟା···ଓଦା ହେଇ ଯିବ ଯେ···), ତା'ପରେ ଗଣ୍ଠିପଡ଼ି ଯାଇଥିବା ସାୟାର ଫିତାଟା ଖୋଲିବାର ପ୍ରଚେଷ୍ଟା···(ଆୟାସସାଧ୍ୟ ବ୍ୟାୟାମ ! ) ନ ହେବାରୁ ଶେଷକୁ ଜୋର୍ ଗୋଟିଏ ଟାଣରେ ଛିଡ଼ାଇ ଦେଲେ ସେ···ଆଉ ତା' ପରେ—(ସେ ବି ଏକ ଦୃଶ୍ୟ !) ସାୟା ଗୋଲ ଭାବେ ତଳେ ଘେରେଇ ହେଇ ପଡ଼ିଚି···ବୃତ୍ତର କେନ୍ଦ୍ର-ବିନ୍ଦୁ ଉପରେ ଖାଲି ପେଣ୍ଟିସ୍‌ରେ ଠିଆ ହେଇ ରହିଚନ୍ତି ଭେନାସ୍ ପରି ରୂପବତୀ ପ୍ରଭୁପତ୍ନୀ !

ବେଶୀ ସମୟ ଆଉ ସେଠି ସନ୍ନ୍ୟାସୀ ପରି ବସି ରହି ପାରିଲିନି (ସ୍ୱୀକାର କରିବାରେ ଲଜ୍ଜାକଣ ? ମନ୍ତ୍ର-ଚାଳିତବତ୍ ଧୀରେ ଧୀରେ ଆସି ଠିଆ ହେଲି ଆଉଜା ଦରଜା ଉହାଡ଼ରେ, କିନ୍ତୁ ଦେଖିବାର ଉପାୟ ନାହିଁ କିଛି । ଘର ଭିତରଟା ଅନ୍ଧାର ।

ସେ ପେଣ୍ଟିସ୍ ବି ଖୋଲି ଥିବେ ନିଶ୍ଚୟ । ସବୁ କିଛି ଓଦାକୁ ତ କାଢ଼ି ପକାଇବା କଥା ।

ହଠାତ୍ ମୋତେ ଡାକ ଦେଇ କହିଲେ, ସୁମନ୍ତ, ମୁଁ ତମ ଚାଦରଟା ପିନ୍ଧି ପକେଇଲି ।

: ପିନ୍ଧିଲୁ···ବୋଲି ବାହାର ପଡ଼ିଲା ମୁହଁରୁ । ଚମକି ଉଠି ଜିଭ କାମୁଡ଼ି ପକାଇଲି କହି ଦେଇ ସାରି, ଆଉ....ଫେରି ପଡ଼ିଲି ସେଠୁ । ମୁହଁଟା ଦରଜା ପାଖରେ ଅଛି ବୋଲି ଜାଣି ପାରିଲେ ତେବେ ! ! ନିଶ୍ଚୟ ଭାବିଥିବେ, କେତେ ବେଳୁ ଠିଆ ହେଲିଣି···

: କିଛି କହିବେ କି ଆଉ ?

: ନାଁ ।

ବାହାର ଘରେ କିଛି ସମୟ ବସିଚ, ଶୁଭିଲା । ଏବେ ଭିତରକୁ ଆସିପାର ।

ନ ଶୁଣିଲା ପରି ବସି ରହିଲି ଚୁପ୍ ହୋଇ ।

ସେ ପୁଣି ଡାକଲେ, ସୁମନ୍ତ !

ମନଃଶ୍ଚକ୍ଷୁରେ ଦେଖୁଚି, ମାଳବିକାଙ୍କ ତନୁରେ ଶାଢ଼ୀପରି ଘେରି ରହିଚି ମୋ ଶିଲ୍କ ଗ୍ରଦରଟା । ତାଙ୍କ ବ୍ଲାଉଜ୍-ବିହୀନ କାନ୍ଧ, ସୁଡୌଲ ଗଳା, ସମ୍ପୂର୍ଣ୍ଣ ବାହୁ, ଆଣ୍ଠୁ ତଳକୁ ଅନାବୃତ ନଖ, ପର୍ଯ୍ୟନ୍ତ·· ଏପରିକି ପାଦତଳ ଯାଏ ବି···ସବୁ କିଛି ଯେପରି ଉଜ୍ଜ୍ୱଳ ଓ କାନ୍ତିଲ୍ୟମାନ ସ୍ୱକୀୟ ବର୍ଣ୍ଣାଭରେ । ଅନ୍ଧାର ଭିତରେ ସତେ ଯେପରି ସେଇ ନିଜେହିଁ ନିଜର ଆଲୋକ ।

: ସୁମନ୍ତ, ଆସ··· । ସେ ଆଉଥରେ ଡାକଲେ । : ଆପଣ ବରଂ ସେଇଘରେ ଶୋଇ ପଡ଼ନ୍ତୁ । ସନ୍ତର୍ପଣରେ କହିଲି··ଦରକାଟା ବନ୍ଦ କରି ଦେଇ ପାରନ୍ତି ଭିତରୁ ଆଉ ।

କିନ୍ତୁ ନା । ବରଂ ଶୁଣିବାକୁ ପାଇଲି ଆଉଜା ଦରଜା ଖୋଲା ହେବାର ଶବ୍ଦ ।

ସେ ଆସି ମୋ ପାଖରେ ଠିଆ ହେଲେ ।

ହଁ, ସେଇ ରୂପ । ଯାହା ମୁଁ ମନଃଶ୍ଚକ୍ଷୁରେ ଦେଖିଥିଲି । ତେବେ ଆହୁରି କିଛି ଅଧିକ ଆକର୍ଷଣ । ଝରକା ବାଟେ ପଡୁଥିବା ଦୂର ଲାଇଟ୍-ପୋଷ୍ଟର ଆଲୁଅରେ ଭାରି ସୁନ୍ଦର ଦିଶୁଥିଲା ତାଙ୍କର ମଥା ଉପରକୁ ଉଠା ହୋଇ ବନ୍ଧା କେଶ-ସ୍ତୂପ ।

ପ୍ରଭୁ-ପତ୍ନୀଙ୍କ ଅଗରେ···ମୁହଁକୁ ସିଗାରେଟ୍ ନେଉ ନେଉ ଅଭ୍ୟସ୍ତ ଆଙ୍ଗୁଳି ସେଇଟା ତଳେ ଖସାଇ ପକାଇଲା ।

ସେଇ ଜଳନ୍ତା ନିଆଁଟାକୁ ନିଭେଇବା ପାଇଁ ସେ ମାଡ଼ ଦେଲେ ପାଦରେ । ତା' ପରେ ଯନ୍ତ୍ରଣାରେ କହି ଉଠିଲେ ଉଃ······ ! !

କଣ ହେଲା ?

ମୁଁ ଝୁଙ୍କି ପଡ଼ି ଦେଖିବା ପାଇଁ ଚେଷ୍ଟା କରିବା ଆଗରୁ ପାଦଟି ତାଙ୍କର ଉଠି ଆସି ରହିଚ ନୂଆଣିଆ ଆର୍ମଚେଆର୍‌ର ହାତଲ୍ ଉପରେ ମୋ'ର ହାତ ପାଖକୁ ଲାଗି ।

( ଆର୍ମଚେୟାରର ଫିତା ଉପରେ ମୋର ସାରା ଦେହଟା ଦୋଦୁଲ୍ୟମାନ ହୋଇ ଉଠିଲା !)

ସେ ଝୁଙ୍କି ପଡ଼ି ଦୁଇ ହାତରେ ଚିପି ଧରିଲେ ତାଙ୍କ ପାଦର ସେଇ କନିଷ୍ଠ ଆଙ୍ଗୁଳିଟି ଯୋଉଠି ଜ୍ୱାଳା ଥିବାର ଅନୁମାନ କରି ନେଲି ।

ଟି' ପୟ ଉପରେ ଚକ୍ ଚକ୍ ଦିଶୁ ଥିବା ମୋ ନୂଆ ଟର୍ଚ୍ଚଟାକୁ ଉଠାଇ ନେଇ ଟିପି ଧରିଲି ମୁଁ ।···ଆଲୁଅରେ ଦେଖି ତାଙ୍କର ସେଇ ଆଙ୍ଗୁଳିଟିରେ ହାତ ଲଗାଇ କହିଲି, ଆହା···ଲାଲ୍ ପଡ଼ି ଯାଇଚ ।

ମାଳବିକାଙ୍କ ହାତ ଉପରେ ମୋ ହାତ ରହି ଥିଲା । ପଚାରିଲି,

: ଆପଣ ସ୍ଲିପର୍ ପିନ୍ଧି ନ ଥିଲେ ?

ତମେ ଏତେ ସିଗାରେଟ୍ ଖାଅ କାହିଁକି ?

ତଳେ ପଡ଼ି ତଥାପି ଜଳୁଥିବା ସିଗାରେଟ୍ ଆଡକୁ ଅନାଇ ଦେଇ ସେ ପଚାରି ଥିଲେ ।

ମୋ ସ୍ଲିପରରେ ସେଟା ଚିପି ଦେଇ କହିଲି

: ରହନ୍ତୁ, ଅଏଣ୍ଟମେଣ୍ଟ ଆଣେ······

ଟର୍ଚ୍ଚମାରି ବେଡ୍ ରୁମ୍ ଆଳରୁ ଅଏଣ୍ଟମେଣ୍ଟ ଖୋଜି ଆଣିଲି······।

ସେ ସେଇ ପରି ଆଙ୍ଗୁଳିଟିକୁ ଧରି ଝୁଙ୍କି ପଡ଼ି ଠିଆ ହୋଇ ରହିଥିଲେ ।

ପଗ୍ଗରିଲି ଲଣ୍ଠନ ଜଳେଇବ ?

: ନାଁ ।

ତାଙ୍କ ଆଙ୍ଗୁଳି ଉପରକୁ ଟର୍ଚ୍ଚ ମାରିଲି । : ଦେଖାକୁ ଲଗେଇ ଦଏ ।

: ଦଅ, ମୋତେ ଲଗେଇ ଆସେ । ତମେ ଯାଅ, ଶୋଇବ ।

: ନାଁ ନାଁ, ଆପଣ ଯାଇ ଶୁଅନ୍ତୁ—ମୋତେ ଆଉ ନିଦ ନାହିଁ ।

: କି ଆଶ୍ଚର୍ଯ୍ୟ କଥା, ତମ ଘରେ ମୁଁ ଶୋଇବି ଆଉ ତମେ ବସି ରହିବ ସାରି ରାତି ।

: ଦେଖନ୍ତୁ ଗୋଟିଏ ତ ଖଟ...

: ବେଶ୍ ତ ତେବେ କେହି ଶୋଇବାନି !

: କିନ୍ତୁ ଆପଣଙ୍କର ବିଶ୍ରାମ ଦରକାର ।

: ତାଠାରୁବି ଆହୁରି ବେଶି ଦରକାର ଗରମ ଚ୍ୟା' କପେ । ଆରେଞ୍ଜ୍‌ମେଣ୍ଟ ଅଛି ?

: ଅଛି । ମୁଁ କରି ଆଣେ ।

. ୟୁ ଆର୍ ଏ ଗୁଡ୍ ବୟ୍ ।

ଧୂମାୟିତ ଚ୍ୟା' କପ୍ ହାତରେ ଆମେ ଦୁଇଟି ଚେଆରରେ ବସିଥିଲୁ ମୁହାଁ ମୁହିଁ ।

: ସିଗାରେଟ୍ ନାହିଁ ? ସେ ଖୋଜିଲେ ।

ବଢ଼େଇ ଦେଲି ।

: ଫିଲଟର୍ ଟିପ୍ ତ ? ...କାଢ଼ି ଆଣି ମୋ ହାତରେ ଦେଲେ ଦୁଇଟି ସିଗାରେଟ୍ । ସମ୍‌ଟାଇମସ୍ ଆଇ ଠୁ ସ୍ମୋକ । ତମେ ଦୁଇଟି ଯାକ ଏକା ସଙ୍ଗେ ଧରେଇ ପାରିବ ?

: ଜଷ୍ଟସ୍ । କିନ୍ତୁ···

: ଯାହା କହୁଚି କରନା ।

ଲାଇଟର୍‌ଟା ଜାଳି ଧରିଲେ ସେ ମୁହଁ ପାଖରେ ମୋର । ମୁଁ ଧରେଇ ନେଲି ।

: ଗୋଟାଏ ଦିଅ ମୋତେ···

: ମାନେ···

: ଆଃ, ଦିଅନା !

ମୋ'ର ଅଇଁଠା ସିଗାରେଟ୍ ସେ ମୁହଁରେ ଦେଲେ । ଆଉଟି ଧରି ବସି ରହିଲି ହତବାକ୍ ହୋଇ । ମୁଁ ଧରେଇଥିବା ସିଗାରେଟ୍‌ଟିକୁ ସେ··· (ମନେ ପଡ଼ିଗଲା ଇଂଲିସ୍ ଫିଲିମ୍‌ରେ ଇମିତି ଦେଖିଚି । କିନ୍ତୁ ସେମାନେ ତ ସ୍ୱାମୀ-ସ୍ତ୍ରୀ ଥିଲେ···! !)

: ଟାଣ । ଧରି ବସି ରହିଚ ଯେ ?

ସ୍ମୋକ୍ କଲି ।

(ସବୁ କିଛି ଯେପରି ପ୍ରହେଳିକା ପରି ଅସ୍ୱାଭାବିକ ମନେ ହେଉଚି !)
ଝଡ଼ ବର୍ଷା ଚାଲିଥିଲା । ଅପ୍ରକୃତିସ୍ଥ ଥିଲା ବାହାରର ପ୍ରକୃତି ।

ମାଳବିକାଙ୍କର ସବୁ କିଛି···ମନେ ହେଉ ଥିଲା ଅପ୍ରାକୃତିକ ଆଉ ଅସ୍ୱାଭାବିକ ।

ତାଙ୍କର ସାନ୍ନିଧ ହୁଏତ ମୋ ଠାରେ ସେହି ଅପ୍ରାକୃତିକତା ଆଉ ଅସ୍ୱାଭାବିକତା ସଂକ୍ରମିତ କରି ଦେଇ ଥିଲା । ତେଣୁ ନିଜକୁ ମଧ୍ୟ ମୁଁ ସେତେବେଳେ ପୁରା ପୁରି ପ୍ରକୃତିସ୍ଥ କିମ୍ବା ସ୍ୱାଭାବିକ ମନେ କରୁ ନ ଥିଲି ।

ବିଶ୍ୱାସ କରୁଥିଲି ତାଙ୍କୁ ଆଉ ତାଙ୍କ କଥା ସବୁକୁ···।

ତାଙ୍କ ପ୍ରତି ଦୁର୍ବଳ ହୋଇ ଉଠୁଥିଲି ।

ମୋ ମନରେ ତାଙ୍କ ପ୍ରତି ଆସିଥିଲା ଆସକ୍ତି ।

(ଭିତରର ପଶୁଟା କହୁଥିଲା, ଇମିତି ସୁଯୋଗ ଗ୍ରଡ଼ିବା କଥା ନୁହେଁ !)

ମାଳବିକା କହିଲେ, ମୁଁ ମୋ ସ୍ୱାମୀଙ୍କୁ ଡାଇଭର୍ସ କରିବାକୁ ଗ୍ରହେଁ । ତମର ମତ କଣ ?

: ଆପଣଙ୍କ ସହିତ ମୁଁ ଏକମତ ।

: କିନ୍ତୁ ସେଥିପାଇଁ ପ୍ରଥମେ ମୁଁ ବାପାଙ୍କ ପାଖରେ ପହଞ୍ଚିବା ଉଚିତ୍ । ସେ ଆଇନଜ୍ଞ, ବାରିଷ୍ଟର ।

: ବେଶ୍ ତ ।

ମୋତେ ନେଇ କଟକରେ ଛାଡ଼ି ଆସି ପାରିବ ? ଆଜି ରାତିରେ ।

ମୁଁ...

:ହଁ, ତମକୁ କହୁଚି ।

ରିଷ୍ଟ୍ ଓ୍ୱାଚ୍‌କୁ ଗ୍ରହିଁଲି । ରେଡ଼ିୟମ୍ ଡ଼ାଏଲ୍‌ରେ ଜ୍ୱଳନ୍ତ ସମସ୍ତ ଦୁଇଟା ପଚିଶ ମିନଟ୍ । କହିଲି, ଟ୍ୟାକ୍‌ସିରେ ଏଠୁ କଟକ ଯିବା ପାଇଁ ଦେଢ଼ ଘଣ୍ଟା ଲାଗେ । ଆପଣ ବସନ୍ତୁ; ମୁଁ ଡା'ହେଲେ ଦେଖେ ଯାଇ ଷ୍ଟାଣ୍ଡରେ...

ପ୍ଲାଷ୍ଟିକ୍ ରେନ୍‌କୋର୍ଟଟା ପିନ୍ଧିନେଇ ଗ୍ରଲିଲି ଟ୍ୟାକ୍‌ସି ଷ୍ଟାଣ୍ଡ । ପନ୍ଦର ମିନଟ୍‌ର ବାଟ ।

ଯଦି ଗାଡ଼ି ମିଳିଯାଏ, ମାଳବିକାଙ୍କୁ କଟକରେ ଛାଡ଼ି ରାତି ପାହିବା ଆଗରୁ ବି ଫେରି ଆସି ପାରିବି ।

(ନିଜକୁ ବେଶ୍ ହିରୋ ହିରୋ ମନେ ହେଉଚି !)

ପରୋପକାର କରିବାର ଗୋଟାଏ ଆନନ୍ଦ ଅଛି ତ !

କିନ୍ତୁ ପର ମୁହୂର୍ତ୍ତିରେ ଭିତରର ପଶୁଟା ପଗ୍ରରିଲା, ଜବାବ୍ ଦାବୀ କଲା, କାହିଁକି ?

ବାସ୍ତବକ୍ କାହିଁକି ମୁଁ ଏତେ ସ୍ୱୀକୃତି କରିବି ? ସେ ମୋର କିଏ ? ଯୋଉ ସୁମନ୍ତ ମହାପାତ୍ରର ଜୀବନ-ଦର୍ଶନ କହେ—"ନାସ୍ତି ମାତ୍ରେଇ ଉପଭୋଗ୍ୟ"......ପ୍ରତିବଦଳରେ ସେ କଣ ପାଇବ ମାଳବିକା ଠାରୁ ?

ମାଳବିକାକୁ ଅନୁଶୀଳନ କରିବାକୁ ଲାଗିଲି । ସିଗାରେଟ୍ ଧରେଇବା କଥାଟା..., ସେ ତ ଗୋଟାଏ ପ୍ରଲୋଭନ ମାତ୍ର । ନେକେଡ୍ ଫ୍ଲାର୍ଟ୍......, ନଛକ ଗୁଲ୍‌ବାଜୀ ! ଦୈହିକ କିମ୍ବା ଆର୍ଥିକ ଲାଭ ବିନା କାହାର କିଛି ଉପକାର କରିବା ନିଷ୍କାମ ହୃଦୟରେ......ଗୀତାର ପଂକ୍ତି ଅନୁଯାୟୀ—କର୍ମ କରି ଯାଅ, ଫଳରେ ଆଶା ନ ରଖି......" ଏ ସବୁ ତ ବିଶ୍ୱାସ କରେ ନାହିଁ ସୁମନ୍ତ ମହାପାତ୍ର ଅନ୍ତତଃ । ଗ୍ରାମ-ସେବିକା କସ୍ତୁରୀ ଯେମିତି ଅଳ୍ପ ହସି ଅନୁରୋଧ କରେ ତା' ଟି. ଏ. ବିଲ୍‌ଟା ପାଶ୍ କରେଇ ଦେବା ପାଇଁ, ସମାଜ-ସଂଗଠିକା କିଷ୍ଟିନା ଯେମିତି ତାଙ୍କ ଗୃହାଣୀ ହାଣି ଅଧ ଘଣ୍ଟାଏ ଲେଟ୍‌ରେ ଆସିଥିଲେ ବି ଅନୁରୋଧ କରେ ଆଟେଣ୍ଡେନ୍ସ ରେଜିଷ୍ଟରରେ ତାକୁ ଦସ୍ତଖତ୍ ମାରିବା ପାଇଁ ଅନୁମତି ଦେବାକୁ—ସିଗାରେଟ୍ ବ୍ୟାପାରଟା ମାଳବିକାର ସେଇ ପରି ଗୋଟାଏ ଗୁଲ୍ ......

ତା' ନୁହେଁ ତ ଆଉ କଣ ?

ନାସ୍ତି-ଜାତିର ଏଇ ଫ୍ଲାର୍ଟ୍ ସାଙ୍ଗରେ, ଗୁଲ୍‌ବାଜୀ ସାଙ୍ଗରେ,...ଖୁବ୍ ପରିଚିତ ସୁମନ୍ତ ଶର୍ମା !! ହୁଁଃ...ହୁଁଃ...!!!

ନାଁ, ଏ ସବୁରେ ମୁଁ ଭୁଲେନା । ଏତିକରେ ମୋ ଠାରୁ କାମ ହାସଲ୍ କରେଇ ହବନି । ମୋର ଦରକାର ଘୁଷ୍... । ଘୁଷିର ସ୍ପଂଲଙ୍ଗ ଘୁଷ୍ ! କଣ୍ଟ୍ରାକ୍ଟର୍‌ମାନଙ୍କ ହସରେ ମୁଁ ଭୁଲି ନାହିଁ । ଭୁଲି ନାହିଁ କସ୍ତୁରୀର କଥାରେ କି କ୍ରିଷ୍ଟିନାର କଟାକ୍ଷରେ । ଯାହା ନେବାର ନେଇଚି । ଆଦାୟ କରି ନେଇଚି ଉପକାର କରିବାର ମୂଲ୍ୟ । ମୋର ଶୋଚନା କି ଅନୁଶୋଚନା ନାହିଁ । କେହି ମୋ ପାଖରେ ଋଣୀ ନୁହେଁ, କି ମୁଁ ବି ନୁହେଁ କାହା ଠାରେ ଦାୟ-ଗ୍ରସ୍ତ । ମୁଁ ଭଲ ପାଏନା କାହାରିକୁ,

ଆଉ ମୋତେ ମଧ୍ୟ କେହି ଭଲ ପାଏନା ନିଶ୍ଚୟ, ଯେହେତୁ କି ରୂପର ହାଟରେ ମୁଁ ଦେବାଳିଆ । (ରୂପଇତ ଭଲ ପାଇବାର ପ୍ରଥମ ସୋପାନ) । ଏ କ୍ଷେତ୍ରରେ ଅବାନ୍ତର ସ୍ତ୍ରୀ-ପୁରୁଷର ରୁଚି-ଭେଦ ପ୍ରଶ୍ନ । ଅସୁନ୍ଦର ଛବି, ଅସୁନ୍ଦର ଦୃଶ୍ୟ ପରି ଅସୁନ୍ଦର ମୁହଁ ମଧ୍ୟ ଭଲ ଲାଗେନା କାହାରିକି । ସୁନ୍ଦର ପୁଅ-ଝିଅଙ୍କୁ ବାପା-ମାଆ ଭଲ ପାଆନ୍ତି ବେଶୀ । ସ୍କୁଲରେ ଶିକ୍ଷକମାନେ ବି ପସନ୍ଦ କରନ୍ତି 'ଗୁଡ୍ ଲୁକ୍'...... ! ରେଲ୍‌ଓ୍ୱେ ସ୍କୁଲ୍‌ରୁ ଯେତେବେଳେ ଦଳେ ଛାତ୍ରଙ୍କର ଯିବାର ହେଲା ଦିଲ୍ଲୀ, ପ୍ରଥମ ସ୍ୱାଧୀନତା ଦିବସରେ ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରିବା ପାଇଁ,—ମୋତେ ତ ବାଦ୍ ଦିଆ ହୋଇ ଥିଲା ଦେଖିବାକୁ ସୁନ୍ଦର ନୁହେଁ ବୋଲି (...ଅସୁନ୍ଦର ପିଲାମାନେ ଗଲେ ଦିଲ୍ଲୀବାଲାଏ କଣ ଧାରଣା କରିବେ ଓଡ଼ିଆଙ୍କ ସମ୍ବନ୍ଧରେ ! ) ଯଦିଓ ଡ୍ରିଲ୍ ଭଲ କରୁଥିଲି, କ୍ୟାଡ଼େଟ୍ ଥିଲି ଜୁନିଅର୍ ଏନ୍. ସି. ସି. ର ପ୍ରଥମ ଗ୍ରୁପ୍‌ରେ ବି ! !

ପକେଟ୍ ଭରି ଯେମିତି ଟଙ୍କା ଆଦାୟ କରି ନେଇଚି କଣ୍ଟ୍ରାକ୍ଟର-ମାନଙ୍କ ଠାରୁ, କମ୍ପନୀ ଆଉ କ୍ରିଷ୍ଟିନ୍......ମାନଙ୍କଠାରୁ ଯେମିତି ଆଦାୟ କରି ନେଇଚି 'ନିର୍ବୋଧ' ଭରି ଆନନ୍ଦ,—ସେଇ ପରି କିଛି ଦାଖଲ୍ ନ ଦେଇ ସ୍ୱଚ୍ଛ ଖସି ଯିବ ମାଳବିକା ମୋ ଉଇଁଷ୍ଟ ସିଗାରେଟ୍ ଥରେ ଦି'ଥର ଟାଣି ଦେଇ, ନଗ୍ନ ବାହୁ ଆଉ ଅର୍ଦ୍ଧ-ଉଲ୍ଲଗ୍ନ ଉରୁର କାଉଁସି କାଟି ମୋ ଆଖି ଆଗରେ ହଲେଇ,—ଅର୍ଥାତ୍ ଗୋଟିଏ ବାକ୍ୟରେ ମୋତେ ନିର୍ବୋଧ ପ୍ରମାଣିତ କରି !

ହୁଁଃ, ମାଳବିକା ଦେବୀ, ସୁମନ୍ତ ମହାପାତ୍ରର ହୃଦୟ-ଫୃଦୟ ନାହିଁ... । ( ବୋକାମାନଙ୍କର କେବଳ ହୃଦୟ ନାମକ ଅବସ୍ତୁଟାଏ ବେଶୀ ପରିମାଣରେ ଥାଏ ବୋଲି ଶୁଣିଚି ! ) ମୁଁ ପୁରା ପୁରି ବସ୍ତୁବାଦୀ । ବୁଝେ ଖାଲି ଲାଭର ଉଗଟାଇ । ସବୁ କଥାରେ ମୋର ବେନିଫିଟ୍ ଦରକାର, ରିଓ୍ୱାର୍ଡ୍ ଧରକାର, ପ୍ରଫିଟ୍ ଦରକାର, ମୂଲ୍ୟ ଦରକାର ।

ମୋର ଅନେକ-ରାତ୍ରୀ-ଅଭିସାରର ସାରଥି ପୁରୁଖା ଟ୍ୟାକ୍ସି ଡ୍ରାଇଭର୍ ଶୋଭନ୍ ଅଲ୍ଲୀ । ସେ ବିଶ୍ୱସ୍ତ । କେବଳ ଅର୍ଥ ହିଁ ତା' ପକ୍ଷରେ ପରମାର୍ଥ । ସେ ବୟସ୍କ, ବୃଦ୍ଧ । ତେଣୁ ଏଇ ସବୁ ବ୍ୟାପାର ପାଇଁ ନିରାପଦ । ସେ ସମ୍ଭୋଗରେ ଅଂଶୀଦାର ହେବାକୁ ଦାବୀ କରି ବସେନା । ଦୈହିକ ବ୍ୟାପାରରେ ସେ ଇନୋସେଣ୍ଟ୍ ।

ଷ୍ଟାଣ୍ଡ୍ ପାଖରେ ତା' ଘର ଆଗରେ ଟ୍ୟାକ୍ସି ରଖି ନିଶ୍ଚିନ୍ତରେ ଶୋଇ ଥିଲା ଶୋଭନ୍ ବାରଣ୍ଡା ଉପର ଖଟିଆରେ । ବାରଣ୍ଡା ବାହାରେ କାନ୍ଥ । ତେଣୁ ପାଣି ଛାଟ ପଡ଼ିବାର ପ୍ରଶ୍ନ ଉଠେନା । ଅବଶ୍ୟ ଖରା, ବର୍ଷା ଶୀତ···ସବୁ ଋତୁରେଇ ସେ ଶୋଇ ରହେ ଏଇଠି ରାତି ପାସେଞ୍ଜର୍‌ଙ୍କ ସୁବିଧା ପାଇଁ ।

ଉଠି ବସିଲା ଡାକ ଶୁଣି ।

ଘଟଣାଟା ବର୍ଣ୍ଣନା କରିବା ପରେ ପ୍ରଥମେ ଟିକିଏ ଦ୍ୱିଧା··· (ଖାସ୍ ବି. ଡି. ଓ. ଙ୍କ ସ୍ତ୍ରୀ···! ) ···କିନ୍ତୁ ବୁଝାଇ ସୁଝାଇ ରାଜି କରାଇବା ପରେ ( ମୋଟା ଅଙ୍କର ସର୍ତ୍ତରେ ଅବଶ୍ୟ···) ଚଟାପଟ୍ ଭିତରକୁ ଯାଇ ଝିଅର ଇସ୍ତ୍ରୀ ହୋଇଥିବା ଶାଢ଼ୀ ଖଣ୍ଡେ ଖବର କାଗଜରେ ଗୁଡ଼ାଇ ନେଇ ବାହାରି ଆସି ଖୁବ୍ ସ୍ମାର୍ଟନେସ୍ ଦେଖାଇ କବ୍ଜା ପକାଇଲା, ଆଉ ଡେରି କରିବାର ନୁହେଁ ।

ସଦର ରାସ୍ତା ଉପରୁ ହେଡ୍ ଲାଇଟ୍ ନିଭାଇ ଗାଡ଼ିଟା ପ୍ରାୟ ନିଃଶବ୍ଦରେ ଗଡ଼ାଇ ଆଣି ସେ ବ୍ରେକ ଦେଇଥିଲା ମୋ କ୍ୱାଟର ଆଗରେ ।

ଜାତୀୟ ରାଜପଥ ଦେଇ ଦୁରନ୍ତ ଗତିରେ ଛୁଟି ଚାଲିଛି ଟ୍ୟାକ୍ସି । ଭଦ୍ରକରୁ କଟକ ମାତ୍ର ଚଉଷଠି ମାଇଲ୍ । ଠିକ୍ ଦେଢ଼ ଘଣ୍ଟା ଲାଗେ । ଆକାଶରୁ ନିକ୍ଷିପ୍ତ ଶତ-ସହସ୍ର ତୀର ପରି ବର୍ଷଣର ଧାରା ଚକ୍ ଚକ୍ କରି ଉଠୁଛି ହେଡ୍ ଲାଇଟ୍‌ର ଧୂମ୍ରାଭ ସୁଦୂର-ସନ୍ଧାନୀ ଆଲୋକ-ରେଖା ଉପରେ ଯାହା ଗାଡ଼ିଟିକୁ ଆଗେ ଆଗେ ବାଟ କଢ଼ାଇ ନେଉଛି । ପଛ ସିଟ୍‌ରେ ମୋ ପାଖରେ ଖାଲି ଖଣ୍ଡେ ଶାଢ଼ୀ ଦେହରେ ମାଳବିକା । ସେ ଗୁଡ଼ି ହୋଇଛି

ତା'ର ଆଉ ବେହରଣ ସବୁ । (ତାକୁ "ଆପଣ" "ଆପଣ" ଛାଡ଼ିବାକୁ ଇଚ୍ଛା ହେଉନ ଆଉ !) ଉଭୟ ଆମେ ନୀରବ । ଖାଲି କଥା କହୁ ଚାଲିଚି ଶୋଭନ୍ ଅଲ୍ଲୀ ଏକାକୀ । ଗତ ଥର ଏଇବାଟେ ଯାଉ ଯାଉ ମସ୍ତବଡ ସାପଟାଏ କପର ଗାଡ଼ିତଳେ ତା'ର ମାଡ଼ି ହେଇଗଲା···ସେଇ ଘଟଣାର ବର୍ଣ୍ଣନା ଫେଣେଇ ଫେଣେଇ କରି କହୁଚି । ମନକୁ ମନ କଥା କହିବା ତା'ର ଅଭ୍ୟାସ ।

ସାପ କଥାରୁ ମନେ ପଡ଼ିଲା କସ୍ତୁରୀ କଥା । ଥରେ ମୋତେ ସେ କହିଥିଲା, ମାଟ୍ରିକ୍ ପରୀକ୍ଷା ଆଗରୁ କୁଆଡ଼େ ସ୍ୱପ୍ନରେ ସେ ସାପ ଦେଖିଲା ବାରମ୍ବାର । ବୋଉ ପାଖରେ କହିବାରୁ ବୋଉ କହିଲେ ମନ୍ଦିରକୁ ଯାଇ ମହାଦେବଙ୍କୁ ପୂଜା କରିବାକୁ ପ୍ରତି ଗୁରୁବାର ଦିନ । କିନ୍ତୁ ସେ ତାକୁ ଏଇ ପରାମର୍ଶ ଦେବା ବେଳେ ଅପାର ବର ହସୁ ଥାଆନ୍ତି ମୁରୁକେଇ ।

: ହସୁଚ ଯେ !—କସ୍ତୁରୀ ଚଢ଼ି ଉଠିଥିଲା ।

ଶରତ ଭାଇ ପରେ ତାକୁ ଏକାନ୍ତରେ କହିଥିଲେ, ମୁଁ ବୋଉଙ୍କୁ କହିବି, ଶୀଘ୍ର ତୋର ବାହାଘର ଯୋଗାଡ଼ କରିବାକୁ···।

ବୁଝି ପାରିଲାନି କସ୍ତୁରୀ ।

ଅପା-ବର କୁଆଡ଼େ ମନଃସ୍ତତ୍ତ୍ୱର ବହି ଖୋଲି ଦେଖାଇ ଦେଇ ଥିଲେ—ଅବଦମିତ ଯୌନ-କାମନାର ଉପସର୍ଗ ପୁରୁଷମାନଙ୍କ ପାଇଁ ଡଙ୍ଗା ଆଉ ବଗିଚାର ସ୍ୱପ୍ନ ଦେଖିବା ଏବଂ ମହିଳାମାନଙ୍କ ପାଇଁ···ସାପ; ସାପର ସ୍ୱପ୍ନ ! ! !

କସ୍ତୁରୀ ମୋତେ କହିଥିଲା—ଦେହ ସମ୍ବନ୍ଧରେ ପ୍ରଥମ ଅଭିଜ୍ଞତା ତାକୁ ଦେଇଥିଲେ ସେଇ ଶରତ ଭାଇ । ପ୍ରବୀଣା ବୟସ୍କା-ମହିଳା ପରି ଆହୁରି ବି କହିଥିଲା, ତା'ର ଅନେକ ବାନ୍ଧବୀଙ୍କ "ଅପା-ବର"ମାନଙ୍କ କଥା ସେ ଜାଣେ—ସମସ୍ତଙ୍କ "ଅପା-ବର"ମାନେ କୁଆଡ଼େ ଏଇପରି—ସବୁ "ଶରତ ଭାଇ"ମାନଙ୍କ କାମ ହେଉଚି କୁଆଡ଼େ "କସ୍ତୁରୀ"ମାନଙ୍କୁ ଜଗି ଜଗି

ରହିବା···ଆଉ କାହା ସଙ୍ଗରେ ପ୍ରେମ କରିବାକୁ ନ ଦେବା······ଇମିତି ଗୋଟାଏ ବର ଯୋଗାଡ଼ କରିବା ଯିଏ ହୋଇଥିବ ପ୍ରତିଷ୍ଠିତ, ଅର୍ଥବାନ, ଅଥଚ ନପଟ ନିର୍ବୋଧ....(ତା' ମାନେ 'କସ୍ତୁରୀ'ମାନଙ୍କ ସହିତ 'ଶରତ ଭାଇ'ମାନଙ୍କ ସମ୍ପର୍କ ଯେପରି ନିର୍ବିଘ୍ନରେ ଅକ୍ଷୁନ୍ଣ ରହି ପାରେ ଚିରଦିନ ? )······

ଗାଡ଼ି ଭିତରେ ଲାଇଟ୍ ଜଳୁନି । ବାହାର ଆଲୁଅର ଧାସରେ ଅସ୍ପଷ୍ଟ ଦିଶୁଥିଲା ମାଳବିକାର ମୁହଁ । ସେ ଆଉ ଏଇ ମୁହୂର୍ତ୍ତରେ ମୋର ପ୍ରଭୁ-ପତ୍ନୀ ନୁହେଁ । ବରଂ ତା'ର ପ୍ରଭୁ ମୁଁ ।

ସିଟ୍ ଉପରେ ମୋ ପାଖକୁ ଲାଗି ରହିଥିବା ତା' ପାପୁଲିରେ ମୁଁ ଆସ୍ତେ ନେଇ ଡାହାଣ ହାତ ରଖିଲି ।

ସେ ମୋ ମୁହଁକୁ ଆଖି ଫେରାଇ ଚାହିଁଲା ।

କିନ୍ତୁ ତା ଆଡ଼କୁ ଅନାଇବାର ସାହସ ମୋର ସେତେବେଳେ ଅଭାବ ପଡ଼ି ଯିବାରୁ ( ହଠାତ୍ କାହିଁକି ଅଭାବ ପଡିଗଲା ଜାଣେନା ! ) ମୁଁ ସେହିପରି ଆଗକୁ ଚାହିଁ ରହିବାର ଛଳନା କରି ଚାଲିଲି ।

କିଛି ସମୟ ପରେ ସେ ଧୀରେ ଧୀରେ ହାତ ଖସାଇ ନେଲା ।

ଝଡ଼ ପରି ଛୁଟି ଚାଲିଚି ଗାଡ଼ି ।

ଆଉ, ଝଡ ଉଠିଚି ମନ ଭିତରେ ମୋର ।

କସ୍ତୁରୀ ତ ଠିକ୍ ଏଇପରି କରିଥିଲା । ନିଶ୍ଚିନ୍ତ ବ ।

କସ୍ତୁରୀର ହାତ ଉପରେ ମୁଁ ପ୍ରଥମ କରି ଯୋଉଦିନ ହାତ ରଖିଥିଲି, ହଠାତ୍ ସେ ନୀରବ ହୋଇଯାଇଥିଲା କିଛି ଗୋଟାଏ କହୁ କହୁ । କଣ କହୁ ଥିଲା ବର୍ତ୍ତମାନ ମନେ ପଡ଼ୁନି ଅବଶ୍ୟ । ତେବେ ପ୍ରେମର କଥା ନୁହେଁ ନିଶ୍ଚୟ । ( କହୁଥିଲା ବୋଧହୁଏ ତା' ପିଲାଦିନର କଥା କମ୍ବା ସେଇପରି ଅନ୍ୟ କିଛି ପିଲାଳିଆ । ବେଳେ ବେଳେ ସେ ପିଲାଳିଆ କଥା

କହେ, ପିଲାଳିଆ ବ୍ୟବହାର ଦେଖାଏ ଯାହା ପୁରୁଷମାନଙ୍କୁ ଆକର୍ଷିତ କରେ ବୋଲି ତା'ର ବିଶ୍ୱାସ ଥିଲା ହୁଏତ । ହଁ, ଠିକ୍ ମନେ ପଡ଼ିଲା ବର୍ତ୍ତମାନ— ସେତେବେଳେ ପିଲା ଦିନର କିଛି ଗୋଟାଏ ଘଟଣା ବର୍ଣ୍ଣନା କରିବାକୁ ଯାଇ ସେ ଚେଷ୍ଟା କରୁଥିଲା ଖୁବ୍ ପିଲାଳିଆ ହେବାକୁ···! ) ହାତରେ ହାତ ରଖିବାରୁ ତାହାର ମୁଖର-ମୁଖ ମୂକ ହୋଇଗଲା ତତ୍‌କ୍ଷଣାତ୍ । ଆଉ ସେ ବି ଠିକ୍ ମୋ ମୁହଁକୁ ଏହିଭଳି ( ମାଳବିକା ପରି ) ଅନାଇ ରହିଯାଇ ଥିଲା କିଛି କ୍ଷଣ ପାଇଁ···ହୁଏତ ମୋତେ ବୁଝିବାକୁ କିମ୍ବା ସବୁ ବୁଝି ମଧ୍ୟ କିଛି ବୁଝିପାରୁ ନ ଥିବାର ଛଳନାକରି ।

ବିଭିନ୍ନ ଝିଅ ବିଭିନ୍ନ ପ୍ରକାର ବ୍ୟବହାର ଦେଖାନ୍ତି ବିଭିନ୍ନ ପରିସ୍ଥିତିରେ; କିନ୍ତୁ ସବୁ ଝିଅ ଯେ ଗୋଟିଏ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଏକାଭଳି ହୁଅନ୍ତି ତାହା ମୁଁ ଅଭିଜ୍ଞତାରୁ ଜାଣିଥିଲି । ସେଇ ନିର୍ଦ୍ଦିଷ୍ଟ ପରିସ୍ଥିତି ଚରମ ମୁହୂର୍ତ୍ତ; ମଣିଷ ଯେତେବେଳେ ହୋଇଉଠେ ଆଦିମ । ଛଳା-କଳା-ଗୁରୁଗିରର ମାୟାଜାଲ କାଟି ଫୁଟି ଉଠେ ଯେତେବେଳେ ନୈସର୍ଗିକ ଆଦିମତା । ଭାଷା ସେଇ ପରିସ୍ଥିତିରେ ନିଷ୍କ୍ରିୟ । ଦେହ, ମନ, ଆତ୍ମା··· ସେତେବେଳେ ପ୍ରକୃତ ପରି ପ୍ରାକୃତିକ । ଆଦିମ ମଣିଷ ଭାଷା-ହୀନ ଥିଲା— ତେଣୁ ଆଦିମତାର ପରିପ୍ରକାଶ ନୀରବତାର ମାଧ୍ୟମରେ, ନୈଶବ୍ଦ୍ୟର ମାଧ୍ୟମରେ; କେବଳ ଭଙ୍ଗୀ···ଶୀସ୍ୱା···ଆଉ ଗୃହିଣୀର ମାଧ୍ୟମରେ ।

ପ୍ରଗଲ୍‌ଭା କସ୍ତୁରୀ, ମୁଖରା ଜ୍ୟୋତ୍ସ୍ନା, ପ୍ରଭୁ-ପତ୍ନୀ ମାଳବିକା···ସମସ୍ତେ ଠିକ୍ ଏକା ଭଳି ହେବାକୁ ଯେପରି ଅବା ନିୟମଗତ ଭାବେ ବାଧ୍ୟ । (ସେଇଆ ମନେ ହେଉ ଥିଲା ମୋର !) 'ଚରମ ମୁହୂର୍ତ୍ତରେ ଏକ ନିର୍ଦ୍ଦିଷ୍ଟ ରୂପର ଅବତାର ପରିଗ୍ରହଣ କରିବା ପାଇଁ ସମସ୍ତେ ଯେପରି ଅବା ସତ୍ୟସନ୍ଧ ! ! !

(ଏଇ ସବୁ ଚିନ୍ତା ଧୀରେ ଧୀରେ ମୋ ମନର ସାହସିକ ଅଭାବକୁ ପରିପୂରଣ କରି ଆଣିଲା ।)

ମାଳବିକାର ମୋ ମୁହଁକୁ ଚାହିଁ ରହିବା··· ତା'ପରେ ହାତ ଭିତରୁ ହାତ କାଢ଼ିନେବା···ତାହାକୁ ମୋ ଆଖିରେ ବର୍ତ୍ତମାନ କସ୍ତୁରୀ ଆଉ

ନିଷ୍ଟିନା ସହୃତ ସମାନ କରି ଆଣିଲାଣି । ଆଉ ମନେ ହେଉନ ଯେ ସେ ମୋର ପ୍ରଭୁ-ପତ୍ନୀ, ଯାହାଙ୍କ ସ୍ୱାମୀ ହାତରେ ମୋ ସୃକପିର ଚରଫ-ଲିପି ! ! !

ଆଗରେ ବୈତରଣୀର ପୋଲ । ପୋଲ ପାଖରେ ଗ୍ରେଟ ପରିଚିତ ରେଷ୍ଟ୍‌ସେଡ଼ ।

ଧିମେଇ ଆସିଲା ଟ୍ୟାକ୍‌ସିର ଗତି-ବେଗ ।

ଯକ୍ଷ୍ମା ରୋଗୀ ଭଳି କାଶି କାଶି ଖଙ୍କାର ବାହାର କରିବା ପରି କାର୍‌ବୁରେଟର୍‌ରୁ ଶେଷ ପେଟ୍ରୋଲ୍‌ତକ ଅପସୃତ ହୋଇ ଯିବାର ଶବ୍ଦ ! ···ତାପରେ ରହିଗଲା ଗାଡ଼ିଟା ।

କହିବାକୁ ହେବ, ତେଣୁ କହିଲି : କଣ ହେଲା ? ଏଠି ରଖିଲ ଯେ ?

: ଇଞ୍ଜିନ ଟ୍ରବ୍ଲ୍ ! ! —ଉତ୍ତର ଦେଲା ଚନ୍ଦ୍ରତ ଶୋଭନ୍ ଅଲ୍ଲୀ ।

ମୋ'ର ଯୋଜନା ଅନୁଯାୟୀ ସେ କାମ କରିଚି —ମନେ ମନେ ଧନ୍ୟବାଦ ଦେଲି ତାକୁ ! ! !

ଉଦ୍‌ବିଗ୍ନ ମାଲବିକା ପଗ୍ଋଲା ବର୍ତ୍ତିମାନ ତା'ହେଲେ ଉପାୟ କଣ ?

: ଗାଡ଼ିଟା···;ଦେଖେ କଣ ହେଲା ! ଶୋଭନ୍ ବର୍ଦ୍ଧାର ସିଟ ଓହ୍ଲାଇ ଯାଇ ବନେଟ୍ ଉଠାଇ ଟର୍ଚ୍ଚ ମାରି କଣ ଟିକଏ ଦେଖି ନେଲା । : ଆହା କଏଲ୍ ଯେ ଜଳି ଯାଇଚି ! ! ସ୍ୟା' ଆଲ୍ଲା, ବହୁତ ମୁସ୍କିଲ୍ ହୋ ଗିୟା···

: କଣ କରାଯିବ ତା'ହେଲେ ? ମୁଁ ବିରକ୍ତ ହେଲା ପରି ଭାବ ଦେଖାଇଲି । —କିଛୁ ଗୋଟାଏ ବ୍ୟବସ୍ଥା କରନା !

: ଶୋଭନ୍ ଆଉଁ ଆଉଁ କହୁ ଫିକର ନାହିଁ ସା'ବ୍! ହେଲେ ଜଏଲ୍ ମୋ ପାଖରେ ନାହିଁ । ମୁଁ ଯାଉଚ ଆଖୁଆପଦା—ସେଠି ଅଛୁ ଜଣେ ମିସ୍ତ୍ରୀ—ତା'ର ପାଖରୁ ନେଇ ଆସିବ ।

: ଆଖୁଆପଦା । ସେ ତ ଦୂର ହେବ ! —ମାଳବିକାର କଣ୍ଠସ୍ୱରରେ ଉଦ୍‌ବିଗ୍ନ-ଭାବ ! !

: ନାଁ, ମେମ୍ ସା'ବ୍ । ଯିବା ଆସିବାକୁ ଦେଢ଼ ଘଣ୍ଟାରୁ ବେଶୀ ଲାଗିବନି । ମୁଁ ସାଙ୍ଗରେ ଏଇ ରେଷ୍ଟ୍‌ସେଡ୍‌ର ଚୌକିଦାରକୁ ନେଇ ଯାଉଚ । ଏଠି ଏମାନେ ସମସ୍ତେ ମୋର ଚିହ୍ନା-ପରିଚ ।

ସେ ଯାଇ ଚୌକିଦାରକୁ ଉଠାଇ ଆଣିଲା ।

ମାଳବିକା କିନ୍ତୁ ବ୍ୟସ୍ତ ହୋଇ ଉଠିଚ ।

ଶୋଭନ୍ ଟିକିଏ ଚିନ୍ତାକରି କହିଲା, ଜାଗାଟା··· ଭଲ ନୁହେଁ । ଇମିତି ଗାଡ଼ି ଭିତରେ ନ ବସି ରେଷ୍ଟ୍‌ସେଡ୍ ଭିତରେ ଯାଇ ଅପେକ୍ଷା କରିବା ବରଂ ଭଲ ମେମ୍ ସା'ବ୍ !

ମୁଁ ବି ତାକୁ ସମର୍ଥନ କଲି ।

କିନ୍ତୁ ଏକା ଜିଦ୍ ମାଳବିକାର ସେ ଗାଡ଼ି ଛାଡ଼ି ଯିବନି । ବାଧ ହେଲି କହିବାକୁ, ତାହେଲେ ଶୋଭନ୍, ଗାଡ଼ି ଦରଜା ବାହାରୁ ତମେ ଲକ୍ କରି ଦିଅ ବରଂ···

(ସବୁ ଦରଜା ବାହାରୁ ଲକ୍ କରିବା ବ୍ୟବସ୍ଥା ଶୋଭନ୍ ନିଜ ଗାଡ଼ିରେ ବିଶେଷ ଭାବେ କରାଇ ଥିଲା ।)

ଏଥିରେ ବି ମାଳବିକାର ଆପତ୍ତି ।

ତା'ର ସନ୍ଦେହ ଦୃଷ୍ଟିରୁ ହୁଏତ 'ଯୋଜନା' ଆଉ 'ଷଡ଼ଯନ୍ତ୍ର'ର ଘାଣ ବାରି ପାରୁଚ ।

ଶେଷ ପର୍ଯ୍ୟନ୍ତ···ଗାଡ଼ି ଭିତରେ ଆମକୁ ବସି ରହିବାକୁ ଛାଡ଼ିଦେଇ ଶୋଭନ୍ ଆଉ ଚୌକିଦାର ଅଦୃଶ୍ୟ ହୋଇଗଲେ ଅନ୍ଧାର ଭିତରେ ।

ବେଶ୍ କିଛି କ୍ଷଣ ଧରି ପାଖାପାଖି ସେଇ ପରି ବସି ରହିଥିଲୁ ଆମେ ନବାବ ଆଉ ନର୍ତ୍ତକୀ ହୋଇ ।

ମୁଁ ତା' ସମ୍ବନ୍ଧରେ ନୂଆ ଭାବରେ ଚିନ୍ତା କରିବାକୁ ଲାଗିଲି । ବର୍ତ୍ତମାନ ମନେ ହେଲା ସେ ନିଷ୍ଠୁର ନା କି କାପୁରୁଷ ନୁହେଁ । ଖାଲି ମୋ ସାଙ୍ଗରେ ଟିକିଏ ଫ୍ଲାର୍ଟ୍ କରିବାକୁ ଚେଷ୍ଟା କରୁଥିଲା, ଏତିକି ମାତ୍ର । ଚିଡ଼ିଆ-ଖାନାର ରେଲିଂ ଏ ପାଖରେ ଠିଆ ହୋଇ ମାଂସ ଟୁକୁରାକୁ ପିଞ୍ଜରାବଦ୍ଧ ମହାବଳର ମୁହଁ ପାଖକୁ ଆଗେଇ ନେଇ ପୁଣି ପଛେଇ ଆଣିବାର ଖେଳ ସେ ଖେଳୁଥିଲା ମୋ ସାଙ୍ଗରେ । ସେଥିରେ ଖେଳାଳୀର ଆନନ୍ଦ ଅଛି—ପଶୁଟାର ଅଛି ସିନା ଯନ୍ତ୍ରଣା !

ମୋ ଭିତରେ ଦେଖାଗଲା କ୍ରୋଧ । ଉଗ୍ର ପାଶବିକ କ୍ରୋଧ ।

ଜାଣ ମାଳବିକା, ଏଇ ରେଷ୍ଟସେଡ଼୍ ଭିତରେ ମୁଁ କେତେ କଣ କାଣ୍ଡ କରିଯାଇଛି ? ସେ ସବୁର ସାକ୍ଷୀ ଏଇ ଶୋଭନ୍ ଅଲ୍ଲୀ ଆଉ ଚୌକିଦାର !! ସୁମନ୍ତ ମହାପାତ୍ରଙ୍କୁ ତମେ ଚିହ୍ନ ନାହିଁ; ଦେଖି ନାହଁ ତା'ର ଭୟଙ୍କର ସ୍ୱରୂପ ! ତମେ ଖେଳୁଛ ମୋ ସାଙ୍ଗରେ ସେଇ ଚିଡ଼ିଆଖାନାର "ଖେଳ ! ୟୁ ଆର୍ ପ୍ଲେଇଂ ଦ୍ୟାଟ୍ ଡାର୍ଟି ଗେମ୍ !!!

ଠିକ୍ କରି ନେଲି, ଏଥର ମୁଁ ଆଗେଇବି ।

ମୋ ଭାରି ହାତଟା ନେଇ ତା' କାନ୍ଧ ଉପରେ ରଖିଲି ।

ସେ ଆସ୍ତେ କରି ସେଇଟା ଖସାଇ ଦେଲା ଆଉ ଘୁଞ୍ଚିଗଲା ମୋ ପାଖରୁ ।

କେତେ ସେକେଣ୍ଡ ଚାହିଁ ରହିଲି ତା' ମୁହଁକୁ । ଠିକ୍ ମୁହଁ ନୁହେଁ, ମୁହଁର ସିଲହଟ୍; ବାହାରେ ବାରମ୍ବାର ଚମକି ଉଠୁଥିବା ବିଜୁଳି ଆଲୁଅର

ପଚ୍ଛଭୂମୀରେ ଗୋଟିଏ ଲମ୍ବ ନାକ ଆଉ ଖସି ପଡ଼ଥିବା ଖୋସାର ଆଉଟ୍ ଲାଇନ୍ ।

ପୁଣି ତା' ଆଡ଼କୁ ହାତ ବଢ଼ାଉ ଥିଲି.........ହଠାତ୍ ପଛ ପଟେ ଜୀପ୍ ଗାଡ଼ିର ଗର୍ଜନ ! ପରିଚିତ ଶବ୍ଦ । ସାଇଲେନ୍ସର୍ ପାଇପ୍ ଖରାପ ଥିବା ଆମର ବ୍ଲକ୍ ଜୀପ୍ଟା ।

ହତଭମ୍ବ ଆମେ କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ପଛ ଆଡ଼କୁ ଫେରି ଚାହିଁ ରହିଗଲୁ—କାଚ ଭେଦ କରି ଆମ ମୁହଁରେ ପଡ଼ିଚି ହେଡ୍ ଲାଇଟ୍ର ପ୍ରଖର ଆଲୋକ – ଯେପରିକି ବଣର ଦୁଇଟି ଜନ୍ତୁ ଆମେ—ଜାଣି ସ୍ପଟ୍ ଲାଇଟ୍ ପଡ଼ିଲାଣି........ ଯା' ପରେ ଗୁଳି ମାଡ଼ ବସିବ......ତଥାପି ଆମେ ନିଶ୍ଚଳ, ନିଥର ଆଉ ନିର୍ବାକ୍......!!!

ଜୀପ୍ ଆସି ଠିଆ ହୋଇଗଲା ଟ୍ୟାକ୍ସି ପାଖକୁ ଲାଗି ।

ଡ୍ରାଇଭର ସିଟରେ ବି. ଡ଼ି. ଓ. ସର୍ବେଶ୍ୱର ଦାସ ନିଜେ । ଆଉ କେହି ନାହିଁ ।

ଦରଜା ଖୋଲି ନିଜେ ଓହ୍ଲାଇ ଗଲେ ମାଳବିକା । ଯାଇ ବସିଗଲେ ଜୀପ୍ରେ ।

ଏ ସବୁ କଣ ?

ଲାଗୁଚି ଭୌତିକ କାଣ୍ଡ ପରି !!

ସର୍ବେଶ୍ୱର ମାଳବିକାଙ୍କୁ କିଛି କହିଲେନି...ମାଳବିକା ସର୍ବେଶ୍ୱରଙ୍କୁ କହିଲେନି କିଛି...ସିଏ ଆସି ପହଞ୍ଚିଗଲେ—ତାଙ୍କୁ ଦେଖିଲା କ୍ଷଣି ଇଏ ଯାଇ ବସି ଗଲେ—ମୋତେ ମଧ୍ୟ କହିଲେନି କେହି କିଛି—ଆଶ୍ଚର୍ଯ୍ୟ ! ! !

ସଂସାର ଊର୍ଦ୍ଧ୍ୱରେ ଇମିତି କିଛି କୋର୍ଡ ଅଛି ନା କଣ ସେମାନଙ୍କ ଭିତରେ...ଯାହା ମାଧ୍ୟମରେ କଥାବାର୍ତ୍ତା ହୋଇଗଲେ ସେମାନେ; ଅଥଚ ମୁଁ କିଛି ବୁଝି ପାରିଲିନି ।

ଗଲା ବେଳେ ଖାଲି ଏତିକି କହି ଗଲେ ସର୍ବେଶ୍ୱର ଦାସ, କାଲି ଦିନଟା ଛୁଟି ନେଇ ପାର; କିନ୍ତୁ ପହରି ଦିନ ମୋତେ ଦେଖା କରିବ ନିଶ୍ଚୟ । ଅଫିସରେ ନୁହେଁ,—ଘରେ । ସନ୍ଧ୍ୟା ବେଳେ ଆସିବ ।

ମୋର ଏଥର ତଟସ୍ଥ ହେବା ପାଳି !

ସବୁ କିଛି ଯେପରି ଗୋଟାଏ ଦୁର୍ଭେଦ୍ୟ ଗୋଲକ ଧନ୍ଦା !!

ମୋବାଇଲ୍ କୋର୍ଟରେ ସେଇ ମୁହୂର୍ତ୍ତରେ ମୋର ବିଚାର ସରିଗଲା !!!

ଜାଣେ ମୋର ଫାଶିଦଣ୍ଡ ହେବ । ହୁଁ, ଠିକ୍ ସେଇ ପ୍ରକାରେ ମନେ ମନେ ପ୍ରସ୍ତୁତ ହେଇ······ଖାଲି ରାୟଟା ଶୁଣିବା ପାଇଁ ଅତି ସନ୍ତର୍ପଣରେ ଯାଇ ଠିଆ ହେଲି କାଠଗଡ଼ା ଭିତରେ ।

ବିଚାରପତି ରାୟ ଶୁଣେଇଲେ, କିଛି ମନେ କରିବନି ସୁମନ୍ତ, ମୋ ସ୍ତ୍ରୀର ନନ୍ଦନକ୍ ହୃଷ୍ଟି ରିଆ । ( ଏଁ ଏଁ କଣ ହେଲା ?? ହ୍ୱାଟ୍ !! ) ସି ଇକ୍ ପିକୁଲିଆର୍ ସେ ଅସ୍ୱାଭାବିକ ! ( କଣ ସବୁ କହି ଯାଉଛନ୍ତି ଟେସ ଶୁଣି ପାରୁନି; କାନ ଝାଁଇଁ ଝାଁଇଁ ହେଇ ଯାଉଚି ! ) × × × ତମଠାରେ ମୁଁ କୃତଜ୍ଞ × × × କିନ୍ତୁ କଥା ଦିଅ ଯାହା ହେଇ ଯାଇଚି, ଯାହା ଜାଣ— ଆଉ କେହି ଜାଣିବେନି ।

କାନରେ କେତେଗୁଡ଼ିଏ ଅବୋଧ ଅସଂଲଗ୍ନ ସଂଳାପ ବାଜୁଥିବା ପରି ଲାଗୁଥିଲା । ମୁହଁରୁ ବାହାରିଲା ଖାଲି ସାର୍······

: ତମେ ଆମ ଘରକୁ ଆସିବ । ସର୍ବେଶ୍ୱର ଦାସ କହିଲେ— ଆପଣାର ମନେ କରିବ ଆମକୁ ।

ତା' ପରେ ସେଠାକୁ ମୋର ଖୋଲି ଯାଇ ଥିଲା ଅବାଧ ଗତିପଥ······ ।

ହଁ, ମାଳବିକା ସହିତ ଦୈହିକ ସମ୍ପର୍କ ବି ସ୍ଥାପିତ ହୋଇଥିଲା ମୋର ଅବଶେଷରେ । ସେଇ ମୋତେ ପରେ କହିଥିଲା, ସର୍ବେଶ୍ୱର ନପୁଂସକ । ସେ କେବଳ ସ୍ତ୍ରୀକୁ ଉତ୍ତପ୍ତ କରି ଜାଣନ୍ତି; ଶୀତଳ କରି ଜାଣନ୍ତିନି ।

ମାଳବିକାକୁ ଶାନ୍ତ, ଶୀତଳ ଓ ସ୍ୱାଭାବିକ କରି ରଖିପାରି ଥିଲି ସୁଦୀର୍ଘ ଦୁଇବର୍ଷ ।

ମହାମହିମ ଜିଲ୍ଲାପାଳଙ୍କୁ ପ୍ରତ୍ୟାଖ୍ୟାନ କରିଥିବା ଜଣେ ମହିୟସୀ ମହିଳା ମୋପରି ଜଣେ ସାମାନ୍ୟକୁ କାହିଁକି କୃତାର୍ଥ କଲେ ଏଇ ପ୍ରଶ୍ନ ପଚାରି ଦେଇଥିଲି ପ୍ରଥମ ଦୈହିକ ସଂଯୋଗ ବେଳେ । ନାଗୁଣୀର ହିସ୍ ହିସ୍ ଗର୍ଜ୍ଜନ ପରି କାନ ପାଖରେ ସେ ଫିସ୍ ଫିସ୍ କରି କହିଥିଲେ, ସେ'ଟା ଯେ ନପୁଂସକ ! ( ଭାବିଥିଲି କହିବେ "ତମକୁ ମୁଁ ଭଲ ପାଏ ପରା ସୁମନ୍ତ !" X X କିନ୍ତୁ ନାଁ । କେବଳ ମୋର ପୁରୁଷକାରଟା ତାଙ୍କର ଦରକାର ଥିଲା ! )

( ସୁମନ୍ତ ଶର୍ମା ! ପୃଥିବୀର ସବୁ ସ୍ୱାମୀ ବା ପୁରୁଷଯାକ ଏଇ ଭଳି ନପୁଂସକ ହୋଇ ଯାଆନ୍ତେ କି ! ଆଉ ତମେ ଏକା ରହି ଯାଆନ୍ତ ସେମାନଙ୍କର ପରିପୂରକ ହୋଇ ! ! )

ସେଇ ସୁଦୀର୍ଘ ଦୁଇ ବର୍ଷ ମୁଁ ଖାଲି ମାଳବିକାର ପ୍ରେମିକ ନ ଥିଲି, ହୋଇ ପାରିଥିଲି ମଧ୍ୟ ଦୁର୍ନୀତିଗ୍ରସ୍ତ ସର୍ବେଶ୍ୱର ଦାସଙ୍କ ରାଇଟ୍-ହ୍ୟାଣ୍ଡ-ମ୍ୟାନ୍ ।

ଫଳରେ ପ୍ରଚୁର ଅର୍ଥାଗମ ହୋଇଥିଲା ମୋର । ଆହୁରି ବି ହୋଇ ଥାଆନ୍ତା, କିନ୍ତୁ ଆମେ ଧରାପଡି ଗଲୁ ଦୁର୍ନୀତି-ନିବାରଣ-ବିଭାଗର ଜାଲରେ ।

ସବୁ କିଛୁ ଯେପରି ଛିନ୍ନ ଭିନ୍ନ କରି ଦେଲା ହଠାତ୍ ଗୋଟାଏ ଝଡ଼ ଆସି । ମୁଁ ଆଉ ସେମାନେ······ପରସ୍ପରଠାରୁ ବିଚ୍ଛିନ୍ନ ହୋଇ କିଏ କୁଆଡ଼େ ଛିଟିକି ପଡ଼ିଲୁ !!!

ଚାକିରି ଚାଲି ଗଲେ ବି ଅର୍ଥର ଅଭାବ ମୋର ନ ଥିଲା ।

ପାଖରେ ସେତେବେଳକୁ ଅବଶିଷ୍ଟ ଥାଏ ଦଶ ହଜାର ଟଙ୍କା । କୌଣସି ଗୋଟାଏ ଶ୍ରେଷ୍ଠ ଧରଣର ସ୍ୱାଧୀନ ବ୍ୟବସାୟ ଚଳାଇବା ପାଇଁ ଯଥେଷ୍ଟ ।

ଭାବି ବସିଲି, କଣ କରି ପାରିବି ମୁଁ ।

ସରକାରୀ ଚାକିରି ପାଇବା ପ୍ରଶ୍ନ ଉଠୁ ନ ଥିଲା । ସହଜ ନ ଥିଲା ଘରୋଇ ଫାର୍ମ୍‌ରେ ଚାକିରିଟିଏ ଯୋଗାଡ଼ କରି ପାରିବା ।

ନିଜକୁ ଅଧ୍ୟୟନ କରିଚି ଏତେ ଦିନ ଧରି । ଏତେ ଦିନ ଧରି ଅନୁଶୀଳନ ଆଉ ବିଶ୍ଳେଷଣ କରିଚି ନିଜକୁ । ଚାକିରି କରିବା ମନୋବୃତ୍ତି ପ୍ରକୃତରେ ମୋର ଅଛି କି ?

ନାଁ, ନାହିଁ ।

ମୁଁ ଜାଣେ, ନାହିଁ ।

ସ୍ୱାଧୀନ, ଉଦ୍ଧତ, ଅନମନୀୟ, ପଟାନ୍ତର-ବିହୀନ ଏକ ଚରିତ୍ର ମୁଁ ।

ବର୍ଣ୍ଣାର୍ଡ ଶ' କହିଥିଲେ, ସ୍ଲେଭ୍ ମେଣ୍ଟାଲିଟି ଇଜ୍ ଦ' ସିକ୍ରେଟ୍ ଅଫ୍ ସକ୍‌ସେସ୍ ଇନ୍ ସର୍ଭିସ୍ । ଦାସ ମନୋବୃତ୍ତିହିଁ ଚାକିରିରେ ସାଫଲ୍ୟର ଗୋପନୀୟ ରହସ୍ୟ ।

ମୋର ଅବଚେତନ ମନ ଭିତରେ ରହିଥିଲା ସେଇ ଦାସ-ମନୋବୃତ୍ତିର ଅଭାବ ।

ତା' ଛଡ଼ା ଭାବିଲି, ଚାକିରି କରି କେତେ ଟଙ୍କା ବା ପାଇବି ? ଚାକିରିର ଦରମାରେ ମୋର ଖରଚ ଚଳିବା ବର୍ତ୍ତମାନ କଷ୍ଟକର, ଯେହେତୁ ସୁରା-ସାକୀର ବିଳାସରେ ଆସକ୍ତ ଜୀବନର ଗତି-ପଥକୁ ବଦଳାଇ ପାରିବା ମୋ ପକ୍ଷରେ ଆଉ ସମ୍ଭବ ନୁହେଁ ।

ଭବିଷ୍ୟତର କର୍ମପନ୍ଥା ସମ୍ବନ୍ଧରେ ଏହିପରି ଭାବେ ମୁଁ ଦ୍ୱନ୍ଦ-ଗ୍ରସ୍ତ ଥିବାବେଳେ ଶୋଭନ୍ ଅଲ୍ଲୀ ପରାମର୍ଶ ଦେଲା ଟ୍ୟାକ୍ସି-ବ୍ୟବସାୟ କରିବା ପାଇଁ । କହିଲା, ନେଟ୍ ପ୍ରଫିଟ୍ ଦିନକୁ ପଚିଶ ଟଙ୍କା । ଗାଡ଼ି ତ ଆପଣ ନିଜେ ଚଲେଇ ଜାଣନ୍ତି—ଡ୍ରାଇଭର୍ ଠକି ପାରିବନି ।

ସେଇ ମୋତେ କରେଇ ଦେଲା ଗାଡ଼ି ଖଣ୍ଡେ ଅପେକ୍ଷାକୃତ ଅଳ୍ପ ଦାମ୍‌ରେ ।

ଆମ୍ବାସାଡ଼ର୍ ଗାଡ଼ିଟା । ରଙ୍ଗ କରାଇ ନେବାରୁ ସୁନ୍ଦର ଦିଶିଲା । ସର୍ଭିସ୍ ବି ଭଲ ।

ଡ୍ରାଇଭିଂ ଲାଇସେନ୍‌ସ ତ ଥିଲା ମୋର ଆଗରୁ—'ଟ୍ୟାକ୍ସି ଲାଇସେନ୍‌ସ' ବି କରାଇ ଦେଲା ସେଇ କିଛି ଘୁଷ୍ ବିନିମୟରେ ।

ତା' ପ୍ରତି କୃତଜ୍ଞ ହୋଇ ଅନୁରୋଧ କରିଥିଲି ବିଶ୍ୱସ୍ତ ଡ୍ରାଇଭରଟିଏ ଯୋଗାଡ଼ କରିଦେବା ପାଇଁ । ଡ୍ରାଇଭର୍ ଚଲେଇବ; ସାମୟିକ ଅନୁପସ୍ଥିତିରେ ମୁଁ ବି ମ୍ୟାନେଜ୍ କରି ନେଇ ପାରିବି, ଏହିପରି ଭାବିଥିଲି ପ୍ରଥମେ; କିନ୍ତୁ ଯାହାକୁ ଯୋଗାଡ଼ କରି ଦେଇଥିଲା ଶୋଭନ୍, ବେଶୀ ଦିନ ସେ ମୋ ପ୍ରତି ବିଶ୍ୱସ୍ତ ରହି ପାରିଲାନି ।

ସେତେବେଳକୁ ଓଡ଼ିଶା ସାରା ଆଉ ପ୍ରଦେଶ ବାହାରେ ବି ଘୂରିଘୂରି କରି ବହୁ ଟ୍ୟାକ୍ସି-ଚାଳକଙ୍କ ସହିତ ପରିଚୟ ହୋଇ ଯାଇ ଥାଏ ମୋର; ଜାଣି ପାରିଲିଣି ଅନେକ ସେମାନଙ୍କ ଭିତରୁ ସମ୍ଭ୍ରାନ୍ତ ବଂଶର ସନ୍ତାନ, ନିଜେ ନିଜ ଗାଡ଼ିର ମାଲିକ—ଏହି ଉପାୟରେ ସମାଧାନ କରୁଛନ୍ତି ଶିକ୍ଷିତ ବେକାର ସମସ୍ୟାର ।

ଅନୁପ୍ରାଣିତ ହୋଇ ନିଜେ ଶେଷକୁ ଷ୍ଟିଅରିଂ ହ୍ୱିଲ୍ ଧରିଲି; ଆଉ ଦେଖିଲି—ପ୍ରଫିଟ୍‌ର ପରିମାଣ ବଢ଼ି ବଢ଼ି ଚାଲିଛି ଅବିଶ୍ୱସ୍ତ ସେଇ ସେଇ ଲୋକଟିକୁ ବିଦାୟ କରି ଦେବା ପରେ ।

ବାସ୍ତବିକ୍, ସେ ଚାଲି ଯିବା ପରେ ମୁଁ ହୋଇ ପାରିଥିଲି ସୁଖୀ, ହୋଇ ପାରିଥିଲି ଗନ୍ଧ-ମୁକ୍ତ, ସମ୍ପୂର୍ଣ୍ଣ ଭାବେ ସ୍ୱାଧୀନ ।

ସେଇ ଯାଯାବର ଜୀବନ, ଆଉ ତା'ର ସ୍ମୃତି ।

ବର୍ତ୍ତମାନ ସ୍ମୃତି ସ୍ରୋତର ପ୍ରତିକୂଳରେ ମନ ବେଳେ ବେଳେ ସନ୍ତରଣ କରି ଚାଲେ ନିତାନ୍ତ ଅହେତୁକ ଭାବରେ ।

ସେମାନେ ସବୁ କିଏ ?

କେତେ ଘଣ୍ଟାର ଆତ୍ମୀୟ ।

ପିଚ୍ ରାସ୍ତା ଉପରେ ଭିଜା ଟାୟାରର ଦାଗ ପରି ଶୁଖି ଯାଇ ଉଭେଇ ଯିବା ଉଚିତ୍ ସେମାନଙ୍କ ମୁହଁର ପ୍ରତିଛବି ମୋ ମନର ପଟ୍ଟଭୂମୀ ଉପରୁ ।

ଯିବା ଉଚିତ୍; କିନ୍ତୁ ତା' ଯାଏନା ।

ପୃଥିବୀରେ ଯାହା ହେବା ଉଚିତ୍ ସବୁ କଣ ହୁଏ ? ଯାହା ରହିବା ଉଚିତ୍ ସବୁ କଣ ରହେ ?

ଗାଡ଼ିର ୱିଣ୍ଡ୍-ସ୍କ୍ରିନ୍ ଆଗରେ ସେଇ ସବୁ 'ଭୁଲିଯିବା ଉଚିତ୍' ସ୍ମୃତି ମୂର୍ତ୍ତୀମନ୍ତ ହୋଇ ଡ୍ରାଇଭିଂ କରୁ କରୁ ଅନମନା କରିଦିଏ ମୋତେ । ଭୟ ହୁଏ, ଏକ୍‌ସିଡେଣ୍ଟ୍ କରି ପକେଇବି ! ଟଳିଯାଏ ଆତ୍ମ-ବିଶ୍ୱାସ ! !

ଅନେକ ମୁହଁ ଭିତରେ ବିଶେଷ କେତୋଟି ମୁହଁ ଘଟଣା ଭିତରେ ଅଘଟଣ ପରି ମନେ ରହେ ମଣିଷର । ତେଣୁ ମଞ୍ଜୁର ମୁହଁ ଚିହ୍ନିବାରେ ମୋର ତ ଭୁଲ୍ ହେବା କଥା ନୁହେଁ ! କାରଣ ଅସଂଖ୍ୟ ମୁହଁ ଭିତରେ ତା' ମୁହଁଟି, ଅନ୍ତତଃ ମୋ ପାଇଁ, ବିଶିଷ୍ଟ......; ଅନେକ ଘଟଣା ଭିତରେ ତାହା ସହିତ ପରିଚୟ ଅଘଟଣ ନ ହେଲେ ବି ।

(ରାସ୍ତା ଉପରୁ ଗାଡ଼ିର ୱଇଣ୍ଡ୍ ସ୍କ୍ରିନ୍ ଆଉ ଘରଟାର ଝରକା ଦେଇ ଯୋଉ ମୁହଁଟିକୁ ଦେଖି ପାରୁ ଥିଲି କ୍ଷଣକ ପାଇଁ, କଳ୍ପନାରେ ନୁହେଁ ବାସ୍ତବରେ ସେଇ ମୁହଁଟି କଥା ମୁଁ ଅବଶ୍ୟ କହୁଚ ।)

ଯୋଉ ତିନଜଣ ମୋତେ ଟ୍ୟାକ୍ସି ଷ୍ଟାଣ୍ଡ୍‌ରୁ ନେଇ ଆସିଚନ୍ତି ଏଠିକି—ସେମାନଙ୍କ ସାଙ୍ଗରେ କଣ୍ଟ୍ରାକ୍ଟ, ପୁରା ଟ୍ୟାକ୍ସି······କଣ୍ଟକରୁ ବାହାର୍ କେଲ । ଜବାବ୍ ଛୁଡ଼ିଚ ତିନଶହ ଗୁଲଶ୍‌ରେ । ପେଟ୍ରୋଲ୍ ପାଇଁ ଶହେ ଟଙ୍କା ଏଡ୍‌ଭାନ୍‌ସ ନେବା ଛଡ଼ା ଆଉ କିଛି ଜାଣିବା ମୋର ଆବଶ୍ୟକ ନ ଥିଲା (କିଏ, କେଉଁମାନେ ବା କାହିଁକି ଇତ୍ୟାଦି) । ଆଉ ବର୍ତ୍ତମାନ ମୁହଁଟିକୁ ଦେଖି ନେବା ପରେ ଆବଶ୍ୟକ ହେଲାନାହିଁ ଘର ସାମ୍ନାର ନେମ୍ ପ୍ଲେଟ୍‌ଟାକୁ ପଢ଼ିବା ବି ।

ଦୁଆର ମୁହଁରେ ଗାଡ଼ି ରଖି ମୁଁ ଗ୍ଲଲଗଲି ନିକଟବର୍ତ୍ତୀ ହୋଟେଲ୍‌ରୁ ଖାଇ ଆସିବା ପାଇଁ ।

ସେମାନେ ଭିତରକୁ ଗଲେ । କ'ଣ କଥାବାର୍ତ୍ତା ହେଉଚନ୍ତି ସମସ୍ତେ ବସି ।

ଏଇ ସମୟ ଭିତରେ ଖରା ଜଳଖିଆ ଖାଇ ମଧ୍ୟାହ୍ନ-ଭୋଜନଟା ଟିଫିନ୍ କ୍ୟାରିଅର୍‌ରେ ଭରି ନେବା ଭଲ ।

ଯୋଉଠି ବସି ଖାଉଥିଲି, ସେଠାରୁ ଝରକା ଦେଇ ଦିଶୁ ଥିଲା ମୋ ଗାଡ଼ିଟା ।

ଜଳଖିଆ ସାରି, ଚା' କପ୍ ଶେଷ ହେବା ଆଗରୁ ସିଗାରେଟ୍‌ଟା ଧରେଇଚି ହଠାତ୍ ବାଜି ଉଠିଲା ଦି' ତିନଥର । କିନ୍ତୁ ଚା' କପ୍‌ରୁ ମୁହଁ ଟେକି ଗାଡ଼ି ପାଖରେ ଦେଖିଲିନି କାହାରିକି ।

ବିଲ୍ ମେଣ୍ଟେଇ ଟିଫିନ୍ କ୍ୟାରିଅର୍‌ଟା ହାତରେ ଧରି ଓହ୍ଲାଇ ଆସିଲି ରାସ୍ତା ଉପରକୁ ।

ସମୁଦାୟ ଗାଡ଼ିଟା ପରୀକ୍ଷାର ଦେଖା ଗଲା ଏଥର ।

ନାଁ, ସେ ଦୁଷ୍ଟ ପିଲା ନୁହେଁ, ସେଇମାନଙ୍କ ଭିତରୁ କେହି ହର୍ଣ୍ଣ୍ ଦେଇ ଯାଇଚ—ଯାହାର ଅର୍ଥ, ଯିବା ପାଇଁ ସେମାନେ ପ୍ରସ୍ତୁତ ହୋଇ ସାରିଲେଣି ।

ଷ୍ଟିଅରିଂ ପାଖରେ ବସି ମୁଁ ଏଥର ହର୍ଣ୍ଣ୍ ମାରିଲି ସେମାନଙ୍କୁ । ଧୋତି-ପଞ୍ଜାବୀପିନ୍ଧା ଭଦ୍ରଲୋକ ଜଣକ ବାହାର ଆସି କହିଲେ, ଆସି ଗଲେଣି ଆପଣ ?

( ହୁଁ 'ଆପଣ' ! ଭଡ଼ା ମୂଲେଇବା ବେଳେ ଏଇ ଲୋକଟା ପ୍ରଥମେ ମୋତେ 'ତମେ' କହିବାକୁ ଆରମ୍ଭ କରିବା ମାତ୍ରେ ମୁଁ ବି ତାକୁ 'ତେମେ' 'ତେମେ' କରିବାରୁ ନିଜକୁ ସଂଶୋଧନ କରି ନେଇ ଥିଲା ସିଏ । )

ଉତ୍ତର ଦେଲି, ମୋର ସବୁ ରେଡ଼ି ।

: ବାହାରିବା ତା' ହେଲେ; ଆମେ ସବୁ ତ ପ୍ରସ୍ତୁତ ହେଇ ସାରିଲୁଣି । କହୁ କହୁ ସେ ଚାଲି ଗଲା ଭିତରକୁ ।

ଯାତ୍ରାରମ୍ଭ ପୂର୍ବରୁ କ୍ଲଚ୍, ଏକ୍‌ସିଲେଟ୍‌ର, ଗିଅର୍……ପରୀକ୍ଷା କରି ନେବା ମୋର ଅଭ୍ୟାସ । ଚେକ୍ କରୁ କରୁ ଦେଖିଲି ଖୁବ୍ ହାର୍ଡ଼୍ ଲାଗୁଚି ଏକ୍‌ସିଲେଟର୍ । ଆରେ, ଜାମ୍ ହେଇ ଗଲାନା କଣ ? ତଳକୁ ଝୁଙ୍କି ପଡ଼ି ସେ'ଟା ସଜାଡ଼ିବାରେ ଲାଗି ଗଲି—ଆଉ ସେଇ ଅବସରରେ ସେମାନେ ଆସି ବସି ଯାଇ ଥିଲେ ପଛ ସିଟ୍‌ରେ ।

ତଳକୁ ଝୁଙ୍କି କାମ କରୁ କରୁ କହିଲି କେହି, ଆଗକୁ ଆସି ପାରନ୍ତି ।

ସମସ୍ୱର ଶୁଭିଲା : ନାଁ, ଏଇଠି ହବ ।

ଏକ୍‌ସିଲେଟ୍‌ର ଠିକ୍ କରି ରୁମାଲ୍‌ରେ ହାତ ପୋଛୁ ପୋଛୁ ଫେରି ଚାହିଁଲି ପଛକୁ । ସେଇ ତିନି ଜଣ । ( ପରସ୍ପର ଭିତରେ ସେମାନଙ୍କର କଥାବାର୍ତ୍ତାରୁ ଜାଣି ଥିଲି—ଧୋତି-ପଞ୍ଜାବୀ ସୁବୋଧ, ଟ୍ରାଉଜର୍-ହାଓ୍ୱାଇନ୍

ଅଭସ୍ତ, ଆଉ ଲମ୍ବା କଲ୍‌···ଟି' ଶାର୍ଟ୍‌···ନଲୀ ପେଣ୍ଟ୍‌···ପଏଣ୍ଟେଡ୍ ସୁ'
ଜଣକ ଜ୍ୟୋତଷ୍‌ । 'ଜ୍ୟୋତଷ' ନୁହେଁ, ଜ୍ୟୋତଷ୍'—'ଷ' ତଳେ
ହଲନ୍ତ୍ । )

: ବାହାରବା ? —ଷ୍ଟିଅରିଂରେ ହାତ ରଖି ପଚାରିଲି ।

: ସେ······ଆସିବେ ଯେ ।

: ମୁଁ ତା' ହେଲେ ସିଗାରେଟ୍ ନେଇ ଆସୁଚ ।

ଓହ୍ଲାଇ ଗଲି ସିଗାରେଟ୍ ଆଣିବାକୁ । ଫେରି ଆସି ଦେଖେ ତ ସାମ୍‌ନା ସିଟ୍‌ରେ ସେ, ହଁ ସେଇ ·····ମଞ୍ଜୁ; ମଞ୍ଜୁଳା !

ଆଖିରେ ଗଗ୍‌ଲସ୍ ।

ଦେହରେ ବନାରସୀ ।

ତା' ସ୍ୱାସ୍ଥ୍ୟ ଆଉ ଆଉ ସୌନ୍ଦର୍ଯ୍ୟ ଆଗ ଅପେକ୍ଷା ଢ଼େର୍ ବେଶୀ ଉଜ୍ଜ୍ୱଳ ହୋଇ ଉଠିଚ ।

ଅତ ସୁନ୍ଦର ଚେହେରା ମନେ ରହେ, ମନେ ରହେ ଅତ ଅସୁନ୍ଦର-ମାନଙ୍କୁ ବ । ତେଣୁ ସେ ବ ମୋତେ ଚହ୍ନି ପାରବା ଉଚତ ।

କନ୍ତୁ ନାଁ; ଥରେ ମାତ୍ର ମୋ ଆଡ଼େ ଅନାଇ ( ହସିବ କ ? ପଚାର ଦେବ, "ସୁମନ୍ତ ବାବୁ ଆପଣ ?" ନାଁ ନାଁ ; ଚହ୍ନି ପାରଲନ ହୁଏତ ! ) ଟଗ୍‌ଲସ୍ ଆଖି ପୁଣି ବୁଲି ଗଲା ପଛକୁ । ଆପଣମାନଙ୍କୁ କମ୍ପର୍ଟ ହବ ବୋଲି ଏଠି ଆସି ବସିଲି । ଖୁବ୍ ଗରମ୍ ହଉଚ ; ନୁହେଁ ?

ବୁଝିଲି । ପଛ ସିଟ୍‌ରେ ମଞ୍ଜୁ ସାଙ୍ଗରେ ବସିବାକୁ ପ୍ରତଯୋଗୀତା କରବା ପାଇଁ ସେ ଆସିବା ଆଗରୁ ତନହେଁ ଆସି ବସି ଯାଇଥିଲେ ସେଇଠି । ଫଳରେ ( ଅହା ବଚରା ! ) ସମସ୍ତେ ହେଲେ ଲ'ଷ୍ଟ୍ ! ପଛପଟେ ଜଣେ ମହିଳା ୨ୟ ତନ ଜଣଙ୍କ ଭିଡ଼ରେ ବସିବାକୁ ରୁହଁ ବନ—ସ୍ୱାଚ୍ଛନ୍ଦ୍ୟ ଦୃଷ୍ଟିରୁ,

ସ୍ୱଚ୍ଛନ୍ଦତା ଏଇ ଗରମ ଦିନରେ—ଏଟା ସାଧାରଣ-ଜ୍ଞାନ । ଏତିକି ବୁଝି ସେମାନଙ୍କ ଭିତରୁ ଜଣେ କେହି ଆଗରୁ ମୋ ପାଖକୁ ଚାଲିଆସି ସାକ୍ରିଫାଇସ୍ କରିଥିଲେ ହୋଇ ଥାଆନ୍ତା; କିନ୍ତୁ ଏସବୁ ବ୍ୟାପାରରେ କିଏ କାହିଁକି ସାକ୍ରିଫାଇସ୍ କରିବାକୁ ଚାହିଁବ ? ଫଳରେ ଲ'ସ୍ ହେଲା ସମସ୍ତଙ୍କର—ସଙ୍ଗ-ସୁଖରୁ ବଞ୍ଚିତ ହେଲେ ସମସ୍ତେ । ( ବୋକାଗୁଡ଼ାକ ! ଏଇ ବୁଦ୍ଧି ନେଇ 'ପ୍ରେମ' କରିବାକୁ ବାହାରିଛନ୍ତି ! ! )

ମୋ ଆଖିରେ ବି ଗଗ୍ଲସ୍ ଥିଲା । ସିଟ୍ ଉପରେ ମଞ୍ଜୁ ଆଉ ମୋ ଭିତରେ ଆହୁରି ମଧ୍ୟ ଥିଲା ଭଙ୍ଗା ହୋଇ ଥୁଆ ହୋଇଥିବା ତାହାର ହାଓ୍ୱା-ତକିଆ ଆଉ ହାଓ୍ୱା-ବିଛଣାର ବ୍ୟବଧାନ ।

କିନ୍ତୁ ଏ ସବୁ ସତ୍ତ୍ୱେ ବି—ତକିଆ, ବିଛଣାକୁ ଲଗି ରହିଥିବା ତା'ର ସ୍ଲେଟ ଚମଡ଼ା ସୁଟ୍‌କେଶ୍ ଉପରେ ଅଳସ ଭାବେ ଲମ୍ବି ପଡ଼ିଥିବା ତାହାର ଡାହାଣ ହାତରେ ରିଷ୍ଟ୍‌ଓ୍ୱାଚ୍ ପିନ୍ଧା ବାହୁଟି ପ୍ରାୟ ମୋ ଦେହ ଛୁଉଁଥିଲା ସେପରି । (ମଞ୍ଜୁର ଘଣ୍ଟା ନ ଥିଲା ଭଦ୍ରକରେ; ବର୍ତ୍ତମାନ ଡାହାଣ ହାତରେ ପିନ୍ଧି ଶିଖିଲାଣି । ଖାଲି ସେତିକି ନୁହେଁ, ଅନେକ କିଛି ଶିଖି ଗଲାଣି…ଜାଣି ଗଲାଣି…ମନେ ହେଉଚି ତାକୁ ଦେଖିଲେ !)

ହଁ, ସେ ମୋତେ ଚିହ୍ନି ନାହିଁ । ଭାବି ନେଇଛି, ହେଇ ପାରେ; ଏଟା ସ୍ୱାଭାବିକ; ଅନେକ ସ୍ଥାନକୁ ସେ ଏମିତି ଅଭିନୟ କରିବା ପାଇଁ ଯାଇଥିବ, ମିଶିଥିବ କେତେ ଲୋକଙ୍କ ସାଙ୍ଗରେ; ମନର ଦର୍ପଣ ଉପରେ ତା'ର କେତେ ମୁହଁର ଛାଇ ପଡ଼ି ଉଭେଇ ଯାଉଥିବ ନିମିଷକେ !

ତା' ମନଟା ଦର୍ପଣ ହେଲେ ମୋ ମନଟା ବି କିଛି କ୍ୟାମେରାର ଫିଲ୍ମ ନୁହେଁ ଅବଶ୍ୟ !

ତଥାପି ମଞ୍ଜୁକୁ ମୋର ମନେ ଅଛି; କାରଣ ହୁଏତ…ସେ ଖୁବ୍ ସୁନ୍ଦର ବୋଲି ।

କିନ୍ତୁ ମୋର ଯୋଉ କୁତ୍ସିତ ଚେହେରା, ସେଇଥି ପାଇଁ କଣ ତା'ର ମୋତେ ସ୍ମରଣ ରଖିବା ସ୍ୱାଭାବିକ ନଥିଲା ? କ୍ଲାସର ସବୁଠାରୁ ଭଲ ଆଉ ସବୁଠାରୁ ଦୁଷ୍ଟ ଛାତ୍ରଙ୍କୁ ଯେପରି ଶିକ୍ଷକ ଚିରଦିନ ମନେ ରଖି ପାରନ୍ତି, ଜୀବନର ସବୁଠାରୁ ସୁଖକର ଆଉ ସବୁଠାରୁ ଦୁଃଖକର ଘଟଣା ଯେପରି ମନେ ରହିଯାଏ...ଠିକ୍ ସେଇପରି ମୋତେ ସେ ମନେ ରଖିବା ସ୍ୱାଭାବିକ ବୋଲି ମୁଁ ଭାବି ନେବାଟା କ'ଣ ମୋର ଭୁଲ୍ ?

କାହିଁକି ତେବେ ମନେ ରହିଲିନି ତା'ର ?

ମୋ ଠାରୁ ଅଧିକତର କୁତ୍ସିତ କାହାର ସଂସ୍ପର୍ଶରେ ସ୍ମୃତି ଭିତରେ ସେ ଆସି ଯାଇଚି ବୋଧହୁଏ ତା' ହେଲେ ! ! !

ପଛରେ ବସିଥିବା ସେମାନେ କହି ଉଠିଲେ, ଗାଡ଼ି ଏଥର ଚାଲୁ ।

ଗୁମୁରି ଉଠିଲା ଆମ୍ବାସଡର ଇଞ୍ଜିନ୍ । ଗଳି ଦୁ'ପାଖରେ କୌତୁହଳୀ ଆଖି । (ଦୃଷ୍ଟି ମଣ୍ଡୁପ୍ରତି ନିଷ୍ଟୟ ।) ଦରଜା ପାଖରେ ଠିଆ ହୋଇ ବିଦାୟ ସମ୍ଭାଷଣ ଜଣାଉଥିବା ସେଇ ବୟସ୍କା ମହିଳା (ତା' ମାଆ ହେଇଥିବେ) ଆଉ ଦେଖା ଗଲେନି ଗାଡ଼ିଟା ଟର୍ନ୍ ନେଇ ନେବାରୁ ।

ସେ ପ୍ରାୟ ଝୁଙ୍କିପଡ଼ି ଥିଲା ମୋ ଉପରକୁ ଗାଡ଼ି ଅଣ ଆଡ଼ିଆ ହୋଇ ଯିବାରୁ ଷ୍ଟିଅରିଂ ନେଲାବେଳେ । ତା'ପରେ ଠିକ୍ ହେଇ ବସି ସୁନ୍ଦର ସୁନେଲି ପ୍ୟାକେଟ୍‌ରୁ ଫିଲ୍‌ଟର୍ ଟିପ୍ ସିଗାରେଟ୍ କାଢ଼ି ଲାଇଟର୍ ଜଳେଇ ଧରେଇ ନେଲା । ନିଭି ଯାଇଚି ମୋ ସିଗାରେଟ୍‌ଟା ଠିକ୍ ସେତିକି ବେଳେ—ଟାଣ ଦେଲେ ବି ଧୂଆଁ ବାହାରୁ ନଥାଏ—ତାହା ଦେଖି ପାରିଚି ସେ—ଛୋଟ ପକେଟ୍‌ରୁ ଲାଇଟର୍ କାଢ଼ି ଧରେଇ ନେବ କି ଅଧାରୁ ଫିଙ୍ଗି ଦେବି ସେଟାକୁ...ଭାବୁଚି, ଜଳନ୍ତା ଲାଇଟର୍ ଧରି ନେଲ୍-ପଲିସ୍‌ରେ ଜଳୁଥିବା ଲାଲ୍ ବାଘ-ନଖଗୁଡ଼ିକ ତାହାର ଆସି ଯାଇଥିଲା ମୋ ମୁହଁର ଖୁବ୍ ନିକଟକୁ ।

ନିଭିଥିବା ସିଗାରେଟ୍ ଧରେଇ ନେଇ ମୁଁ ଧନ୍ୟବାଦ ଦେବା ପାଇଁ ତା' ମୁହଁକୁ ଚାହିଁଲି । ଗଗଲ୍‌ସ୍ ଉହାଡ଼ରେ ଆଖି ଦୁ'ଟା ତାହାର ଅବୋଧ ।

ତେବେ ଲିପ୍‌ଷ୍ଟିକ୍ ଓଠର ଲାଲ୍ ନିଆଁ ହଠାତ୍ ଜଳି ଉଠି ନିଭିଗଲା କାହିଁକି—ବୁଝି ପାରିଥିଲି ବେଶ୍ ।

ମୋତେ ତା'ର ମନେ ପଡ଼ି ଯାଇଛି ବର୍ତ୍ତମାନ । ଅର୍ଥାତ୍ ସେ ମୋତେ ଚିହ୍ନି ପାରିଛି ।

ସ୍ପିଡ୍ ବଢ଼େଇ ଦେଲି ଗାଡ଼ିର ।

ଗତି-ବେଗ ବଢ଼ିଲେଇ ମୋର ମନେ ପଡ଼େ ସେଇ ସବୁ ମୁହଁ ଗୁଡ଼ା । ଆଗେଇ ଆସନ୍ତି···ଗାଡ଼ି ଆଡ଼କୁ ଧାଇଁ ଆସୁଥିବା ଗୋଟିକ ପରେ ଗୋଟିଏ ମାଇଲ୍ ଖୁଣ୍ଟି ପରି । ଜଣକ ପରେ ଜଣକର ମୁହଁ ······

ସେଇ ଯେ ସମ୍ବଲପୁରରୁ ସେମାନଙ୍କୁ ନେଇ ଦେବଗଡ଼ ଯାଇଥିଲି ପିକ୍‌ନିକ୍ । ଖୁନ୍ଦାଖୁନ୍ଦି ହେଇ ବସି ଥିଲେ ଆଠ ଜଣ । ଜଣେ ଅଧ୍ୟାପକ, ତିନିଜଣ ଛାତ୍ରୀ, ଚାରିଜଣ ଛାତ୍ର ।

ହୀରାକୁଦ ଦେଖିବା ପାଇଁ ଶାନ୍ତି-ନିକେତନରୁ ଆସିଥିଲେ ସେମାନେ ।

ଛାତ୍ରୀ ଭିତରୁ ଜଣେ ନନ୍ଦିତା, ଅଧ୍ୟାପକଙ୍କ କନ୍ୟା । ନଦୀ-ମାତୃକା ସମତଳ ବଙ୍ଗର ସବୁଜ ସହଜ ରୂପ ଦେଖିବାରେ ଚିର-ଅଭ୍ୟସ୍ତ ତା'ର ଆଖି ଓଡ଼ିଶାର ଅରଣ୍ୟ-ପର୍ବତର ଦୃଶ୍ୟରେ ଅଭିଭୂତ । ଜୀବନରେ ସେ କେବେ ପ୍ରପାତ ଦେଖି ନାହିଁ । ହୀରାକୁଦ ଦେଖି ଫେରି ଯିବାର ପ୍ରାକ୍‌କାଳରେ କାହାଠାରୁ ପ୍ରଧାନପାଟ ସମ୍ବନ୍ଧରେ ଶୁଣି ସେ ଜିଦ୍ ଧରିଥିଲା ଦେଖିବା ପାଇଁ, ରାଜି କରେଇ ଥିଲା ବାବାଙ୍କୁ ।

ବାଟ ସାରା ପାଖରେ ବସି ସେ ମୋତେ ପଚାରୁ ଥାଏ ଓଡ଼ିଶା ସମ୍ବନ୍ଧରେ ଅନେକ ପ୍ରକାର ପ୍ରଶ୍ନ । ତା'ର କୌତୁହଳ ଚରିତାର୍ଥ କରୁ କରୁ ଡ୍ରାଇଭିଂ କରି ଚାଲିଥାଏ ମୁଁ ଅବଲୀଳା-କ୍ରମେ । ମୋର ସୁସ୍ପଷ୍ଟ ଇଂରାଜୀରେ

ବସ୍ମିତ ହୋଇ ଅଧ୍ୟାପକ ମହାଲାନବିଶ୍ ମୋ ସମ୍ବନ୍ଧରେ ଜାଣିବାକୁ ଚାହିଁଥିଲେ ।

ବି. ଏ. ପାସ୍ କରି ବହୁଦିନ ସୁବିଧା ନ ପାଇବା ପରେ ପୈତୃକ ଅର୍ଥରେ ଷ୍ଟୋର୍‌ଟିଏ କରି ସ୍ୱାବଲମ୍ବୀ ହୋଇଚି କହିବାରୁ ଖୁସି ହୋଇ ଗଲେ ସାର । ଆହୁରି ଆନନ୍ଦିତ ହୋଇଗଲେ ମୁଁ ତାଙ୍କର ସବ୍‌ଜେକ୍ଟ ସାଇକୋଲଜିର ସ୍କଲାର୍ ବୋଲି କହିବାରୁ । (ଆତ୍ମସମ୍ମାନ ରକ୍ଷା ପାଇଁ କେତେ ପର୍‌ସେଣ୍ଟ ମିଛ କହିଲେ ପାପ ହେବ ନାହିଁ, ତାହାର ଗ୍ରାମ-ମାପ ମୋତେ ଜଣାଥିଲା । ଅଫିସ୍-ବସ୍ଥ୍ ଥିଲାବେଳେ ବର୍ଣ୍ଣାଡ୍ ଶ' ତ ବାହାରେ ନିଜକୁ ଜୁନିଅର୍ କ୍ଲର୍କ ବୋଲି ପରିଚୟ ଦେଉଥିଲେ । ଅନ୍ୟକୁ ବଞ୍ଚାଇବା ପାଇଁ ବା ନିଜକୁ ବଞ୍ଚାଇବା ପାଇଁ ଯେତେ ମିଛ କୁହାଯାଇ ପାରେ ।—କାହାରି କିଛି କ୍ଷତି ସେଥିରେ ହେଉନି ତ !)

ଦେବଗଡ଼ ସହର ବାହାରେ ପ୍ରଧାନ ପାଟ ଜଲ-ପ୍ରପାତ ତଳେ ଦୁଇଟି ଛୋଟ ଛୋଟ ପାହାଡ଼ର ମଥାନରେ ଅବସ୍ଥିତ "ଲଲିତ ବସନ୍ତ" ଆଉ "ବସନ୍ତ ନିବାସ ।" ଦୁଇଟି ଯାକ ବଙ୍ଗଳା ଖାଲି ଥିଲା ସେଦିନ । ଡିସେମ୍ବରର ପ୍ରଚଣ୍ଡ ଶୀତରେ କିଏ ଏଠିକି ଆସନ୍ତା ? ଖରା ଦିନେ ପିନା କେବଳ ଭିଡ଼ ହୁଏ ଏଠାରେ ।

"ବସନ୍ତ ନିବାସ"ରେ ଜିନିଷ ପତ୍ର ରଖି ଚୌକିଦାରକୁ କୁହାହେଲା ଖାଇବାର ବ୍ୟବସ୍ଥା କରିବା ପାଇଁ । ସେତେବେଳେ ଦିନ ଦଶଟା । ପ୍ରପାତ ତଳେ କିଛି ସମୟ ବୁଲି ଆସି ସାଙ୍ଗରେ ଆଣିଥିବା ଚା' ଆଉ ସ୍ୟାଣ୍ଡ୍‌ଉଇଚ୍ ଖାଇ ପ୍ରପାତ-ମୁଖୀ ବସନ୍ତ-ନିବାସର ସୁଦୃଶ୍ୟ କରିଡୋରରେ ବସି ଏଠାରେ ପୂର୍ବରୁ ରାଜ-ଅତିଥି ହୋଇଥିବା କବି-ବୃନ୍ଦଙ୍କ ମାର୍ବେଲ୍ ବନ୍ଧେଇ କବିତା ସବୁକୁ (ଯାହା ବିଭିନ୍ନ ପିଲର୍‌ରେ ଫିକସ୍ କରା ହୋଇଚି) ନେଇ ଦାର୍ଶନିକ ଆଲୋଚନା କରିବାରେ କଟି ଯାଇଥିଲା ବେଶ୍ କିଛି ସମୟ । ସେଇ ଓଡ଼ିଆ କବିତାମାନ ମୁଁ ସେମାନଙ୍କୁ ବଙ୍ଗଳାରେ ବୁଝାଇ ଦେଇଥିଲି ଅବଶ୍ୟ ।

ମଧ୍ୟାହ୍ନ-ଭୋଜନ ପରେ ସ୍ୱଳ୍ପ ବିଶ୍ରାମ । ତା'ପରେ ସମସ୍ତେ ପର୍ବତ ଉପରକୁ ଉଠିଲୁ ପ୍ରପାତର ଉତ୍ସ ଦେଖିବା ପାଇଁ ।

ଅଧ୍ୟାପକ ମହାଲାନବିଶ୍ କହିଲେ, ସୁମନ୍ତ, ତୁମେ ଆମର ଫ୍ରେଣ୍ଡ୍, ଫିଲସଫର୍ ଏଣ୍ଡ ଗାଇଡ୍ । ତେଣୁ ତମେଇ ଲିଡ୍ କର ଆମକୁ ।

ଦୁର୍ଗମ, ଦୁରାରୋହ, ଅରଣ୍ୟ-ଶଙ୍କୁଳ, କଣ୍ଟକାକୀର୍ଣ୍ଣ ପ୍ରଧାନ ପାହାଡ଼ର ପର୍ବତ । ଅନେକ କଷ୍ଟରେ ଉଠିବାକୁ ହୁଏ । ବହୁ ଦୂର ଉଠିବା ପରେ କ୍ଳାନ୍ତ, ଶ୍ରାନ୍ତ ହୋଇ ପଡ଼ିଲେ ସମସ୍ତେ । ଅରଣ୍ୟ-ପଥରେ ମୋର ଜନ୍ମ-ସହଚର ବନ୍ଧୁକଟାକୁ ଗାଡ଼ି ପଛରୁ କାଢ଼ି ଆଣି କାନ୍ଧରେ ଝୁଲାଇ ଥିଲି କାଳେ ଯଦି ସମ୍ବର-ମିରିଗ···କିଛି ମିଳିଯାଏ—ଏଇ ଆଶାରେ । ରେଢ଼ା-ଖୋଲ, ପାଲଲହଡ଼ା ରାସ୍ତାରେ ଗାଡ଼ି ନେଇ ଯାଉ ଯାଉ ବାଟ ଉପରେ ମିଳିଥାଏ ବେଳେବେଳେ ଗୋଟାଏ ଅଧେ ସୁଯୋଗ । ମାଂସ-ଲୋଭୀ ମନ ମୋର ମୋତେ ପରିଣତ କରିଚି ନିପୁଣ ଶିକାରୀରେ । ଲକ୍ଷ୍ୟ ମୋର ସବୁବେଳେ ଅବ୍ୟର୍ଥ । ଏବେ ବି ନାଚି ଉଠେ ଆଖି ଆଗରେ ସେଇ ବାଘୁଣୀଟି ଆଉ ତାହାର ଛୋଟ ଛୋଟ ତିନୋଟି ଶାବକ··· ! ରାଉର-କେଲାକୁ କୋଇଡା ଯିବା ବାଟରେ ମିରିଗ୍ଖୋଜ ଜଳପ୍ରପାତ ଠାରେ ପୋଲ ତଳକୁ ଓହ୍ଲାଇ ଯାଇଥିଲି ଇଞ୍ଜିନ୍ ଥଣ୍ଡା କରିବା ଉଦ୍ଦେଶ୍ୟରେ ପାଣି ଆଣିବା ପାଇଁ । ସେଇଠି ଛଟପଟ ହେଉଥିବା ଗୋଟାଏ ହରିଣୀକୁ ସେ ଆଉ ତା'ର ଶାବକମାନେ ଘେରି ବସି ଥିବାର ଦେଖି ସେଇ ଶିକାରଟା ସେମାନଙ୍କ ମୁହଁରୁ ଛଡ଼ାଇ ନେବା ପାଇଁ ଇଚ୍ଛା ଜାଗିଲା ମନରେ । ପାଣି ଆଣିବି କ'ଣ, ଫେରି ଗଲି ଗାଡ଼ି ପାଖକୁ । ସେମାନେ ମୋତେ ଲକ୍ଷ୍ୟ କରି ନଥାନ୍ତି ।

ଫେରି ଆସିଲି ଖୁବ୍ ଶୀଘ୍ର ଲୋଡେଡ୍ ବନ୍ଧୁକ ହାତରେ । ତଥାପି ସେମାନେ ଶିକାରକୁ ନେଇ ବ୍ୟସ୍ତ । କି ସୁନ୍ଦର ଦିଶୁଥିଲେ ସେମାନେ, ବିଶେଷତଃ ନୂଆ ମାତୃତ୍ୱ ଲଭିଥିବା ସେଇ ଯୁବତୀ ବାଘୁଣୀଟା !!···ସୁନ୍ଦର କିଛି ଦେଖିଲେ ମୋର କାହିଁକି କେଜାଣି ଖାଲି ଇଚ୍ଛା ହୁଏ ଶିକାର୍ କରି

ଧ୍ୱଂସ କରି ଦେବା ପାଇଁ । ମର୍‌ବିଡ ସାଇକୋଜରେ ମୁଁ ହ୍ୱଷେଚ୍ !! ମୋ କବଳରୁ ଅକ୍ଷତ, ଅନାହୁତ ହୋଇ ଖସି ଯିବ ଏତେ ସୁନ୍ଦର ଜନପଥଟା ? ସୁନ୍ଦରୀ ବାଘୁଣୀର ଆଖିକୁ ଲକ୍ଷ୍ୟ କରି ଉଠେଇ ଥିଲି ବନ୍ଧୁକ । ବିସ୍ଫୋରଣର ଶବ୍ଦ, ଟିକିଏ ନିଆଁ ଆଉ ଧୂଆଁ ଏବଂ ମେଘ ଭଳି ଏକ ଗର୍ଜନ...... ! କୂଳ ଉପରୁ ଗଡ଼ି ପଡ଼ିଲା ପାଣି ଭିତରେ—ପିଲା ଗୁଡ଼ାକ ଧାଇଁ ଗଲେ ମାଆ ପାଖକୁ—ପ୍ରଖର ସ୍ରୋତରେ କିନ୍ତୁ ମୁହୂର୍ତ୍ତିକେ ଭାସି ଗଲେ ସଭିଏଁ—କିଛି ଦୂର ଭାସି ଯିବା ପରେ ପ୍ରପାତ—ଅତଳ ଗହ୍ୱରରେ ହଜେଇ ଯିବେ ମାଆ ଆଉ ଶାବକମାନେ—ମୁଁ ଉପଭୋଗ କରୁ ଥିଲି !!!

ତା'ପରେ ସେମାନଙ୍କ ଶିକାରଟିର ଅଧିକାରୀ ହୋଇ ଥିଲି ମୁଁ । ...

ଉପଭୋଗ କରୁ ଥିଲା ନନ୍ଦିତା । ସେ କଳା-ସ୍ରଷ୍ଟୀ । ସେ ଲେଖିକା । ପ୍ରଧାନ-ପାଠର ପର୍ବତ ତା' ଆଖିରେ ମର୍କତମଣି, ପ୍ରପାତର ପତନଶୀଳ-ଜଳ-ଧାର ତା' ଆଖିରେ ରୌପ୍ୟ-ସ୍ରୋତ, ଆରୋହଣର ପ୍ରଚେଷ୍ଟାରେ କଷ୍ଟ ଠାରୁ ଆନନ୍ଦ ତା'ର ଅଧିକ । ଦ୍ରୁତ-ସଂଚରଣଶୀଳ ଲଘୁ-ଦେହୀ କସ୍ତୁରୀ-ମୃଗୁଣୀ ପରି ଚଞ୍ଚଳ ଓ ସାବଲୀଳ ଗତିରେ ଅନ୍ୟ ସମସ୍ତଙ୍କୁ ଅତିକ୍ରମ କରି ଆଗେ ଆଗେ ବାଟ କଢ଼ାଇ ଚାଲିଥିବା ମୋ ପାଖରେ ପହଞ୍ଚିବା ପାଇଁ ଚେଷ୍ଟା କରୁ ଥାଏ ରବୀନ୍ଦ୍ର-କବିତା ପରି ଛନ୍ଦମୟୀ ନନ୍ଦିତା । କଳା-ସ୍ରଷ୍ଟୀର ଆଖିର କଜଳରେ ଥିଲା କିଛି ଗୋଟାଏ ଅଲିଖିତ ଭାଷା, ଯାହା ମୁଁ ଧୀରେ ଧୀରେ ପଢ଼ି ପାରିଲି—(ପଢ଼ି ପାରିଲି, ଯେହେତୁ ମୁଁ ଜଣେ ପେଶାଦାର୍ ପ୍ରେମିକ—ପଢ଼ି ପାରିଲି, ଯେହେତୁ ମୋ ଆଖିରେ ଅଭିଜ୍ଞତାର ଉଚ୍ଚ-ଶକ୍ତି-ବିଶିଷ୍ଟ ପ୍ରଚକ୍ଷୁ ! )—ଆଉ ସେଇଥି ପାଇଁ ଟିକିଏ ଗତି କମେଇ ତାକୁ ଦେଇ ଥିଲି ଆଗେଇ ଆସିବାର ସୁଯୋଗ ।

ସୁଯୋଗକୁ ଅପେକ୍ଷା କଲେ ସେ ନିଜେ ଆସି ଧରା ଦିଏ ଶେଷରେ ।

ଶେଷ ବାଙ୍କ ପାଖରେ ଉଚ୍ଚ ହୋଇ ଉଠି ଯାଇଚି ପାହାଡ଼ର କାନ୍ଥି । ସମସ୍ତେ କହିଲେ "ଆଉ ପାରିବୁନି" କିନ୍ତୁ କେବଳ ନନ୍ଦିତାକୁ ଛାଡ଼ି । "ଏଇ ଯେ ରୁପାର ଧାର ପରି ଝକ୍ ଝକ୍ କରୁଚି ପ୍ରପାତରେ ଉତ୍ସ !!

ଏତେ ଦୂର ଆସି……ନ ଦେଖି ଫେରିବାନ ବାବା ! ତା ଅପେକ୍ଷା ସମସ୍ତେ ମୋତେ ସେଇ ଜଙ୍ଗଲରେ ଗ୍ଳାନ୍ତ ଦେଇ ଶାନ୍ତିନିକେତନ ଫେରି ଯାଅ … ମୁଁ କିନ୍ତୁ ଶାନ୍ତି ପାଇବାକୁ ନ ଦେଖି ଫେରିଗଲେ । ତମେମାନେ ସିନା ନିଜ ପାଇଁ ଦେଖୁଚ—କିନ୍ତୁ ମୋ'ର ଆଖି ଦେଇ ଦେଖୁଛନ୍ତି ଶତ ସହସ୍ର ପାଠକ । ତେଣୁ ମୁଁ ନ ଦେଖିଲେ 'ଭ୍ରମଣ କାହାଣୀ' ମୋର ଅପୂର୍ଣ୍ଣ; 'ଦେଶ୍' ପତ୍ରିକାର ପାଠକମାନଙ୍କ ମନ କ୍ଷୁନ୍ନ ! ଏତେ ଦୂର ଆଣି ସେମାନଙ୍କୁ ଉତ୍ସ ପାଖକୁ ନ ନେଇ ବଞ୍ଚିତ କରି ଅଧା-ବାଟରୁ ଫେରାଇ ନେଲେ ନନ୍ଦଦା ମହାଲାନବିସ୍‌ର ମୁଣ୍ଡପାତ କରିବେ ସେମାନେ !"

ଏମ୍. ଏ. କ୍ଲାସ୍‌ର ବାକ୍-ଚତୁର ଝିଅଟି ପାଖରେ ହାର ମାନିଲେ ସମସ୍ତେ । ଶେଷରେ ଠିକ୍ ହେଲା, ସେମାନେ ସେଇଠି ବସି କ୍ଳାନ୍ତି ଅପନୋଦନ କରିବା ଅବସରରେ ମୁଁ ନେଇ ନନ୍ଦଦାଙ୍କୁ ଉତ୍ସ ଦେଖାଇ ଆଣିବି ।

ସେତେବେଳକୁ ମୁଁ ତା'ର 'ଦାଦା' ହୋଇ ସାରିଚି । ଅଧ୍ୟାପକ ମହାଲାନବିସ୍ କହିଲେ : କିନ୍ତୁ 'ଭ୍ରମଣ-କାହାଣୀ'ରେ ସୁମନ୍ତ୍ରଦାର ନାମ୍‌ଟା ସେପରି ରହେ ।

: ଖାଲି ନାମ୍‌ଟା ?……ହସି ହସି ଜବାବ୍ ଦେଇ ଥିଲି ନନ୍ଦଦା, ତାଙ୍କ ଫଟୋ ମଧ୍ୟ । ବନ୍ଧୁକ କାନ୍ଧରେ ସେ ଆମକୁ ବାଟ କଢ଼ାଇ ନେଇ ଚାଲି ଥିବାର ଛବି ।

କହିଲି : ତା' ହେଲେ ବର୍ତ୍ତମାନ ଉଠେଇ ନିଅ ହଉ ।

ଅଟୋମେଟିକ୍ କ୍ୟାମେରାରେ ସେଇପରି ସବୁ ଉଠା ହେଲା ସମସ୍ତଙ୍କର ଗ୍ରୁପ୍ ଫଟୋ ।

ତା'ପରେ ନନ୍ଦଦାଙ୍କୁ ନେଇ ମୁଁ ଚାଲିଲି ।

କିଛି ଦୂର ଯିବା ପରେ ସେ କହିଲା, ଦେଖୁଚ ରାସ୍ତାଟା କେମିତି ଡିଫିକଲ୍‌ଟ ! !

କହିଲ, ଶାଢ଼ୀ ପାଇଁ । ପାହାଡ଼ ଚଢ଼ିବା ପାଇଁ ଶାଲ୍‌ଓ୍ୱାର୍-କମିଜ୍ ଭଲ ।

: ମୋର······ନାହିଁ ।

: ଓଡ଼ିଶା ଆସିବା ଆଗରୁ କାହା ଠାରୁ ନେଇ ଆସିବା ଉଚିତ୍ ଥିଲା ।

: ସମଗ୍ର ଓଡ଼ିଶାଟା ତ ବଣ-ପାହାଡ଼ରେ ଭର୍ତ୍ତି ନୁହେଁ । ମୁଁ ଦେଖି ଯାଇଚି ଉପକୂଳ ଦେଇ··· । ସମତଳ······, ଆଖି ପାଇବା ଯାଏ ଧାନକ୍ଷେତ······ଠିକ୍ ଜଙ୍ଗଲ ପରି ।

: କିନ୍ତୁ ଓଡ଼ିଶାର ଓ୍ୱେଷ୍ଟର୍ଣ୍ଣ ରିଜିଅନ୍‌ରେ ଯେ ମାଲଭୂମି, ଏଇଟା ତ ଭୂଗୋଳରେ ପଢ଼ିଥିବ ?

: ତମେ ମୋ ହାତ ଧର ସୁମନ୍ତ୍ରଦା, ଗୋଡ଼ ଖସୁଚି ।

: ପଛକୁ ଫେରି ଚାହିଁଲି ।

: ସେମାନେ ଦଶ୍ଟ ନାହାନ୍ତି—ନନ୍ଦିତା ସନ୍ତର୍ପଣରେ କହିଲା—ରହି ଗଲେଣି ଅନେକ ତଳେ ।

: ଯଦି ଦଶୁ ଆଆନ୍ତେ······ଆଉ ଆଆନ୍ତେ ଖୁବ୍ ପାଖରେ···

: ଦୁଷ୍ଟାମୀ ରଖ । ହାତ ଧରି କେଆର୍‌ଫୁଲ୍ ହଅ; ନ ହେଲେ ମୁଁ ଏଇଠି ରହିଲି । ଦେଖଚ, ମୋ ଗୋଡ଼ ସ୍ଲିପ୍ କରୁଚି !

: ସ୍ଲିପ୍ କରୁଚି ସ୍ଲିପର ପାଇଁ, ମୋର ଗରଜ୍ ପଡ଼ିଚି ତମ ହାତ ଧରି ନେବାକୁ !

: ବେଶ୍, ମୁଁ ଏଇଠି ରହିଲି । ତମେ ବୁଲି ଯାଅ ଏକା ଏକା···ମନ ଭରି ପାଣି ପିଇ ଆସିବ······ ।

: ଜଲ୍‌ଦି ଯିବ । ଶୀତ୍ ତ ଲୋଭ ହେଉଚି ମୋତେ ।

: ଯାଅ, ଚାଲି ଯାଅ ।

: ଓଠ ଫୁଲାଇ ପଥର ଉପରେ ବସି ପଡ଼ିଲା ନନ୍ଦିତା ।

: ତମେ ରହିଲ, ମୁଁ ତା' ହେଲେ ଉଠୁଚି......

: ହଉ ଯାଅ ଯାଅ... । ଜଣା ପଡ଼ିଲା ତମେ କି ରକମ ଲୋକ !!

ତା' ଆଡ଼କୁ ନ ଅନାଇ ଉପରକୁ ଉଠିବାରେ ଲାଗିଲି ।......

କିଛି-କ୍ଷଣର ନୀରବତା !......

ତା' ପରେ ତଳୁ ଶୁଭିଲା (ମୁଁ କାନ ପାରିଥିଲି ସେଇଆ ଶୁଣିବାକୁ ଆଶା କରି ) ସତରେ ତମେ ମୋତେ ଛାଡ଼ି ଚାଲି ଯାଉଚ ସୁମନ୍ତଦା ?

: ରହିଯାଇ ତଳକୁ ଚାହିଁ କହିଲି, ଯିବ ଯଦି ଆସ ।

: ନାଁ ।......ନିଜେ ତଳକୁ ଆସି ମୋତେ ନେଇ ଯାଅ ।

: ନାଁ —ସେହି ପରି ଠିଆ ହୋଇ ରହି ଉତ୍ତର ଦେଲି ।

( ମୁଁ ନନ୍ଦିତା ସାଙ୍ଗରେ ଖେଳୁଥିଲି । ଠିକ୍ ବାଘ ଯେମିତି ଶିକାରି ଉପରକୁ ଲମ୍ଫ ଦେବାର ଅନେକ ଆଗରୁ ତା' ସହିତ ଖେଳ ଆରମ୍ଭକରି ଦେଇଥାଏ ଘୂରି ଫେରି...ଲାଞ୍ଜ ହଲେଇ...ନଖ ଥରେଇ...ଆଗକୁ ଧାଇଁ.... ପୁଣି ପଛକୁ ଫେରି...କୁମ୍ଭୀର ଯେପରି ଶିକାର ଉପରକୁ ଖଗ ମାରିବା ଆଗରୁ ଭଉଁରି କାଟି ବୁଡ଼େ ଉଠେ ଖୁବ୍ ପାଖରେ ପୁଣି ଦୂରରେ, ନାଗ-ସାପ ଯେପରି ଚୋଟ ମାରିବା ଆଗରୁ ଫଣା ହଲାଇ ହଲାଇ ସମସ୍ତ ନଏ ଶିକାରକୁ ଖେଳାଇବା ପାଇଁ,—ସେହିପରି ମୁଁ ଖେଳ ଖେଳାଉଥିଲି ନନ୍ଦିତାକୁ । ଭୁଞ୍ଜିବା ଆଗରୁ ଆଘ୍ରାଣରେ ବି ତ କମ୍ ଆନନ୍ଦ ମିଳେନା ! )

: ସୁମନ୍ତଦା' ତମକୁ ମୋ ମୁଣ୍ଡ-ରାଣ (ମାଆର୍ ଦିବ୍ୟ ! )...

ହସିଲି । ଏମ୍. ଏ. କ୍ଲାସ୍‌ର ଛାତ୍ରୀ ! ଗାଉଁଲି ଝିଅଙ୍କ ପରି ରାଣ, ଦିବ୍ୟମ ପକାଉଚ ! !

ଧୀରେ ଧୀରେ ଓହ୍ଲାଇ ଆସିଲି ତଳକୁ ।......

ହାତ ଧରା-ଧରି ହୋଇ ଆମେ ଉଠୁଥିଲୁ । ···ଉପଭୋଗ କରୁଥିଲି ତା' ଦେହର ସାନ୍ନିଧ୍ୟ । ଦାମୀ ଶାଢ଼ୀ କଣ୍ଠାରେ ଲାଗି ଚିରି ଯାଉଚି—ଭ୍ରୁକ୍ଷେପ ନାହିଁ, ସ୍ୟାଣ୍ଡାଲ୍‌ର ଷ୍ଟ୍ରାପ୍‌ଟିଏ ଖସି ଗଲାଣି—ଖାତିର୍ ନାହିଁ, ପଥର ବାଜି ଅଙ୍ଗୁଳି ଯାଉଚି ଉପର ପାଦ—ନଜର ନାହିଁ ନନ୍ଦତାର ! ବେଳେ ବେଳେ ସେ ବଡ଼ ପଥର ଡେଇଁ ପାରୁ ନ ଥାଏ; ମୋତେ ସବୁଠି ପ୍ରାୟ କୋଳକରି ତାକୁ ଉଠାଇ ନେବାକୁ ପଡ଼େ । ତା'ର ସ୍ତନାଗ୍ରର ନରମ ସ୍ପର୍ଶ ହେଉଥିବେଳେ ଘଷି ହୋଇଯାଏ ମୋ ବାହୁ ଉପର ଦେଇ—ହସି ଉଠେ ସେ, ଆଉ ହସି ଉଠେ ମୁଁ ବି ।

ଆମେ ପ୍ରପାତର ଉତ୍ସ ପାଖରେ ପହଞ୍ଚିଲୁ ।······

ଅନ୍ଧକାରଚ୍ଛନ୍ନ ଗୋଟିଏ ସୁଡ଼ଙ୍ଗ-ପ୍ରାୟ ଗର୍ତ୍ତ ଭିତରୁ ଆବର୍ତ୍ତିମାନ ସ୍ୱଚ୍ଛ ଜଳର କଣ୍ଠାନ୍ତ ତରଳ କାଚର ସ୍ରୋତପରି ବାହାରକୁ ପ୍ରବହମାନ କ୍ଷୁଦ୍ରର ଅନ୍ଧକାରରୁ ପୃଥିବୀର ଆଲୋକକୁ ଆସିବା ମାତ୍ରେ ସେ ଦୁର୍ବାର ଆନନ୍ଦରେ ଲମ୍ଫ ଦେଉଚି ଅତଳକୁ ।

ପ୍ରଧାନ-ପାଟର ସେଇ ଶବ୍ଦାୟମାନ ଉଲ୍ଲାସ-ଧ୍ୱନୀ, ଅପରାହ୍ଣର କିରଣରେ ସ୍ୱରକ-ଚୂର୍ଣ୍ଣର ଭ୍ରମ ସୃଷ୍ଟି କରୁଥିବା ଉତ୍କ୍ଷିପ୍ତ ଜଳକଣା, ପାହାଡ଼ୀ ହାଓ୍ୟାର ଶୈତ୍ୟ ମାଦକତା ଉପଭୋଗ କରୁଥିଲୁ ମୁଁ ଆଉ ନନ୍ଦତା ପାଖାପାଖି ଠିଆ ହୋଇ—ହଠାତ୍ ଭାସି ଆସିଲା ବାଘ-ଦେହର ବାସ୍ନା ! ନନ୍ଦତା ମୁହଁ ଫେରାଇ ସ୍ଥିର ଆଡ଼କୁ ଚାହିଁବାକୁ ଲାଗିଲା ଘଟଣା କଣ ଜାଣିବା ପାଇଁ—ମୁଁ କିନ୍ତୁ ବୁଝିପାରି ଥିଲି ଠିକ୍ ! !

କାନ ପାଖରେ ତା'ର ମୁହଁ ରଖି କହିଲି; ଆସ······

ନନ୍ଦତାର ଚକିତ ଚାହାଣୀରେ ଭୟ ଆଉ ଉତ୍ତେଜନା । ବୁଝି ପାରିଲାଣି ସେ ମଧ୍ୟ । କିଂକର୍ତ୍ତବ୍ୟ-ବିମୂଢ଼ ଅଖିରେ ମୋ ଆଡ଼କୁ ଚାହିଁଲା; କିନ୍ତୁ କୁଆଡେ ଅମେ···

ଦେଖୁଛ ସେଇ ଗଛ ଝାଡ଼ରେ ?···ଶିକାର ମଞ୍ଚା ।

ସେ ଫେର ବୁଝିଲା ।

ରାଜାଙ୍କ ଅମଳରେ ତିଆରି, ବର୍ତ୍ତମାନ ଅବ୍ୟବହୃତ, ଲୁହାର ସେଇ ମଞ୍ଚା ଉପରକୁ ସିଡ଼ି ବାଟେ ଉଠି ଯାଇ ରେଲିଂ ଦିଆ ଦରଜାଟା ବନ୍ଦକରି ଦେବା ପରେ ମନେ ହେଲା ମଣିଷ-ଚିଡ଼ିଆ-ଖାନାର ଅବରୁଦ୍ଧ ଯନ୍ତ୍ରା ଭିତରେ ଆମେ—ଏବଂ ଆଉ କିଛି ସମୟ ପରେ ଟିକେଟ୍ କିଣି ବାଘ ଆମକୁ ଦେଖିବା ପାଇଁ ଆସିବ ।

ଖାଲି ବାଘ ନୁହେଁ, ତା' ପଛେ ପଛେ ବାଘୁଣୀଟିଏ ମଧ୍ୟ । ପାଣି ପିଇବା ପାଇଁ ଓହ୍ଲାଇଲେ ସେମାନେ । ପିଇ ସାରି କୂଳରେ ଆସି ଠିଆ ହୋଇ ପରସ୍ପରକୁ ଲେହନ କରିବାକୁ ଲାଗିଲେ ବି । ଆମ ଦୁହିଙ୍କୁ ଆଦୌ ଲକ୍ଷ୍ୟ କରି ନାହାନ୍ତି, ମନେ ହେଲା ।

ଲକ୍ଷ୍ୟକଲି, ନନ୍ଦିତାର ଭୀରୁ ଆଖିରେ ଆତଙ୍କର ଛାୟା ।

ପଚାରିଲି, ଭୟ କରୁଛ ?

ସେ କହିଲା : ନାଁ ।

କିନ୍ତୁ ମୁଁ ବୁଝିଥିଲି, ସେ ଭୟ ପାଇଛି । ସାହସ ଦେଇ କାନ ପାଖରେ କହିଲି; ରୟେଲ୍ ବେଙ୍ଗଲ୍ କି ଲିଓପାର୍ଡ ନୁହେଁ, ଗ୍ରେଟ ଚିତା ବ'ଟା ! ଆଲିପୁର୍ ଜୁ'ରେ କେତେ ବଡ ବଡ଼ ମହାବଳ ଦେଖିଥିବ— ଭୟ କରୁଛ ଏଇ ଗୁଡ଼ାକୁ ? ଦେଖ୍ , ଦେଖ ତା' ହେଲେ···ଶେଷ୍ କରି ଦେଉଛି······ ।

ଗୁଳି ଭରା ବନ୍ଧୁକ ଥିଲା ହାତରେ, ଜାଣିଥିଲି ଲକ୍ଷ୍ୟ ମୋର ଅବ୍ୟର୍ଥ, ନାରୀ ଆଗରେ ପୁରୁଷକାର ଦେଖାଇବାର ଏ ଭଲ ଏକ ସୁଯୋଗର ସଦ୍‌ବ୍ୟବହାର ତ କରେ !···

କିନ୍ତୁ ସେ ବାଧା ଦେଲା ।

କହିଲା, ମୁଁ ଭୟ ପାଉନି ସୁନନ୍ଦା’… । ଯଦିବା ପ୍ରଥମେ ପାଉଥିଲି ଟିକିଏ, ବର୍ତ୍ତମାନ ଆଉ ନାହିଁ । ଦେଖ ସେମାନଙ୍କୁ,—ପାଣି କୂଳରେ କିପରି ଖେଳୁଚନ୍ତି । ଏତିକି ବେଳେ ମାରିବ ? ଅନ୍ୟର ଆନନ୍ଦରେ ବାଧା ଦେବାଇ ତ ଉଚିତ୍ ନୁହେଁ…… ।

କାନ୍ଧ ଉପରୁ ବନ୍ଧୁକ ଖସାଇ ନେଇ ତା’ ମୁହଁକୁ ଚାହିଁଲି । ବର୍ତ୍ତମାନ ସେ ଭିନ୍ନ ପ୍ରକାର ଦିଶୁଚି । ମନେ ହେଲା, ଏଇ ମୁହୂର୍ତ୍ତରେ ତା’ ଆଖିରେ ରହିଚି ସ୍ୱପ୍ନତା ନୁହେଁ—ଉନ୍ମାଦନା, ଅରଣ୍ୟ ଆତଙ୍କ ନୁହେଁ—ଆଦିମ-ଆମନ୍ତ୍ରଣର ଅଭିଜ୍ଞାନ, ପକ୍ଷୀର ମୃଦୁ କମ୍ପନରେ ଭୟର ଅଭିବ୍ୟକ୍ତି ନୁହେଁ—ଜୟର ଅଭିଲାଷ ।

ନୀରବ ଏଇ ଚାହାଣୀର ଅଲିଖିତ ଅକଥିତ ଭାଷା ମୁଁ ବୁଝେ; ବୁଝେ ଯେହେତୁ ଏହି ମ ଓ ସତେଇଶ-ବର୍ଷ-ବୟସରେ ମୁଁ ଅର୍ଜ୍ଜନ କରି ସାରିଚି ସତୁରି ବର୍ଷର ନାରକୀୟ ( Sorry ନାରୀ-ସମ୍ବନ୍ଧୀୟ ) ଅଭିଜ୍ଞତା । ତରୁଣୀର ଆଖି କିପରି ‘କ୍ଷଣେ କ୍ଷଣକେ ଆନ’ ସେ କଥା ବୁଝିବା ପାଇଁ ମୋତେ ବହି ପଢ଼ିବାକୁ ହୋଇନି—‘ବେଡ଼୍-ରୁମ୍ ଆଇ’ ( Bed room eye )ର ଅର୍ଥ ଅନୁସନ୍ଧାନ କରିବା ପାଇଁ ମୋତେ ଡିକ୍ସନାରୀ ଖୋଜିବାକୁ ହୋଇନି—ବହି ନ ପଢ଼ି ମଧ୍ୟ ଯେହେତୁ ମୁଁ ଜଣେ ସାଂଘାତିକ ପାଠକ, ‘ଲେଡ଼ିସିଅସ୍ ଲଭର୍’—ବହି ପଢ଼ିବା ପରି ଯେହେତୁ ମୁଁ ସେଇମାନଙ୍କୁ ପଢ଼ିଚି—ଭଲ ଭାବେ ପଢ଼ିଚି ସେମାନଙ୍କ ଅନେକ ଆଖିର ଭାଷାକୁ—ପଢ଼ିଚି ସେମାନଙ୍କ ଦେହ ଆଉ ମନକୁ, ହୋଇ ପାରିଚି ସେମାନଙ୍କ ସମ୍ବନ୍ଧୀୟ ବିଶାଳ ଏକ ଜ୍ଞାନକୋଷ, ବିରାଟ ଏକ ଏନ୍‌ସାଇକ୍ଲୋପିଡ଼ିଆ !!!

ସେ କିଛି କହିବାକୁ ଚେଷ୍ଟା କରି ରହିଗଲା ।

ରହିଥିଲା କେବଳ ଓଠର କମ୍ପନ ।

ସେଇ କମ୍ପନକୁ ସ୍ଥିରକରି ଦେବାପାଇଁ ମୁଁ ତା’ ମୁହଁ ପାଖକୁ ମୁହଁ ନେଲି । ସେ ଓଠ ଫେରେଇ ନେଇ ଡାହାଣ ହାତ ପାପୁଲିର ପଛପାଖଟି

ଗାଲ ଉପରେ ରଖି ବାଧା ଦେଇ କହିଲା "ନାଁ" ( ଅସ୍ଫୁଟ ଏକ ଧ୍ୱନିପରି ) ଏବଂ ତା' ପରେ ଦୁଇଟି ମାତ୍ର ଶବ୍ଦ "ଏଇ କଣ ?"

( ଏ ଭାଷା ବି ମୁଁ ବୁଝେଁ । ପୁରୁଷକୁ ଅଧିକ ପ୍ରଲୁବ୍ଧ କରିବା ପାଇଁ ଏଇ ବାଧା ଏକ ଛଳନା—ଏକ କୌଶଳ—ନାଁ ନାଁ ଇଏ ହେଉଚି ସେଇ ମୂଲ୍ୟ ବଢ଼ାଇବାର ପୁରୁଣା—ସେୟାର୍ ମାର୍କେଟ କାଇଦା ! ! ଇଏ ହଉଚି ସେଇ ସିକନ୍ଦର ଆଲାମ୍‌ଙ୍କ ବସ୍ତା-ପଚା ରେକର୍ଡ଼ ଗୀତର ଘୋଷା ଲାଇନ୍—'ଏତିକି ଚାରୁଣି···ଏତେ ତୋ ଚାରୁଣି, ବୁଝି ରହୁ ଅଛୁଁ···'ନାଁ ସେଇ ରକମ୍ କଣ ଯାହା ଠିକ୍ ଠିକ୍ ମନେ ପଡ଼ୁନି ଏଇନେ ! )

ତଳେ ସେମାନେ ଲେହନ କରୁ ଥିଲେ ପରସ୍ପରକୁ । ଖେଳୁ ଥିଲେ ଜଳ ଜଳ ଭିତରେ । ହଠାତ୍ ତା' ପରେ ବାଘଟା ଗର୍ଜ୍ଜନ କରି ଲମ୍ଫ ଦେଲା ବାଘୁଣୀ ଉପରକୁ ।

ଜାନ୍ତ କ ଡେଇଁଇ ଦେଇ ନନ୍ଦିତା ଉପରକୁ ଲମ୍ଫ ଦେଲି ମୁଁ··· । ସେ ତଳେ ପଡ଼ି ଗଲା । ମୁଁ ରହିଥିଲି ତା' ଉପରେ ।

: ସୁମନ୍ତଦା', ତମକୁ ମୋ ରାଣ ( "ମାଥାର୍ ଦିବ୍ୟ"ଟାକୁ ଏଠି "ମୋ ରାଣ" ବୋଲି ଅନୁବାଦ କରୁଚି)···ଛାଡ଼ି ଦିଅ··· !

: କାହିଁକି ?

: ଭୟ କରେ···

: ଆଗେ ଏ ସବୁ ହେଇନି ?

: ନାଁ, ନାଁ···ନାଁ······

: ତା'ହେଲେ ସେଇ ଭଦ୍ରତା ଆଜି ଭାଙ୍ଗି ଦିଏଁ···।

ସେତେବେଳକୁ ମୁଁ ତାର ନୀବି-ବନ୍ଧନ ଖୋଲି ଦେଇ ସାରିଚି । ମୋର ଗୋଟିଏ ହାତ ଥିଲା ସାୟାର ଫିତା ଉପରେ —ଆରଟି ତା ଛାତିରେ ନିଆଁ ଜଳାଇବାକୁ ଚେଷ୍ଟା କରୁଥିଲା ।

ସେ କହିଲ, ଜାଣି ନ ଥିଲି, ତମେ ଏତେ ଖରାପ ବୋଲି ।

: ମୁଁ ବି ଜାଣି ନ ଥିଲି ତମେ ଏତେ ଭଲ ! କିନ୍ତୁ ବର୍ତ୍ତମାନ ଉଭୟ ସମାନ ହୋଇଗଲୁ…।

: ଯଦି ମୋର କିଛି ହୋଇଯାଏ…

: ମୁଁ ତମକୁ ବାହାହେବି, ଆଉ କଣ ?

: ସବୁ ପୁରୁଷମାନେ ସିମିତି କହନ୍ତି !

ମୋର ଇଚ୍ଛାହେଲା ଯୋର୍‌ରେ ହସି ଉଠିବାକୁ ! ! ପୃଥିବୀର ଯେତେ 'କୁମାରୀ' ସମସ୍ତଙ୍କୁ ଉପହାସ କରିବା ପାଇଁ ଇଚ୍ଛା ହେଲା ଖୁବ୍ ! ! ! ମନେ ମନେ ହସି ଉଠିଲି—ହାଃ…ହାଃ ‥ହାଃ…ହାଃ…ହାଃ…

"ବେଟର ଲେଟ୍ ଦ୍ୟାନ୍ ନେଭର"—"ଆଗରେ ହେୟାର୍ ପିନ୍ କର୍ଭ !"

ଓଃ…! ! ଅନେକ କର୍ଭ ଇମିତି ଆସିବ ! ! !

ଗାଡ଼ି ଘୁରେଇବା ସାଙ୍ଗେ ସାଙ୍ଗେ ମନର ଗତି ବି ଘୁରିଗଲା…।

…ମନେ ପଡ଼ିଲା ଜୁଡ଼ିକୁ ।

ସେ ଏକ ହିପ୍ପୀ ତରୁଣୀ ।

ହେୟାର୍ ପିନ୍ କର୍ଭ୍‌ରେ ଗାଡ଼ି ଘୁରେଇବା ପରେ ଭୁବନେଶ୍ୱରର ରୋଲେଇ ଛକ ପାଖରେ ଷ୍ଟିଡ଼୍ କରି ଖାଲି ଗାଡ଼ିଟା ଘୁରଉଛି ଷ୍ଟାଣ୍ଡକୁ ନେବା ପାଇଁ…ଜୁଡ଼ି ହାତ ଟେକ ଦେଖା ଦେଇଥିଲା ମୋତେ ।

ଗଳାରେ ରୁଦ୍ରାକ୍ଷମାଳା, ପ୍ରାୟ-ଅନାବୃତ ଦେହ; ଗୈରିକ ବସ୍ତ୍ରର ଏକ କାଖ୍‌ରୁଲ ଆଉ ଏକ କୌପୀନ ଛଡ଼ା ଅନ୍ୟ କିଛି ପରିଧାନ ନାହିଁ —ବାମ ବାହୁରେ ଗୁଡ଼ାଇ ହୋଇ ରହିଛି ଫଣା ଟେକିଥିବା ଜୀବନ୍ତ-ତୁଲ୍ୟ ରବରର ସାପଟିଏ – ଡାହାଣ ହାତରେ ଚକ୍ ଚକ୍ କରୁଛି ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ତ୍ରିଶୂଳ। ଚେହେରାରୁ ଜଣା ପଡୁଛି, ଆମେରିକାନ୍ ଜଣସ୍ତୁ ।

ଗାଡ଼ି ରହିଗଲା ମାନେ ସାପଟା ମୋ ନାକଟକୁ ଠିକ୍ ଝରକା ପାଖରେ ଝୁଙ୍କି ପଡ଼ିବାରୁ ଭୁବନେଶ୍ୱରର ରାଜପଥ ଉପରେ ସେଇ ଗୋଧୂଳିର ଆଲୋକରେ ମଧ୍ୟ ଭ୍ରମ ବଶତଃ ସେଇଟାକୁ ପ୍ରକୃତ ବିଷଧର ଭାବି ମୁଁ ଚମକି ଉଠିଥିଲି— ଯଦିଓ ତାହା ମୁହୂର୍ତ୍ତିକ ପାଇଁ। ଭଲ ଭାବରେ ଅନାଇବା ପରେ ସିନା ଭୁଲ୍ ଭାଙ୍ଗି ଯାଇଥିଲା, କିନ୍ତୁ ବିସ୍ମିତ ହୋଇଥିଲି ତାହାର ଜୀବନ୍ତ-ପ୍ରାୟ ଭଙ୍ଗୀ ଲକ୍ଷ୍ୟ କରି । ଯେ କେହି ଭାବି ନେବ ସତକୁ ସତ ଗୋଖରଟାଏ !

ଭୟ ଆଉ ବିସ୍ମୟ ପରେ ସାଙ୍ଗେ ସାଙ୍ଗେ ରାଗ ଆସିଲା ପୁଣି, ହଠାତ୍ ମୋ ପ୍ରତି ତା'ର "ହେ' କିଲର୍" (Hey killer) ସମ୍ବୋଧନ ଯୋଗୁ । ଇଚ୍ଛା ହେଲା ପତ୍ୟୁତ୍ତର ଦେବି "ହେଇସ୍ ୟାଙ୍କି ମଙ୍କି, ହାଟ୍ ଡୁ ୟୁ ଓ୍ୱାଣ୍ଟ ?" କିନ୍ତୁ ମନେ ପଡ଼ିଗଲା ପରି ମୁହୂର୍ତ୍ତରେ, ଥରେ ଏମାନଙ୍କୁ ଗାଡ଼ିରେ ଉଠାଇବା ମାନେ "ରାଢ଼ଏ ଯାଇ ହାଣ୍ଡିଏ ଆଣିବା" ପରି।

ମୁହଁରେ ହାସ୍ୟ ଫୁଟାଇ କହିଲି, ହବ ଆଇ କିଲ୍‌ଡ୍ ଏନି ବଡ଼ି ?

: ଫନି ଫେଲୋ ! 'କିଲର୍' ବୁଝ ନାହିଁ ତମେ ? ଟିପିକାଲ୍ ଇଣ୍ଡିଆନ୍ —ନିତାନ୍ତ ଭାରତୀୟ ।

: କିନ୍ତୁ ଏଇ ନିତାନ୍ତ ଭାରତୀୟ ଠାରୁ ତମେ ଆପାତତଃ କି ପ୍ରକାର ସହଯୋଗିତା ଚାହଁ ?

: ତମକୁ ବ୍ୟବହାର କରିବାକୁ ଚାହେଁ ।

: ବ୍ୟବହାର କରିବାକୁ ଚାହଁ ? (ହାୟରେ, ରୁ ବ !)

: ହଁ, ଯୋଡ଼ ଭଲଆ ଚାହିଁବ ।

: ବେଶ୍ କୋଉଠିକି ଯିବା ପାଇଁ ହେବ ।

: ଯୋଉଠିକି ଇଚ୍ଛା । ନୋ ଡେଷ୍ଟିନେସନ୍ ।

: ନୋ ଡେଷ୍ଟିନେସନ୍ ?

: ଆରେ ଜୀବନଟାଇ ତ ଲକ୍ଷ୍ୟହୀନ !

: କିନ୍ତୁ ମୂଲ୍ୟହୀନ ନୁହେଁ —ତେଣୁ ମୂଲ୍ୟଟା ଆଗେ ଠିକ୍ ହେଇଯାଉ ।

: ତମେ ଘଣ୍ଟା ରେଟ୍‌ରେ ନେବ, ନାଁ ମାଇଲେଜ୍ ?

: ଘଣ୍ଟା ରେଟ୍ । ଘଣ୍ଟାକୁ କୋଡ଼ିଏ ଟଙ୍କା, ଗାଡ଼ି ଚାଲୁ କମ୍ବା ରହୁ ।

: ବେଶ୍ ତା'ହେଲେ ।

ପିଠି ପଛରେ ଝୁଲୁଥିବା ତାହାର ଗେରୁଆ ରଙ୍ଗ ଥଳୀଟାକୁ ମୁଁ ଏ ପର୍ଯ୍ୟନ୍ତ ଲକ୍ଷ୍ୟ କରି ନ ଥିଲି । ସେଇଟା ପଛରୁ ଖୋଲି ଟ୍ୟାକ୍ସିର ବ୍ୟାକ୍ ସିଟ୍‌କୁ ଝରକା ଦେଇ ଫୋପାଡ଼ି ଦେଲେ ସନ୍ନ୍ୟାସିନୀ । ତା'ପରେ ତ୍ରିଶୂଳ ଆଉ ସାପ ସହ ମୋ ପାଖରେ ବସି ଦରଜାଟା ସଶବ୍ଦରେ ବନ୍ଦ କରି ଦେଲେ ।

ପଚ୍ରିଲି : ବର୍ତ୍ତମାନ କୁଆଡେ ?

: ଯୁଆଡ଼େ ଇଚ୍ଛା ସିଆଡ଼େ ! ···ନିର୍ବିକାର ଉତ୍ତର ! !

ସ୍ଥିର ହେଲି ନାହିଁ । ଲେଡିଜ୍ ହଷ୍ଟେଲକୁ ଡାୟାଲ୍ କରି ଏକ କାଲ୍ପନିକ ନାମରେ (ମିନି, ରୀନା, ଲୁସି, ଜେନି···ଇମିତି ନାମର କେହି ନାଁ କେହି ତ ଥିବ···)ଅପରିଚିତା ମହିଳା ସହିତ ଆଳାପ କରିବା—ତାକୁ ଆମନ୍ତ୍ରଣ କରିବା ଉଇକ୍-ଏଣ୍ଡ୍‌ରେ ଯିବା ପାଇଁ ଏବଂ ସେଇ ଅନୁରୋଧ ମଧ୍ୟ ସାଦରେ ଗୃହୀତ ହେବା···ଯଦିଓ ଉଭୟ କେହି କାହାରିକି ଜାଣି ନାହାନ୍ତି

କ ଦେଖି ନାହାନ୍ତି ଆଗରୁ—ରେଲ୍ ଷ୍ଟେସନରେ ବୁକିଂ କାଉଣ୍ଟରରେ ଠିଆ ହୋଇ ବୁକିଂ କ୍ଲର୍କକୁ ଯେ କୌଣସି ସ୍ଥାନର ଟିକେଟ୍ ଦେବା ପାଇଁ କହିବା ଏବଂ କେତୋଟି ଷ୍ଟେସନ ଗିବା ପରେ ଚେନ୍ ଟାଣି ଯେ କୌଣସି ସ୍ଥାନରେ ଓହ୍ଲାଇ ପଡ଼ିବା—ଏଇ ସବୁ ଏକ୍ସେଣ୍ଟ୍ରିସିଟି ଆମେରିକାରେ ବହୁ ଦିନୁ ଆରମ୍ଭ ହୋଇ ଯାଇଚି···ଏତିକି ଖବର ଅନ୍ତତଃ ମୋତେ ଜଣା ।

: ଆଚ୍ଛା, ଚଲ୍କା ହ୍ରଦର ନାମ ଶୁଣିଚ ? ପୁଣି ପଚାରିଲି ।

: ନେଇ ତ ଯାଇ ଆଅନ୍ତି; କହିଲ ପୁଣି କାହିଁକି ? ବର୍ତ୍ତମାନ ମୁଁ ଜାଣି ପାରିବି ଠିକ୍ ସେଇ ଆଡ଼କୁ ଚାଲିଚ ବୋଲି;—ଏଥିରେ ସସ୍‌ପେନ୍‌ସ କଣ ରହିଲା ନା ଥ୍ରିଲ୍ କଣ ରହିଲା ?

: ତା' ହେଲେ···

: ନାଁ । କହି ପକାଇଲି ଯେତେବେଳେ···ଆଉ ସେଠିକି ଯିବିନି । ଗାଡ଼ି ଚାଲିଥିବ···, ବୁଝି ପାରୁ ନ ଥିବି କୁଆଡ଼େ ଯାଉଚି, ଆଲୋକକୁ କି ଅନ୍ଧକାର ଆଡ଼କୁ, ଶ୍ମଶାନକୁ କି ପାନଶାଳା ଆଡକୁ (ଟୁ ବୁରିଏଲ୍ ଅର୍ ଟୁ ଦ' ବାର୍···), ସତ୍ୟ ଅଥବା ମିଥ୍ୟାକୁ, ସମୁଦ୍ରକୁ କି ମରୁଭୂମି ମଧ୍ୟକୁ, ଆଗକୁ ଅବା ପଛକୁ, ତଳକୁ ଅଥବା ଉପରକୁ···ମାନେ ଶିଖର ଅଥବା ଗହ୍ୱରକୁ ଜୀବନ ଜମ୍ପା ମରଣକୁ···ମୁଁ ଏକ୍‌ଜାକ୍‌ଟଲି ଏଇ ପରି ଫିଲ୍ କରିବାକୁ ଚାହେଁ !···ବୁଝୁଚ କହୁ ? ଦିସ୍ ଇଜ୍ ହିପ୍‌ପି ସ୍କୁଲ୍ ଅଫ୍ ଥ'ଟ୍ ! !

(ଗୁମ୍ ମାରି ରହି ଗଲି କିଛିକ୍ଷଣ । ଇଏ ତ ସାଢମତ ଉପନିଷଦ୍ !— ମୋର ଚଉଦ ପୁରୁଷ ଏ ହିପ୍ପି ଫିଲସଫି ବୁଝି ପାରିବେନି ବାବା ! !)

ଭାବିଲି, କୋଉଠି ଯାଇ କି କାଣ୍ଡ ଇଏ କରିବ କେଜାଣି ! ନାମଟା ଅନ୍ତତଃ ନୋଟ୍ କରି ନେଇଥିବା ଉଚିତ୍ । ସନ୍ତର୍ପଣରେ ପଚାରିଲି : ଆଚ୍ଛା ମିସ୍, ତମ ନାମ କଣ ଜାଣିପାରେ କି ? ଗାଡ଼ି ଷ୍ଟାର୍ଟ୍ କରିବା ଆଗରୁ ଏକୁଟିଆ ପାସେଞ୍ଜରଙ୍କ ନାଆଁ ଟିପି ରଖିବାକୁ ହୋଇଥାଏ । କସ୍ଟମ୍ !

: ଜୁଡ଼ି…ମିସ୍ ଜୁଡ଼ି ଭାଇନ୍‌ଟେଲ୍……; କିନ୍ତୁ ବର୍ତ୍ତମାନ ମୁଁ ସନ୍ନ୍ୟାସିନୀ…ଯୋଗିନୀ…! ତେଣୁ "ସନ୍ନ୍ୟାସିନୀ" ବା "ଯୋଗିନୀ" ବୋଲି ଯାହା କିଛି ଗୋଟାଏ ନୋଟ୍ କରି ଦେଇ ପାର। ଜୁଡ଼ି ଭାଇନ୍‌ଟେଲ୍ ନାଆଁଟା ବି ଠିକ୍ କି ଭୁଲ୍ ଯଦି ଭେରିଫାଏ୍ କରିବାକୁ ଚାହଁ, ପାସ୍‌ପୋର୍ଟ ଦେଖେଇ ପାରେ; କିନ୍ତୁ ଦେଖ, ଯାହା ନୋଟ୍ କରି ପାର…ମାତ୍ର ତମ ଟ୍ୟାକ୍‌ସିରେ ବସିଥିବା ଯାଏ ମୋତେ ସନ୍ନ୍ୟାସିନୀ କିମ୍ବା ଯୋଗିନୀ ଛଡ଼ା ଅନ୍ୟ କିଛି ବୋଲି ଡାକି ପାରିବନି !

: ହଉ ସନ୍ନ୍ୟାସିନୀ ମହାଶୟା, ବର୍ତ୍ତମାନ ତମେ ଠିକ୍ ଏକ୍‌ଜାକ୍‌ଟଲି ଯୋଉ ଭଳି ଫିଲ କରିବାକୁ ଚାହୁଁଚ…ସେପରି ଅନୁଭୂତି ଅନୁଭବ କରିବାରେ ନିଜକୁ ସାହାଯ୍ୟ କରିବା ପାଇଁ…ଟୁ ଏନେବ୍‌ଲ ଇୟୋର୍‌ସେଲ୍‌ଫ୍ ଟୁ ଫିଲ୍ ଲାଇକ୍ ଦ୍ୟାଟ୍…ପ୍ରଥମେ ତମ ମୁଣାରୁ ଏଲ୍. ଏସ୍. ଡି. କ୍ୟାପ୍‌ସୁଲ୍‌ଟାଏ ବାହାର କରି ମୁହଁ ଭିତରେ ପୂରାଇ ଦିଅ—ନିଶା ଗ୍ରୁଡ଼ିବା ପରେ ଦେଖିବ ମୁଁ ତମକୁ କୋଉଠି ନେଇ ଯୋଉଚି; କିନ୍ତୁ ତା' ଆଗରୁ ପ୍ରଥମେ ମୋତେ ଆଗ ଶହେଟା ଟଙ୍କା ବଢ଼େଇ ଦିଅ ତ ପେଟ୍ରୋଲ୍ ପାଇଁ…।

ନିଜ ପାଟିରେ ଏଲ୍. ଏସ୍. ଡି. ପୂରାଇ ନେଇ ମୋ ଆଡ଼କୁ ସେ ବଢ଼ାଇ ଦେଲା ଗୋଟାଏ ଶହେ ଟଙ୍କିଆ ନୋଟ୍ ଭିତରେ ମୋଡ଼ି ସେହି ମାଦକ ଟ୍ୟାବ୍‌ଲେଟ୍‌ରୁ ଚାରି ପାଞ୍ଚଟି। ଟଙ୍କା ନେଲି; ଟ୍ୟାବ୍‌ଲେଟ୍‌ଗୁଡ଼ିକ ମଧ୍ୟ ରଖିଦେଲି ପକେଟରେ। କହିଲି, ତମରି ପରି ମୋର ଯେତେବେଳେ ଅନ୍ୟ ଜଗତରେ ବିଚରଣ କରିବାର ଇଚ୍ଛା ପ୍ରବଳ ହୋଇ ଉଠିବ—ସେଇ ମୁହୂର୍ତ୍ତ ପାଇଁ ଏ ଗୁଡ଼ିକ ଷ୍ଟକ୍‌ରେ ରହୁ…

: ଗୋଟାଏ ଅନ୍ତତଃ ବର୍ତ୍ତମାନ…

: ଏ ସବୁ ପାଟିରେ ଦେଇ ଡ୍ରାଇଭିଂ କରିବା ଅଭ୍ୟାସ ଆମମାନଙ୍କର ନାହିଁ।

ସେ ଆଉ ଜୋର୍ କଲାନ ବେଶୀ ।

କୁଆଡ଼େ ନେବ ଭାବି ନେଲି ଟିକିଏ । ତା' ପରେ ଷ୍ଟାର୍ଟ ଦେଲି । ଚଳାଇ ନେଲି କୋଣାର୍କ ରାସ୍ତା ଆଡ଼କୁ...

ସହର ଅତିକ୍ରମ କରିବା ପରେ ମୁଁ ସ୍ପିଡ୍ ବଢ଼ାଇ ଚାଲିଚି । ଲକ୍ଷ୍ୟ କରୁଥାଏ, ଆଖି ଦି'ଟା ତାହାର ଲାଲ୍ ହୋଇ ଆସୁଚି ଧୀରେ ଧୀରେ । ରହସ୍ୟମୟ ଚାହାଣିରେ ମୋ ମୁହଁକୁ ସେ ଚାହୁଁଥିଲା ବାରମ୍ବାର...... ଓଠରେ ଫୁଟି ଉଠିଚି ଅଳ୍ପ ଟିକିଏ ହସ !

ସ୍ପିଡ୍ ବଢ଼ାଇ ଦେଲି ଆହୁରି ।

କହିଲା, ଆସ୍ତେ ଚଲାଅ ନା !

: ଭାବିଥିଲି ତମେ ··ମାନେ ଆମେରିକାନ୍‌ମାନେ···ସ୍ପିଡ୍ ପସନ୍ଦ କର !

: ମୁଁ ଆମେରିକାନ୍ ନୁହେଁ କି ଅନ୍ୟ କୌଣସି-କିଛି ନୁହେଁ,—ମୁଁ କେବଳ ହିପ୍‌ପି । ନାଁ ନାଁ, ଏଇ ମୁହୂର୍ତ୍ତିରେ କେବଳ ଜଣେ ପ୍ରାଚ୍ୟ-ସନ୍ନ୍ୟାସିନୀ ମାତ୍ର !

: କିନ୍ତୁ ସେ ଦେଶରେ ତମେମାନେ ତ ଦୁରନ୍ତ ଗତି-ବେଗରେ ଅଭ୍ୟସ୍ତ......

କହୁ କହୁ ଗାଡ଼ି ସ୍ଲୋ କରି ଆଣିଲି ।

ପାସେଞ୍ଜର୍‌କୁ ସନ୍ତୁଷ୍ଟ କରିବା ମୋର କର୍ତ୍ତିବ୍ୟ । ତା'ର ଯେଭଳି ଇଚ୍ଛା......

କିଛି ତନ୍ଦ୍ରାଚ୍ଛନ୍ନ ପରି କହିବାକୁ ଲାଗିଲା : ପାଶ୍ଚାତ୍ୟର ଦୁରନ୍ତ ଗତି-ବେଗକୁ ଭୟ କରି ଧାଇଁ ଆସିଚି ଏଠି ଶରଣ ନେବା ପାଇଁ । ଆସିଚି, ଏଇ ଆଶାରେ ଯେ ଏଠି ଧ୍ୟାନସ୍ଥ ହେବା ପରି ନିର୍ବିଘ୍ନରେ ଶୋଇ ରହି ପାରିବ ।

ଜୀବନ ଏଠି ମନ୍ଥର—ମନ ଏଠି ସ୍ଥିତପ୍ରଜ୍ଞ । ମୁଁ ଏଠାକୁ କାହିଁକି ଆସିଛି ଜାଣ କଲର୍, ସ୍ଥିତପ୍ରଜ୍ଞ ହେବା ପାଇଁ ।

: କିନ୍ତୁ ତମେ ମୋତେ 'କଲର୍' କାହିଁକି କହୁଛ ?

: ୟୁ ଆର୍ ରିଅଲି ଏ କଲର୍ । ତରୁଣୀ ମାନେଇ ତମକୁ ଦେଖି ମୁଗ୍ଧ ହେବେ—ତରୁଣୀ ମାନେଇ ଆମଦ୍ୱାରା କାଲର୍ଡ଼୍ ହେବାକୁ ଚାହିଁବେ — ଅବଶ୍ୟ ଆମ ଆମେରିକା ହୋଇଥିଲେ ତମେ ନିଜେଇ କାଲ୍ଡ଼୍ ହୋଇ ଯାନ୍ତ ଆଜନ୍ତ ସେମାନଙ୍କ ଦ୍ୱାରା ।

: ତା' ମାନେ, ଉପହାସ କରୁଛ ମୋତେ ? ମୁଁ ଅସୁନ୍ଦର; ସେଇଥି ପାଇଁ ନାଁ ?

: ତମେ କଣ ବାହାର ଜଗତର ଖବର କିଛି ରଖନା କଲର୍ ? ଜାଣ ନାହିଁ ଦ୍ୱିତୀୟ ମହାଯୁଦ୍ଧ ପରେ ପରେ ଇଉରୋପ, ଆମେରିକା···ମାନେ ପୃଥିବୀର ଅଧିକାଂଶ ଭୂଭାଗରେ ରୁଚି ଆଉ ମୂଲ୍ୟବୋଧ ପରିବର୍ତ୍ତିତ ହୋଇ ଗଲାଣି ! ! ଆଜିକାର ନାରୀ, ଯୁବକ ଅପେକ୍ଷା ବାଳକକୁ ପ୍ରେମିକ ବା ସ୍ୱାମୀ ଭାବରେ ପସନ୍ଦ କରୁଛି ବେଶୀ—ଶାସିତା ହେବା ଅପେକ୍ଷା ଧର୍ଷିତା ହେବାରେ ସେ ପାଉଛି ଅଧିକ ଆନନ୍ଦ—ଫିଜିଏ ବନ୍ଧୁଭା ହୋଇ ଗଲେ ସେ ସବୁ ଦେଶରେ ଜଣେ ଝିଅ ଆଉ ଜଣେ ଝିଅକୁ ଆଗେ ପଚାରୁ ଥିଲା "ତୁ ପ୍ରେମ କଲୁଣି ?" ଆଜି ପଚାରୁ ହେଉଛି "ତୋତେ କେହି ଧର୍ଷଣ କରିଛନ୍ତି ?" ହ୍ୱାଟ୍ ୟୁ ବିନ୍ ରେପ୍ଡ଼୍ ! ନାଟକୀୟ ଭାବେ ବଦଳି ଯାଇଛି ମୂଲ୍ୟବୋଧ । ଗୁଡ଼ିପଣ ଦେଇ ଥିବା ନାରୀ ବା ବିଧବା ମହିଳାକୁ ବିବାହ କରିବା ପାଇଁ ତରୁଣ ଆଜି ସେଠାରେ 'କ୍ରେଜି', ଗୌରବର୍ଣ୍ଣଠାରୁ ବାଦାମୀ ବା କୃଷ୍ଣ-ବର୍ଣ୍ଣ ଅଧିକ କାମୋଦ୍ଦୀପକ ବିବେଚିତ ହେଉଛି ଆଜି ସେଠାରେ, ସୁନ୍ଦର ଅପେକ୍ଷା ଅସୁନ୍ଦର-ରୁକ୍ଷ-କର୍କଶ 'ଟଫ୍' ଚେହେରାରେ ଅଧିକ ପୁରୁଷକାର···ଅଧିକତର ମ୍ୟାନଲି-ନେସ୍ ଅଛି ବୋଲି ଅବିଷ୍କାର ଆଉ ଅନୁଭବ କରୁଛନ୍ତି ଝିଅମାନେ । ଜାଣ, ସୁନ୍ଦର ପୁରୁଷମାନଙ୍କୁ 'ଫିମେଲିସ୍' କହି ସେମାନେ ରିଜେକ୍ଟ୍ କରି

ଦେହଚର୍ଚ୍ଚା ଆଜକାଲି ! ! ! ଅତଏବ···ଟିକିଏ ରହି ଜୁଡ଼ି କହିଲା···ତମେ ଜାଲର୍ !, !

ହସି ଉଠି ସିଗାରେଟ୍ ଧରେଇଲି । ତାକୁ ଯାଚିବାରୁ ସେ ନେଇ ନେଲା ଗୋଟିଏ ଆଉ ଫୋପାଡ଼ି ଦେଲା ବାହାରକୁ । ବୁଝି ପାରିଲି, ସେ ସ୍ୱାଭାବିକ ଅବସ୍ଥାରେ ନାହିଁ ( କିମ୍ବା ହୋଇ ପାରେ, ଏଇଟାଇ ବର୍ତ୍ତମାନ ତା'ର ସ୍ୱାଭାବିକ ଅବସ୍ଥା ! ) । ଏଲ୍. ଏସ୍. ଡ଼ି. ର ନିଶାଟା ଆସ୍ତେ ଆସ୍ତେ ବଢ଼ି ଶେଷରେ ଚରମରେ ପହଞ୍ଚେ । ଶୁଣି ପାରିଲି, ସେ ମନକୁ ମନ କହୁଚି ଏଲ୍. ଏସ୍. ଡ଼ି. ଖାଇ ସାରିବା ପରେ ପୁଣି କୋଉ ବାକୋ କୌଣସି କ୍ଲୁଡ଼ି ଫୁଲ୍ ଖାଏ ?

ରାସ୍ତାର ଦ' ପାଖରେ ନଡ଼ିଆ-ବଣ···ବିଲ ମଝିରେ ବିକ୍ଷିପ୍ତ ଜନପଦ······ଦୂର ଚକ୍ରବାଳର ସୀମା ଉପରେ ନୈବେଦ୍ୟ ପରି ପାହାଡ଼ଟିଏ ଯାହାର ଆର ପାଖରେ ସୂର୍ଯ୍ୟ ଅସ୍ତ ହୋଇ ଯାଉଚି ଧୀରେ ଧୀରେ ଗୋଧୂଳିର ଶେଷ କିରଣ ବିଞ୍ଚି ଦେଇ ।

ମୋର ପ୍ରାକୃତିକ ଦୃଶ୍ୟ ଉପଭୋଗରେ ବାଧା ଦେଇ ଜୁଡ଼ି କହିଲା ଗାଡ଼ି ରଖ ।

ରାସ୍ତା କଡ଼କୁ ଆଣି ରଖି ଦେଲି ଗୋଟିଏ ଛୋଟ ପୋଲ ପାଖରେ । ହାତ ବଢ଼ାଇ ପଛ ସିଟ୍‌ରୁ ସେ ତା' ବ୍ୟାଗ୍ ନେଇ ଆସିଲା ବାହାର କଲା ବୋତଲ ।

: କୌଣସି ସ୍ୱାଭାବିକ ଅବସ୍ଥାରେ ଥିବା ମଣିଷର ସାନ୍ନିଧ୍ୟ ମୁଁ ବେଶୀ କ୍ଷଣ ସହ୍ୟ କରି ପାରେନା, ଜାଣ !

ସେ ମୋତେ ଅସ୍ୱାଭାବିକ ମଣିଷରେ ପରିଣତ କରିବାକୁ ଚାହିଁଥିଲା ।

ଏକ ରକମ୍‌ର ଜୋର୍ କରି ପିଆଇ ଦେଇ ଥିଲା ଆକଣ୍ଠ ହ୍ୱାଇଟ୍ ହର୍ସ୍ ।

ଧୀରେ ଧୀରେ ଗାଡ଼ି ଚଳାଇ ଯେତେବେଳେ ଆମେ ପହଞ୍ଚିଲୁ କୋଣାର୍କର ପାଦ ଦେଶରେ......ଚାରିଆଡ଼ ସେତେବେଳେ ନିର୍ଜ୍ଜନ ଆଉ ନିସ୍ତବ୍ଧ । ପବନର ସାଇଁ ସାଇଁ ବି ଶୁଭୁନି ; ହଲୁ ନାହିଁ ଝାଉଁ ବଣର ପତ୍ରଟିଏ ମଧ୍ୟ ।

ପୂର୍ଣ୍ଣିଚନ୍ଦ୍ରର ଉଜ୍ଜ୍ୱଳ କିରଣରେ କୌମୁଦୀ-ସ୍ନାତ କୋଣାର୍କ ଦିଶୁ ଥିଲା ମାୟାମୟ । ଦୁହେଁ ହାତ ଧରାଧରି ହୋଇ ଯାଇ ଠିଆ ହୋଇ ରହିଥିଲୁ ମୁଖ-ଶାଳା ପାଖରେ ।

ଗାଇଡ୍ ପରି ତାଙ୍କୁ ବୁଝାଇବାକୁ ଆରମ୍ଭ କରି ଦେଲି—କେବେ କାହା ଦ୍ୱାରା ନିର୍ମିତ ହୋଇ ଥିଲା ଏହି ମନ୍ଦିର ।

କିନ୍ତୁ କିଛି କହିଲା, ଆଗ୍ରହ ନାହିଁ ତାର ସେ ସବୁରେ ।

ସୋପାନ ଶ୍ରେଣୀ ଅତିକ୍ରମ କରି ଆମେ ଉପରକୁ ଉଠିଲୁ ପହଞ୍ଚିଲୁ—ବିଶାଳ କାୟ ମୈଥୁନ ମୂର୍ତ୍ତିର ମୁହାଁମୁହିଁ ।

ସେ ପଚାରିଲା, କହି ପାରିବ ଏ ସବୁର ଅର୍ଥ କଣ ? ଭାରତରେ ଆସି ଦେଖୁଚି—ସେକ୍‌ସ ସମ୍ବନ୍ଧରେ ସମସ୍ତେ ପ୍ରାୟ ନୀରବ । ଅଥଚ ସୁଇଡ଼େନ୍

ଭଳି ଫ୍ରିପର୍ଣ୍ଣୋଗ୍ରାଫିକ ପ୍ରଦର୍ଶନୀ ଏତ କୋଣାର୍କର ଗାତ୍ରରେ ! ତା' ହେଲେ କଣ ଆଜିର ସୁଇଡେନ୍ ଭଳି ପ୍ରୋଗ୍ରେସିଭ୍ ଥିଲା ଶତ ଶତ ବର୍ଷ ତଳର ଭାରତବର୍ଷ ?

ହସିଦେଇ କହିଲି, ଇଣ୍ଡିଆନ୍ ପିପୁଲ୍ ଆର୍ ସିଙ୍କିଙ୍ଗ୍ ଇନ୍ ସେକ୍ସ୍ ; ବଟ୍ ଦେ ଡୁ ନଟ୍ ଓପନ୍ ଦେଆର୍ ମାଉଥ୍ । ଭାରତୀୟମାନେ ସେକ୍ସରେ ଆକଣ୍ଠ ନିମଜ୍ଜିତ—କିନ୍ତୁ ମୁହଁ ଖୋଲିବାକୁ ନାରାଜ୍ !

ସେ ବି ହସି ପକାଇଲା ।

: ସେକ୍ସ ଚରମରେ ପହଞ୍ଚିଲେ ହୁଏ ଜାତିର ପତନ !—ଜୁଡ଼ି କହିଲା—ମୁଁ ଜାଣେ ତମ ଦେଶର ଇତିହାସ । କୋଣାର୍କ ପରେ ତମମାନଙ୍କର ଡ଼ିଜେଷ୍ଟର୍ ହୋଇଚି, ବିପର୍ଯ୍ୟୟ ହୋଇଚି । ଥ'ଟ୍ ଲିଡ୍ସ୍ ଟୁ ଆକ୍ସନ୍—କର୍ମ ଚିନ୍ତାକୁ ଅନୁସରଣ କରେ । କୋଣାର୍କର ଗାତ୍ରରେ ଯୋଉମାନଙ୍କ Peculiar thoughts ପ୍ରତିଫଳିତ ହୋଇ ଥିଲା—ସେମାନଙ୍କର ଅନୁସୃତ କର୍ମ ମଧ୍ୟ ସେହି ପରି ଭାବେ ପ୍ରଭାବିତ କରିଥିବ ସମାଜକୁ—ସେଇଥି ପାଇଁ ବୋଧହୁଏ ତମ ଜାତିର ହଠାତ୍ ଅଧଃପତନ ପରି କୋଣାର୍କର ବି ହେଲା ଫ୍ୟାଟାଲ୍ ଡାଉନ୍ ଫ'ଲ୍ ! ନଚେତ୍, ଓଡ଼ିଶାର ଏତେ ଏତେ ମନ୍ଦିର ମଥାଟେକ ରହି ଥିଲେ ମଧ୍ୟ ଖାଲି କୋଣାର୍କ କାହିଁକି ଭୁଷୁଡ଼ି ପଡ଼ି ଯାଆନ୍ତା ?

ତା' ମୁହଁକୁ ଚାହିଁ ପଚାରିଲି, ତମେ କଣ ଇତିହାସର ଛାତ୍ରୀ ?

: ଖାଲି ଛାତ୍ରୀ ନୁହେଁ, ଡକ୍ଟରେଟ୍ ! ହସି ଉଠିଲା ଜୁଡି···!!—କିନ୍ତୁ ସେଇ ସାର୍ଟିଫିକେଟ୍ ମୁଁ ଚିରି ପକେଇଚି । (ଟିକିଏ ରହି···) ମାନବ ଜାତିର ଆଦୌ କୌଣସି ଇତିହାସ ନ ଥିଲେ କେଡ଼େ ଭଲ ହୋଇ ନ ଥାନ୍ତା ? ଇତିହାସକୁ ମୁଁ ଅସ୍ୱୀକାର କରିବାକୁ ଚାହେଁ ।

: କାହିଁକି ?

: ପ୍ରାଗୈତିହାସିକ ପୃଥିବୀ, ଐତିହାସିକ ପୃଥିବୀ ଠାରୁ ଆହୁରି ଅଧିକ ସୁନ୍ଦର ! କଳ୍ପନା କର—ସ୍ଥିର ଆଡ଼େ ବୃହଦାକାର ଫ୍ଲାଟ, ପତଙ୍ଗ, ମାମଥ୍, ଡାଇନୋସିରସ୍ ! ଅରଣ୍ୟବାସୀ ଗୁହାନିବାସୀ ମଣିଷ; ଫଳର ଆହରଣ ଆଉ ଶିକାରର ସନ୍ଧାନ ତାହାର ଏକମାତ୍ର ଜୀବିକା—ମଦ୍ୟପାନ ତା'ର ଏକମାତ୍ର ଆନନ୍ଦ—ମୈଥୁନ ତା'ର ଏକମାତ୍ର କ୍ରୀଡ଼ା;—ଜନ୍ମରେ ଜୀବନର ଆରମ୍ଭ—ମୃତ୍ୟୁରେ ସବୁ କିଛିର ଶେଷ । ତା'ର ପାପ ନାହିଁ……ପୁଣ୍ୟ ନାହିଁ, ପୂର୍ବଜନ୍ମ ନାହିଁ……ପୁନର୍ଜନ୍ମ ନାହିଁ, ରାଷ୍ଟ୍ର ନାହିଁ…ଆଇନ୍ ନାହିଁ, ଆଶା ନାହିଁ……ନୈରାଶ୍ୟ ନାହିଁ, ଦୁଃଖ ନାହିଁ……ଶୋକ ନାହିଁ, ମୁକ୍ତି ନାହିଁ……ବନ୍ଧନ ନାହିଁ, ସ୍ୱର୍ଗ ନାହିଁ……ନରକ ନାହିଁ, ତା'ର ଭଗବାନ ନାହିଁ କି ଅବତାର ନାହିଁ, ତା'ର ଗୀତା ନାହିଁ କି ବାଇବେଲ୍ ନାହିଁ, ଏପରିକି ନାହିଁ ତାର ମାତା…ପିତା…ଭ୍ରାତା… ଭଗିନୀ…ପୁତ୍ର…କନ୍ୟା…ମଧ୍ୟରେ ତଥାକଥିତ ପାରସ୍ପରିକ ସମ୍ପର୍କର ଅବାଞ୍ଛିତ ସଂସ୍କାର ବି ! ! !

ଆମେ ସେତେବେଳକୁ ସେହି ଡ୍ରଇଂରୁମରେ ବସି ପଡ଼ିଛୁଁ । ପାଦଛୁ ଉପରେ ଭର ଦେଇ ମୁଁ, ଆଉ ନଟୀ-ମୂର୍ତ୍ତୀର ଜାନୁ ଉପରେ ଅର୍ଦ୍ଧଶାୟିତା ହୋଇ ସେ ।

କହିଲି, ତମେ ହୁଏତ ଦାୟିତ୍ୱ-ବିହୀନ ଜୀବନର ଆନନ୍ଦ କଥା— କିନ୍ତୁ ପରିବାର ଭିତରେ ପାରସ୍ପରିକ ସମ୍ପର୍କର ପରମ୍ପରା କିପରି ଅବାଞ୍ଛିତ ସଂସ୍କାର' ହୋଇ ପାରେ, ଦୁଃଖର କାରଣ ହୋଇ ପାରେ ?

: ଜଣାଅଛି ମୋର କମି ଆସୁଛି । ଆଉ ଗୋଟିଏ ବୋତଲ··

ଗୋଟିଏ ସବୁ ସାଉଥିଲା ସେତେବେଳକୁ । କର୍କ ଫିଟିଲି ଆଉ

ଗୋଟିକର । ଥଣ୍ଡା ହେଲ ଗ୍ଲାସରେ । ଧୀରେ ଧୀରେ 'ସିପ୍' କଲୁ ଉଭୟ । ମୁହଁରେ ଏକା ଥରେ ଦୁଇଟି ସିଗାରେଟ୍ ପୁରାଇ ସେ ଟାଣିବାକୁ ଲାଗିଲ, ଆଉ ମୋ ଆଡ଼କୁ ବଢ଼ାଇ ଦେଲ ଗୋଟିଏ ।

ଲାଇଟର୍‌ରେ ଧରାଇ ନେଇ ତା' ଆଡ଼କୁ ଚାହିଁଲି । ଝାଉଁ ବଣ ଉପରେ ଉଠିଥିବା ପୂର୍ଣ୍ଣଚନ୍ଦ୍ର ପ୍ରତି ଦୃଷ୍ଟି ତା'ର ନିବଦ୍ଧ । ଅଭୁତ... ଉଦାସୀନ...ଆଉ ରହସ୍ୟମୟ ତା' ଆଖି ।

ରାତି ସେତେବେଳେ ନିସ୍ତବ୍ଧତର ହେଉଥିଲ । ମୃଦୁ ମୃଦୁ ଶୁଭୁଥିଲ ସମୁଦ୍ରର ଧ୍ୱନି । ସେ ତା'ର ଲମ୍ବା ନାକ ମୋ ଆଡ଼କୁ ଫେରାଇ ପଚାରିଲ; ସମୁଦ୍ର ଏଠୁ କେତେ ଦୂର ହେବ ?

: ଅଳ୍ପ ।

: ତେବେ ?

: ଏଇ...ଦୁଇ ମାଇଲ୍ ।

: ପ୍ରାଗୈତିହାସିକ ମନ ମୋର ଚାହୁଁଥିଲ ଆଉ ବେଶୀ ସମୟ ଏଇ ଇତିହାସର ଅଭିଜ୍ଞାନ ଭିତରେ ବସି ରହିବା ପାଇଁ । ଚାଲି ଯିବା ବେଳାକୁ । ସମୁଦ୍ର ଚିରନ୍ତନ ପ୍ରାଗୈତିହାସିକ ! ଇତିହାସ ତାକୁ ପରିବର୍ତ୍ତିତ କରିନି, ଇତିହାସ ତା'ର ରୂପ ବଦଳାଇ ପାରିନି ।

ସାଗର ତଟରେ ନବ-ନିର୍ମିତ ବିରାଟ ଲାଇଟ ହାଉସ୍ ଠିଆ ହୋଇଛି ଅଭ୍ରଂକଷ ମଥା ଟେକି । ନିର୍ମାଣ ଶେଷ ହେଲଣି; କିନ୍ତୁ ଆଲୋକ ବ୍ୟବସ୍ଥା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ତେଣୁ ଅଛି କାର୍ଯ୍ୟକାରୀ ହେବାକୁ ।

ତାର୍ ରଶ୍ମି ଆମେ ସେଇ ଲାଇଟ୍ ହାଉସ ତଳ ବାଲି ଉପରେ ବସିଲୁ । ପାଦ ପାଖରେ ଆମର ପ୍ରସ୍ତାବିତ-ମେରାଇନ୍-ଡ୍ରାଇଭ୍ ପାଇଁ ନ୍ୟସ୍ତ ହୋଇଥିବା ପ୍ରଥମ ଶିଳା-ସ୍ତମ୍ଭ ଉପରେ ଖୋଦିତ ପୂର୍ବତନ ପର୍ଯ୍ୟଟନ ବିଭାଗ ମନ୍ତ୍ରୀଙ୍କ ନାମ କଳା କଳା ଅକ୍ଷରରେ ଫୁଟି ଦିଶୁଚି । ( ମେରାଇନ୍-ଡ୍ରାଇଭ୍ କେବେ ହେବ ଜଣାନାହିଁ—କିନ୍ତୁ ଶିଳାନ୍ୟାସ କରି ଥିବା ଭଦ୍ରଲୋକଙ୍କୁ ଛିଣ୍ଡା ଚଟି ପାଦରେ ଗ୍ଲି ଗ୍ଲି ଭୁବନେଶ୍ୱର ରାସ୍ତାରେ ପ୍ରାୟ ବୁଲିବାର ଦେଖାଯାଏ ନିର୍ବାଚନରେ ପରାସ୍ତ ହେବାପରଠାରୁ ! )

ସମୁଦ୍ର ଦିଶୁଥିଲା ତରଳ ଅଭ୍ରର ଆଧାରପରି । ପୂର୍ଣ୍ଣିମା ରାତିରେ ଏଇ ପ୍ରକାର ସୌନ୍ଦର୍ଯ୍ୟରେ ବିହ୍ୱଳ ହୋଇ, କଥିତ ଅଛି, ଢେଉ ଭିତରକୁ ଲମ୍ଫ ଦେଇଥିଲେ ଶ୍ରୀଚୈତନ୍ୟ ଦେବ ! ଜୁଡ଼ିକୁ ସେ-ବିଷୟ କହିବାରୁ ସେ କହିଲା, ପ୍ରକୃତି ସହିତ ଏକାତ୍ମ ହେଇ ଯିବାର ଇଚ୍ଛା ପ୍ରାଗୈତିହାସିକ ଦର୍ଶନ···ଏ ଟିପିକାଲ୍ ହିପ୍ପି ସ୍କୁଲ୍ ଅଫ୍ ଥ'ଟ୍ ।

ନନ୍ଦର୍ମେପ ଆଖିରେ ଚାହିଁ ରହିଥିଲି ତା'ର ଜ୍ୟୋତ୍ସ୍ନାପ୍ଲୁତ ମୁହଁକୁ ।

: ମୋ ସମ୍ବନ୍ଧରେ ତମେ କଣ ଭାବୁଚ, ମ୍ଯୁ ଇଣ୍ଡିଆନ୍ ?

: ଭାବୁଚି, ସୁଖର ସନ୍ଧାନରେ ତମେ ସ୍କାର୍ଟ ଗାଉନ୍ ଛାଡ଼ି ଗୈରିକ-ବଳ୍କଳ ପିନ୍ଧିଲେ ବି···ସ୍କାଏ୍ସ୍କ୍ରେପରରୁ ଓହ୍ଲାଇ ଆସି ଗୁହା ଭିତରେ ଲୁଚିଲେ ବି....କୋକେନ୍ ବଦଳରେ ଗଞ୍ଜା ଖାଇବା ପାଇଁ ଆମେରିକା ଛାଡ଼ି ଭାରତକୁ ପଳାଇ ଆସିଲେ ବି, ଇତିହାସକୁ ଭୁଲି ପ୍ରାଗୈତିହାସିକ ହେବାକୁ ଆପ୍ରାଣ ଚେଷ୍ଟା କଲେ ବି······ସୁଖର ସନ୍ଧାନ ପାଉନାହଁ—ଦୁଃଖଇ ବରଂ ଧାଇଁଚି ତମ ପଛେ ପଛେ । ସେ ଶ୍ୱାପଦ ପରି ଗୋଡ଼ାଉଚି ତମକୁ—କାରଣ ତମଠାରେ ସେ ବାରି ପାରିଚି ଗଳିତ ମାଂସର ଦୁର୍ଗନ୍ଧ ! ଅନେକ ଜ୍ୱାଳା ତମର···; ତମର ଅ-ନେ-କ କିଛି କହିବାକୁ ଅଛି ! ଲେଖକ ହେଇଥିଲେ ଲେଖି ପକାଇ ଶାନ୍ତିପାଇ ପାରନ୍ତ—ଶୁଣାଇବାର ସୁଯୋଗ ଥିଲେ ହଜାର ହଜାର ଲୋକଙ୍କୁ ଶୁଣାଇ ବୋଝ ହାଲୁକାକରି ପାରନ୍ତ—କିନ୍ତୁ କୌଣସିଟା ସମ୍ଭବ ହୋଇପାରିନି ! ! !

: ତମର ଅନୁମାନ ଠିକ୍ । ସ୍ପୃହଁ ତମେ ମୋର ସେଇ ନିଷିଦ୍ଧ-ଅତୀତର ଇତିହାସ ଶୁଣିବାକୁ ?

: ଶୁଣିବି ।

: କିନ୍ତୁ ବିଶ୍ୱାସ କରିବନି ହୁଏତ ।

: ମଣିଷ ଜୀବନରେ ଏପରି ଅନେକ ଘଟଣା ଘଟେ ଯାହା ଫେଣ୍ଟାଷ୍ଟିକ୍ ଷ୍ଟୋରି ଠାରୁ ମଧ୍ୟ ଅଧିକ ଅବିଶ୍ୱାସ୍ୟ ! ତମେ କୁହ ।

: ହୃଦୟର ଭାର ଲଘବ କରିବା ପାଇଁ ଅନ୍ତତଃ ମୁଁ କହିବି···ବିଭତ୍ସ ସେଇ କାହାଣୀ···ଯାହା ଶୁଣି ଘୃଣାରେ ତମେ ହୁଏତ ମୁହଁ ଫେରେଇ ନେଇପାର···ଅବଶ୍ୟ ସେଥିରେ କିଛି କ୍ଷତି ନାହିଁ ମୋର···କାରଣ ଆଉ ଅଳ୍ପ କେତେ ଘଣ୍ଟା ପରେ ଭୁବନେଶ୍ୱର ଫେରି ଟ୍ୟାକ୍ସିର ବିଲ୍ ମେଣ୍ଟେଇ ସାରିଲେ ଆଉ ତ ତମ ସାଙ୍ଗରେ ମୋର ଦେଖାଇ କେବେ ହେବନାହିଁ ।

ଜୀବନରେ କାହାରିକି ମୁଁ ଘୃଣାକରି ନାହିଁ ଜୁଡ଼ି ! ତମେ ଜାଣ ନାହିଁ ମୋ ବ୍ୟକ୍ତିଗତ-ଜୀବନ ସମ୍ବନ୍ଧରେ; ତେଣୁ ଏପରି କହୁଚ । ଏତିକି ଖାଲି ଜାଣି ରଖ, ପୃଥିବୀରେ ସବୁଠାରୁ ଘୃଣ୍ୟତମ ଜୀବ ବୋଧହୁଏ ମୁଁ, ମାନେ ଏଇ ସୁମନ୍ତ ମହାପାତ୍ର । ଆଶାକରେ, ଏହା ପରେ ଆଉ ତମେ ଦ୍ୱିଧା ଅନୁଭବ କରିବନି ସେଇ କାହାଣୀ ଶୁଣାଇବା ପାଇଁ ।

ଅଳ୍ପ କେତେ ଘଣ୍ଟାର ପରିଚୟ । ତଥାପି କାହିଁକି ତା'ର ମୋତେ ଭଲ ଲାଗିଥିଲା ଜାଣେନା । କାହିଁକି ତା'ର ଇଚ୍ଛା ହେଇଥିଲା ତା' ନିଷିଦ୍ଧ ଅତୀତର ଇତିହାସର ପରଦା ମୋ'ରି ଆଗରେ ଉନ୍ମୋଚନ କରିବା ପାଇଁ ତା' ମଧ୍ୟ ଜାଣେନା । ତେବେ ସେ ସେଇଆ କହିଥିଲା ମୋତେ । କହିଥିଲା ମୋତେ ଭଲ ଲାଗିଚ ତା'ର । କହିଥିଲା, ମୁଁ କୁଆଡ଼େ ତାକୁ ହିପ୍ନୋଟାଇଜ୍ କରିଚ । ଆଉ ମୋତେ ତା'ର ଭଲ ଲାଗିଚ ବୋଲି, ମୋ ଭିତରେ ଗୋଟିଏ ସମ୍ବେଦନଶୀଳ ହୃଦୟକୁ ଆବିଷ୍କାର କରିଚ ବୋଲି ସେ ସବୁ କହିବାକୁ ଇଚ୍ଛା ହେଇଚ ତା'ର । ପାଶ୍ଚାତ୍ୟ ଭୂଖଣ୍ଡରେ କୁଆଡ଼େ କେତେ

କାହା ବ୍ୟକ୍ତିଗତ ଦୁଃଖର କାହାଣୀ ଜଣାଇବାକୁ ଚାହିଁବା ବା ଶୁଣିବାକୁ ଚାହିଁବାଟା ଶାଳୀନତାର ବ୍ୟତିକ୍ରମ ବୋଲି ମନେ କରାହୁଏ ! ! !

ଜୁଡ଼ି ! ହିପ୍ପି ବାଳିକା ଜୁଡ଼ି ! ! ସୁଖୀ ହେବା ପାଇଁ ଯେ ହିପ୍ପି ହୋଇଛି, ତା'ର ପୁଣି ଦୁଃଖ ! ! ତା' ମନ ଭିତରେ ପୁଣି ଏତେ ଗ୍ଲାନି । ନିର୍ବିକାର ହେବା ପାଇଁ ଯିଏ ହିପ୍ପି ସାଜିଛି…ତା' ଭିତରେ ପୁଣି ଏତେ ଦୁନିଆର ବିକାର ! ! ! ଏତେ ପୁଣି ଅନୁଶୋଚନା ତା'ର ସଂସ୍କାରକୁ ଭାଙ୍ଗିଦେଇ ଥିବାରୁ । ଯୋଉ ଦୁର୍ଘଟଣା ପାଇଁ ସେ ଦାୟୀ ନୁହେଁ, ସେଥିପାଇଁ ଯଦି ମନେ ମନେ ଏଇପରି ତାକୁ ଜଳିପୋଡ଼ି ମରିବାକୁ ହେବ, ତେବେ ମୁଁ ବି କହୁଛି, ଏଇ ବୈଜ୍ଞାନିକ ପ୍ରଗତିର ଯୁଗରୁ ବରଂ ସେଇ ପ୍ରାଗୈତିହାସିକ ଯୁଗକୁ ଫେରି ଯିବାଇ ଭଲ । ( "ଫେରି ଯିବା" ନ କହି "ଆଗେଇ ଯିବା" କହିଲେ ବି ଭୁଲ୍ ନାହିଁ—ଯେହେତୁ ପୃଥିବୀଟା ଗୋଲ୍—ଯୋଉଆଡେ ଚାଲିଲେ ବି ଘୂରି ଘୂରି ସେଇଠି ଆସି ପହଞ୍ଚିବା କଥା ! )

ଜୁଡ଼ିର ଜନ୍ମ ନିଉୟର୍କ ସହରର ଅନ୍ୟତମ ଧନବନ୍ତ ପରିବାରରେ । ଡାଡ଼ି ହେନ୍‌ରି ଉଇନ୍‌ଚେଲ୍ ଆମେରିକାର ଅଏଲ୍ କିଂ । ତାଙ୍କ ତୈଳ-ବ୍ୟବସାୟର ଜାଲ ପୃଥିବୀ ବ୍ୟାପୀ ବିସ୍ତୃତ । ଦକ୍ଷିଣରେ ଅବସ୍ଥିତ ବୃହତ୍ତମ ଅଏଲ୍ ଫିଲ୍‌ଡ଼୍‌ର ସେ ମାଲିକ୍ । ଅବଶ୍ୟ ମୁହଁରେ ରୁପାର ଚାମଚ ନେଇ ସେ ଜନ୍ମ ହୋଇ ନ ଥିଲେ । ଅତି ଦରିଦ୍ର ଅବସ୍ଥାରୁ ତାଙ୍କୁ ଷ୍ଟ୍ରଗଲ୍ କରି ଉଠିବାକୁ ହୋଇଥିଲା ।

ଐଶ୍ୱର୍ଯ୍ୟ ଭିତରେ ଲାଳିତା ଜୁଡ଼ିର ଜୀବନ । କିନ୍ତୁ ହଠାତ୍ ଦିନେ ଆସିଲା ବିପର୍ଯ୍ୟୟ !!

ମମିର ମୃତ୍ୟୁ ହୋଇ ଗଲା ବିମାନ ଦୁର୍ଘଟଣାରେ…ବୟସ ଯେତେବେଳେ ମାତ୍ର ଦଶ ବର୍ଷ ତା'ର ।

ନୂଆ 'ମମି' ଆସିଲେ ଠିକ୍ ଛଅ ମାସ ପରେ ।

ଜୁଡ଼ିକୁ ତା'ପରେ ପଠାଇ ଦିଆ ଗଲା ରେସିଡେନ୍‌ସିଆଲ୍ ସ୍କୁଲ୍ । କାରଣ ନୂଆ 'ମମି' କହିଲେ, ସେଇଠି ରହିଲେଇ ସେ ଭଲ ଭାବେ ପଢ଼ା ଶୁଣା କରି ପାରିବ । (ଘରେ ରହି ଥିବାରୁ ତା'ର ପଢ଼ାପଢ଼ି ଖରାପ ହେଉଛି ବୋଲି ସ୍କୁଲ୍‌ରୁ କେବେ ରିପୋର୍ଟ ଆସି ନ ଥିଲା । )

ଜୁଡ଼ି ଗଲା ରେସିଡେନ୍‌ସିଆଲ୍ ସ୍କୁଲ୍‌କୁ ।

ଆବାସିକ ବିଦ୍ୟାଳୟର ଅର୍ଥ ସମସ୍ତେ ବାଧ୍ୟ ହଷ୍ଟେଲ୍‌ରେ ରହିବା ପାଇଁ !

ଅବଶ୍ୟ କେବଳ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ସେଇ ସ୍କୁଲ୍‌ଟି ।

ହଷ୍ଟେଲ୍ ।......

ସେ ଆଉ ଏକ ପୃଥିବୀ ।

ତା'ର ଭିତରେ ତାକୁ କଟାଇବାକୁ ହେବ ଛଅ ବର୍ଷ ।......

ଜୁଡ଼ି ମୋତେ କହିଥିଲା, ଫେମିନାଇନ୍ ଏକ୍‌ସେଣ୍ଟ୍ରିସିଟି ସହିତ ସେଇଠି ତା'ର ପ୍ରଥମ ପରିଚୟର କାହାଣୀ ।

ସେ ଆବିଷ୍କାର କରିବାକୁ ଲାଗିଲା ଲଢ଼ା ଆଉ ଜୋଆନ୍ ପରସ୍ପରର ବାନ୍ଧବୀ ନୁହନ୍ତି । ସେମାନଙ୍କ ମଧ୍ୟରେ ପ୍ରେମିକ-ପ୍ରେମିକାର ସମ୍ପର୍କ !

ଲେସ୍‌ରର ରୁମ୍ ଭିତରକୁ ଲଞ୍ଚ୍‌ଟିଂ ଆୱାର୍‌ସ୍‌ରେ ସେ ଦିନେ ହଠାତ୍ ପଶି ଯାଇ କାର୍ଲି ବୋଲି ଯୋଉ ପିଲାଟି ସହିତ ତାକୁ କମ୍ପ୍ରମାଇଜିଂ ପୋଜିସନ୍‌ରେ ଦେଖି ପକାଇ ଲଜ୍ଜିତ ହୋଇ ଫେରି ଆସି ଥିଲା···ଲେସ୍‌ରର କହିବା ଅନୁଯାୟୀ ସେ କୁଆଡ଼େ ପ୍ରକୃତରେ ତା'ର ବଏ ଫ୍ରେଣ୍ଡ୍ ନୁହେଁ··· ନିଜ ସାନ ଭାଇ !!

ଡାୟ୍‌ନା ଯୋଉ ବର୍ତ୍ତ ଆଲ୍‌ସେସିଆନ୍‌ନା ପୋଷିଚ ତା' ସହିତ ତାହାର ସମ୍ପର୍କ ବୁଆଡେ ସନ୍ଦେହ-ଜନକ ! ! !

( ଏ ସବୁ ଜାଣିବା ପରେ ସେ ଛାଡ଼ି ଦେଲା ନକ୍ ନ କରି ଆଉ କାହାର ରୁମ୍ ଭିତରକୁ ହଠାତ୍ ପଶି ଯିବା ଅଭ୍ୟାସ । )

ବୈଚିତ୍ର୍ୟମୟ ହଷ୍ଟେଲ୍ ଭିତରେ ସେ ନିଜେ ସିଙ୍ଗଲ୍ ରୁମ୍‌ରେ ନିଃସଙ୍ଗ ଜୀବନ କଟାଇବାକୁ ଲାଗିଲା । ଖେଳରେ ତାହାର ସ୍ପୃହା ନାହିଁ, ବାନ୍ଧବୀ ସେ ଚାହେଁ ନାହିଁ, ସ୍କୁଲ୍‌ର ପାଠ୍ୟପୁସ୍ତକ ଛଡ଼ା ଏକମାତ୍ର ଆଗ୍ରହ ତା'ର ଇତିହାସ ବହି ପଢ଼ିବାରେ···ତାହାହିଁ ନେଇ ରହିଲା ସେ । ଲାଇବ୍ରେରୀରୁ ଆଣି ପଢ଼ି ଚାଲେ ଗୋଟିକ ପରେ ଗୋଟିଏ ବହି···ସମଗ୍ର ପୃଥିବୀର ଇତିହାସ । ଇତିହାସ ସତ୍ୟ; ମାତ୍ର ସତ୍ୟ ହେଲେ ମଧ୍ୟ ଗଳ୍ପ ପରି ଚମକପ୍ରଦ । ପ୍ରାଗୈତିହାସିକ ଯୁଗ—ତା' ପରେ ଇତିହାସର ଆରମ୍ଭ—ଆଲେକ୍‌ଜାଣ୍ଡର୍······ଡେରାୟସ୍······ପ୍ରାଚ୍ୟ-ପ୍ରତୀଚ୍ୟରୁ ଆମେରିକାର ସ୍ୱାଧୀନତା-ସଂଗ୍ରାମ ଯାଏ । କ୍ଲିଓପେଟ୍ରା, ସୁଲତାନ ରେଜିଆ ଠାରୁ ଶ୍ରୀମତୀ ପେରନ୍ । ଚେଙ୍ଗିଜ୍ ଠାରୁ ସିଜର୍ । ନାତ୍ସି-ବନ୍ଦୀ ଠାରୁ ଦାସବ୍ୟବସାୟ ।

ପଢ଼ିବା ପରେ ମନେ ହେଲା, ତା' ବୟସ ଯେମିତି ବଢ଼ି ଯାଇଚ ହଜାର୍ ହଜାର୍ ବର୍ଷ ! ଯୁଗାନ୍ତ ତଳର କାହାଣୀ ଯେପରି ତା' ପାଇଁ ଦିନାନ୍ତ ଆଗର ଘଟଣା ।

ସାଙ୍ଗ ଝିଅମାନେ ପଚାରନ୍ତି, ତୁ କାହାକୁ ଭଲ ପାଉନୁ ? ପ୍ରେମ କରୁନୁ ? କଣ ପାଉଚୁ ଏଇ ଇତିହାସ ବହିର ପୃଷ୍ଠା ଭିତରେ ? ଖାଲି ଇତିହାସ ପଢ଼ି ପଢ଼ି କ୍ଲିଓପେଟ୍ରା ହେଇ ଯିବୁ—ପ୍ରେମ କରିବେ ତୋ ସାଙ୍ଗରେ ଅତୀତର କବର ଭିତରୁ ଉଠି ଆସି ସିଜର୍, ଆଲେକ୍‌ଜାଣ୍ଡର୍ ଚେଙ୍ଗିଜ୍ ଖାନ୍‌ର ପ୍ରେତାତ୍ମାମାନେ ?

ସ୍କୁଲ୍ ଜୀବନ ସରିଲା ।

କଲେଜ୍‌ରେ ଏଡ୍‌ମିଶନ୍ ନେଲା ଜୁଡ଼ି ସତର ବର୍ଷ ବୟସରେ । ଡାଡ଼ି-ମମି ଚିନ୍ତିତ ହୋଇ ପଡ଼ିଲେଣି—ଝିଅ ବୟ୍‌ଫ୍ରେଣ୍ଡ୍ କରୁ ନାହିଁ କାହିଁକି ? ସେ କଣ ତା' ହେଲେ ଅସ୍ୱାଭାବିକ ? ମାନସିକ ଅବସାଦଗ୍ରସ୍ତ ? ଉଇନ୍‌ଚେଲ୍ ଫ୍ୟାମିଲିର ଝିଅ ଗ୍ରହଣ କରି ପାରୁ ନାହିଁ ଆମେରିକାର ସମାଜ, ସଭ୍ୟତା ଓ ଜୀବନକୁ !! (ଅଥଚ ଏଇ ପରିବାରର ବ୍ୟକ୍ତିମାନେ ଆମେରିକାନ୍ ଆଧୁନିକତାର ପ୍ରତିନିଧିମୂଳକ ପତାକ ହେବା କଥା ।) କି ଆଶ୍ଚର୍ଯ୍ୟ ଝିଅଟା ! କୌଣସି ହେଲେ ପୁଅକୁ ତା'ର ଭଲ ଲାଗେନା—ଭଲ ଲାଗେନା ବ୍ଲୁ ଫିଲ୍ମ—ଏପରିକି ଭଲପାଇ ପାରିଲାନି ଗୋଟାଏ ଆଲ୍‌ସେସିଆନ୍ କୁକୁରକୁ ମଧ୍ୟ !!!

ପରାମର୍ଶ କରାଗଲା ଜଣେ ବିଖ୍ୟାତ ମନଃସ୍ତତ୍ତ୍ୱବିତ୍‌ଙ୍କ ସହିତ, ଯାହାଙ୍କର ଫିସ୍ ଗୋଟିଏ କେସ୍ ପାଇଁ ଦଶ ହଜାର ଡଲାର୍ । କୋଉ ରଙ୍ଗର ଲାଇଟ୍ ଦୋକାନରେ ଜଳାଇଲେ କ୍ରେତାମାନଙ୍କ ପ୍ରତି ଆକର୍ଷଣ ହେବ, କୋଉ ଧରଣର ମାନସିକ-ଅବସାଦ ଦୂରୀକରଣ ପାଇଁ କି ପ୍ରକାର ମଦ୍ୟ ଆବଶ୍ୟକ, କି ଭଳି ରୁଚିର ପୁରୁଷ ପାଇଁ କୋଉ ଧରଣର ନାରୀ ଆବଶ୍ୟକ, ମାନସିକ ଉତ୍ତେଜନାର ପ୍ରଶମନ ପାଇଁ କେତେ ସ୍ପିଡ୍‌ରେ ଗାଡ଼ି ଡ୍ରାଇଭ୍ କରିବା ଉଚିତ୍···ଏଇ ସବୁର ଅନୁଶୀଳନ କରି ସୁନିର୍ଦ୍ଦିଷ୍ଟ ପରାମର୍ଶ ଦେବାରେ ସେ ସ୍ୱୟଂସିଦ୍ଧ ।

ପରୀକ୍ଷା କରି ବିଶେଷଜ୍ଞ କହିଲେ, 'ବର୍ତ୍ତମାନ' ପ୍ରତି ବିତୃଷ୍ଣା ଜୁଡ଼ିକୁ ଅତୀତ ଆଡ଼କୁ ପଳାୟନପନ୍ଥୀ କରିଚି । ସେ ନିଜେ ଚେଷ୍ଟା କରି କାହାକୁ···ଏପରିକି ମଣିଷ ନ ହେଲେ ବି ଯେ କୌଣସି ପ୍ରାଣୀକୁ ଅନ୍ତତଃ ଭଲ ପାଇବା ଉଚିତ୍ ।

ବିତିଗଲା ବର୍ଷ ପରେ ବର୍ଷ । ଜୁଡ଼ି କାହାକୁ ଭଲ ପାଇ ପାରିଲାନି; କିନ୍ତୁ ହେଲା ଇତିହାସରେ ଡକ୍‌ଟରେଟ୍ । ଆମେରିକାନ୍ ଆଧୁନିକ-ସମାଜରେ ନିଃସଙ୍ଗ, ଅପାଂକ୍ତେୟ-ବିବେଚିତ, ଉଇନ୍‌ଚେଲ୍ ଫ୍ୟାମିଲିର ଏଇ ଝିଅଟି ପ୍ରମାଣିତ କଲା ନିଜକୁ ନିକ୍ଷିପ୍ତ ଭାବେ !!

କାଲିଫର୍ଣ୍ଣିଆର ଏକ କଲେଜରେ ସେ ହେଲା ଇତିହାସର ଅଧ୍ୟାପିକା ଯୋଉଠି ତା'ର ପରିଚୟ ହୁଏ ସୁଦର୍ଶନ ସାହିତ୍ୟ-ଅଧ୍ୟାପକ ଆର୍ଥର୍ ବ୍ରାଉନ୍‌ଙ୍କ ସହିତ । ବୟସରେ ସେ ଥିଲେ ଜୁଡ଼ିଠାରୁ କୋଡ଼ିଏ ବର୍ଷ ବଡ଼; କିନ୍ତୁ ଦିଶୁଥିଲେ ଖୁବ୍ ୟଙ୍ଗ୍ ଆଉ ସ୍ମାର୍ଟ୍ ।

ପରିବାର-ବିହୀନ ଏକୁଟିଆ ଏପାର୍ଟମେଣ୍ଟକୁ ତାଙ୍କର ସେ ଦିନେ ଡ଼ିନର୍ ପାଇଁ ଆମନ୍ତ୍ରଣ କରିଥିଲେ ଜୁଡ଼ିକୁ । ଆବୃତ୍ତି କରି ବୁଝାଇ ଥିଲେ ଟି· ଏସ୍. ଇଲିୟଟ୍‌ଙ୍କ "ଓଏଷ୍ଟ୍ ଲ୍ୟାଣ୍ଡ୍ ।" ତା' ଆଗରେ ଟୋଲି ଧରି ଥିଲେ ବିଶ୍ୱ-ସାହିତ୍ୟର ସମାଲୋଚନା-ଦର୍ପଣ । କହିଥିଲେ, ସାହିତ୍ୟ କାଳ୍ପନିକ କାହାଣୀ ହେଲେ ବି ସମାଜର ପ୍ରତିବିମ୍ବ । ଆଉ ଇତିହାସ, ସେ ବି ତ ବେଣୀ-କମ୍ ସେଇଆ । ଘଟଣା ଓ ଚରିତ୍ର ଏକ । ପ୍ରଥମଟିରେ କୁଶୀଳବ ବୃନ୍ଦ କାଳ୍ପନିକ ନାମ ଧାରଣ କରନ୍ତି; କିନ୍ତୁ ଦ୍ୱିତୀୟଟିରେ ତାହାର ଆବଶ୍ୟକତା ନ ଥାଏ । — ପ୍ରଭେଦ କେବଳ ଏତିକି ।

ସାହିତ୍ୟ ଆଉ ଇତିହାସ ଭିତରେ ସେଇ ସୂକ୍ଷ୍ମତମ ପ୍ରଭେଦ ଟିକକ ଘୁଞ୍ଚାଇ ଦେବା ଉଦ୍ଦେଶ୍ୟରେ ବୋଧହୁଏ; ବୋଧହୁଏ ପ୍ରମାଣିତ କରି ଦେବା ପାଇଁ ସାହିତ୍ୟ-ଇତିହାସ ଭିତରେ କୌଣସି ପ୍ରଭେଦ ନାହିଁ···ସାହିତ୍ୟ ଓ ଇତିହାସ ଅନେକରୁ ଏକରେ ପରିଣତ ହୋଇ ଯାଇ ପାରନ୍ତି, ଦୁହେଁ ଦିନେ ବିବାହ କରି ପକାଇଲେ ଉଇକ୍-ଏଣ୍ଡ୍‌ରେ ଗ୍ରାମାଞ୍ଚଳର ଏକ ଚର୍ଚ୍ଚ୍‌କୁ ଯାଇ ପ୍ରଥମ ପରିଚୟର ମାତ୍ର ଛଅ ମାସ ପରେ ।

ହେନ୍‌ରି ଉଇନ୍‌ଚେଲ୍ ସେତେବେଳକୁ ଆମେରିକାର ବିଧାୟକ-ସଭାରେ ସିନେଟର୍ ହୋଇ ଯାଇଛନ୍ତି ରିପବ୍ଲିକାନ୍ ଦଳର ଜଣେ ବରିଷ୍ଠ ପ୍ରାର୍ଥୀଙ୍କୁ ପରାସ୍ତ କରି । ଅଏଲ୍ କିଙ୍ଗ୍‌ଙ୍କର ସମ୍ମାନ ତେଣୁ ବଢ଼ି ଯାଇଛି ଆହୁରି । ସେହି ସୂତ୍ରରେ ନଗରୀର ଫାଷ୍ଟ ଲେଡ଼ି ଭାବେ ସମ୍ମାନିତା ହୋଇଛନ୍ତି ସହଧର୍ମିଣୀ ମଧ୍ୟ । ଏବେ ମେୟର, ଗଭର୍ଣ୍ଣର, ଭାଇସ୍‌ପ୍ରେସିଡ଼େଣ୍ଟ୍···ସେମାନଙ୍କୁ ଆମନ୍ତ୍ରଣ କରନ୍ତି ପାର୍ଟିକୁ । ସାମାନ୍ୟ ଜଣେ

ସାହିତ୍ୟର ଅଧ୍ୟାପକ ସହିତ କନ୍ୟାର ବିବାହରେ ଅତଏବ ଅନୁମୋଦନ ନ ଥିଲା ଉଇନ୍‌ଚେଲ୍ ଦମ୍ପତିଙ୍କର । ତେଣୁ ଏଇ ବିବାହ ଜୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବିଚ୍ଛିନ୍ନ କରି ଦେଲା ତା'ର ପରିବାରଠାରୁ ।...

କିଛି ଦିନ ପରେ, ସେ ହେଲା ସନ୍ତାନ-ସମ୍ଭବା । ଖୁସିର ଖବର ଜଣାଇବା ପାଇଁ ନିଛକ ସୌଜନ୍ୟ ଦୃଷ୍ଟିରୁ ଚିଠି ଲେଖିଲା ଡାଡ଼ି ଆଉ ମମିଙ୍କୁ । ଉତ୍ତର କିନ୍ତୁ ପାଇଲା ଅପ୍ରତ୍ୟାଶିତ ! ବସନ୍ତ-ଅବକାଶ କଟାଇବା ପାଇଁ ସେମାନେ ଆସୁଚନ୍ତି କାଲିଫର୍ଣ୍ଣିଆର ସାଗର ତଟକୁ । ଜୁଡ଼ିକୁ ଦେଖା କରିବା ପାଇଁ ଆସିବେ ।

ମମି-ଡାଡି ବିବାହକୁ ଅନୁମୋଦନ କରିବେନି, ଏଇ ଆଶଙ୍କାରେ ସେମାନଙ୍କ ଅଗୋଚରରେ ବିବାହ କରିଥିଲା ଜୁଡ଼ି । ପରେ ଅବଶ୍ୟ ଖବର ଦେଇ ଥିଲା । ଉତ୍ତରରୁ ଜାଣିଲା, ସେମାନେ ପ୍ରାୟ ତାକୁ ପରିତ୍ୟାଗ କରି ସାରିଚନ୍ତି । ତେଣୁ ବିବାହ-ବାସରର ଯୁଗ୍ମ-ଫଟୋ ପଠାଇବା ପ୍ରଭୃତି ଫର୍ମାଲିଟି ସେ ଆଉ ମେଣ୍ଟେନ୍ କରି ନ ଥିଲା ।

ସର୍‌ପ୍ରାଇଜ୍ ଦେଲ୍‌ପରି ମମି-ଡାଡ଼ି ହଠାତ୍ ଆସି ଯେତେବେଳେ ପହଞ୍ଚି ଗଲେ ତା' ଆପାର୍ଟମେଣ୍ଟରେ, ଆନନ୍ଦରେ ଅଶ୍ରୁପୂର୍ଣ୍ଣ ହେଇଗଲା ଜୁଡ଼ି (କାରଣ ଠିକ୍ କୋଉ ଦିନ କେତେବେଳେ ଆସି ସେମାନେ ପହଞ୍ଚିବେ ଜଣାଇ ଦେଇ ନ ଥିଲେ ।) କିନ୍ତୁ ଧକ୍କା ଖାଇଲା ପରି ଚମକି ପଡ଼ିଲା ଆର୍ଥର । ଡାଡ଼ି ଚିତ୍କାର କରି ଉଠିଥିଲେ, ଆର୍ଥର୍, ତମେ ? ତମେଇ ଜୁଡ଼ିର ସ୍ୱାମୀ ! ! ! ନାଁ ନାଁ, ଯା' ହେଇ ପାରେନା...ଯା' ହେଇ ପାରେନା ! ! ୟୁ ଗେଟ୍ ଆଉଟ୍...ଗେଟ୍ ଆଉଟ୍ ! ! ୟୁ ଗେଟ୍ ଆଉଟ୍ । ବାହା ହେବା ପୂର୍ବରୁ ତମର ଜାଣିବା ଉଚିତ୍ ଥିଲା ଯେ ଜୁଡ଼ି...ର ସନ୍ତାନ ! ! !

ଦୁଇ ହାତରେ ମୁହଁ ଲୁଚାଇ ଆର୍ଥର ଧାଇଁ ପଳାଇ ଗଲା ବାହାରକୁ । କହିଗଲା, ଚାଲି ଯାଉଛି ଚିରଦିନ ପାଇଁ ! ! !

ଆଜି ଜଡ଼ି । ସେ ଗଛ କାଟିଲା ପରି ତଳେ ପଡ଼ି ପରି ମୁହୂର୍ତ୍ତିରେ ଚେତା ହରାଇ ସାରିଥିଲା ।

ନ୍ୟୁୟର୍କରେ ଏକ ଅଭିଜାତ ନର୍ସିଂ ହୋମ୍‌ରେ ଏବୋର୍‌ସନ୍ କରା ହୋଇଥିଲା ତା'ର ।

ତା' ପରେ ସେ ମଦ ପିଇଲା, କୋକେନ୍ ଖାଇଲା, ଖାଇଲା ଓପିଅମ୍, ଏଲ୍. ଏସ୍. ଡ଼ି.... ଯେତେ ନିଶା ଅଛି ପୃଥିବୀରେ ।

ମାତ୍ର ତଥାପି ସମ୍ଭବ ହେଲା ନାହିଁ ତା' ପକ୍ଷରେ ଅତୀତକୁ ଭୁଲିଯିବା ।

ପାର୍କରେ ବସି ଦିନେ କାନ୍ଦୁଥିଲା ଏକାକୀ । ବିଚିତ୍ର-କେଶୀ, ଅଦ୍ଭୁତ-ବେଶୀ କେତେ ଜଣ ଯୁବକ ଯୁବତୀ ତାକୁ ବହୁକ୍ଷଣ ଧରି ଲକ୍ଷ୍ୟ କରୁ କରୁ ହସି ଉଠିଲେ ହଠାତ୍ । ଲୁହ ଭରା ଆଖିରେ ସେ ଫେରି ଚାହିଁଲା ସେମାନଙ୍କ ଆଡକୁ । ସେମାନେ କହିଲେ, ଦୁଃଖ ବୋଲି କିଛି ନାହିଁ ପୃଥିବୀରେ; ତଥାପି ତମେ କାନ୍ଦୁଛ ?

ସହାନୁଭୂତି ପାଇ ସବୁ କଥା ବର୍ଣ୍ଣନା କରି କହିଥିଲା ଜୁଡ଼ି ।

ହସି ଉଡ଼ାଇ ଦେଇଥିଲେ ସେମାନେ ।

: ଓ, ଏଇକଥା ? ଏଇଥି ପାଇଁ ଏତେ ଗ୍ଳାନି, ଏତେ ଅନୁତାପ ! ସାମାଜିକ ସଂସ୍କାରର ଊର୍ଦ୍ଧ୍ୱରେ ଏ ତ ପ୍ରାକୃତିକ ନିୟମ ! ! ମଣିଷର ହାତ ଗଢ଼ା, ମନଗଢ଼ା, ସାମାଜିକ ସଂସ୍କାର ଅନ୍‌ନେଚୁରାଲ୍ । ନେଚୁରାଲ୍ ହେଉଛି ପ୍ରକୃତି ଓ ପ୍ରାକୃତିକ କ୍ରିୟା । ମଣିଷ ପରାଧୀନ ହୋଇ ଯାଇଛି ତା'ର ନିଜ ଗଢ଼ା ସଂସ୍କାରର ବନ୍ଧନ ଭିତରେ । ସମଗ୍ର ପୃଥିବୀରେ

ପଶୁପକ୍ଷୀର ଜଗତ କେବଳ ମୁକ୍ତ, ସ୍ୱାଧୀନ ଆଉ ସ୍ୱାଭାବିକ ହୋଇ ରହିଚି ପ୍ରାଗୈତିହାସିକ ଯୁଗରୁ । ଆମେ ଚାହୁଁ, ମଣିଷକୁ ପୁଣି ସେଇ ଯୁଗକୁ ଫେରାଇ ନେବା ପାଇଁ; ତାକୁ ପ୍ରାକୃତିକ କରିବା ପାଇଁ···ସ୍ୱାଭାବିକ କରିବା ପାଇଁ··· ଏନାର୍କିଷ୍ଟ୍ କରିବା ପାଇଁ । ···ସେଇ ଯୁଗ ଯେତେବେଳେ ଆମେ ପୁଣି ଆଣି ପାରିବୁ ପୃଥିବୀରେ —ନିଶ୍ଚୟ ଆଣି ପାରିବୁ, କାରଣ ପୃଥିବୀଟା ଗୋଲ୍ ···ଯୋଉ ଦିଗକୁ ଆଗେଇ ଗଲେବି ପୁଣି ଘୂରି ଆସି ସେଇଠି ପହଞ୍ଚିବା ଭୌଗୋଳିକ ସତ୍ୟ । ଶିଭିଜିଲିଜମ୍ ଇଜ୍ ଦ' ଓନ୍‌ଲି ଟ୍ରୁଥ୍ । ପୁନରାବୃତ୍ତି ହିଁ ଅବଶ୍ୟମ୍ଭାବୀ ସତ୍ୟ । ଅତଏବ ଆମେ ନିଶ୍ଚୟ ପାରିବୁ । ସେତେବେଳେ ଶତ ଶତ ଜୁଡ଼ି ଆଉ ଆର୍ଥର୍ ହୋଇ ପାରିବେ ଆଦାମ୍ ଆଉ ଇଭ୍ । ହୋଇ ପାରିବେ ପବିତ୍ର ଦମ୍ପତି ରୂପେ ପରିଗଣିତ । ସେମାନଙ୍କ ସମ୍ପର୍କ ବିବେଚିତ ହେବ ସତ୍ୟ, ଶିବ, ସୁନ୍ଦର ଆଉ ସୁମହାନ୍ ! ! !

ଜୁଡ଼ି କହିଥିଲା, ଜଲର୍, ଅନ୍ୟ କୌଣସି ଦର୍ଶନ ମୋତେ ଶାନ୍ତି ଦେଇ ନ ପାରିବାରୁ ସେଇଦିନୁ ମୁଁ ଗ୍ରହଣ କରି ନେଇଚି ହିପିବାଦ । କିନ୍ତୁ ତଥାପି···

ମୋ ଜାନୁ ଉପରେ ସେତେବେଳେ ତା'ର ମଥା ଥିଲା । ସେ ଚାହିଁ ରହିଥିଲା ଧରଣୀର ସମୁଦ୍ରକୁ ନୁହେଁ ଆକାଶର ଚନ୍ଦ୍ରକୁ । କହିଲା, ମୋ ଦେଶ ସେଇଠି ଯାଇ ପଦଚାରଣା କରିଚି । କିନ୍ତୁ ଚନ୍ଦ୍ରର ବକ୍ଷ ବିଦୀର୍ଣ୍ଣ କରି ଯୋଉମାନେ ଧାତବ ଆହରଣ କରି ଆଣି ପାରିଲେ ପୃଥିବୀକୁ, କୁହ ଜଲର୍, ସେଇ ଦେଶର ନାଗରିକ ହୋଇ କାହିଁକି ମୋର ଏତେ ଦୁଃଖ ? ଏତେ ବଡ଼ ବଡ଼ ବୈଜ୍ଞାନିକ ସେ ଦେଶରେ ଥାଉଁ ଥାଉଁ ସୁଖର ସନ୍ଧାନରେ ସେଠାରୁ ଲକ୍ଷ ଲକ୍ଷ ଯୁବକ-ଯୁବତୀ ପ୍ରାଗୈତିହାସିକ ଯୁଗର ଅବତାର ସାଜି ଏସିଆର ଏଇ ସବୁ ଦେଶକୁ—ଯୋଉ ଦେଶମାନଙ୍କୁ ଗରିମ-ଭିକ୍ଷୁ ଅନୁନ୍ନତ ଦେଶ ବୋଲି ଦେଖାଇ ଥାଏ ଆମ ଦେଶର ଟେଲିଭିଜନ୍ ପରଦା—ପଳାଇ ଆସୁଚନ୍ତି କାହିଁକି ? କହି ପାରିବ, ଚନ୍ଦ୍ରରୁ ଧାତବ ଆହରଣ କରିପାରୁଥିବା

ବୈଜ୍ଞାନିକମାନେ ଆମ ପାଇଁ ଟିକିଏ ସୁଖଶାନ୍ତି ବୈଜ୍ଞାନିକ ଉପାୟରେ ସୃଷ୍ଟି କରି ପାରୁନାହାନ୍ତି କାହିଁକି ?

ସିଗାରେଟ୍ ଧରାଇ କହିଲି, କିନ୍ତୁ ଜୁଡ଼ି, ତମେ ମୋତେ ପ୍ରହେଳିକାରେ ରଖିଲ । ଆର୍ଥର୍ ଆଉ ତମର ବିବାହ ସମ୍ବନ୍ଧରେ ......

: ଶୁଣ ତେବେ,—ସେଇପରି ଚନ୍ଦ୍ର ମଣ୍ଡଳକୁ ଚାହିଁ ସେ କହିବାକୁ ଲାଗିଲା—ଗୋଟିଏ ଝିଅ ଜନ୍ମ କରିବା ପରେ ସ୍ୱାମୀଙ୍କୁ ପରିତ୍ୟାଗ କରି ଅଫିସ୍ ବସ୍‌କୁ ବାହା ହେଇଥିଲା ଲୁସି । ସେଇ ଅଫିସ୍ ବସ୍ ହେନ୍‌ରି ଉଇନ୍‌ଚେଲ୍, ଲୁସିର ସେହି ପରିତ୍ୟକ୍ତ ସ୍ୱାମୀ ଆର୍ଥର୍ ବ୍ରାଉନ୍, ଅଉ ମୁଁ ... ମୁଁ କିଏ ଜାଣ ଜାଲର୍ ? ଶୁଣ (କିନ୍ତୁ ଶୁଣି ଯେପରି ମୋ'ରି ପରି ଶକ୍ ଖାଇ ମୂର୍ଚ୍ଛା ହୋଇ ନ ଯାଅ...)—ହେନ୍‌ରି ଉଇନ୍‌ଚେଲ୍ ଦେଖିବା ମାତ୍ରେ ଚିହ୍ନି ପାରିଥିଲେ ତାଙ୍କ ସୁଦୂର ଅତୀତର ପ୍ରେମ-ପ୍ରତିଦ୍ୱନ୍ଦୀ ଆର୍ଥର୍ ବ୍ରାଉନ୍‌ଙ୍କୁ......ମୋ ମାଆ ଲୁସିର ପ୍ରଥମ ସ୍ୱାମୀ......ମୋ'ର ଜନ୍ମଦାତା ପିତା ହୋଇ ମୋତେ ସିଏ ବିବାହ କରି ସାରିଛନ୍ତି............ହେବାକୁ ଯାଉଛନ୍ତି ମୋ'ର ସନ୍ତାନର ପିତା !!!

ଧୀରେ ଧୀରେ କଳା ମେଘ ଘୋଟି ଆସିଥିଲା କେତେବେଳେ ଆମର ଖିଆଲ୍ ନାହିଁ । ମୋ'ର କୋଳରେ ମଥା ରଖି କହିଁ କଇଁ ହୋଇ କାନ୍ଦୁଥିଲା ଜୁଡ଼ି । ପଚାରିଲି, ଆଉ ତା'ପରେ ଆର୍ଥର୍‌ର କଣ ହେଲା ?

କହିଲା, ଜାଣେନା । ଆତ୍ମ-କୈନ୍ଦ୍ରିକ ଆମେରିକାନ୍ ସୋସାଇଟିରେ କେହି କାହା ଖବର ରଖେ ନାହିଁ—ସମସ୍ତେ କେବଳ ନିଜକୁ ଭଲ ପାଇବାରେ ବ୍ୟସ୍ତ ! ଜାଲର୍, ମୁଁ ବି ଯଦି ସେଇମାନଙ୍କ ପରି ହୋଇଥାଆନ୍ତି ବଞ୍ଚି ଯାଇଥାଆନ୍ତି । କିନ୍ତୁ ତା' ହୋଇ ପାରିଲିନି—କାରଣ ଜୀବନଟା ଗାଣିତିକ ହିସାବ ବା ଜ୍ୟାମିତିକ ସରଳ ରେଖା ପରି ନିୟମାତ୍ମକ ନୁହେଁ । ନିଜକୁ ମୁଁ ଘୃଣା କରିବାକୁ ଲାଗିଲି, ଘୃଣା କଲି ମନେ ମନେ ଆର୍ଥରଙ୍କୁ,

ଘୃଣା କଲି ମୋର ମମି, ଡାଡ଼ି…, ମୋର ସମାଜ, ସଭ୍ୟତା, ସଂସ୍କୃତି… ସବୁ କିଛିକୁ !!!

ଟିପି ଟିପ୍ ହୋଇ ବର୍ଷା ପଡ଼ିବାକୁ ଲାଗିଲା । କହିଲି, ଚାଲ ଏଇ ଲାଇଟ୍ ହାଉସ୍ ତଳର ଗମ୍ବୁଜ ଭିତରକୁ; ନ ହେଲେ ଭିଜି ଯିବା । କାର୍‌ଟା ଏଠୁ ଅନେକ ଦୂରରେ ……

ବର୍ଷାଟା ତା'ପରେ ଖୁବ୍ ଜୋର୍‌ରେ ପଡ଼ିଲା ।

ଭିତରକୁ ପଶୁ ପଶୁ ସାମାନ୍ୟ ଭିଜି ଯାଇଥିଲୁ ଆମେ ।

ବାହାରେ ନିରବଚ୍ଛିନ୍ନ ବର୍ଷା ।

ଅନ୍ଧାର ଭିତରେ ସେ ପଚାରିଲା, କିପରି ଅନୁଭବ କରୁଛ ?

: ଗୁହା ଭିତରେ ଆଶ୍ରୟ ନେଇଥିବା ପ୍ରାଗୈତିହାସିକ ଯୁଗର ଦୁଇଟି ମାନବ-ମାନବୀ ପରି ଏଠି ଆମେ……

: ନାଁ । କୌଣସି ପୁଞ୍ଜିପତିର ଅର୍ଦ୍ଧନିର୍ମିତ ଅଟ୍ଟାଳିକା ତଳେ ଆଶ୍ରୟ ନେଇଥିବା ଦୁଇଟି କୁକୁର ଆଉ କୁକୁରୀ ପରି । ୟୁ ଆର୍ ମାଇଁ ଡଗ ଏଣ୍ଡ ଆଇ ଏମ୍ ଇଓ୍ୱାର୍ ବି'ଚ୍ ! ଚାଲ ଆମେ ସେଇମାନଙ୍କ ପରି ହେବା ।

: କୁଡ଼ି !

: ଇୟେସ୍, ୟୁ କଲ୍ ମି କଲର…

ବର୍ଷା ଛାଡ଼ି ଯାଇଥିଲା ରାତି ଠିକ୍ ପାହି ଆସିବା ବେଳକୁ ।

ମୁଁ ତାକୁ ଫେରାଇ ଆଣିଥିଲି ଭୁବନେଶ୍ୱର ।

ଯେତେ ଘଣ୍ଟା ପାଇଁ ଯେତେ ଟଙ୍କା ଦେବା କଥା ତା'ଠାରୁ ସେ ଶହେ ଟଙ୍କା ଦେଇଥିଲି ଅଧିକା ।

ପଚାରି ଥିଲି, ବେଶୀ ଦେବାର କାରଣ ?

: ତମେ ମୋର କଥା ସବୁ ଧୈର୍ଯ୍ୟ ଧରି ଶୁଣିଥିବାର ଏବଂ······ ବିଶେଷତଃ······ତମକୁ ମୁଁ ମନ ଇଚ୍ଛା 'ବ୍ୟବହାର' କରିଥିବାର ପାଉଣା । କହୁଚ ତ, ଦ୍ୱିତୀୟ ମହାଯୁଦ୍ଧ ପରେ ସବୁ କିଛି ଓଲଟ୍ ପାଲଟ୍ ହୋଇ ଯାଇଚି । ଆମେ ବର୍ତ୍ତମାନ ତମମାନଙ୍କୁ ଅର୍ଥ ଦେଇ ଉପଭୋଗ କରୁ !!

: କିନ୍ତୁ ମୋର ମନେ ହୁଏ, ମୁଁ ବରଂ ତମକୁ ବ୍ୟବହାର ବା ଉପଭୋଗ କରିଚି କୁନ୍ତି ।

: ତା' ହେଲେ ବି······ଧରି ନିଅ ଏଇଟା କେବଳ କଥା ଶୁଣିବାର ପାଉଣା । ଆମେରିକାରେ କାହା କଥା ଶୁଣିବା ପାଇଁ······ପ୍ରାୟ କାହାର ଧୈର୍ଯ୍ୟ ବା ସମୟ ନ ଥାଏ ଜାଣ ତ ?

ମୋ ଗ୍ରାଇଡ଼-ଜୀବନରେ ଏମିତି ପରି ଆସିଚନ୍ତି ଅ-ନେ-କ—ଜଣକ ପରେ ଜଣେ ।

ସପ୍ତାହ ଗୋଟିକ ପରେ ଗୋଟିଏ ବୁଲୁଣି ପରି ସେମାନେ ସ୍ମୃତି-ପଥର ସାମ୍ନାରେ ଦେଖା ଦେଇ ପୁଣି ହଜି ଯାଆନ୍ତି ବିସ୍ମୃତିର ପଛରେ ।

ରେଢ଼ାଖୋଲ୍ ଜଙ୍ଗଲ ଦେଇ ଛୁଟି ଗ୍ଭଲିଚ ଗାଡ଼ି । ପୂର୍ବ ସ୍ପିଡ୍‌ରେ ଗ୍ଭଲିଚ··· । ଏହିପରି ଗଲେ ତିନି ଘୋଟାଏ ସୁଦ୍ଧା ଆମେ ସମ୍ବଲପୁରରେ ପହଞ୍ଚି ଯିବା ନିଶ୍ଚିତ । ସେଠାରେ ମଧ୍ୟାହ୍ନ ଭୋଜନ, ସ୍ୱଳ୍ପ ବିଶ୍ରାମ । ତିନିଟା ବେଳେ ପୁଣି ଯାତ୍ରାରମ୍ଭ କରି ଛଅଟା ଭିତର୍ କେନ୍ଦୁ ।

ପଛ ପଟେ ସେମାନେ ବସି ନିଜ ନିଜ ଭିତରେ କଣ କଥାବାର୍ତ୍ତା ହେଉଚନ୍ତି ।

ମଞ୍ଜୁ ଗମ୍ଭୀର ହୋଇ ବସି ରହିଚ ମୋ ପାଖରେ ।

ଏକ ମନରେ ନୀରବରେ ଡ୍ରାଇଭ୍ କରି ଗ୍ଭଲିଚ ମୁଁ ।

ବର୍ତ୍ତମାନ ନିରନ୍ଧ୍ର-ପ୍ରାୟ-ଗଭୀର ବଣ ଭିତରେ ଆମେ । ସୂର୍ଯ୍ୟ ଦେଖା ଯାଉନି—ଜଣା ପଡ଼ୁନି ସୂର୍ଯ୍ୟାଲୋକ··· । ମସୃଣ ଅଜଗରର ପିଠି ପରି ଗ୍ରିସ୍ହାଚ୍ଛନ୍ନ ପିଚ୍ ରାସ୍ତା ।

କାହିଁକି କେଜାଣି, ହଠାତ୍ ମୁଁ ଅହେତୁକ ଭାବେ ଭାବିବାକୁ ଲାଗିଲି—ମଞ୍ଜୁ ମୋତେ ଅପମାନ କରୁଚ । କାହିଁକି ଏପରି ଭାବ ବସିଲି କହି ପାରିବିନି ଯେହେତୁ ମୋ ନିଜର ମନସ୍ତତ୍ତ୍ୱ ମୋ ନିଜ ପାଖରେ ଅବୋଧ୍ୟ । ମୁଁ ଅନୁଭବ କରିବାକୁ ଲାଗିଲି ମଞ୍ଜୁ ମୋତେ ଅପମାନ କରୁଚ । ଅପମାନ କରୁଚ ଜାଣି ଶୁଣି । ସେ ମୋତେ ଚାହିଁ ମଧ୍ୟ ନ ଚାହିଁବାର ଅଭିନୟ କରୁଚ । ସ୍ୱା' ଛଡ଼ା ଆଉ କଣ ହୋଇ ପାରେ ତା'ର ମୋ ଆଡ଼କୁ ଆଦୌ ନ ଅନାଇବାର ଅର୍ଥ ?

କାରଣ ?

କାରଣ, ମୁଁ ଜଣେ ସାମାନ୍ୟ ଡ୍ରାଇଭର୍ !

ମୋ ସାଙ୍ଗରେ କଥା କହିଲେ ତା' ମାନ୍ ଗ୍ଭଲି ଯିବ !!

ଅଭିନେତ୍ରୀ ଭାବେ ତା'ର ଯୋଉ ଯଶ ଆଉ ସମ୍ମାନ……ସେଇ ତୁଳନାରେ ମୁଁ ଗୋଟାଏ କୀଟାଣୁ କୀଟ !

କିଛି ସମୟ ପରେ ମନେ ହେଲା, ଏହା ଯେପରି ମୋ'ର ଭାବନା ନୁହେଁ—ବରଂ କେହି ଜଣେ ସତେ ଅବା ଜୋର୍ ଗଳାରେ ମୋ କାନ ପାଖରେ କହି ଚାଲିଛି ଏଇ ସବୁ କଥା । କହି ଚାଲିଛି, ଅହେତୁକ ଭାବେ ମୋତେ ଆଘାତ ଦେବା ପାଇଁ…ଅହେତୁକ ଭାବରେ ମୋତେ ଅପମାନ ଦେବା ପାଇଁ !!

ରାତରେ ମୁଁ ବାରମ୍ବାର ଏକ୍ସିଲେଟର୍ ଦବାଇବାକୁ ଲାଗିଲି ! ଆହୁରି…ଆହୁରି…ଆହୁରି ଅଧିକ ଜୋର୍‌ରେ……

ହଠାତ୍ ମନେ ପଡ଼ି ଗଲା, ଷ୍ଟେସନ୍‌ରୁ ସେଇ ଯୋଉ ପଦେ କଥା ସେ ଲେଖି ପଠାଇ ଥିଲା ମୋ ପାଖକୁ । ସେଇ କାଗଜ ଖଣ୍ଡିକ ଯଦି ଏଇନେ ଆଆନ୍ତା ଛିଣ୍ଡାଇ ଫୋପାଡ଼ନ୍ତା ତା' ମୁହଁକୁ ! ! !

ପଚାରନ୍ତୁ ମନେ ପଡ଼ୁଚି କାହା ପାଖକୁ ଲେଖିଥିଲି ଏ ଚିଠି ?

ତଥାପି ମୋତେ ଚିହ୍ନୁ ନାହିଁ ? ନାଁ ଚିହ୍ନି କରୁଛ ନ ଚିହ୍ନିବାର ଅଭିନୟ ! ! !

ଆହୁରି ଜୋର୍‌ରେ ଏକ୍ସିଲେଟ୍ର ଦବାଇବାକୁ ଲାଗିଲି……

## ॥ ତୃତୀୟ ଅଙ୍କ ॥

ମଞ୍ଚ..........

ମୁଁ ମଞ୍ଜୁଲା ସାମନ୍ତ, ଆଜି ପ୍ରତିଷ୍ଠିତା ଅଭିନେତ୍ରୀ ।

ଚିହ୍ନିଚି ମୁଁ ନିଜକୁ, ଚିହ୍ନିଚି ଏଇ ଦୁନିଆଁକୁ, ଚିହ୍ନିଚି ନାଟ୍ୟ-ଜଗତକୁ । ମୁଁ ସମସ୍ତଙ୍କୁ ଚିହ୍ନେ ।

ମୋର ଜୀବନଟାଇ ବିରାଟ ଏକ ନାଟକ, ମୋର ପୃଥିବୀଟାହିଁ ବିଶାଳ ଏକ ନାଟ୍ୟ-ମଞ୍ଚ ।

ଝିରଣାଡ ।

ତାଙ୍କ ମୁହଁ ଆଜି ମୋ ମନଶ୍ଚକ୍ଷୁରେ ସୁଦୂର ଅତୀତର ସ୍ମୃତି ।

ତାଙ୍କ ସହିତ ପରିଚୟର ସ୍ମୃତି ଯେତିକି ମଧୁର, ସେତିକି ତିକ୍ତ ତାଙ୍କ ସହ ବିଚ୍ଛେଦ ସ୍ମୃତି ।

ପଢ଼ୁଣା ଘର ଝିରଣାଡ । ନାମ-କରା ଅଭିନେତ୍ରୀ । ସ୍ୱର ବଡ଼ ବୋଲି ମନେ କରୁଥିଲି ତାଙ୍କୁ । 'ବହ୍ନି-କନ୍ୟା' ନାଟକରେ ପ୍ରଥମେ ତାଙ୍କୁ ଦେଖିଥିଲି ରେଭେନ୍‌ସା କଲେଜ୍ ମଞ୍ଚରେ । ମହିଳା ରୋଲ୍ ନେବା ପାଇଁ ପୁଅ କମ୍ବା ଝିଅ କେହି ହେଲେ ରାଜି ନ ହେବାରୁ ପେଶାଦାର୍ ଅଭିନେତ୍ରୀ ଆଣିବା ପାଇଁ ଆବଶ୍ୟକୀୟ ଅନୁମତି ଦେଇଥିଲେ ପ୍ରିନ୍‌ସିପାଲ୍ ଏବଂ ସେଇ ରୋଲ୍ ପାଇଁ ଅଣା ହୋଇଥିଲେ ଝିରଣାଡ ।

କଲେଜର ବାର୍ଷିକ ଉତ୍ସବ ଉପଲକ୍ଷେ ହୋଇଥିବା ସେଇ ନାଟକଟି ମନେଅଛି ସ୍ପଷ୍ଟ ଭାବେ ଏବେ ବି । କି ସୁନ୍ଦର ରୋଲ୍ କରୁଥିଲେ ସମସ୍ତେ, ବିଶେଷତଃ ଝରଣାଦି । ଦେଖିବା ବେଳେ ଭୁଲି ଯାଇଥିଲି 'ନାଟକ' ଦେଖୁଚି !

ମୋ ଦାଦି-ପୁଅ-ଭାଇ, ସେଇ କଲେଜର ଗ୍ରୁପ୍, ଯାହା ସହିତ ଯାଇଥିଲି ଅଭିନୟ ଦେଖିବା ପାଇଁ । ବସିଥାଏ ମୋ ପାଖରେ । ସେଇ ମୋତେ କହିଲା, ତନସ୍ୱୀ ରୋଲ୍ ଯିଏ କରୁଚନ୍ତି ଜାଣୁ ?

ମୁଁ ସେତେବେଳେ 'ତନସ୍ୱୀ'କୁ ବାସ୍ତବ ପାଇକ-କନ୍ୟା ବୋଲି ମନେ କରି ନେଇଚି । ପଚାରିଲି, କିଏ ? ଭାରି ସୁନ୍ଦର କରୁଚନ୍ତି କିନ୍ତୁ ।

: ଆମରି ସାହିର ! —ସେ ହସି ହସି କହିଲା,– ଅଳ୍ପଦିନ ଭିତରେ ଖୁବ୍ ନାମ କରିଚନ୍ତି ଝରଣା ଦେଈ । କଥାବାର୍ତ୍ତା କରିବୁ ? ବର୍ତ୍ତମାନ ତ ଗୋଟାଏ ଅଙ୍କ ଶେଷ ହେଲା—ଅନ୍ୟଟି ଆରମ୍ଭ ହେବାକୁ ବେଶ୍ ଡେରି ହବ—ଆ' ଭିତରକୁ······

ସେ ଆମରି ପଡ଼ିଶା ହୋଇଥିଲେ ମଧ୍ୟ ଚିହ୍ନି ନ ଥିଲି ତାଙ୍କୁ । ସେତେବେଳେ ସ୍କୁଲ୍ ଆଉ ଘର ଛଡ଼ା ଅନ୍ୟ କିଛି ଜଣା ନ ଥିଲା ମୋତେ । ଫ୍ରକ୍ ପିନ୍ଧା ଝିଅ ମୁଁ ।

ପ୍ରଶାନ୍ତ ଭାଇ ମୋତେ ଷ୍ଟେଜ୍ ଭିତରକୁ ନେଇ ଆଳାପ କରାଇ ଦେଇଥିଲେ ।

ତା' ପରେ ତାଙ୍କ ଘର ସହିତ ଆମ ଘରର ପରିଚୟ ହୋଇ ଯାଇଥିଲା ।

ଶେଷକୁ ସେଇ ଝରଣାଦିଙ୍କ ଯୋଗୁ ହିଁ ମୋର ଷ୍ଟେଜ୍‌ରେ ପ୍ରଥମ ସୁଯୋଗ, ଅଭିନେତ୍ରୀ-ଜୀବନର ଆରମ୍ଭ ।

କିନ୍ତୁ ସେ କଣ ଜାଣିଥିଲେ ଆମର ପ୍ରଥମ ପରିଚୟ ଦିନ ଯେ ଏଇ ମଞ୍ଜୁଳା ସାମନ୍ତ, ସେଦିନର ସେଇ ଫ୍ରକ୍ ପିନ୍ଧା ଝିଅଟି, ଦିନେ ଠିଆ ହେବ ତାଙ୍କର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ହୋଇ ?

ପ୍ରଥମେ ପ୍ରଥମେ ଯୋଉ ସବୁ ନାଟକରେ ନାୟିକା ସେ ହେଲେ, ମୁଁ ସେଥିରେ ତାଙ୍କର ସଖୀ ବା ସହଚରୀ ; କିନ୍ତୁ କ୍ରମେ ସମସ୍ତେ କହିବାକୁ ଲାଗିଲେ, ମଞ୍ଜୁଳା ଝରଣାଠାରୁ ଉତ୍କୃଷ୍ଟତର ଏବଂ ଏହା ଜାଣିବା ପରେ ଈର୍ଷାନ୍ୱିତା ହୋଇ ମୋତେ ଦାବିବାକୁ ଆରମ୍ଭ କରି ଦେଲେ ଝରଣାଦି ।

ନାଟକ ଶେଷ ହେବା ପରେ ସେ ଯଦି ଦେଖନ୍ତି, ମୋତେ ବା ମୋର ଅଭିନୟକୁ ଅଭିନନ୍ଦନ ଜଣାଇବା ପାଇଁ ବେଶୀ ଲୋକ ଆସି ଭିଡ଼ ଜମାଇଛନ୍ତି ମୋ ପାଖରେ, ତାଙ୍କ ମୁହଁ ଶୁଖିଯାଏ । ଭିଡ଼ କଟିଗଲା ପରେ ମୋତେ ନିରୋଳାରେ ପାଇଲେ କହନ୍ତି—କି ବାଜେ ଆକ୍ଟିଂ ତୁ କଲୁ ଆଜି ମଞ୍ଜୁ ! ପାହାଚ ଉପରୁ ଯେତେବେଳେ ପଡ଼ିଗଲୁ—ସେଇପରି କଣ ଗଡ଼ିଯିବା କଥା ? ଛଟି ପାଉଛୁ, ତୋର ସ୍ୱାମୀ ବାଲିତରେ ବିବାହ କରି ସାରିଚନ୍ତି ଅନ୍ୟକୁ—ଗଛ କାଟିଲାପରି ଧଡ଼ାସ୍ କରି କଚ୍ଚିଡ଼ିପଡ଼ିବା କଥା । କିନ୍ତୁ ତୁ ଯିମିତି ଭାବେ ପଡ଼ିଲୁ—ଯେପରି ଇଚ୍ଛା କରି ପଡ଼ୁଚୁ !

ପ୍ରଥମେ ପ୍ରଥମେ ମୁଁ କିଛି କହୁ ନ ଥିଲି; କିନ୍ତୁ ପରେ ପ୍ରତିବାଦ କଲି । ଆମ ଭିତରେ ସଂଘର୍ଷ ଘନାଇବାକୁ ଲାଗିଲା ।

କଟକ ସହରରେ ମାତ୍ର ତିନି ଦିନ ଚାଲି ଫେଲ୍ ମାରିଥିବା ଏକ ଫିଲ୍ମରେ ଚାନ୍ସ ପାଇ ଥିଲୁ ଆମେ ଦୁହେଁ । ଏଡ୍‌ଭୋକେଟ୍ ଜଣେ ଭଦ୍ରଲୋକ ଅତି ଅଳ୍ପ ପଇସାରେ ଫିଲ୍ମ କରିବାକୁ ଚାହିଁଥିଲେ । ସହରରେ ତାଙ୍କର ଗୋଟିଏ ବଡ଼ ଫଟୋ ହାଉସ୍ ଥିଲା । କିଛି ପଇସା ଜମାଇ ପାରିଥିଲେ ।

ବାହାର ପଡ଼ିଥିଲେ ଫିଲ୍ମ କରିବାକୁ ଅଣ୍ଟା ଭିଡ଼ି । ଫିଲ୍ମରେ ସ୍ୱନ୍ସ ପାଇବାକୁ ଆମର ଆଗ୍ରହ—ପଇସା ଖର୍ଚ୍ଚ କରିବା ବାଗରେ ତାଙ୍କର କାର୍ପଣ୍ୟ—ଯାହାର ଫଳ ନାମ ମାତ୍ର ପାରିଶ୍ରମିକରେ ଆମର ନିଯୁକ୍ତି । ଅଳ୍ପ ଭଡ଼ାରେ ଯୋଗାଡ଼ କରିହୋଇ ଥିବା ସାଉଣ୍ଡ୍ ରେକର୍ଡ଼ିଂ ସିଷ୍ଟେମ୍ ଏପରି ତ୍ରୁଟୀ-ପୂର୍ଣ୍ଣ ଥିଲା ଯେ ପ୍ରେସ୍ ଶୋ'ରେ ହିରୋଇନ୍ ଗୀତ ଗାଉଥିବା ବେଳେ ମହାବଳର ଗର୍ଜ୍ଜନ ଓ ମନ୍ଦାବଳର ମୁଖ-ବ୍ୟାଦାନରୁ ହିରୋଇନ୍‌ର ଗୀତ ବାହାରି ବେଶ୍ ହାସ୍ୟରସ ସୃଷ୍ଟି କରିଥିଲା । ପରେ ଅବଶ୍ୟ ଷ୍ଟୁଡ଼ିଓରେ ପ୍ରୋସେସିଂ କରି ତାହାକୁ ଠିକ୍ କରି ହେଲା ଅନେକଟା ।

ସେ ଯାହା ହେଉ, ସେ ସବୁ ତ ଅନେକ ପରର କଥା—କିନ୍ତୁ ଫିଲ୍ମ ସୁଟିଂର ପ୍ରଥମ ଦିନରୁଇ ଝରଣାର ଆଉ ମୋ ଭିତରେ ଭରିମକୁ ଗ୍ଲିଲ ଯାଇଥିଲା ସ୍ୱାଭାବିକ ସମ୍ପର୍କ !

ଆମ ସହିତ ଚୁକ୍ତି-ପତ୍ର ସ୍ୱାକ୍ଷର ହେବାର ମାସକ ପରେ ସୁଟିଂ ଆରମ୍ଭ ହେବାର ଥାଏ । କିନ୍ତୁ ଏହା ଭିତରେ ଫିଲ୍ମର ପ୍ରଯୋଜକ ସେହି ଫଟୋ-ହାଉସ୍-ମାଲିକ ଅତୁଲ୍ୟ ବାବୁଙ୍କ ସହ ବେଶ୍ ଘନିଷ୍ଠତା ଜମାଇ ଦେଇ ସାରିଚନ୍ତି ଝରଣାର ମୋ ଅଜାଣତରେ ତାଙ୍କ ଦୋକାନକୁ ଯିବା-ଆସିବା କରି ।······ଏହା ମୁଁ ଜାଣିଥିଲି । ତେଣୁ ସୁଟିଂର ପ୍ରଥମ ଦିନ ଝରଣାଙ୍କ ବ୍ୟବହାରରେ ମାଲିକାଣୀ-ସୁଲଭ ଆଚରଣ ଆବିଷ୍କାର କରି ଆଶ୍ଚର୍ଯ୍ୟ ହେଲି-ନାହିଁ ଆଦୌ ।

ନନ୍ଦନ-କାନନର ହ୍ରଦ କୂଳରେ, ଉପସ୍ଥିତ ପ୍ରାୟ ଶହେ ଲୋକଙ୍କ ଆଗରେ, 'ମୁହୂର୍ତ୍ତ' ହୋଇ ସୁଟିଂ ଆରମ୍ଭ ହେଲା ।

ଡାଇରେକ୍‌ଟର ଜନାର୍ଦ୍ଦନ ବାବୁ ବୁଢ଼ାଲୋକ—ବହୁ ଦିନ ଆସିଷ୍ଟାଣ୍ଟ୍ ଡାଇରେକ୍‌ଟର୍ ଥିଲେ ବମ୍ବେରେ—ଦୁର୍ଘଟଣାରେ ଗୋଡ଼ ଖ୍ରୋଟା କରି ଗାଁରେ ବସିଥିଲେ ସୁଦୀର୍ଘ ଦଶ ବର୍ଷ—ତାଙ୍କୁ ପ୍ରାୟ ମଶାଣିରୁ ଉଠାଇ ଆଣିବା ପରି ଟେକି ଆଣି ନିର୍ଦ୍ଦେଶକ ଆସନରେ ସମାସୀନ କରାଇ ଦେଇଥିଲେ ଅତୁଲ୍ୟ-

ବାବୁ । ଯାହାହେଉ, ତାଙ୍କର ନିର୍ଦ୍ଦେଶ ଅନୁଯାୟୀ ମୁଁ ଯେତେବେଳେ ହିରୋ (ବାଣୀ-ବିହାରର ଜଣେ ଏମ୍. ଏ. କ୍ଲାସ୍ ଛାତ୍ର) ସହିତ ହ୍ରଦ କୂଳରେ ପ୍ରେମାଳାପ ଆରମ୍ଭ କରେ ଝରଣାଦ ନାନା ପ୍ରକାର ଆପତ୍ତି ଉଠାଇବାକୁ ଲାଗିଲେ । କହିଲେ, ଏତେ ଭଲ ଶାଢ଼ୀ, ଆକ୍‌ଟିଂଟା ପୁଣି ହିରୋଇନ୍ ପରି ହୋଇ ଯାଉଛି; 'ହିରୋଇନ୍' ଠାରୁ ହିରୋଇନ୍‌ର 'ସଖୀ' ଇନ୍‌ଫିରିଅର୍ ଦେଖା ନ ଗଲେ ସେନ୍‌ସର୍ ଆପତ୍ତି କରିବ ।

(ଫିଲ୍ମରେ ଅବଶ୍ୟ ସେ ହିରୋଇନ୍ ଏବଂ ମୁଁ ହିରୋଇନ୍‌ର ବାନ୍ଧବୀ । ମାତ୍ର ସେନ୍‌ସର୍ ଆପତ୍ତି କରିବା କଥାଟା ନିତାନ୍ତ ଅବାନ୍ତର !)

ଜନାର୍ଦ୍ଦନ ବାବୁଙ୍କୁ ନିୟମ ଜଣା । ସେ ମଧ୍ୟ କହିଲେ, ସେନ୍‌ସର୍ ଆପତ୍ତି କରିବା ପ୍ରଶ୍ନ ତ ଉଠୁ ନାହିଁ ।

ଅସନ୍ତୁଷ୍ଟ ହେଲେ ଝରଣାଦ । ତାଙ୍କର ବକ୍ତବ୍ୟ—'ସଖୀ' ବେଶୀ ଆକର୍ଷକ ହୋଇ ଯାଉଛି 'ହିରୋଇନ୍' ଠାରୁ ।

ଅରୂଲ ବାବୁ ସମର୍ଥନ କଲେ ତାଙ୍କୁ ।

ଶେଷକୁ ମୁଁ ଆଉ ସମ୍ଭାଳି ପାରିଲି ନାହିଁ । ଜଳି ଉଠି କହିଲି, ପିନ୍ଧାଇ ଦିଅ ତା' ହେଲେ ଛିଣ୍ଡା ଶାଢ଼ୀଟାଏ ମୋତେ ଆଉ ଦିଅ ହିରୋଇନ୍‌ର ରୁକ୍‌ମିଣୀ ରୋଲ୍ । ହିରୋଇନ୍‌ର ମାନ-ରକ୍ଷା କରିବା ପାଇଁ ସେଇଟାଇ ଶ୍ରେଷ୍ଠ ଉପାୟ ହେବ ।

ଉପସ୍ଥିତ ଦେଖଣାହାରୀଙ୍କ ଭିତରୁ ଅନେକ ଥିଲେ କଲେଜ୍ ଛାତ୍ର । ଅଧିକାଂଶ ହିରୋଙ୍କର ବନ୍ଧୁ ହିସାବେ ହୁଏତ ସେମାନେ ମୋ ପ୍ରତି ଝରଣା-ଦଙ୍କର ଏପରି ଏଟିଚୁଡ୍‌ରେ କ୍ଷୁବ୍ଧ ହୋଇ ପ୍ରକାଶ୍ୟରେ ପ୍ରତିବାଦ କଲେ । ସେମାନେ କହିବାକୁ ଲାଗିଲେ, ଫିଲ୍ମର ମାନ ରକ୍ଷା କରିବାକୁ ହେଲେ ମୋତେ ତାଙ୍କ ରୋଲ୍ ଓ ତାଙ୍କୁ ମୋ ରୋଲ୍ ଦିଆଯିବା ଉଚିତ୍ ବରଂ ।

ପରିସ୍ଥିତି ଏପରି ହେଲା ଯେ ଶେଷ ପର୍ଯ୍ୟନ୍ତ ସୁଟିଂ ବନ୍ଦ ରହିଲା ସେଦିନ ।

ସେଇଟା ହେଲା ହିରଣ୍ମୟଙ୍କ ସହିତ ମୋର ବ୍ରେକିଂ ପଏଣ୍ଟ୍ ।

ଫିଲ୍ମ ଶେଷ ହେବା ସଙ୍ଗେ ସଙ୍ଗେ ତାଙ୍କ ସହିତ ମୋର ବାକ୍ୟାଳାପ ବି ବନ୍ଦ ହୋଇଗଲା ।

ଛବିଟା ତ ଫେଲ୍ କଲା; କିନ୍ତୁ ଅତୁଲବାବୁଙ୍କୁ ବାଧ୍ୟ ହୋଇ ପଡ଼ିଲେ ହିରଣ୍ମୟ ।

ତା' ପରେ ଆଉ ତାଙ୍କର କୌଣସି ଖବର ମୁଁ ରଖିନି । ଏତିକି ଖାଲି ଜାଣିଚି, ସେ ଅଭିନୟ ଛାଡ଼ି ଦେଇଥିଲେ । ସୁଗୃହିଣୀ ହୋଇଚନ୍ତି କି ନାଁ ଜାଣେନା,—ତେବେ ଅତୁଲ ବାବୁଙ୍କ ସହିତ ତାଙ୍କ "ପ୍ରାଇଭେଟ୍" ଲେଖା ଘୋଡ଼ାଗାଡ଼ିରେ ଗଲାବେଳେ ଦୈବାତ୍ ମୋତେ ରାସ୍ତା ଉପରେ ରିକ୍ସାରେ ଯାଉ ଥିବାର ଦେଖିଲେ ମୁହଁ ବୁଲେଇ ଦିଅନ୍ତି । (ଯଦିଓ ଅତୁଲ୍ୟ ବାବୁ ମୋ ଆଡ଼କୁ ସେଇ ସୁଯୋଗରେ କଣେଇ କଣେଇ ଚାହିଁ ନେବାକୁ ଛାଡ଼ନ୍ତିନି ଅରେ ଅଧେ ! ! )

ହିରଣ୍ମୟଙ୍କଠାରୁ ମୁଁ ଅଧିକ ସୁନ୍ଦର ଥିଲି । ଥିଲି ଅଧିକ ବୁଦ୍ଧିମତୀ ଆଉ ଛଳାକଳାରେ ପଟୁ ମଧ୍ୟ । ଧୀରେ ଧୀରେ ମୋ ଘର ପାଖେ ଅଧିକରୁ ଅଧିକ ମଧୁ-ମକ୍ଷିକା ଆସି ଗୁଞ୍ଜନ କରି ଘୂରି ବୁଲିବାକୁ ଲାଗିଲେ ।

କେତେ ଅଧ୍ୟାପକ, କେତେ ସାହିତ୍ୟିକ, କେତେ ରାଜନୀତିଜ୍ଞ, କେତେ ପୁଞ୍ଜିପତି···ବିଭିନ୍ନ ପ୍ରକାରର ଲୋକ ଆସୁଥିଲେ ମୋର ସଙ୍ଗ ପାଇବା ପାଇଁ । ଇତିହାସରେ ପଢ଼ିଥିବା ମିଶର୍ର ସ୍ୱୈରିଣୀ-ସାମ୍ରାଜ୍ଞୀ କ୍ଲିଓପେଟ୍ରା ପରି ଘର ପାଖେ ମୋର ଘେରି ରହୁଥିଲେ ଅନୁରାଗୀ ସ୍ତାବକର ଦଳ । ମନେ ହେଉଥିଲା, ମୁଁ ଯେପରି ଏକ ଶ୍ରେଷ୍ଠୀ-ଧନୀକା; ଏଇ ଉପଯାଚକମାନେ ସବୁ ମୋ'ରି ସିଂହଦ୍ୱାର ଆଗରେ ଭିକ୍ଷାରୀ । ବାସ୍ତବିକ୍, କେତେ ପ୍ରକାର ବକ୍ତବ୍ୟ ସେମାନଙ୍କର; କେତେ ପ୍ରକାର

କାବୁଡ !···ମନେ ମନେ ହସିଲେ ବି ଗମ୍ଭୀର ହେଇ ଶୁଣେ । ଚିନ୍ତା କରେ, ଏମାନେ କ'ଣ ଭାବନ୍ତି ମୋ ସମ୍ବନ୍ଧରେ ।

ସେହି ସାହିତ୍ୟିକ ଜଣକ । ଆହା ବିଚରା !! ଉପନ୍ୟାସ ଲେଖନ୍ତି ସେ—ସଭା ସମିତିରେ ବକ୍ତୃତା ବି ଦିଅନ୍ତି । କାଗଜରେ ବେଳେ ବେଳେ ଫଟୋ ବାହାରେ ତାଙ୍କର । ପ୍ରୌଢ଼, ବିବାହିତ; ଗୁରେଟି ସନ୍ତାନର ଜନକ ହୋଇ ଭଦ୍ରଲୋକ ମନେ କରନ୍ତି ନିଜକୁ ସବୁବେଳେ ଯୁବକ ଆଉ ଅବିବାହିତ ବୋଲି । ତାଙ୍କର ଏଇ ମନୋବୃତ୍ତି ସେ ସ୍ୱୀକାର କରି ପକାନ୍ତି ମଧ୍ୟ । ମନଟାକୁ ସେଇପରି ନ ରଖିଲେ କୁଆଡ଼େ ବହି ଲେଖିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ପାରିବନି । ମୋ ପାଖକୁ ଆସନ୍ତି ବିଶେଷ ଭାବେ ତାଙ୍କର ବକ୍ତୃତାଗୁଡ଼ିକ ଶୁଣାଇବା ପାଇଁ । ମାନେ, ସଭାକୁ ଯିବା ଆଗରୁ । ସେଇ ନୀରସ-ବକ୍ତୃତାର ରିହାର୍ସେଲ୍ ସେ ମୋ ଆଗରେ ଦେଲାବେଳେ ଇଚ୍ଛା ନ ଥିଲେ ବି ବାଧ୍ୟ ହୋଇ ଧୈର୍ଯ୍ୟ ଧରି ଶୁଣେ । ଦିନେ ସେଇ ନିଜେ କହି ପକାଇଥିଲେ, ମୋ କଥା ଆଉ କେହି ଏତେ ମନ ଦେଇ ଶୁଣନ୍ତି ନାହିଁ ମଞ୍ଜୁଳା ।

ଅବଶ୍ୟ ଲେଖିବା ଆଗରୁ ତାଙ୍କ ପ୍ରତିଟି ବହିର ପ୍ଲଟ୍ ମଧ୍ୟ ସେ ମୋତେ ଶୁଣାଉ ଥିଲେ ବସି ବସି ।

ସେ ଥିବାବେଳେ ଅନ୍ୟ କେହି ଆସିଗଲେ···ଓଃ···ତାଙ୍କର ସେ କି ଅସ୍ୱସ୍ତି ! ଆଉ କାହା କଥା ମୁଁ ମନ ଦେଇ ଶୁଣିଲେ, କି ଅଭିମାନ ତାଙ୍କର !!

ଅଧ୍ୟାପକ ଦାସ । ଅଧ୍ୟାପନା କରନ୍ତି ରାଜନୀତି ବିଜ୍ଞାନର । ବାହାରେ ଭାରି କାର୍ଲଗୃଡ଼୍ ଆଉ ଗମ୍ଭୀର । ପଣ୍ଡିତ ବୋଲି ସୁନାମ । କ୍ଲାସରେ ବକ୍ତୃତା ଦେବାବେଳେ ଝରଣାରୁ ଅନ୍ତର୍ଗତ ଜଳ ବହିର୍ଗତ ହେବା ପରି କେବଳ ବିଶୁଦ୍ଧ ଶବ୍ଦ ନିର୍ଗତ ହୁଏ । ଅଥଚ ସେଇ ମୋ ସାଙ୍ଗରେ କୌଣସି କିଛି ବିଶେଷ ନିସ୍ୱାରେ ବ୍ୟାପୃତ ଥିବାବେଳେ କି ଅଶ୍ଳୀଳ କଥା ବାହାର କରନ୍ତି ମୁହଁରୁ !!!

ମୁଁ ବହୁ ପୁରୁଷର ପ୍ରଣୟିନୀ, ଅନେକର ଅଙ୍କ-ଶାୟିନୀ, ବହୁ-ବଲ୍ଲଭ ...ରୂପ ବ୍ୟବସାୟିନୀ...ଅଭିନେତ୍ରୀ ମଞ୍ଜୁଳା । ଏକ-ନିଷ୍ଠ ନୁହେଁ, ଅନେକ ନିଷ୍ଠ ମୋର ମନ । ଅନେକଙ୍କ କୃତାଞ୍ଜଳିପୁଟରେ ମୁଁ ଅଜାଡ଼ି ଦେଇଚି ମୋ ବକ୍ଷୋଜ ନୈବେଦ୍ୟ, ଅନେକ ଗଳାରେ ମାଳା ହୋଇ ଦୋଳିଚି ମୋର ବଳୟିତ ବାହୁ । ମୁଁ 'ଜଣ'ର ନୁହେଁ 'ଗଣ'ର । ଯୋଉମାନେ ମୋ ପାଖକୁ ଆସନ୍ତି ସେମାନେ ଚରିତ୍ରବାନ ନ ହେଲେ ବି ବିତ୍ତବାନ । ସେମାନେ ସମ୍ଭ୍ରାନ୍ତ ନ ହେଲେ ବି ଉଦାର । (ଅଭିଜ୍ଞତାରୁ ଜାଣିଚି, ଯେ ଯେତିକି ନୀତିବାଗ୍ମୀ...ସେ ସେତିକି ନିଷ୍ଠୁର; ଯେ ଯେତେ ଲମ୍ପଟ...ସେ ସେତେ ପରୋପକାରୀ ।) ଯୋଉମାନେ ମୋର ଉପକାର କରି ପାରିବେ, ସେଇମାନଙ୍କୁ ମୋର ଦରକାର । ମୋତେ ସାହାଯ୍ୟ କରିବା ପାଇଁ ଇଚ୍ଛା ଥିଲେ ବି ସାମର୍ଥ୍ୟ ଯୋଉମାନଙ୍କର ନାହିଁ, ସେମାନେ ମୋ ପାଇଁ ଅବାଞ୍ଛିତ ।

ତେଣୁ ସୁମନ୍ତ, ତମେ ମୋର ଆବାଞ୍ଛିତ; ଅପରିଚିତ ବିସ୍ମୃତ ଏକ ଜୀବ ।

(କେବେ ତମ ପ୍ରତି ଦୁର୍ବଳତା ଆସିଥିଲା—ତମର ମୋ ସମ୍ପର୍କରେ ଧାରଣାକୁ ନେଇ କେବେ ଭାବି ବସିଥିଲି—ମୋତେ ଭୁଲ୍ ନ ବୁଝିବାକୁ ଅନୁରୋଧ କରି ଷ୍ଟେସନରୁ ଲେଖି ପଠାଇ ଦେଇଥିଲି ଦୁଇଟି ଧାଡ଼ି...ଭୁଲି ଯାଇଥି ସେ ସବୁ ଆଜି ! ଅଭିମାନ କରନାହିଁ, ଯେହେତୁ ମୋ ପ୍ରତି ଅଭିମାନ ନିରର୍ଥକ । ସେ ଦିନର ମଞ୍ଜୁ ଆଉ ଆଜିର ମଞ୍ଜୁ ଭିତରେ ଅନେକ ତଫାତ୍ । ସେତେବେଳେ ଥିଲି ଖାଲି 'ମଞ୍ଜୁ,' ଆଉ ଆଜି ମୁଁ ପେଶାଦାର ଅଭିନେତ୍ରୀ 'ମଞ୍ଜୁଳା' !)

ମୁଁ ଜଣେ ବିଶିଷ୍ଟ କଳାକାର !

ତମେ ସାମାନ୍ୟ ଜଣେ ଡ୍ରାଇଭର୍ ।

ତମ ଠାରେ ମୋର କୌଣସି ଆବଶ୍ୟକତା ନାହିଁ ।

କଣ ଭାବୁଚ ?

ମୋ ଆଡ଼କୁ ଚାହୁଁ ନାହିଁ ତମେ—ଆଉ ମୁଁ ମଧ୍ୟ ଅନାଉ ନାହିଁ ତମକୁ । ଗୋଟିଏ ଆସନରେ ଉଭୟେ ପାଖାପାଖି ବସିଥିଲେ ମଧ୍ୟ ତମ ଆଉ ମୋ ଭିତରେ ବ୍ୟବଧାନ ଆଜି ଦୁସ୍ତର । ଏଇ ମୁହୂର୍ତ୍ତରେ, ଗୋଟିଏ ଯାନରେ ଆରୋହୀ ହୋଇଥିବା ଯୋଗୁଁ ଏକ-ଗତିରେ ପ୍ରଭଞ୍ଜନ-ପ୍ରାୟ ଆମେ ଆଗକୁ ଛୁଟି ଯିବାକୁ ବାଧ୍ୟ ହୋଇଥିଲେ ବି ଦିଗ ଆମର ବିଭିନ୍ନ-ମୁଖୀ । ଦୁରନ୍ତ ଗତିରେ ଆମ ଆଡ଼କୁ ମାଡ଼ି ଆସୁଥିବା ଚଳମାନ ପଥ ଉପରେ ଚଳନ୍ତ ଏଇ ଯାନ ପରି ଜୀବନ-ଆକାଶର ଛାୟାପଥରେ ତମେ ଏକ ଉଲ୍କା ଆଉ ମୁଁ ଏକ ଲଣ୍ଡା ତାରା ।

ମୁଁ ତମକୁ ଚାହୁଁଚି ।

କିନ୍ତୁ ଚାହିଁ ମଧ୍ୟ କଣ ଭୁଲିଚ ନ ଚାହିଁବାର ଅଭିନୟ ।

ଆଉ ତମେ ଯେ ମୋତେ ଚାହିଁ ମଧ୍ୟ ଚାହାଁ ଦେବାର ସାହସ କରି ପାରୁ ନାହିଁ, ତାହାର କାରଣ—ତମେ ଜାଣ, ମୋ ଅପେକ୍ଷା ତମେ ଅନେକ ଶ୍ରେଷ୍ଠ ହୋଇ ଯାଇଚ । ସଚେତନ ତମେ ତମର ହୀନମନ୍ୟତା ସମ୍ପର୍କରେ ! ଅତି ମାତ୍ରାରେ ସଚେତନ ! !

ଉଭୟଙ୍କ ଆଖିରେ ଆମର ଗଗଲ୍ସ୍ । ଏଇଟା ଥିବାର ଅନେକ ସୁବିଧା ହୋଇଚ; ନୁହେଁ ! ! ମୁହଁ ଢାଙ୍କିବାକୁ ବା ପରିଚୟ ଏଡ଼େଇବାକୁ ଏହା-ଠାରୁ ସୁବିଧାଜନକ ଜିନିଷ କିଛିନାହିଁ !

ହୁଏତ ତମେ ଭାବିଥିଲ ସୁମନ୍ତ, ଗାଡ଼ିରେ ଉଠିବା ମାତ୍ରେ ହସି ହସି ପଚାରି ଦେବ, ଆପଣ ଯେ ?

ତା' ପରେ ଆଶ୍ଚର୍ଯ୍ୟ ପ୍ରକାଶ କରିବ ତମକୁ ଟ୍ୟାକ୍ସି ଡ୍ରାଇଭର୍ ଭାବରେ ଆବିଷ୍କାର କରି ! ! !

ଏଇଆ ଭାବି ଥିଲ ନାଁ ?

କିନ୍ତୁ ମୋ ବିଶ୍ବର ଶତ ଶତ ଗ୍ରନ୍ଥ-ଉପଗ୍ରନ୍ଥର ସଂଘର୍ଷ ଆଉ କଲରୋଳ ଭିତରେ ତମେ ଆଉ ତମ ପରି ସହସ୍ର ମଣିଷର ସୁଖ-ଦୁଃଖ ଉତ୍ଥାନ-ପତନ, କରିମାରୁ ଟ୍ୟାକ୍ସି ଚାଳକ ହେବା କି ଟ୍ୟାକ୍ସି-ଚାଳକରୁ ରିକ୍ସାବାଲାରେ ପରିଣତ ହେବାର ହେବାର ଦୃଶ୍ୟ କୌଣସି ସ୍ପନ୍ଦନ ଜଗାଏ ନାହିଁ—କମ୍ପନ ତ ଦୂରର କଥା ।

ଅବଶ୍ୟ ଆଶ୍ଚର୍ଯ୍ୟ ଯେ ହେଲି ନାହିଁ, ତାହାର କାରଣ ଭିନ୍ନ । କାରଣ ତମ ସମ୍ବନ୍ଧରେ ମୁଁ ଆଗରୁ ସବୁ ଜାଣିଥିଲି ।

ଭଦ୍ରକର ସେଇ ସବୁ ନାଟ୍ୟ ଉଦ୍ୟୋକ୍ତାମାନଙ୍କ ସହିତ ପରେ ଥରେ ଦେଖା ହେଇଥିଲା ମୋର ।

କଥା ପ୍ରସଙ୍ଗରେ ସେଇମାନେ ମୋତେ କହିଥିଲେ ସବୁକିଛି ଘଟଣା ।

ଜାଣିଥିଲି, ଘୁଷ୍ ଖାଇ ଗୃହେଣୀ ତମର ଯାଇଚି—ଘୁଷ୍ ଟଙ୍କାରେ ଗାଡ଼ି କିଣି ତମେ ହେଇଚ ଟ୍ୟାକ୍ସି ଡ୍ରାଇଭର୍—ଏବଂ ତାହାହିଁ ସମାଜରେ ତମର ଏକମାତ୍ର ପରିଚୟ ! ! ! ସବୁ କିଛି ନଷ୍ଟ ହେଇ ଯାଇଚି ତମର—ଆର୍ଟ୍, କଲ୍‌ଚର, ଅଭିନେତା ହେବାର ବାସନା……, ସବୁ କିଛି ।

ଆଜି ତମର ପ୍ରତିଷ୍ଠା ନାହିଁ, ନାହିଁ ସାମାଜିକ ସ୍ଥିତି, ତମର ନାହିଁ ସଙ୍ଗତି ! (ମନକୁ ମନ ହସି ଉଠି ମନେ ମନେ କହୁଚି—) ସର୍ବୋପରି ନାହିଁ ମୋର ଆବଶ୍ୟକତା ପୂରଣ କରି ପାରିବାର ସାମର୍ଥ୍ୟ ! ! ! (ଅବଶ୍ୟ ଆଗେ ମଧ୍ୟ ନଥିଲା ! )

ସୁମନ୍ତ, ଅଛି ତମର ଖାଲି ଅବଶ୍ରାନ୍ତ ଗତି ଆଉ ସୀମାହୀନ ପଥ ।

କିନ୍ତୁ ମୋର ଆବଶ୍ୟକ ବେଗ କିମ୍ବା ଆବେଗ ନୁହେଁ—ଅର୍ଥ… ଅର୍ଥ…ଅର୍ଥ……; ଅର୍ଥହିଁ ମୋର ପରମାର୍ଥ !!!

ଧର୍ମ ନୁହେଁ……

କାମ ନୁହେଁ……

ମୋକ୍ଷ ନୁହେଁ......

କେବଳ ଅର୍ଥ ଭିତରେହିଁ ମୋର ଚତୁର୍ବର୍ଗ ଫଳପ୍ରାପ୍ତି !!!

ସେଥିପାଇଁ ସେଇମାନଙ୍କୁ ମୋର ଆବଶ୍ୟକ ଯୋଉମାନଙ୍କର ଅଛି ମୋଟା ଅଙ୍କର ବ୍ୟାଙ୍କ୍ ବାଲାନ୍ସ । ( ତମର ନଷ୍ଟସ୍ୱ ତା' ନାହିଁ । )......

ଜଣେ ବୃଦ୍ଧ ଅଧ୍ୟାପକ, ଯାହାଙ୍କୁ ମୁଁ ସଙ୍ଗ-ଦାନ କରି ଆଏ—ସେ ତାଙ୍କର ସମଗ୍ର ଜୀବନ-ବ୍ୟାପୀ ସଞ୍ଚୟ କରିଥିବା ପ୍ରୋଭିଡେଣ୍ଟ୍ ଫଣ୍ଡ୍ ଟଙ୍କା ମୋ ପାଇଁ ଖରଚ କରି ନିଃସ୍ୱ ହୋଇ ଯାଇଚନ୍ତି ।

ଜଣେ ବଶିଷ୍ଠ ରାଜନୀତିଜ୍ଞଙ୍କୁ ପାର୍ଟି ଫଣ୍ଡ୍ ଆତ୍ମସାତ୍ କରିବାକୁ ହେଇଚି ମୋ'ରି ପାଇଁ ।

ଏଇ ଯେଉଁ ପାଞ୍ଚ ଶହ ଟଙ୍କା ଦାମ୍‌ର ବନାରସୀ ଶାଢ଼ୀଟା ମୁଁ ପିନ୍ଧିଚି ବର୍ତ୍ତମାନ, ଏଇ ପରି ଦଶ ଖଣ୍ଡ ମୋତେ କିଣି ଦେବାରେ ଶେଷ ହୋଇ ଯାଇଚି ଜଣେ ଔପନ୍ୟାସିକଙ୍କ କେନ୍ଦ୍ର-ସାହିତ୍ୟ-ଏକାଡେମୀ ପୁରସ୍କାର ପାଞ୍ଚ ହଜାର ଟଙ୍କା ।

ମନେ ପଡୁଚି ଏଇ ମୁହୂର୍ତ୍ତରେ ରେଡିଓରୁ ଶୁଣିଥିବା ଲିରିକ୍‌ଟିଏ—

"ତୁମେ ଯେତେ ନେଇ ପାର...

"ତା' ଠାରୁ ମୁଁ ବେଶୀ ଦେଇ ପାରେ...!!"

ମଞ୍ଜୁଲା ବା ମଞ୍ଜୁଲା ପରି କାହାରି କବଳରେ ନଷ୍ଟସ୍ୱ ଏ ପର୍ଯ୍ୟନ୍ତ ପଡ଼ି ନାହାନ୍ତି ସେଇ ଲିରିସିଏନ୍ ।

ସୁମନ୍ତ, ହେଇ ପାରେ ତମେ ମତେ କେବେ ଭଲ ପାଇ ଥିଲ । ହେଇ ପାରେ, ସେଇ ଭଲ ପାଇବା ପ୍ଲାଟୋନିକ୍ ମଧ୍ୟ !

( "ଚଣ୍ଡୀଦାସ" ନାଟକରେ ନିଜେ ତ ନେଇ ଥିଲି ସେହି ବିଦଗ୍ଧା ରଜକକନ୍ୟାର ରୋଲ୍ । ଗାଇ ଥିଲି :

"ଶୁଣ ବରନାରୀ......

ରଜକକନ୍ୟା ପ୍ରେମ...ନିକଷିତ...ହେମ......

କାମ-ଗନ୍ଧ ନାହିଁ ତହିଁ......" )

ଖାଲି "ଚଣ୍ଡୀଦାସ" କାହିଁକି ଅଧୁରା ଏହି ପରି କେତେ ପ୍ଲାଟୋନିକ୍ ପ୍ରେମର ନାଟକରେ ମୁଁ ନାୟିକା ହୋଇଛି—ଯଥା "ଚନ୍ଦ୍ରଶେଖର"... ଇତ୍ୟାଦି ।

ଜନ-ସାଧାରଣ ସେଥିରୁ କିଛି ଶିଖୁଥିବେ କି ନାହିଁ ଜାଣେନା—କିନ୍ତୁ ନାୟକ ଭୂମିକାରେ ଅଭିନୟ କରୁଥିବା ପୁରୁଷମାନେ ଯେ ଅନ୍ତତଃ ଆଦୌ ପ୍ଲାଟୋନିକ୍ ନୁହନ୍ତି ତାହାର ପ୍ରମାଣ ପାଇଛି ମୋ ପ୍ରତି ସେମାନଙ୍କ ବ୍ୟବହାରରୁ...ଯଦିଓ ସେଟା 'ଗ୍ରୀନ୍-ରୁମ୍ ଆଫେୟାର୍ସ' !!

( ଦର୍ପଣ ଆଗରେ ଠିଆ ହୋଇ ବକ୍ଷ-ବନ୍ଧନୀ ଖୋଲୁ ଖୋଲୁ 'ଚଣ୍ଡୀଦାସ' ଯେତେବେଳେ ଆସି ମୋତେ ଭିଡ଼ି ଧରି ଥିଲେ ପଛଆଡୁ "ଗୁରୁଦେବ ନାଁ ପାଟି କରିବି" ବୋଲି କପଟ ଭୟରେ କହୁଥିଲି....ବର୍ତ୍ତମାନ ମନେ ପଡୁଥିବାରୁ ଚେଷ୍ଟା କରି ହାସ୍ୟ-ସମ୍ବରଣ କରିବାକୁ ହେଉଛି !!! )

ହୁଏତ, ତମେ ମୋତେ ଭଲ ପାଉଥିଲ । ଭାବୁଥିଲ, ମୁଁ ବି ଭଲ ପାଉଛି ତମକୁ । ଅହଂକାରୀ ପ୍ରତ୍ୟେକଟି ପ୍ରେମିକ ଓ ପ୍ରେମିକା "ସିଏ ବି ମୋତେ ଭଲ ପାଏ"—ଏଇ ବିଶ୍ୱାସ ମନକୁ ନ ଆଣିଲେ ସେ ଶାନ୍ତି ପାଇ ପାରେନା ବେଶ୍ ତେବେ, ଧରି ନିଅ—ମୁଁ ମଧ୍ୟ ଭଲ ପାଉଥିଲି ତମକୁ । କିନ୍ତୁ ସେ ତ ଖାଲି ସ୍ମୃତି !

ଅନେକ କିଛି ପରି ଭଲ ପାଇବା ମଧ୍ୟ ଏକ ଘଟଣା ।

ଜୀବନର ଅନେକ ଘଟଣା ଭୁଲି ଯାଇଥିବ ତୁମେ, ଭୁଲି ଯାଇଥିବି ମୁଁ ବି । ତେଣୁ ଆସ ସୁମନ୍ତ, ଅତୀତକୁ ଆମେ ଭୁଲିଯିବା ଖେଳୁଆଡ଼ି ମନୋବୃତ୍ତି ନେଇ ।

ଅଭିମାନ କରି ବସନା କଥା କୁହ ସୁମନ୍ତ । ତମେ ଜଣେ ପୁରୁଷ ଆଉ ମୁଁ ଜଣେ ନାରୀ । ଏଇ ହେଉ ଆଜି ଆମର ପରସ୍ପର ପାଖରେ ପରିଚୟ । ମନେ କରି ନିଅ, ଆଜି ଆମର ପ୍ରଥମ କରି ସାକ୍ଷାତ ହେଲା;— ଆଳାପ ଟିକିଏ ହେଉନା ! ନାରୀ, ବିଶେଷତଃ ଜଣେ ସୁନ୍ଦରୀ ତରୁଣୀ— ଅଭିନେତ୍ରୀ ପାଖରେ ଏତେବେଳଯାଏ ଜଣେ ପୁରୁଷ କଣ ନୀରବ ହୋଇ ବସି ରହିପାରେ (supposed to sit…)…… କୌଣସି ନା କୌଣସି ଆଳରେ ତମେ ଆଗେ ମୋ ସହିତ କଥା କହିବା ଉଚିତ୍ ! (ଅଭିନେତ୍ରୀ-ଜୀବନରେ ବହୁ ଅଭିଜ୍ଞତା ମୋର ହୋଇଚି ଇମିତି; ଆଉ ତାହାକୁ ମୁଁ ସବୁବେଳେ ଧରି ନେଇଚି ମୋ ପ୍ରତି ଏକ ସମ୍ମାନ ଭାବେ । ସମ୍ମାନ, ମୋ ପ୍ରତି…ମୋ'ର ଆକର୍ଷଣୀ ଶକ୍ତି ପ୍ରତି…ମୋର ରୂପ ଆଉ ଯୌବନ ପ୍ରତି !)

ଓ…! ଗୃହଁ ମୋତେ ଅପମାନ କରିବା ପାଇଁ ? ଚାହିଁ, ଆଘାତ ଦେବା ପାଇଁ ମୋତେ ? ଗୃହଁ ମୋତେ ଅସ୍ୱୀକାର କରିବା ପାଇଁ ? କୁହ, କୁହ କଣ ଗୃହଁ ତମେ ?

ହୁଁଃ ! ସାମାନ୍ୟ ଗୋଟାଏ ଟ୍ୟାକ୍ସି ଡ୍ରାଇଭର୍ !!

ଭାବିଚ, ମୁଁ ସୁ'ା ଗୋଡ଼ ଧରି ପକେଇବି !

ଗୋ ଟୁ ହେଲ୍ । କେତେ ଇମିତି ଗଲେଣି; କିଏ କେଆର କରେ ?

ବର୍ତ୍ତମାନ ଯଦି ପୂର୍ବ ପରିଚୟ ମନେ ପକାଇ ଦିଅନ୍ତା—ଉତ୍ତର ଦିଅନ୍ତି "ଆପଣ କିଏ …! ମୁଁ ଚିହ୍ନି ନାହିଁ……" ଏବଂ ଦେଇଟାଇ ଦେଇ ଦଣ୍ଡ ଦିଅନ୍ତା ଏଭଳି ଅହଂକାରୀ ଲୋକକୁ ।

କିନ୍ତୁ ସେ ଯଦି ମନେ ପକାଇ ଦିଅନ୍ତା—ଭଦ୍ରକ ଡାକ ବଙ୍ଗଳା… ସେଇ ରାତି ପରଦିନ ସକାଳ ???

ଡ୍ୟାମ୍ ଇଟ୍ ! ଆଇ ଡ୍‌ନଟ୍ କେଆର୍ !!

ସେଦିନର ମଞ୍ଜୁଳା ଆଉ ଆଜିର ମଞ୍ଜୁଳା ଭିତରେ ଅନେକ ତଫାତ୍ ।

ସଙ୍କୁଚିତ ହୋଇ ଯାଇଥିଲି ସେଦିନ ଏଇ ଲୋକଟିର କଥା ପଢ଼ିକରେ ।

କାରଣ, ସେତେବେଳେ ମୁଁ ଥିଲି 'ଶିଶୁ' । ଝରଣାଦିଙ୍କ ସହିତ କମ୍ପ୍ରୋମାଇଜିଂ ପୋଜିସନ୍‌ରେ ମୋତେ ଏଇ ଲୋକଟା ଦେଖି ନେଇଥିବା କଥା ଜାଣି ପାରିବା ପରେ ବାସ୍ତବିକ ମୁଁ ଏତେ ଭାଙ୍ଗି ପଡ଼ିଥିଲି ଯେ— ଇଚ୍ଛା କରିଥିଲେ ଇଏ ମୋତେ ବ୍ଲାକ୍ ମେଲିଂ ବି କରି ପାରି ଥାଆନ୍ତା । କିନ୍ତୁ ଆଜି ଆଉ ଏ ମଞ୍ଜୁଳା ସେ ମଞ୍ଜୁଳା ନୁହେଁ । ............ ଅନ୍ତର୍ବାସ ନର୍ମିକ ତ୍ୟାଗ କରିବା ପରି ଲଜ୍ଜା, ବ୍ରୀଡ଼ା, ସଙ୍କୋଚକୁ ବହୁଦିନୁ ମୁଁ ପରିତ୍ୟାଗ କରି ସାରିଛି । ମୁଁ ବର୍ତ୍ତମାନ ସେଇ ମଞ୍ଜୁଳା, ଯିଏ ଦୁଃସାହସିକ ଉତ୍ତର ଦେଇ ପାରିଛି "ଅଭିନୟ" ପତ୍ରିକାର ପୃଷ୍ଠାରେ ("ସମ୍ପାଦକଙ୍କ ସହିତ ସାକ୍ଷାତ୍କାର" ବିଭାଗରେ )—"ମୁଁ କଳାର ପୂଜାରିଣୀ । ଆପଣ୍ ଯଦି ଅନୁମତି ଦିଏ କଳାର ଉତ୍କର୍ଷ ପାଇଁ ମଞ୍ଚ ଉପରେ ମୁଁ ନଗ୍ନ ହୋଇ ଅଭିନୟ କରିବାକୁ ମଧ୍ୟ ପ୍ରସ୍ତୁତ ରାଜି ଅଛି !"

ସୁମନ୍ତ ତୁଚ୍ଛ ତମେ, ତୁଚ୍ଛ ତମର ଅହଂକାର । ରହିଥାଅ ସେଇ ଅର୍ଥହୀନ ଅହଂକାରକୁ ନେଇ । ପ୍ରଥମେ ମୁଁ ତମ ସହିତ ଉପଯାଚକ ହୋଇ କଥା କହିବି, ଏକଥା ଭାବି ଯଦି ସମୟ ଗଣୁଥାଅ—"ପଥ ଶେଷ ହୋଇ ଯିବ, ସମୟ ଆସିବନି ।" ତା' ଅପେକ୍ଷା ବରଂ ପଛେ ଅଧେ ବୁଝି, ଆଳାପ କରି ନିଅ; ଗପ କରି କହି ପାରିବ ପରେ କାହା ଆଗରେ ଯେ ମୋ ପ୍ରତି

ଜଣେ ଶ୍ରେଷ୍ଠ-ସୁନ୍ଦରୀ ଖ୍ୟାତନାମା ଅଭିନେତ୍ରୀ ସହିତ କଥା କହି ପାରିଥିଲି ବୋଲି ! !…ଏଇ ଗୌରବରୁ ନିଜକୁ ବଞ୍ଚିତ କରି ନାହିଁ ସୁମନ୍ତ ।

ଅତୀତ ମୃତ, ଅତୀତ ବିଲୁପ୍ତ । ସେ ଦିନର ମଞ୍ଜୁଳା, ଯାହା ସହିତ ତମେ କଥାବାର୍ତ୍ତା କରିଥିଲି ଅବଲୀଳାକ୍ରମେ, ସେ ଅଭିନୟ "ଦେଖିବା" ପାଇଁ ଯାଇଥିଲା…… "କରିବା" ପାଇଁ ନୁହେଁ; "ଶିଖିବା" ପାଇଁ ଯାଇଥିଲା "ଶିଖାଇବା" ପାଇଁ ନୁହେଁ । ଆଜିର ମଞ୍ଜୁଳା; କିନ୍ତୁ ଭିନ୍ନ—ଏକ୍‌ଜାକ୍‌ଟଲି ଅପୋଜିଟ୍ ! ! ! ସେ ଆଜି ଅଭିନୟ ଖାଲି କରେ ଅବା ଦେଖାଏ ନୁହେଁ, ଶିଖାଇ ଆଉ କରାଇ ପାରିବାର ସାହସ ବି ରଖେ ଏବଂ ତାହା ଖାଲି ମଞ୍ଚ ଉପରେ ନୁହେଁ, ଜୀବନର ପ୍ରତ୍ୟେକଟି କ୍ଷେତ୍ରରେ ମଧ୍ୟ ।

ତେଣୁ, ଅ-ନେ-କ ବଡ଼ ସିଏ ଆଜି ।

ଅତଏବ, ତା' ସହିତ ଟିକିଏ କଥା ହୋଇ ପାରିବାଇ ତମ ପକ୍ଷରେ ଗୌରବ ! ! !

କିନ୍ତୁ ଏ କ'ଣ ? କ'ଣ ଭାବି ତମେ ସ୍ପିଡ଼୍‌ଟା ଏତେ ବେଶୀ ବଢ଼େଇ ଦେଲ ହଠାତ୍ କରି ? ମୋତେ ଯେ ଭୟ ଲାଗୁଚି ସୁମନ୍ତ ।

ସାମ୍‌ନାର ସବୁ କିଛି ଯେପରି ପ୍ରବଳ ବେଗରେ ଧାଇଁ ଆସୁଚି… ଆଉ, ଆଉ ଆଗରେ ସେଇ ହେୟାର୍‌-ପିନ୍ କର୍ଭ୍‌ଟା…

ବର୍ତ୍ତମାନ ଦେଖୁଚି ମୋତେଇ ପ୍ରଥମେ କଥା କହିବାକୁ ହେବ…।

ମୁହଁରୁ ବାହାରି ଗଲା, ସୁମନ୍ତ, ସ୍ଲୋ ପ୍ଲିଜ୍……ଆଉ କହିବା ସାଙ୍ଗେ ସାଙ୍ଗେ ମୋ ହାତ ଧରି ପକାଇଲି ତମ ହାତକୁ ।

ପରି ମୁହୂର୍ତ୍ତରେ ତମେ ଫେରି ଚାହିଁଲ ମୋ ଆଡ଼କୁ ।…

ଆମେ ଉଭୟ ଉଭୟଙ୍କୁ ଚାହିଁ ରହି ଗଲେ ! !

ପଛ ସିଟ୍‌ରୁ ପାଟି କରି ଉଠିଲେ ସେମାନେ ! ! !

ତା'ପରର ଘଟଣା ସଂବାଦ ପତ୍ରର ହେଡ୍ ଲାଇନ୍ ! ! !

ସେଇ ଏକ୍ସିଡେଣ୍ଟ !

ସବୁ କିଛି ଓଲଟ ପାଲଟ କରି ଦେଲା ......

ମୁଁ ଆଜି ନିଃସ୍ୱ । ଦୁଃଖର ହାଟରେ ଦେବାଳିଆ ! ! ଚିରଦିନ ପାଇଁ ମୋ ମୁହଁ ବିକୃତ ହୋଇ ଯାଇଚି । କୌଣସି ଚିକିତ୍ସା ଆଉ ମୋର ସୌନ୍ଦର୍ଯ୍ୟ ଫେରାଇ ଆଣି ପାରିବନି; ଏପରିକି ପ୍ଲାଷ୍ଟିକ୍ ସର୍ଜରୀ ମଧ୍ୟ । ମୁଁ ଆଜି ଫେଲ୍ ମାରି ଯାଇଥିବା ବ୍ୟାଙ୍କରେ ଗୋଟାଏ ମୂଲ୍ୟହୀନ ଚେକ୍; ଓ୍ୱେଷ୍ଟ ପେପର ବାସ୍କେଟକୁ ଫୋପାଡ଼ି ଦେବା ଭଳି ଗୋଟାଏ ସ୍କ୍ରାପ୍-ପେପର । ଜୀବନରେ ମୁଁ ଆଉ କୌଣସି ଦିନ ମଞ୍ଚ ଉପରେ ଠିଆ ହୋଇ ପାରିବିନି, ଅଭିନୟ କରି ପାରିବିନି, ହିପ୍ନୋଟାଇଜ୍ କରି ପାରିବିନି ଅସଂଖ୍ୟ ଜନତାଙ୍କୁ । ମୁଁ ନିଃଶେଷ ହୋଇ ଯାଇଚି—ଶେଷ ହୋଇ ଯାଇଚି ମୋର ଅଭିନେତ୍ରୀ-ଜୀବନ ।

ଆଜି ମୁଁ ଆଉ ଅଭିନେତ୍ରୀ ନୁହେଁ ସୁମନ୍ତ, ତେଣୁ ନୁହେଁ ଆଗ ପରି ଅନ୍‌ନେଚୁରାଲ ମଧ୍ୟ ।

ସେଇଥି ପାଇଁ ଏତେ ଦିନ ପରେ ଆଜି ହୃଦୟର କଥା କହୁଚି—ସୁମନ୍ତ, ମୁଁ ତମକୁ ଭଲ ପାଏ । ନିଆଁ ଉପରେ ପାଉଁଶ ଢାଙ୍କିବା ଭଳି ଭଦ୍ରକରୁ ଆସିବା ପରେ ତମର ସ୍ମୃତି ଉପରେ ପାହାଡ଼ ପରି ଢାଙ୍କି ହୋଇ ଗଲା ମୋ ଅଭାବ ଅନାଟନର ଚିନ୍ତା । ଆଉ ତା'ପରେ ମୋ ଅଭିନେତ୍ରୀ ଜୀବନର ପ୍ରାରମ୍ଭରେଇ ମେଘ ପରି ଘୋଟି ଆସିଲେ ବହୁ ବିଳାସୀ ପୁରୁଷ ଯୋଉମାନେ ମୋତେ ଉଦ୍ଧାର କଲେ ସେହି ଅଭାବ ଅନାଟନର ଅନିଶ୍ଚିତତା ଭିତରୁ । କିନ୍ତୁ ବିଶ୍ୱାସ କର ସୁମନ୍ତ, ମନର

ଆକାଶରେ ମୋର ଅନେକ ତାରାର ଗହଣି ଭିତରେ ଚମକେଇ ଥିଲା ପ୍ରାକୃଷ୍ଟ ପରିସୀମାର ଉର୍ଦ୍ଧ୍ୱତର ନିର୍ଦ୍ଦିଷ୍ଟ ଏକ ବିନ୍ଦୁ ।

ଭଲ ଲାଗିବା ସବୁବେଳେ ଅହେତୁକ । ତାହାର କୌଣସି ହେତୁ ନଥାଏ, କାରଣ ନ ଥାଏ । ଜିହ୍ୱା ସ୍ୱାଦର ରୁଚି ମଧ୍ୟ ଅବୋଧ୍ୟ । ତା'ନ ହେଲେ ସେଇ ମୂଢ଼ା ରଜକିନୀ ନାରୀ ପାଇଁ ଉଦ୍‌ଭ୍ରାନ୍ତ ହୋଇ ନ ଥାଆନ୍ତେ ପଣ୍ଡିତ ଚଣ୍ଡୀଦାସ, ସାମାନ୍ୟ ଗୋଟାଏ ନିଗ୍ରୋ କ୍ରୀତଦାସ ପାଇଁ ବିଦଗ୍ଧା ହୋଇ ନ ଥାଆନ୍ତେ ଭାରତ ସାମ୍ରାଜ୍ଞୀ ରେଜିୟା ।

ମୋର ଅବଚେତନ ମନ ଭିତରେ ଲୁଚି ରହିଥିଲା କେବଳ ଭ୍ରମର ଅବତାର ସୁମନ୍ତ । ସୁଲ୍‌ତାନ୍‌ ରେଜିୟାର ଭୂମିକାରେ ଅଭିନୟ କଲା-ବେଳେ ଭାବୁଥିଲି ତମେ ଇ ସେଇ ନିଗ୍ରୋ କ୍ରୀତଦାସ, ରଜକିନୀ ଭୂମିକାରେ ଅଭିନୟ କଲାବେଳେ ତମକୁ ଚଣ୍ଡୀଦାସ ଭିତରେ ଦେଖୁଥିଲି···ଆଉ ସେଇଥି ପାଇଁ ହୁଏତ ଏତେ ସଫଳ ହେଉଥିଲା ମୋର ଅଭିନୟ । ନିର୍ଜନ ନଦୀ କୂଳରେ ବସ୍ତ୍ର ବୋଝ ନେଇ "କାହିଁକି ସେ ଆସିଲେ ନାହିଁ ଏତେ ବେଳ ଯାଏ···" କହିବା ବେଳେ ଚିନ୍ତା କରୁଥିଲି ଚଣ୍ଡୀଦାସକୁ ନୁହେଁ ତମକୁ, ଶୀଶ୍ ମହଲର ବିରାଟ ଦର୍ପଣ ଆଗରେ ଠିଆ ହୋଇ ରାଣୀର ବେହରଣ ପରିତ୍ୟାଗ କରୁ କରୁ ସୁଲତାନ୍‌ ରେଜିୟାର ନାଟକ ସଂଳାପ "ତାର ପାଇଁ ସାମ୍ରାଜ୍ୟରେ ସମସ୍ତେ ମୋର ବିରୋଧୀ···" ବୋଲି ସ୍ୱଗତୋକ୍ତି କଲାବେଳେ ଭାବୁଥିଲି ସମଗ୍ର ନାଟ୍ୟ ଜଗତ ଯେପରି ମୋତେ ପଚାରୁଛି—"ସୁମନ୍ତକୁ ତୁ ଭଲ ପାଉ କାହିଁକି ?"

ବାସ୍ତବିକ କିଏ କାହାକୁ କାହିଁକି ଭଲ ପାଏ, ଏହାର ଉତ୍ତର ମନସ୍ତତ୍ତ୍ୱବିତ୍‌ ମଧ୍ୟ ଦେଇ ପାରିବା ସମ୍ଭବ ନୁହେଁ ।

ସୁମନ୍ତ, ଆଜି ଯେତେବେଳେ ମୁଁ ସମସ୍ତଙ୍କ ଆଖିରେ ଅବହେଳିତା, ତମେ ପ୍ରସ୍ତାବ କରୁଚ ମୋତେ ବିବାହ କରି ନେବା ପାଇଁ । କହୁଚ, ତମ ଜୀବନରେ ମଧ୍ୟ ଆସିଚନ୍ତି ବହୁ ନାରୀ—କିନ୍ତୁ ସେମାନଙ୍କ ସହିତ ସମ୍ପର୍କ କେବଳ ଦେହର; ମଞ୍ଜୁଳା ଭିନ୍ନ ଆଉ କାହାକୁ ତମେ ମଧ୍ୟ କୁଆଡ଼େ ମନ ଭିତରେ କଳ୍ପନା କରି ପାରି ନାହିଁ କେବେ ହେଲେ ।

ତମ କଥା ମୁଁ ବିଶ୍ୱାସ କରୁଚି । ଅବିଶ୍ୱାସ କରିବାର କିଛି ନାହିଁ, ଯେହେତୁ ମୁଁ ଅସୁନ୍ଦରୀ । ସୁନ୍ଦରୀ ହୋଇଥିଲେ ତମର ଏଇ ସବୁ ସଂଳାପକୁ ଅଭିନୟର ଡାଏଲଗ୍ କହି ହସି ଉଡ଼େଇ ଦେଇ ଥାଆନ୍ତି । ( ଯେହେତୁ ଏଇ ପ୍ରକାର ଡାଏଲଗ୍ ମୁଁ ବି-ହୁ-ତ ଶୁଣିଚି ମୋ ଡ୍ରଇଁ ରୁମ୍‌ରେ ବସି ବସି ରୂପବତୀ ଥିଲି ବେଳେ । ହ୍ୱାଇଟ୍ ହର୍ସ୍‌ର ନିଶା ସେମାନଙ୍କୁ ଏ ସବୁ କୁହାଏ । ନିଶା ଛାଡ଼ିବା ପରେ ଅବଶ୍ୟ ପୁଣି ଅନ୍ୟ ମଣିଷ ହୋଇ ଯାଉଥିଲେ ସେମାନେ !! )

ମୁଁ ବିଶ୍ୱାସ କରୁଚି, ତମେ ପ୍ରକୃତରେ ମୋତେ ବାହା ହେବା ପାଇଁ ଚାହଁ । କିନ୍ତୁ ସୁମନ୍ତ, ଆହୁରି ମଧ୍ୟ କଣ ବିଶ୍ୱାସ କରେ ଜାଣ ? ବିଶ୍ୱାସ କରେ, ତମେ ମୋତେ ଦୟା କରିବାକୁ ଚାହୁଁଚ ।

ଦିନେ ହୁଏତ ମୋ ପ୍ରତି ତମ ମନରେ ଭଲ ପାଇବା ଥିଲା—କିନ୍ତୁ ଆଜିର ଏଇ ବିବାହ-ପ୍ରସ୍ତାବ ପଛରେ ଅଛି ନିଛକ ମାନବିକତା ।

ଏବଂ ଖାଲି ଦୟା ନୁହେଁ, ଆହୁରି ବି ଅଛି ପ୍ରାୟଶ୍ଚିତ୍ତ କରି ଅପରାଧରୁ ମୁକ୍ତି ପାଇବାର 'ଅଧ୍ୟାତ୍ମିକତା' । (ଏଇଥିରୁ ସନ୍ଦେହ ହେଉଚି, ହୁଏତ ତମେ ଈଶ୍ୱର-ବିଶ୍ୱାସୀ !)

ସୁମନ୍ତ, ସତ କହିବ କି ଯଦି ଗୋପନରେ ପଷ୍ଟରେ—ଆମ ଘର ପାଖରେ ଯୋଉ ମୋଟର୍ ଭେହିକ୍ଲ ଇନ୍‌ସପେକ୍ଟର ରହନ୍ତି, ତାଙ୍କୁ ତମେ ହଜାରେ ଟଙ୍କା ଘୁଷ୍ ଦେଇଚ କି ନାହିଁ ? ଅସ୍ୱୀକାର କରି ପାରିବ ?

( ମୁଁ ଜାଣେ ସବୁ କଥା । ସେଇ ମୋତେ ବିଶ୍ୱାସରେ କହିଚନ୍ତି । "ତମର କିଛି ଦୋଷ ନାହିଁ···କଟି ଯାଇଥିଲା ଗାଡ଼ିର ଟାଇରଡ୍···"—ଏଇ ରିପୋର୍ଟ ଲେଖି ସେ ବଞ୍ଚାଇ ଦେଇଚନ୍ତି ତମକୁ !)

କିନ୍ତୁ ଯେହେତୁ ତମେ ଜାଣ ଯେ ଅପରାଧ ତମର, ଦୁର୍ଘଟଣା ପାଇଁ ଦାୟୀ ସମ୍ପୂର୍ଣ୍ଣ ଭାବେ ତମେ—ତେଣୁ ମୋର ବିପର୍ଯ୍ୟୟ ପାଇଁ ମନେ ମନେ ଦୋଷୀ କରୁଛ ନିଜକୁ । ତମେ ଅପରାଧ-ବୋଧରେ ପୀଡ଼ିତ । ( ଅବଶ୍ୟ ଏଇଥିରୁ ପ୍ରମାଣିତ ହୁଏ ତମର ବିବେକ ଅଛି ମାନବିକତା ଅଛି ! ) ସେଇଥି ପାଇଁ ମାନବିକତା ଦୃଷ୍ଟିରୁ ମୋର ଦାୟିତ୍ୱ ତମେ ବୈବାହିକ-ସୂତ୍ରରେ ବହନ କରି ନେବା ପାଇଁ ଚାହୁଁଚ ।

ରୂପ-ସର୍ବସ୍ୱା ମଞ୍ଜୁଳା କିନ୍ତୁ ଭିନ୍ନ ଧାତୁରେ ଗଢ଼ା । ସେ କେବଳ ତମକୁ ନେଇ ସୁଖୀ ହୋଇ ରହି ପାରିବନି ସୁମନ୍ତ, ଯଦିଓ ସେ ତମକୁ ଭଲ ପାଏ । କାଲି ପର୍ଯ୍ୟନ୍ତ ଯିଏ ଥିଲା ଅସଂଖ୍ୟ-ସ୍ତାବକ ପରିବୃତା, ଆଜି ତା'ର ଆଖି ଆଗରେ ସବୁ କିଛି ଶୂନ୍ୟ ହୋଇ ଯାଇଚି । ସୌନ୍ଦର୍ଯ୍ୟର ପ୍ରଶଂସା ଶୁଣିବାରେ ଯିଏ ଅଭ୍ୟସ୍ତା, ଆଜି ତାକୁ ଶୁଣିବାକୁ ପଡ଼େ—"ଇସ୍, କଣ ଥିଲେ ଆପଣ, କ'ଣ ହୋଇ ଯାଇଚନ୍ତି !" ଝରକା ବାଟେ ବାହାରକୁ ଚାହିଁ ବସିଲେ କାନରେ ପଡ଼େ ପଥଚାରୀମାନଙ୍କ ରିମାର୍କ—"ଇଏ ମଞ୍ଜୁଳା ଦେବୀ; ଓଡ଼ିଶାର ଶ୍ରେଷ୍ଠ ଅଭିନେତ୍ରୀ ଥିଲେ । ଆଜି····ଚୁଃ ଚୁଃ···"

ମୁଁ କାହାର ଦୟାର ପାତ୍ରୀ ହେବା ପାଇଁ ଚାହେଁନା । ଚାହେଁନା ବି ଖାଲି "ବଧୂ" ହୋଇ ବଞ୍ଚି ରହିବା ପାଇଁ । ବଞ୍ଚିବା ଆଉ ବଞ୍ଚି ରହିବା ଭିତରେ ତଫାତ୍ ଅଛି ସୁମନ୍ତ ! ମୁଁ ବଞ୍ଚିବାକୁ ଚାହେଁ, ବଞ୍ଚି ରହିବା ପାଇଁ ନୁହେଁ । ଆଇ ୱିସ୍ ଟୁ ଲିଭ୍, ନଟ୍ ଟୁ ଏକ୍‌ଜିଷ୍ଟ୍ ! ! !

କିନ୍ତୁ ବଞ୍ଚିବା ଭଳି ବଞ୍ଚି ପାରିବା ମୋ ପକ୍ଷରେ ଆଉ ସମ୍ଭବ ନୁହେଁ ସେଥିପାଇଁ ଯେତେବେଳେ ମୋତେ ଯିବା ପାଇଁ ଦିଅ ବରଂ ।

ଓଭର-ଡୋଜ୍ ସ୍ଲିପିଂ ପିଲ୍ସ୍ ଖାଇ ଚିରଦିନ ପାଇଁ ଶୋଇ ପଡ଼ିବା ଆଗରୁ କହି ଯାଉଚି ଏତିକି—ଅପସୃୟମାନ ଶତ ଶତ ମାଇଲ୍ ଖୁଣ୍ଟିରୁ ଗୋଟିଏ ବୋଲି ମନେ କରି ମୋତେ ତୁମେ ଭୁଲି ଯାଅ… ।

ସୁମନ୍ତ, ଜୀବନର ଚଳପଥ ଉପରେ ଚଳମାନ ଏଇ ଜୀବନ । ଜୀବନର ଚଳପଥ ସରଳ ନୁହେଁ, କୁଟୀଳ । ସେଥିରେ ଅନେକ ବାଙ୍କ, ଅନେକ ବୁଲଣି, ଅନେକ ଗଭୀର ଗହ୍ୱର ! ତେଣୁ ମାଇଲ ଖୁଣ୍ଟିକୁ ନ ଅନାଇ ପଥ ଉପରେ ଦୃଷ୍ଟି ଦିଅ କେବଳ !……

ପୃଥିବୀଟା ଏଇ ଭଳି—ଜୀବନଟା ଏଇପରି—ଉଚ୍ଛ୍ୱାସ ଆଉ ଆବେଗକୁ ନେଇ ନୁହେଁ…କୁଟୀଳତା, ଦୁର୍ଗମତା ଆଉ ବେଗକୁ ନେଇ ପୃଥିବୀ ! ! !

ଶେଷରେ ଏତିକି ଅନୁରୋଧ, ମୋତେ ଦେଇଥିବା ପ୍ରସ୍ତାବ ତୁମେ ଆଉ କାହାକୁ ଦିଅ—ଭଲ ପାଅ—ସୁଖୀ ହୁଅ ।

ଶେଷ୍ ଏତିକି ।

ବ୍ରାଣ୍ଡି ଗ୍ଲାସ୍ ଭିତରେ ପକାଇ ଥିବା ସ୍ଲିପିଙ୍ଗ୍ ପିଲ୍‌ସ ଗୁଡ଼ାକ ତରଳି ଯାଇ ମିଶିଗଲାଣି ।

ଢଗୁନ୍ ଗଡ଼ ।

ସମସ୍ତେ ଶୋଇଛନ୍ତି ।

ଗ୍ଲାସ୍ ନେଉଛି ଓଠ ପାଖକୁ…ଆସ୍ୱାଦନ କରିବା ପାଇଁ ମୁକ୍ତିର ସ୍ୱାଦ ! ! !

“ଯବନିକା ପତନ”